ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ମେ ୨୪/୨୦୨୨ (୧୪ ପୃଷ୍ଠା) Sambalpur, Tuesday, May 24/2022 Page 14 ₹ 7.00 ★★
୧୮ଶ ଭାଗ ୧୫୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-



**ନୂଆ ଜାତୀୟ ରେକର୍ଡ କଲେ ଜ୍ୟୋତି**

ଆନ୍ଧ୍ର ପ୍ରଦେଶର ଜ୍ୟୋତି ୟାରାଜୀ ମହିଳା ୧୦୦ମିଟର ହର୍ଡଲ୍ସରେ ନୂଆ ଜାତୀୟ ରେକର୍ଡ କରିଛନ୍ତି। ୧୪

୧୦ **କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି**

ଚଳିତବର୍ଷ କାନ୍ସ ଫିଲ୍ମ ଫେଷ୍ଟିଭାଲ୍‌ରେ ଜୁରି ଆସନ ଅଳଙ୍କୃତ କରିବା କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି ବୋଲି ବଲିଉଡ୍ ନାୟିକା ଦୀପିକା ପାଡୁକୋନ କହିଛନ୍ତି।



# ଶିବାଜୀ ପଟ୍ଟନାୟକଙ୍କ ପରଲୋକ

## ଭୁବନେଶ୍ୱର ଏମ୍ସକୁ ମରଶରୀର ଦାନ କରାଯିବ

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

ବିଶିଷ୍ଟ ବାମପନ୍ଥୀ ନେତା ଶିବାଜୀ ପଟ୍ଟନାୟକଙ୍କର ସୋମବାର ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଛି। ତାଙ୍କୁ ୯୨ ବର୍ଷ ହୋଇଥିଲା। ରବିବାର ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନ ୨ଟା ୧୦ରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ମଙ୍ଗଳବାର ଜୟଦେବ ବିହାରସ୍ଥିତ ସିପିଆଇ(ଏମ୍) ରାଜ୍ୟ କାର୍ଯ୍ୟାଳୟଠାରେ ତାଙ୍କ ମରଶରୀରକୁ ଶେଷଦର୍ଶନ ପାଇଁ ରଖାଯିବ ଓ ସେଠାରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ତାଙ୍କର ଶେଷ ଇଚ୍ଛାକୁ ସମ୍ମାନ



ଶିବାଜୀ ପଟ୍ଟନାୟକ

ଜଣାଇ ମଧ୍ୟାହ୍ନ ୧୨ଟାରୁ ୧ଟା ମଧ୍ୟରେ ତାଙ୍କ ମରଶରୀରକୁ ଭୁବନେଶ୍ୱରସ୍ଥିତ ଏମ୍ସକୁ ଦାନ କରାଯିବ ବୋଲି ସିପିଆଇ(ଏମ୍)ର ରାଜ୍ୟ ସମ୍ପାଦକ ଅଲିକିଶୋର ପଟ୍ଟନାୟକ କହିଛନ୍ତି।

ଶିବାଜୀ ଭୁବନେଶ୍ୱର ଲୋକ ସଭା ଆସନରୁ ୧୯୭୭, ୧୯୮୯ ଏବଂ ୧୯୯୧ରେ ୩ଥର ନିର୍ବାଚିତ ହୋଇଥିଲେ। ଓଡ଼ିଶାରେ ସିପିଆଇ(ଏମ୍)ର ପ୍ରତିଷ୍ଠାତା ଭାବେ ଶିବାଜୀ ପଟ୍ଟନାୟକ ବେଶ୍ ଖ୍ୟାତି ଅର୍ଜନ କରିଥିଲେ। ୭୦ ବର୍ଷ ଧରି ସେ ବାମପନ୍ଥୀ ଆନ୍ଦୋଳନରେ ସାମିଲ ଥିଲେ। ୧୯୩୦ ଅଗଷ୍ଟ ୧୩ରେ ସେ ଜନ୍ମଗ୍ରହଣ କରିଥିଲେ। ସେ ୧୯୭୨ରୁ ୧୯୯୦ ପର୍ଯ୍ୟନ୍ତ ସିପିଆଇଏମ୍‌ର ରାଜ୍ୟ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ଜରୁରିକାଳୀନ ପରିସ୍ଥିତି ସମୟରେ ସେ ☞ପୃଷ୍ଠା-୪

# ଶରତ ପଟ୍ଟନାୟକ ପିସିସି ସଭାପତି

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

- **ରାଜ୍ୟ ରାଜନୈତିକ ବ୍ୟାପାର ଦାୟିତ୍ୱରେ ୭ ଜଣଙ୍କୁ ରଖିବାକୁ ନିରଞ୍ଜନଙ୍କ ଚିଠି**
- **ସମସ୍ତଙ୍କୁ ନେଇ ସାଙ୍ଗରେ ଚାଲିବେ କହିଲେ ଶରତ**
- **ବିଧାୟକଙ୍କ ଜିଦ୍‌କୁ ଶୁଣିଲେନି ରାହୁଲ**



ଶରତ ପଟ୍ଟନାୟକ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଶରତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛି। ଏହିକ୍ରମରେ ଦୀର୍ଘଦିନ ହେଲା ନୂଆ ସଭାପତି ଚୟନକୁ ନେଇ ଚାଲିଥିବା ଆଲୋଚନାର ଅନ୍ତ ଘଟିଛି। ଏ ନେଇ ସୋମବାର ଏଆଇସିସି ପକ୍ଷରୁ ଏକ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟେ ପିସିସି ସଭାପତି ଦାୟିତ୍ୱରେ ଥିବା ନିରଞ୍ଜନ ପଟ୍ଟନାୟକଙ୍କ ଇସ୍ତଫାପତ୍ରକୁ ଏଆଇସିସିର ଅନ୍ତରୀଣ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗ୍ରହଣ କରିଛନ୍ତି। ଅନ୍ୟପଟେ ପିସିସି ସଭାପତିଙ୍କ ବ୍ୟତୀତ ଆଉ କୌଣସି ଦାୟିତ୍ୱ ବଣ୍ଟାଯିବା ନେଇ ଏଆଇସିସି କିଛି ଘୋଷଣା କରିନାହିଁ। ତେବେ ବିଧାୟକମାନେ ସେମାନଙ୍କ ମଧ୍ୟରୁ କାହାରିକୁ ଜଣଙ୍କୁ ସଭାପତି ଦାୟିତ୍ୱ ଦେବା ଲାଗି ଯେଉଁ ଆଲୋଚନା ଚାଲିଥିଲା ତାହା ଫେଲ୍ ମାରିଛି।

ତେବେ ପିସିସି ସଭାପତି ଦୌଡ଼ରେ ଶରତ ଥିବା ଅନେକ ଦିନ ଧରି ଆଲୋଚନା ଚାଲିଥିବା ବେଳେ ବିଧାୟକମାନେ କିନ୍ତୁ ସେମାନଙ୍କ ମଧ୍ୟରୁ ଯାହାକୁ ହେଲେ ଜଣଙ୍କୁ ସଭାପତି କରିବା ପାଇଁ ଦାବି କରିଥିଲେ। ଏହିଭଳି ଆଲୋଚନା ମଧ୍ୟରେ ଗତ ୯ ତାରିଖରେ ରାହୁଲ ☞ପୃଷ୍ଠା-୪

# ଏଥର ଭକ୍ତଙ୍କ ଗହଣରେ ରଥଯାତ୍ରା

**ପ୍ରଥମ ସମନ୍ୱୟ ବୈଠକ**

- **୧୫ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ସମ୍ଭାବନା**
- **୨୫ରେ ନୀତି ସବ୍ କମିଟି, ଛତିଶା ନିଯୋଗ ବୈଠକ**

ପୁରୀ ଅଫିସ,୨୩ା୫

ଚଳିତ ବର୍ଷ ଭକ୍ତଙ୍କ ଗହଣରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ହେବ। ଭକ୍ତ-ଭଗବାନଙ୍କ ମିଳନ ଘଟିବ। ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ବିନା ଭକ୍ତରେ ରଥଯାତ୍ରା ହୋଇ ଥିଲା। ମାତ୍ର ଗତ ୪ମାସ ହେବ କୋଭିଡ୍ ସଂକ୍ରମଣର ମାତ୍ରା ନିମ୍ନତମ ସ୍ଥିତିରେ ରହିଛି। ଏଭଳି ସ୍ଥିତି ରହିଲେ, ଚଳିତ ବର୍ଷ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କୁ ସାମିଲ କରାଯିବ। ସେହିପରି ୨୦୧୯ ତୁଳନାରେ ୧୫ରୁ ୨୦ ପ୍ରତିଶତ ଅଧିକ ଅର୍ଥାତ ୧୨ରୁ ୧୫ ଲକ୍ଷ ଭକ୍ତଙ୍କ ସମାଗମ ହେବାର ସମ୍ଭାବନା ରହିଛି। ତଦନୁଯାୟୀ ଜିଲା ପ୍ରଶାସନ ପ୍ରସ୍ତୁତି କରୁଛି ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ରଥଯାତ୍ରା ସମନ୍ୱୟ ବୈଠକରେ ପୁରୀ ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି। ଜିଲାପାଳ କହିଛନ୍ତି, ରଥକାଠ ଯୋଗାଣ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥକନା ଓ ଦଉଡ଼ି, ନୀତି ସମ୍ପାଦନା, ରଥଟଣା, ପାନୀୟଜଳ ଓ ବିଦ୍ୟୁତ ଯୋଗାଣ, ସ୍ୱାସ୍ଥ୍ୟ ଓ ପରିମଳ, ପରିବହନ ବ୍ୟବସ୍ଥା, ରାସ୍ତାଘାଟ ଉନ୍ନତୀକରଣ ଓ ମରାମତି, ପାର୍କିଂ ସ୍ଥଳ, ଅତ୍ୟାବଶ୍ୟକ ସାମଗ୍ରୀ ☞ପୃଷ୍ଠା-୪



# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଗଜପତି

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ

ପୁରୀ ଅଫିସ,୨୩ା୫

ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସୋମବାର ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ, ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂ ଏବଂ ପରିଚାଳନା କମିଟିସଦସ୍ୟ ଭେଟିଛନ୍ତି। ଏହିପ୍ରଶାସନିକ ଅଧିକାରୀଙ୍କ ସମେତ ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟମାନେ ଗୋବର୍ଦ୍ଧନ ମଠରେ ପହଞ୍ଚି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରିଛନ୍ତି। ପ୍ରକଳ୍ପ କାର୍ଯ୍ୟକୁ ନେଇ ରବିବାର ଶଙ୍କରାଚାର୍ଯ୍ୟ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ନିର୍ମାଣ ଆଗରୁ ପ୍ରଶାସନ ତାଙ୍କ ସହ ଆଲୋଚନା କରିନାହିଁ ବୋଲି ଜଗଦ୍‌ଗୁରୁ କହିଥିଲେ। ତେଣୁ ସୋମବାର ତାଙ୍କୁ ଗଜପତି ମହାରାଜା ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଭେଟି ପ୍ରକଳ୍ପ ସମ୍ପର୍କରେ ଏକ ଭିଡିଓ ଦେଖାଇ ବିସ୍ତୃତ ସୂଚନା ଦେଇଛନ୍ତି। ପରିକ୍ରମା ପ୍ରକଳ୍ପ ଅଧୀନରେ ଓ ଚାରି ଦ୍ୱାରରେ କ'ଣ ସବୁ ନିର୍ମାଣ କାର୍ଯ୍ୟ ହେଉଛି ସେ ସମ୍ପର୍କରେ ଓବିସିସି ଅଧିକାରୀମାନେ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ସେହିପରି ଏ ନେଇ ହାଇକୋର୍ଟରେ ମାମଲା ପହଞ୍ଚିଥିବା ମଧ୍ୟ କୁହାଯାଇଥିଲା। ସେହିଭଳି ନିର୍ମାଣ ପୂର୍ବରୁ ଶ୍ରୀମନ୍ଦିର ଓ ପାରିପାର୍ଶ୍ୱିକ ଅବସ୍ଥା କ'ଣ ଥିଲା ଏବଂ ଏବେ କ'ଣ ରହିଛି ସେନେଇ ମଧ୍ୟ ଶଙ୍କରାଚାର୍ଯ୍ୟଙ୍କୁ ସୂଚନା ଦିଆଯାଇଥିଲା। ଶଙ୍କରାଚାର୍ଯ୍ୟ ପ୍ରତିଉତ୍ତରରେ କହିଥିଲେ, ପ୍ରକଳ୍ପକୁ ବିରୋଧ କରୁଥିବା ବ୍ୟକ୍ତିମାନେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ପ୍ରଶ୍ନ କରୁଛନ୍ତି। ଏଣୁ ସମସ୍ତଙ୍କୁ ଏକାଠି ଡାକି ଆଲୋଚନା କରି ସହଯୋଗରେ କାର୍ଯ୍ୟ କରାଯିବା ଉଚିତ୍। ସେହିଭଳି ଶ୍ରୀମନ୍ଦିର ଓ ଏହାର ସଂସ୍କୃତି-ଐତିହ୍ୟର ସୁରକ୍ଷାକୁ ସରକାର ପ୍ରାଥମିକତା ଦେବା ଦରକାର। ଯାହା ବିକାଶ କାର୍ଯ୍ୟ ହେଉଛି ତାହା ଶ୍ରୀମନ୍ଦିର ସୁରକ୍ଷା ଦୃଷ୍ଟିକୋଣରୁ ଠିକ ହୋଇଥିବା ଆବଶ୍ୟକ ବୋଲି ଶଙ୍କରାଚାର୍ଯ୍ୟ ମତ ଦେଇଛନ୍ତି।

## କାର୍ଯ୍ୟ ଶୀଘ୍ର ସାରିବାକୁ ରିଟ୍ ପିଟିଶନ୍

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ଶ୍ରୀମନ୍ଦିରର କେତେଜଣ ସେବାୟତ ସୋମବାର ହାଇକୋର୍ଟରେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ (ଏଏସ୍‌ଆଇ) ଏବଂ ରାଜ୍ୟ ସରକାରଙ୍କୁ ପକ୍ଷଭୁକ୍ତ କରି ଏକ ରିଟ୍ ପିଟିଶନ୍ ଦାଏର କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ଯଥାଶୀଘ୍ର ସମାପ୍ତ କରିବା ପାଇଁ ରାଜ୍ୟ ସରକାର ଏବଂ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେବା ଲାଗି ଏହି ରିଟ୍ ପିଟିଶନରେ ପ୍ରାର୍ଥନା କରାଯାଇଛି। ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଓ ଆମିକସ୍ କ୍ୟୁରି ☞ପୃଷ୍ଠା-୪




**ଆଜିର ସମ୍ପାଦକୀୟ**

ନନ୍ଦନକାନନ: ଦଫା ୩୦୭

# ଜେଲକୁ ଫେରିଲେ ବିଧାୟକ ପ୍ରଶାନ୍ତ ଜଗଦେବ

**ଲୋକଙ୍କ ଉପରେ ଗାଡ଼ି ମଡ଼ାଇଦେବା ମାମଲା**

**ଖୋର୍ଦ୍ଧା ଅଫିସ,୨୩ା୫:** ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଜେଲ ଯାଇ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଅନ୍ତରୀଣ ଜାମିନରେ ଆସିଥିଲେ। ଗତ ୨୦ ତାରିଖରେ ବିଧାୟକ ଜଗଦେବଙ୍କ ନିୟମିତ ଜାମିନକୁ ହାଇକୋର୍ଟ ଖାରଜ କରିବା ସହ ବାଣପୁର ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଅପରାହ୍ନ ୨ଟାରେ ବିଧାୟକ ଜଗଦେବ ଜେଏମ୍‌ଏଫ୍‌ସିଙ୍କ କୋର୍ଟରେ ହାଜର ହେବା ପରେ ପୁଣି ବାଣପୁର ଜେଲକୁ ଫେରିଛନ୍ତି। କୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଲାଗି କୋର୍ଟ ☞ପୃଷ୍ଠା-୪

# ମାତୃଭାଷା ପ୍ରତି ଆନ୍ତରିକତା କମୁଛି

## ଭାଷା ପ୍ରତିଷ୍ଠାନ ଗଠନର ୧୬ ବର୍ଷ ପରେ ବି ସରକାରୀ ସ୍ତରରେ ଓଡ଼ିଆ ବ୍ୟବହାର ହେଉନାହିଁ

ଭୁବନେଶ୍ୱର,୨୩ା୫(ବ୍ୟୁରୋ)

**କାର୍ଯ୍ୟନିର୍ବାହୀ କମିଟିରୁ ଗଣଶିକ୍ଷା ମନ୍ତ୍ରୀ ହଟିଲେ, ସଂସ୍କୃତି ମନ୍ତ୍ରୀ ହେଲେ ଅଧ୍ୟକ୍ଷ**

ମାତୃଭୂମି ମାତୃଭାଷାର ମମତା ଯା' ହୃଦେ ଜନମି ନାହିଁ, ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଲିଖିତ କବିତାର ଏହି ପଂକ୍ତି ଓଡ଼ିଆ ଭାଷା ପ୍ରତି ମୁହଁ ମୋଡୁଥିବା ବ୍ୟକ୍ତିଙ୍କ ଉଦ୍ଦେଶ୍ୟରେ ଏକ ସତର୍କବାଣୀ। ମାତ୍ର ବିଡ଼ମ୍ବନା ଯେ ବର୍ତ୍ତମାନ ପିଢ଼ିର ଯୁବଗୋଷ୍ଠୀଙ୍କ ମଧ୍ୟରେ ଓଡ଼ିଆ ଭାଷାକୁ ନେଇ ଆଗ୍ରହ ଦେଖାଯାଉ ନାହିଁ। ସରକାରୀ କିମ୍ବା ଘରୋଇ ସ୍ତରରେ ମଧ୍ୟ ଭାଷା ପ୍ରୀତି ଦେଖିବାକୁ ମିଳୁନାହିଁ। ଏପରି କି ଏବର ପିଲାମାନଙ୍କଠାରେ ଓଡ଼ିଆ ଭାଷା ଜ୍ଞାନର ଘୋର ଅଭାବ ଦେଖାଦେଲାଣି। ଅଧିକାଂଶ ମାତାପିତା ନିଜ ପିଲାଙ୍କୁ ଘରୋଇ ସ୍କୁଲରେ ପାଠ ପଢ଼ାଇବାକୁ ପସନ୍ଦ କରୁଛନ୍ତି। ଫଳରେ ଇଂଲିଶ ପ୍ରତି ପିଲାମାନଙ୍କୁ ଅଧିକ ଆକର୍ଷିତ କରାଯାଉଛି। ମାତାପିତା କିମ୍ବା ଅଭିଭାବକମାନଙ୍କର ଏଭଳି ଆଭିମୁଖ୍ୟ ଓଡ଼ିଆ ଭାଷା ପ୍ରତି ପ୍ରତିକୂଳ ମାନସିକତା ସୃଷ୍ଟି କରିଛି। ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଓଡ଼ିଆ ଭାଷାକୁ ବାଧ୍ୟତାମୂଳକ କରାଯାଇଥିବାବେଳେ ଘରୋଇ ସ୍କୁଲରେ ନବମ ଶ୍ରେଣୀରୁ ଇଚ୍ଛାଧୀନ କରାଯାଇଛି। କିନ୍ତୁ ଘରୋଇ ସ୍କୁଲର ଅଧିକାଂଶ ପିଲା ଓଡ଼ିଆ ବଦଳରେ ହିନ୍ଦୀ କିମ୍ବା ସଂସ୍କୃତକୁ ଇଚ୍ଛାଧୀନ ବିଷୟ ଭାବେ ବାଛୁଛନ୍ତି। ମାତାପିତାଙ୍କ ଆଡୁ ଓଡ଼ିଆ ବିଷୟକୁ ନେଇ ସେତେଟା ରୁଚି ରହୁ ନ ଥିବାରୁ ପିଲାମାନେ ମଧ୍ୟ ମାତୃଭାଷା ପ୍ରତି ବିମୁଖ ହେଉଛନ୍ତି। ଏଥିଯୋଗୁ ଆଗାମୀ ଦିନରେ ମାତୃଭାଷା ଏକ ମହାସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଭାଷାବିତ୍‌ମାନେ ମତ ଦେଲେଣି।

ଓଡ଼ିଶାରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ କମୁଥିବା ଦେଖି ରାଜ୍ୟ ସରକାର ଏହାର ପ୍ରଚାର, ପ୍ରସାର ଓ ବିକାଶ ପାଇଁ ୨୦୦୬ ଏପ୍ରିଲ ପହିଲାରେ 'ଓଡ଼ିଆ ଭାଷା ପ୍ରତିଷ୍ଠାନ' ନାମରେ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ଖୋଲିଥିଲେ। ଭାଷାକୁ ଚଳଚଞ୍ଚଳ କରିବା ପାଇଁ ପ୍ରତିଷ୍ଠାନରେ ସାଧାରଣ ପରିଷଦ ଓ ଏକ୍‌ଜିକ୍ୟୁଟିଭ କମିଟି ଗଠନ କରାଯାଇଛି। ପରିଷଦରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଉପାଧ୍ୟକ୍ଷ ଅଛନ୍ତି। ସେହିପରି ଏକ୍‌ଜିକ୍ୟୁଟିଭ କମିଟିରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଅଧ୍ୟକ୍ଷ ଥିବାବେଳେ ମୁଖ୍ୟ ଶାସନ ସଚିବ ଉପାଧ୍ୟକ୍ଷ ରହିଛନ୍ତି। ନିୟମିତ ଭାବେ ଏହି ଦୁଇ ପ୍ରଶାସନିକ ସଂସ୍ଥାର ବୈଠକ ଡାକି ଭାଷାର ଅଗ୍ରଗତି ଓ ପ୍ରସାର ଦିଗରେ ସମୀକ୍ଷା କରି ପଦକ୍ଷେପ ନେବା ବ୍ୟବସ୍ଥା ରହିଛି। ବର୍ଷକୁ ଥରେ ଅଥବା ଆବଶ୍ୟକ ପଡ଼ିଲେ ଏକାଧିକ ଥର ବୈଠକ ବସିପାରିବ। ଏଥିପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ଓ କର୍ମଚାରୀ ଦିଆଯାଇଛି। ବଜେଟରେ ପ୍ରଶାସନିକ ଓ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ବର୍ଷକୁ ପ୍ରାୟ ଦେଢ଼ କୋଟି ଟଙ୍କାର ବ୍ୟୟବରାଦ କରାଯାଉଛି। ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ଭାଷା ପ୍ରତିଷ୍ଠାନ ଗଠନ ହେବାର ୧୬ ବର୍ଷ ବିତିଯିବା ପରେ ମଧ୍ୟ ସରକାରୀ ସ୍ତରରେ ଓଡ଼ିଆ ☞ପୃଷ୍ଠା-୪



**ବିମାନ ଯାତ୍ରୀଙ୍କଠାରୁ ୧.୫୩ କୋଟିର ବିଦେଶୀ ମୁଦ୍ରା ଜବତ**

କୋଲକାତା ବିମାନବନ୍ଦରରେ ଜଣେ ଯାତ୍ରୀଙ୍କଠାରୁ ୧.୫୩ କୋଟି ଟଙ୍କା ମୂଲ୍ୟର ବିଦେଶୀ ମୁଦ୍ରା ଜବତ ହୋଇଛି। ଗୋଇନ୍ଦା ସୂଚନା ଆଧାରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ଅଧିକାରୀମାନେ ଶନିବାର ରାତିରେ ଯାଞ୍ଚ କରିଥିଲେ। ଯାତ୍ରୀ ଜଣକ ଘରୋଇ ବିମାନରେ ଗୋରଖପୁରରୁ କୋଲକାତା ଯାଇଥିଲେ। ଯାଞ୍ଚ ବେଳେ ତାଙ୍କ ନିକଟରୁ ୧୯୯୮ଟି ବିଦେଶୀ ମୁଦ୍ରା ମିଳିଥିଲା, ଯେଉଁଥିରେ ୧,୬୫,୦୦୦ ଡଲାର ଏବଂ ୩୦,୪୬୦ ୟୁରୋ ରହିଥିଲା। ଏତେ ପରିମାଣର ବିଦେଶୀ ମୁଦ୍ରା ସେ କେଉଁଠୁ ଆଣିଲେ ଜଣାପଡି ନାହିଁ। ବିଦେଶ ବିନିମୟ ପରିଚାଳନା ଆଇନରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।



# ଜିନ୍‌ପିଙ୍ଗ୍‌ଙ୍କ 'ମିଶନ ତାଇୱାନ୍' ପ୍ରଘଟ

**ସଂକ୍ଷେପରେ**

## ବିନାଇ ସକ୍‌ସେନା ଦିଲ୍ଲୀ ଉପରାଜ୍ୟପାଳ



**ନୂଆଦିଲ୍ଲୀ, ୨୩।୫:** ଦିଲ୍ଲୀର ଉପରାଜ୍ୟପାଳ ଭାବେ ବିନାଇ କୁମାର ସକ୍‌ସେନାଙ୍କୁ ସୋମବାର ନିଯୁକ୍ତ କରାଯାଇଛି। ସେ ଖଦି ଏବଂ ଭିଲେଜ ଇଣ୍ଡଷ୍ଟ୍ରିଜ୍ କମିଶନ୍‌ର ଅଧ୍ୟକ୍ଷ ଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଦିଲ୍ଲୀ ଉପରାଜ୍ୟପାଳ ଭାବେ ବିନାଇଙ୍କୁ ନିଯୁକ୍ତ କରିଥିବା ନେଇ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ଏକ ବିବୃତି ଜାରି ହୋଇଛି। ବ୍ୟକ୍ତିଗତ କାରଣ ଦର୍ଶାଇ ଦିଲ୍ଲୀ ପୂର୍ବତନ ଉପରାଜ୍ୟପାଳ ଅନିଲ ବୈଜଲ ଗତ ୧୮ ତାରିଖରେ ଇସ୍ତଫା ଦେଇଥିଲେ।

## ଉଇଗରଙ୍କୁ ନିର୍ଯାତନା: ଚାଇନାରେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ

**ବେଜିଂ, ୨୩।୫:** ଚାଇନାର ଜିନ୍‌ଜିଆଙ୍ଗ ପ୍ରଦେଶରେ ଉଇଗର ମୁସଲମାନଙ୍କ ମାନବାଧିକାର ଉଲ୍ଲଂଘନ ଜାରିଥିବାବେଳେ ଜାତିସଂଘ ମାନବାଧିକାର ଉଚ୍ଚାୟୁକ୍ତ ମିଶେଲ ବାଚେଲେଟ୍ ସୋମବାର ବେଜିଂ ଗସ୍ତରେ ବାହାରିଛନ୍ତି। ୨୦୦୫ ପରଠାରୁ କୌଣସି ଜାତିସଂଘ ଉଚ୍ଚାୟୁକ୍ତଙ୍କ ଏହା ପ୍ରଥମ ଚାଇନା ଗସ୍ତ। ମିଶେଲଙ୍କୁ ସେଠାରେ ସ୍ୱାଧୀନ ଭାବେ ଯାଞ୍ଚ ଅନୁମତି ମିଳୁଛି କି ନା ଏବଂ ସଂଖ୍ୟାଲଘୁ ଉପରେ ନିର୍ଯାତନା ବାବଦରେ ସେ ଚାଇନା ବିରୋଧରେ ପ୍ରମାଣ ହାସଲ କରିପାରୁଛନ୍ତି କି ନାହିଁ, ତାହା ଉପରେ ସମସ୍ତଙ୍କ ନଜର ରହିଛି। ଲକ୍ଷ ଲକ୍ଷ ସଂଖ୍ୟାରେ ଉଇଗୁର, କାଜାଖ ଏବଂ ଅନ୍ୟ ସଂଖ୍ୟାଲଘୁଙ୍କୁ ଚାଇନା ବନ୍ଦୀ କରି ରଖିବା ସହ ସେମାନଙ୍କ ଉପରେ କ୍ରୂର ବ୍ୟବହାର କରୁଛି। ଏପରି କି ସେମାନଙ୍କ ଅଙ୍ଗପ୍ରତ୍ୟଙ୍ଗ କାଟି ବିକ୍ରି କରୁଥିବା ନେଇ ମଧ ଏକାଧିକ ରିପୋର୍ଟ ପ୍ରକାଶ ପାଇଛି। ତେବେ ଚାଇନା ଏହାକୁ ବାରମ୍ବାର ଖଣ୍ଡନ କରିଆସିବା ସହ ଅଣରାଜନୈତିକ ପ୍ରତିନିଧି ସେଠାକୁ ଯାଇ ଯାଞ୍ଚ କରିପାରିବେ ବୋଲି କହିଛି। ଜିନ୍‌ଜିଆଙ୍ଗ ଓ କାଶ୍‌ଗର ପୂର୍ବରୁ ମିଶେଲ ଦକ୍ଷିଣ ଚାଇନା ସହର ଗୁଆଙ୍ଗଜୌରୁ ତାଙ୍କ ୬ ଦିନିଆ ଗସ୍ତ କାର୍ଯ୍ୟକ୍ରମ ଆରମ୍ଭ କରିବେ।



## କାଗଜ କଳ କାଠ ଡିପୋରେ ଭୟାବହ ଅଗ୍ନିକାଣ୍ଡ

ଚନ୍ଦ୍ରପୁର ,୨୩।୫ (ପି.ଟି.): ମହାରାଷ୍ଟ୍ରର ଚନ୍ଦ୍ରପୁର ଅଞ୍ଚଳରେ ଥିବା ବିଲ୍ଟ ଗ୍ରାଫିକ୍ ପେପର ମିଲ୍‌ର କାଠ ଡିପୋରେ ରବିବାର ଭୟାବହ ଅଗ୍ନିକାଣ୍ଡ ହୋଇଛି। ଏହା ନିକଟରେ ଥିବା ବଲ୍ଲାରପୁର-ଆଲ୍ଲାପାଲି ରାଜପଥ ରାତି ସାରା ବନ୍ଦ ରହିବାରୁ ପ୍ରବଳ ଟ୍ରାଫିକ ଜାମ୍ ହୋଇଥିଲା। ଡିପୋରେ ୪୦ ହଜାର ଟନ୍ କାଠ ଗଚ୍ଛିତ ଥିଲା। ଏକସଙ୍ଗେ ୮ଟି ସ୍ଥାନରେ ବହୁ ଉଚ୍ଚ ପର୍ଯ୍ୟନ୍ତ ନିଆଁ ଉଠୁଥିବା ଅନେକ ଦୂର ଯାଏ ଦେଖାଯାଇଥିଲା। ବିଭିନ୍ନ ସହରରୁ ଅଗ୍ନିଶମ କର୍ମଚାରୀ ଓ ଦଳକଳ ପହଞ୍ଚିଥିଲେ ହେଁ ନିଆଁ ଏତେ ଜୋର୍ ଥିଲା ଯେ ସେଠାରେ ପହଞ୍ଚିବା କଷ୍ଟକର ହୋଇଥିଲା। ସେଠାରୁ ୧୦୦ ମିଟର ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ଏବଂ ଅନ୍ୟ ଏକ କମ୍ପାନୀର ବାଉଁଶ ଡିପୋକୁ ନିଆଁ ବ୍ୟାପିଯାଇଥିଲା। ତେବେ ପେଟ୍ରୋଲ ପମ୍ପରେ ତେଲ ନ ଥିବାରୁ ଏହା ୧୦ ଦିନ ହେଲା ବନ୍ଦ ରହିଥିଲା। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇଥିବାର ଖବର ମିଳି ନାହିଁ।

## ୫ ଆତଙ୍କବାଦୀ ଗିରଫ

**ଶ୍ରୀନଗର, ୨୩।୫:** ଜମ୍ମୁ-କଶ୍ମୀର ପୋଲିସ ଲଶ୍କର-ଇ-ତୋଇବାର ୫ ହାଇବ୍ରିଡ୍ (ଯେଉଁମାନେ ଆତଙ୍କବାଦୀଙ୍କ ନାମସୂଚୀରେ ନ ଥାଇ ମଧ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ରୁହନ୍ତି) ଆତଙ୍କବାଦୀଙ୍କୁ ଗିରଫ କରିଛି। ଏଥିରୁ ତିନି ଜଣ ଆତଙ୍କବାଦୀଙ୍କ ସମ୍ପୃକ୍ତି ବାରମୁଲା ଜିଲା ସରପଞ୍ଚଙ୍କ ହତ୍ୟାକାଣ୍ଡରେ ଥିବା ପୋଲିସ କହିଛି। ସ୍ୱତନ୍ତ୍ର ଅପରେଶନ୍ ଦ୍ୱାରା ସୋମବାର ବାରମୁଲାରୁ ୩ ଏବଂ ଶ୍ରୀନଗରରୁ ୨ ଜଣ ଆତଙ୍କବାଦୀଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କଠାରୁ ୧୫ଟି ପିସ୍ତଲ, ୩୦ଟି ମାଗାଜିନ୍ ଏବଂ ୩୦୦ ରାଉଣ୍ଡ ଗୁଳି ସାଙ୍ଗକୁ ସାଇଲେନ୍ସର ପୋଲିସ ଜବତ କରିଛି। ସ୍ଥାନୀୟ ପୋଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ଜମ୍ମୁ-କଶ୍ମୀର ପୋଲିସ ଆଇଜି କହିଛନ୍ତି।

**ବେଜିଂ, ୨୩।୫**

ଫେବୃୟାରୀ ୨୪ରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିଜ ସୈନ୍ୟଙ୍କୁ ୟୁକ୍ରେନ୍ ଉପରେ ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି 'ସ୍ୱତନ୍ତ୍ର ସାମରିକ ଅଭିଯାନ'କୁ ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ ବିରୋଧ କରିଆସିଥିବାବେଳେ ରୁଷିଆକୁ ଚାଇନା ସମର୍ଥନ ଜାରି ରଖିଛି। ଏହା ପଛରେ ଚାଇନାର ଅଭିସନ୍ଧି ହେଉଛି ବେଜିଂ ତାଇୱାନ୍‌କୁ ଦଖଲ ଉଦ୍ୟମ କଲେ ରୁଷିଆର ସମର୍ଥନ ହାସଲ କରିବା। ରୁଷିଆ-ୟୁକ୍ରେନ୍ ଯୁଦ୍ଧକୁ ୩ ମାସ ପୂରିଥିବାବେଳେ ଚାଇନାର ସମ୍ଭାବ୍ୟ ତାଇୱାନ୍ ଆକ୍ରମଣକୁ ନେଇ ଏକ ଅଡିଓ କ୍ଲିପ୍ ପ୍ରଘଟ ହୋଇଛି। ଚାଇନାର ଯୁଦ୍ଧ ଯୋଜନା ସମ୍ପର୍କରେ ରୋଡ୍‌ମ୍ୟାପ୍‌କୁ କିପରି କାର୍ଯ୍ୟକାରୀ କରାଯିବ, ସେନେଇ କମ୍ୟୁନିଷ୍ଟ ପାର୍ଟି ଅଫ୍ ଚାଇନା (ସିପିସି) ଏବଂ ପିପୁଲ୍ସ ଲିବରେଶନ୍ ଆର୍ମି (ପିଏଲ୍ଏ) ମଧ୍ୟରେ ହୋଇଥିବା ଆଲୋଚନାର ଏହି କ୍ଲିପ୍ ସାମ୍ନାକୁ ଆସିବା ପରେ ହଇଚଇ ସୃଷ୍ଟି ହୋଇଛି। ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ଭିତିରି ସାମରିକ ଅଭିଯାନକୁ ଧରାପକାଇବା ପାଇଁ ସିପିସିର ବରିଷ୍ଠ ଅଧିକାରୀମାନେ ଏହାକୁ ପ୍ରଘଟ କରିଥିବା କୁହାଯାଉଛି। ଚାଇନା ଜନ୍ମିତ ମାନବାଧିକାର କର୍ମୀ ଜେନିଫର ଜେଙ୍ଗ୍ ଟୁଇଟ୍ କରିଥିବା ଏକ ଅଡିଓ କ୍ଲିପ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସିପିସି-ପିଏଲ୍ଏର ଏକ ଉଚ୍ଚସ୍ତରୀୟ ବୈଠକରେ ଗୁଆଙ୍ଗ୍‌ଡୋଙ୍ଗ୍‌ର ପାର୍ଟି ସେକ୍ରେଟାରି, ଡେପୁଟି ସେକ୍ରେଟାରି, ଗଭର୍ନର ଓ ଭାଇସ୍ ଗଭର୍ନର ସାମିଲ ଥିଲେ। ମେଜର ଜେନେରାଲ ଝୋଉ ହେ, ଗୁଆଙ୍ଗ୍‌ଡୋଙ୍ଗ୍ ମିଲିଟାରି ରିଜିୟନ୍ କମାଣ୍ଡର, ଗୁଆଙ୍ଗ୍‌ଡୋଙ୍ଗ୍ ପ୍ରୋଭିନ୍ସିଆଲ କମିଟିର ଷ୍ଟାଣ୍ଡିଂ କମିଟି ସଦସ୍ୟ ୱାଙ୍ଗ୍ ଶୋଉଜିନ୍‌ଙ୍କ ସମେତ ପିଏଲ୍ଏର ଅନ୍ୟ କେତେଜଣ ବରିଷ୍ଠ ଅଧିକାରୀ ମଧ ବୈଠକରେ ଉପସ୍ଥିତ ଥିଲେ। ତାଇୱାନ୍ ସେନାକୁ ଧ୍ୱଂସ କରିବା ଓ ଯୁଦ୍ଧ ପାଇଁ ପଛଘୁଞ୍ଚା ନ ଦେବା, ଚାଇନାର ଜାତୀୟ ସାର୍ବଭୌମତ୍ୱ ତଥା କ୍ଷେତ୍ରୀୟ ଅଖଣ୍ଡତାକୁ ବଜାୟ ରଖିବା ପାଇଁ ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ରଣନୈତିକ ନିଷ୍ପତ୍ତିକୁ କିପରି କାର୍ଯ୍ୟକାରୀ କରାଯିବ ସେନେଇ ଉକ୍ତ ଗୁପ୍ତ ବୈଠକରେ ଆଲୋଚନା ହୋଇଥିଲା। ସେହିପରି ଯୁଦ୍ଧ ପାଇଁ କେଉଁ କମ୍ପାନୀଗୁଡ଼ିକ ଅଧିକରୁ ଅଧିକ ଡ୍ରୋନ୍, ବୋଟ୍ ଓ ଅନ୍ୟ ଯୁଦ୍ଧ ଉପକରଣ ନିର୍ମାଣ କରିପାରିବେ, ତାହାର ମଧ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଇଷ୍ଟର୍ନ ଓ ସଦର୍ନ ୱାର୍‌ଜୋନ୍ ପକ୍ଷରୁ ଗୁଆଙ୍ଗ୍‌ଡୋଙ୍ଗ୍‌କୁ ମୋଟ ୨୦ଟି ବର୍ଗର ଓ ୨୩୯ ଉପକରଣ ପ୍ରସ୍ତୁତ କରିବାକୁ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। ୧.୪୦ ଲକ୍ଷ ପିଏଲ୍ଏ ସୈନ୍ୟ, ୯୫୩ ଯୁଦ୍ଧଜାହାଜ, ୧,୬୫୩ ଡ୍ରୋନ୍, ୨୦ ବିମାନବନ୍ଦର, ୬ ମରାମତି ଓ ଜାହାଜ ନିର୍ମାଣ ୟାର୍ଡ, ୧୪ ଏମର୍ଜେନ୍ସି ଟ୍ରାନ୍ସଫର ସେଣ୍ଟର ଆଦି ଏଥିରେ ଅନ୍ତର୍ଭୁକ୍ତ। ୫୭ ମିନିଟ୍‌ର ଏହି କ୍ଲିପ୍‌କୁ ୟୁଟ୍ୟୁବ୍ ଚ୍ୟାନେଲ ଏଲ୍‌ୟୁଡିଇ ମିଡିଆ ପକ୍ଷରୁ ପୋଷ୍ଟ କରାଯିବା ପରେ ବେଜିଂର ଅଡୁଆ ବଢ଼ିଛି। ତାଇୱାନ୍ ଦଖଲ ପାଇଁ ଜିନ୍‌ପିଙ୍ଗ୍‌ଙ୍କ ସାମରିକ ଯୋଜନାକୁ ଧରାପକାଇବା ପାଇଁ ସିପିସିର ବରିଷ୍ଠ ଅଧିକାରୀମାନେ ଏହାକୁ ପ୍ରଘଟ କରିଥିବା ଉକ୍ତ ୟୁଟ୍ୟୁବ୍ ଚ୍ୟାନେଲ କହିଛି।



ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍

- ୧.୪୦ ଲକ୍ଷ ସୈନ୍ୟ, ୯୫୩ ଯୁଦ୍ଧଜାହାଜ ପାଇଁ ପ୍ରସ୍ତୁତି
- ଅଡିଓ କ୍ଲିପ୍‌ରେ ଧରାପକାଇଲେ ସିପିସି ଅଧିକାରୀ

## ଆମେରିକା-ଚାଇନା ମୁହାଁମୁହିଁ

**ଟୋକିଓ/ବେଜିଂ, ୨୩।୫**

ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍‌ଙ୍କ ତାଇୱାନ୍ ଦଖଲର ମହତ୍ତ୍ୱାକାଂକ୍ଷା ଓ ଯୋଜନାକୁ ତାଙ୍କ ସରକାରରେ ଥିବା କେତେଜଣ ବରିଷ୍ଠ ଅଧିକାରୀ ଧରାପକାଇ ଦେଇଛନ୍ତି। ତାଇୱାନ୍ ଦଖଲର ରୋଡ୍‌ମ୍ୟାପ୍ ସମ୍ପର୍କିତ ଆଲୋଚନାକୁ ନେଇ ୫୭ ମିନିଟ୍‌ର ଏକ ଅଡିଓ କ୍ଲିପ୍ ପ୍ରଘଟ ହେବା ପରେ ଆମେରିକା ଓ ଚାଇନା ମଧ୍ୟରେ ପୁଣି ବାକ୍‌ଯୁଦ୍ଧ ତେଜିଛି। ଚାଇନାର କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ଓ ସାମରିକ ଶକ୍ତି ଯୋଗୁ ଉତ୍ତେଜନା ବଢ଼ୁଥିବାବେଳେ ଟୋକିଓରେ ସୋମବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ବେଜିଂକୁ କଡ଼ା ଚେତାବନୀ ଦେଇଛନ୍ତି। ଚାଇନା ତାଇୱାନ୍‌କୁ ଦଖଲ ଉଦ୍ୟମ କଲେ ସ୍ୱୟଂଶାସିତ ଦ୍ୱୀପ ରାଷ୍ଟ୍ରକୁ ସୁରକ୍ଷା ଦେବା ପାଇଁ ଆମେରିକା ବଳ ପ୍ରୟୋଗ କରିବ ବୋଲି ସେ କହିଛନ୍ତି। କ୍ୱାଡ୍ ସମ୍ମିଳନୀରେ ଯୋଗଦେବା ପାଇଁ ଜାପାନ ରାଜଧାନୀ ଟୋକିଓ ଗସ୍ତରେ ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଚାଇନାକୁ କଡ଼ା ଚେତାବନୀ ଦେଇଛନ୍ତି। ଚାଇନା ତାଇୱାନ୍ ଗଣତନ୍ତ୍ର ଉପରେ ଆକ୍ରମଣ କଲେ ଆମେରିକା ହସ୍ତକ୍ଷେପ କରିବ। ୱାନ୍ ଚାଇନା ପଲିସିକୁ ନେଇ ଆମେ ସହମତ। ଏଥିରେ ଆମେ ସ୍ୱାକ୍ଷର କରିଛୁ। କିନ୍ତୁ ଚାଇନା ବଳ ପ୍ରୟୋଗ କରି କୌଣସି ପଦକ୍ଷେପ ନେଲେ ଆମେ ଚୁପ୍ ରହିବୁ ନାହିଁ ବୋଲି ବାଇଡେନ୍ କହିଛନ୍ତି। ୟୁକ୍ରେନ୍‌ରେ ରୁଷିଆର ବର୍ବରତା ପାଇଁ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଦୀର୍ଘ ସମୟ ଧରି ବହୁମୂଲ୍ୟ ଦେବାକୁ ପଡ଼ିବ। ସମ୍ପ୍ରତି କେବଳ ୟୁକ୍ରେନ୍ ନୁହେଁ, ବରଂ ତାଇୱାନ୍ ମଧ ଏକ ବଡ଼ ପ୍ରସଙ୍ଗ। ରୁଷିଆ ଉପରେ ପାଶ୍ଚାତ୍ୟର ଚାପକୁ ବେଜିଂ ଦେଖିସାରିଛି। ଚାଇନା ବଳପୂର୍ବକ ତାଇୱାନ୍ ଦଖଲ ପୂର୍ବରୁ ଏହି ସନ୍ଦେଶକୁ ଭଲଭାବେ ବୁଝିବା ଦରକାର ବୋଲି ବାଇଡେନ୍ କହିଛନ୍ତି। ଏହାକୁ ଚାଇନା ବିରୋଧରେ ଆମେରିକା ପକ୍ଷରୁ ସବୁଠୁ କଠୋର ଚେତାବନୀ ବୋଲି କୁହାଯାଉଛି। ଅନ୍ୟପକ୍ଷେ ବାଇଡେନ୍‌ଙ୍କ ଏହି ମନ୍ତବ୍ୟକୁ ନେଇ ବେଜିଂ ଆପତ୍ତି ଉଠାଇଛି। ଚାଇନା ବହିର୍ବ୍ୟାପାର ମନ୍ତ୍ରୀ ୱାଙ୍ଗ୍ ୟି କହିଛନ୍ତି, ଚାଇନାର ସାର୍ବଭୌମତ୍ୱ ଓ କ୍ଷେତ୍ରୀୟ ଏକତା ପ୍ରସଙ୍ଗରେ ସାଲିସ କରାଯିବ ନାହିଁ। କୌଣସି ରାଷ୍ଟ୍ର ଆମ ଦୃଢ଼ ସାମର୍ଥ୍ୟକୁ ନ୍ୟୂନ ମନେକରିବା ଭୁଲ୍ କରନ୍ତୁ ନାହିଁ। ବାଇଡେନ୍‌ଙ୍କ ପୂର୍ବ ଏସିଆ ଗସ୍ତ, କ୍ୱାଡ୍ରିଲେଟରାଲ ସିକ୍ୟୁରିଟି ଡାଇଲଗ୍ (କ୍ୱାଡ୍) ସମିଟ୍ ଏବଂ ଆମେରିକାର ଇଣ୍ଡୋ-ପାସିଫିକ୍ ରଣନୀତିକୁ ଏହା ପୂର୍ବରୁ ଚାଇନା କଡ଼ା ସମାଲୋଚନା କରିସାରିଛି।



> ତାଇୱାନ୍ ପାଇଁ ଚାଇନା ବିରୋଧରେ ବଳ ପ୍ରୟୋଗ କରିବୁ: ଜୋ ବାଇଡେନ୍



ଟୋକିଓରେ ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା ଓ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଆଇପିଇଏଫ୍‌ରେ ଭାରତ ସମେତ ୧୨ ରାଷ୍ଟ୍ର

> ଆଇପିଇଏଫ୍ ହେଉଛି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ବିଶ୍ୱ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ପାଇଁ ଏକ ସାମଗ୍ରିକ ପ୍ରୟାସ। —ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

**ଟୋକିଓ, ୨୩।୫**

ଚାଇନାର ଦାଦାଗିରିକୁ ଦୃଷ୍ଟିରେ ରଖି ଆମେରିକା ଅଣପାରମ୍ପରିକ ବାଣିଜ୍ୟ ଚୁକ୍ତିନାମା ଆରମ୍ଭ କରିଛି। ଇଣ୍ଡୋ-ପାସିଫିକ୍ ଇକୋନୋମିକ୍ ଫ୍ରେମ୍‌ୱାର୍କ (ଆଇପିଇଏଫ୍)ରେ ଭାରତ ସମେତ ୧୨ଟି ରାଷ୍ଟ୍ରକୁ ସାମିଲ କରାଯାଇଛି। ଆଇପିଇଏଫ୍ ଏକ ପାରମ୍ପରିକ ବାଣିଜ୍ୟ ଡିଲ୍ ନୁହେଁ, ବରଂ ଅର୍ଥନୈତିକ ବ୍ୟବସ୍ଥାର ଏକ ନୂଆ ନମୁନା। ଏହି ଡିଲ୍ ଏକବିଂଶ ଶତାବ୍ଦୀରେ ବାଣିଜ୍ୟ, କାରିଗରି ଏବଂ ଯୋଗାଣ ଶୃଙ୍ଖଳ ପାଇଁ ସର୍ତ୍ତ ଓ ନିୟମ ଧାର୍ଯ୍ୟ କରିବ ବୋଲି ଆମେରିକାର ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଜେକ୍ ସୁଲ୍ଲିଭିଆନ୍ ସୂଚନା ଦେଇଛନ୍ତି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍, ଜାପାନ ପ୍ରଧାନମନ୍ତ୍ରୀ ଫୁମିଓ କିଶିଡା, ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ସହଯୋଗୀ ରାଷ୍ଟ୍ରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଏହି ଫୋରମ୍ ଗଠନ କରାଯାଇଛି। ଆଇପିଇଏଫ୍‌ର ଅନ୍ୟ ସଦସ୍ୟ ରାଷ୍ଟ୍ର ହେଲେ ଅଷ୍ଟ୍ରେଲିଆ, ବ୍ରୁନେଇ, ଇଣ୍ଡୋନେସିଆ, ଜାପାନ, ଦକ୍ଷିଣ କୋରିଆ, ମାଲେସିଆ, ନ୍ୟୁଜିଲାଣ୍ଡ, ଫିଲିପାଇନ୍ସ, ସିଙ୍ଗାପୁର, ଥାଇଲାଣ୍ଡ ଓ ଭିଏତ୍‌ନାମ। ବିଶ୍ୱର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪୦% ଅବଦାନ ହେଉଛି ଏହି ୧୨ ସହଯୋଗୀ ରାଷ୍ଟ୍ରର। ଏହି ଅବସରରେ ଶକ୍ତି, ଯୋଗାଣ ଶୃଙ୍ଖଳ ଓ ଡିଜିଟାଲ ଟ୍ରେଡ୍ କ୍ଷେତ୍ରରେ ସମଭାବାପନ୍ନ ରାଷ୍ଟ୍ରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବାଇଡେନ୍ କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୋଦି କହିଥିଲେ, ଆଇପିଇଏଫ୍ ହେଉଛି ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରକୁ ବିଶ୍ୱ ଆର୍ଥିକ ଅଭିବୃଦ୍ଧିର ଇଞ୍ଜିନରେ ପରିଣତ କରିବା ପାଇଁ ଏକ ସାମଗ୍ରିକ ଆଗ୍ରହକୁ ନେଇ ଘୋଷଣାନାମା। ସହଯୋଗୀ ରାଷ୍ଟ୍ରଗୁଡ଼ିକ ସମ୍ମୁଖୀନ ହେଉଥିବା ଆର୍ଥିକ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଗଠନମୂଳକ ପନ୍ଥା ବାହାର କରିବା ଆବଶ୍ୟକ। ସମସ୍ତ ଇଣ୍ଡୋ-ପାସିଫିକ୍ ଦେଶକୁ ନେଇ ଭାରତ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ।

## ନିରପେକ୍ଷ ରହିବା ସମ୍ଭବ ନୁହେଁ

**ଡାଭୋସ୍, ୨୩।୫**

ଅନ୍ତର୍ଜାତୀୟ ଆଇନ କଥା ଉଠିଲେ କୌଣସି ପ୍ରସଙ୍ଗରେ ନିରପେକ୍ଷ ରହିବା ସମ୍ଭବ ନୁହେଁ ବୋଲି ଡବ୍ଲ୍ୟୁଇଏଫ୍ ବାର୍ଷିକ ସମ୍ମିଳନୀରେ କହିଛନ୍ତି ସୁଇଜରଲାଣ୍ଡ ରାଷ୍ଟ୍ରପତି ଇଗ୍‌ନାଜିଓ କେସିସ୍। ଏହା ବଦଳରେ ଆମକୁ କ୍ରୂରତା ଆଗରେ ଗଣତନ୍ତ୍ର ଅଧିକ ଶକ୍ତିଶାଳୀ ହେବା ଜରୁରୀ। ଆଇନ ଉଲ୍ଲଂଘନକାରୀଙ୍କୁ ସହ୍ୟ କରିବା ପରିବର୍ତ୍ତେ ଅନ୍ତର୍ଜାତୀୟ ଆଇନ ଆହୁରି କଠୋର ହେବା ଉଚିତ। ଗଣତନ୍ତ୍ର ଉପରେ ବିପଦ ସୃଷ୍ଟି ହେଲେ ବଡ଼ସ୍ତରରେ ଚିନ୍ତା କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ଏହି ଅବସରରେ ଇଗ୍‌ନାଜିଓ ୟୁକ୍ରେନ୍-ରୁଷିଆ ପ୍ରସଙ୍ଗରେ ମଧ୍ୟସ୍ଥତା କରିବା ଏବଂ ସମାଧାନର ରାସ୍ତା ବାହାର କରିବା ନିମନ୍ତେ ମଞ୍ଚ ପ୍ରସ୍ତୁତ ପାଇଁ ରାଜି ଥିବା କହିଥିଲେ। ଏଥିସହ ଏକ ସ୍ୱାଧୀନ ଗଣତନ୍ତ୍ର ରାଷ୍ଟ୍ର ଉପରେ ଆକ୍ରମଣ ଏବଂ ଏହାର ସହରଗୁଡ଼ିକୁ ଶ୍ମଶାନରେ ପରିଣତ କରିବାକୁ ସେ ନିନ୍ଦା କରିଥିଲେ।



ରୁଷିଆ-ୟୁକ୍ରେନ୍ ପ୍ରସଙ୍ଗରେ ମଧ୍ୟସ୍ଥତା ପ୍ରସ୍ତାବ ଦେଲେ ସୁଇଜରଲାଣ୍ଡ ରାଷ୍ଟ୍ରପତି

## ରୋପ୍‌ୱେରେ ୪୦ ମିନିଟ ଅଟକିଲେ ୨୮ ଭକ୍ତ

**ଭୋପାଳ, ୨୩।୫**

ମଧ୍ୟପ୍ରଦେଶର ସତ୍‌ନା ଜିଲାରେ ସୋମବାର ପ୍ରବଳ ବର୍ଷା ପବନ ଯୋଗୁ ରୋପ୍‌ୱେ ଅଚଳ ହୋଇଯାଇଥିଲା। ଫଳରେ ମୈହର ପାହାଡ଼ ଉପରେ ଥିବା ମା' ସାରଦା ଦେବୀ ମନ୍ଦିରକୁ ଯାଉଥିବା ୨୮ ଜଣ ଭକ୍ତ ୭ଟି ରୋପ୍‌ୱେ ଟ୍ରଲିରେ ୪୦ ମିନିଟ୍‌ରୁ ଊର୍ଦ୍ଧ୍ୱ ସମୟ ଅଧା ବାଟରେ ଝୁଲି ରହିଥିଲେ। ସେମାନଙ୍କୁ ଉଦ୍ଧାର କରାଯାଇଛି। ଝଡ଼ତୋଫାନ ହେବ ବୋଲି ପାଣିପାଗ ବିଭାଗ କହିବା ସହ ରୋପ୍‌ୱେ ବନ୍ଦ ରଖିବାକୁ ସତର୍କ କରାଯାଇଥିଲା। ଏହା ସତ୍ତ୍ୱେ ରୋପ୍‌ୱେ ପରିଚାଳନା ସଂସ୍ଥା ସେବା ବନ୍ଦ କରି ନ ଥିଲେ।

## ନିଷ୍ଠୁର ଶକ୍ତି ବିଶ୍ୱକୁ ଶାସନ ନ କରୁ

**ଡାଭୋସ୍, ୨୩।୫**

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ୩ ମାସ ପୂରିଥିବାବେଳେ ଏହି ପୂର୍ବ ୟୁରୋପୀୟ ରାଷ୍ଟ୍ରର ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ସୋମବାର ବିଶ୍ୱ ଅର୍ଥନୈତିକ ଫୋରମ୍ ମଞ୍ଚରେ ଭର୍ଚୁଆଲ ଉଦ୍‌ବୋଧନ ଦେଇଛନ୍ତି। ଜେଲେନ୍‌ସ୍କି କହିଛନ୍ତି, ଏବେ ରୁଷିଆ ଉପରେ ଲାଗିଥିବା କଟକଣା ଯଥେଷ୍ଟ ନୁହେଁ। ସର୍ବାଧିକ କଟକଣା ଲଗାଇ ରୁଷିଆ ଅର୍ଥନୀତିକୁ ଦୁର୍ବଳ କରାଯିବାର ଆବଶ୍ୟକତା ରହିଛି। ରୁଷିଆରୁ ତୈଳ ଆମଦାନୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍, ବୈଶ୍ୱିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରୁ ଏହାର ସମସ୍ତ ବ୍ୟାଙ୍କକୁ ହଟାଯିବା ସହ ଏହି ଦେଶ ସହ ସବୁ ପ୍ରକାର ବ୍ୟବସାୟ ବନ୍ଦ କରାଯିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ତାଙ୍କ ଦେଶକୁ ରୁଷିଆ ଆକ୍ରମଣରୁ ବଞ୍ଚାଇବାକୁ ସେ ଅଧିକରୁ ଅଧିକ ଯୁଦ୍ଧାସ୍ତ୍ର ମାଗିଛନ୍ତି। ନିଷ୍ଠୁର ଶକ୍ତି ବିଶ୍ୱକୁ ଶାସନ କରିବାକୁ ଦିଆଯାଇପାରିବ ନାହିଁ। ଏଥିପାଇଁ ଏକ ଚୁକ୍ତି ସୁନିଶ୍ଚିତ ହେବା ଜରୁରୀ ବୋଲି ଜେଲେନ୍‌ସ୍କି କହିଛନ୍ତି। ଆମକୁ ଏହି ଯୁଦ୍ଧ ଜିତିବାକୁ ପଡ଼ିବ ଏବଂ ଏଥିପାଇଁ ଆମକୁ ସହାୟତା ଲୋଡ଼ା ବୋଲି ସେ ପ୍ରକାଶ କରିଛନ୍ତି।



ଭୋଲୋଡିମିର ଜେଲେନ୍‌ସ୍କି

## ବୋଟ୍ ବୁଡ଼ି ୧୪ ମୃତ

**ୟାଙ୍ଗୋନ୍, ୨୩।୫**

ମ୍ୟାନ୍‌ମାର ସମୁଦ୍ରରେ ବୋଡ୍ ବୁଡି ୧୪ ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାରେ ୧୨ ମହିଳା ଏବଂ ୨ ବାଳକଙ୍କ ମୃତ୍ୟୁ ହୋଇଛି। ମୃତକମାନେ ରୋହିଙ୍ଗ୍ୟା ମୁସଲମାନ ସମ୍ପ୍ରଦାୟର ବୋଲି ଜଣାପଡ଼ିଛି। ବୋଟ୍ ଯୋଗେ ମ୍ୟାନ୍‌ମାରର ଏହି ଶରଣାର୍ଥୀମାନେ ୱେଷ୍ଟର୍ନ ମ୍ୟାନ୍‌ମାରରୁ ମାଲେସିଆ ଅଭିମୁଖେ ଯାତ୍ରା କରୁଥିବା କୁହାଯାଉଛି। ଅନ୍ୟପଟେ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି ବୋଟ୍ ମାଲିକଙ୍କ ସମେତ ଅନ୍ୟ ୩୫ ଯାତ୍ରୀ। ୨୦୧୭ ପରଠାରୁ ବହୁମାତ୍ରାରେ ରୋହିଙ୍ଗ୍ୟା ମୁସଲମାନ ମ୍ୟାନ୍‌ମାର ଛାଡ଼ି ଅନ୍ୟ ଦେଶରେ ଯାଇ ରହୁଛନ୍ତି।

## ଆଜି ଆସିପାରେ ଜ୍ଞାନବାପି ରାୟ

**ବାରାଣସୀ, ୨୩।୫(ଆଇଏଏନ୍‌ଏସ୍)**

ବାରାଣସୀ ଜିଲା ଜଜ୍ ଜ୍ଞାନବାପି ମସ୍‌ଜିଦ ବିବାଦ ମାମଲାର ଶୁଣାଣି ସୋମବାର ଶେଷ କରିବା ସହ ରାୟ ସଂରକ୍ଷିତ ରଖିଛନ୍ତି। ମଙ୍ଗଳବାର ରାୟ ପ୍ରକାଶ ପାଇବା ଆଶା କରାଯାଉଛି। ଉକ୍ତ ମସ୍‌ଜିଦ ପରିସରରେ ଶ୍ରୀଙ୍ଗାର ଗୌରୀଙ୍କ ଦୈନନ୍ଦିନ ପୂଜାର୍ଚ୍ଚନା ଲାଗି ହିନ୍ଦୁ ପକ୍ଷ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ଏଥିସହିତ ମସ୍‌ଜିଦ ୱାଜୁଖାନାରୁ ମିଳିଥିବା ଶିବଲିଙ୍ଗର ପୂଜା କରାଯିବା ସହ ସେଠାରୁ ଭଗ୍ନାବଶେଷ ହଟାଯିବା ପାଇଁ ମଧ ସେମାନେ କୋର୍ଟଙ୍କୁ ନିବେଦନ କରିଥିଲେ। ଅନ୍ୟପକ୍ଷରେ ମୁସଲମାନ ପକ୍ଷ ୱାଜୁଖାନା ଅଞ୍ଚଳ ସିଲ୍‌କୁ ବିରୋଧ କରିବା ସହ ପୂଜାର୍ଚ୍ଚନା ସ୍ଥାନ ଆଇନ, ୧୯୯୧ ଆଧାରରେ ଜ୍ଞାନବାପି ସର୍ଭେର ପୁନର୍ବିଚାର କରିବା ଲାଗି ଅଦାଲତଙ୍କୁ ଅନୁରୋଧ କରିଥିଲେ।

ବାରାଣସୀ ଜିଲା ଜଜ୍ ଡ. ଏ.କେ. ବିଶ୍ୱେଷଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ବହିଷ୍କୃତ କମିଶନର ଅଜୟ ମିଶ୍ରା ଦାଖଲ କରିଥିବା ସର୍ଭେ ରିପୋର୍ଟର ନକଲକୁ ଗ୍ରହଣ କରିଛନ୍ତି। ଗତ ୨୦ ତାରିଖରେ ସୁପ୍ରିମକୋର୍ଟ ଜ୍ଞାନବାପି ମସ୍‌ଜିଦ ବିବାଦ ମାମଲାକୁ ବାରାଣସୀ ଜିଲା ଜଜ୍ କୋର୍ଟକୁ ସ୍ଥାନାନ୍ତର କରିଥିଲେ। ମାମଲାର ଜଟିଳତା ଓ ସମ୍ବେଦନଶୀଳତା ଦୃଷ୍ଟିରୁ ଏହାକୁ ଉତ୍ତରପ୍ରଦେଶ ନ୍ୟାୟିକ ସେବାର ଜଣେ ବରିଷ୍ଠ ତଥା ଅଭିଜ୍ଞତାସମ୍ପନ୍ନ ବିଚାରପତି ଏହାର ଶୁଣାଣି କରିବେ ବୋଲି ସିଜେଆଇ ଜଷ୍ଟିସ ଏନ୍.ଭି. ରମନାଙ୍କ ଖଣ୍ଡପୀଠ କହିଥିଲେ।

ଶିବଲିଙ୍ଗ ମିଳିଥିବା ସ୍ଥାନକୁ କୋର୍ଟଙ୍କ ନିର୍ଦ୍ଦେଶରେ ସିଲ୍ କରାଯାଇଥିବା ବେଳେ ଅନ୍ୟତ୍ର ୱୁଜୁ କରିବା ଲାଗି ବ୍ୟବସ୍ଥା ହୋଇଛି। ଏହା ସତ୍ତ୍ୱେ ୱାଜୁଖାନାରେ ମେ' ୧୬ରୁ ୧୯ ମଧ୍ୟରେ ୱୁଜୁ କରିଥିବା ଲୋକଙ୍କ ବିରୋଧରେ ଆଇପିସିର ଧାରା ୧୫୩ଏ(୨) ଏବଂ ୫୦୫(୩)ରେ ଏତଲା ଦାଏର ପାଇଁ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ହିନ୍ଦୁ ପକ୍ଷ ଆବେଦନ କରିଛନ୍ତି।

## ବିବାଦରେ କର୍ନାଟକର ଆଉ ଏକ ମସ୍‌ଜିଦ

**ଦକ୍ଷିଣ କନ୍ନଡ, ୨୩।୫(ଆଇଏଏନ୍‌ଏସ୍)**

କର୍ନାଟକର ଶ୍ରୀରଙ୍ଗାପାଟନା ଜାମିଆ ମସ୍‌ଜିଦ ବିବାଦ ପରେ ଏବେ ଉକ୍ତ ରାଜ୍ୟର ଦକ୍ଷିଣ କନ୍ନଡ ଜିଲାରେ ଥିବା ମାଲାଲି ମସ୍‌ଜିଦକୁ ନେଇ ବିବାଦ ମୁଣ୍ଡ ଟେକିଛି। ମାଲାଲିର ଆସାୟିଦ୍ ଅବଦୁଲ୍ଲାହିଲ ମଦାନି ମସ୍‌ଜିଦର ନବୀକରଣ କାର୍ଯ୍ୟ ଲାଗି ଖନନ ବେଳେ ମନ୍ଦିର ଢାଞ୍ଚା ମିଳିବା ପରେ ବିବାଦ ସୃଷ୍ଟି ହୋଇଛି। ଏହି ପ୍ରସଙ୍ଗକୁ ଆଗକୁ ନେବା ଲାଗି ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ କର୍ମୀମାନେ ନିଷ୍ପତ୍ତି ନେଇଛନ୍ତି। କାମ ବନ୍ଦ ଲାଗି କୋର୍ଟ ନିର୍ଦ୍ଦେଶ ଦେବା ପରେ ଏହି ପ୍ରସଙ୍ଗ ନ ଉଠାଇବାକୁ ପୂର୍ବରୁ ହିନ୍ଦୁ ପକ୍ଷ ନିଷ୍ପତ୍ତି ନେଇଥିଲା। ତେବେ ସତ ପଦାକୁ ଆଣିବା ଲାଗି ଭିଏଚ୍‌ପି ଏବଂ ବଜରଙ୍ଗ ଦଳ କର୍ମୀ ଚାହୁଁଛନ୍ତି।

କର୍ନାଟକ ଉପକୂଳ ଅଞ୍ଚଳରେ ସାଧାରଣତଃ ଲୋକେ ସେମାନଙ୍କ ପୂର୍ବଜଙ୍କ ଇତିହାସ ଜାଣିବା ଲାଗି ପୂଜକଙ୍କ ଦ୍ୱାରସ୍ଥ ହୋଇଥାନ୍ତି। ଏହା ଏକ ବିଶ୍ୱସ୍ତ ପ୍ରଥା ଭାବେ ରହିଆସିଛି। ଏହାକୁ ତମ୍ବୁଲା ପ୍ରଶ୍ନ କୁହାଯାଏ। ମାଲାଲି ମସ୍‌ଜିଦ ଏକଦା ମନ୍ଦିର ଥିଲା ବୋଲି ଯଦି ପୂଜକ କହିବେ, ତେବେ ହିନ୍ଦୁ କର୍ମୀମାନେ ଆଇନର ଆଶ୍ରୟ ନେବେ ଓ ମସ୍‌ଜିଦରେ ସେମାନଙ୍କ ଅଧିକାର ଦାବି ଲାଗି ଅନ୍ୟ ପନ୍ଥା ଆପଣାଇବେ। ମସ୍‌ଜିଦର ଇତିହାସ ସମ୍ପର୍କରେ ନିଶ୍ଚିତ ହେବା ଲାଗି ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ହିନ୍ଦୁ କର୍ମୀ ଅଷ୍ଟମଙ୍ଗଳ ପ୍ରଶ୍ନ କରିପାରନ୍ତି। ଏହା ଅଧିକ ପାରମ୍ପରିକ ହିନ୍ଦୁ ଜ୍ୟୋତିଷଶାସ୍ତ୍ର ପଦ୍ଧତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୨,୭୮,୪୧,୬୬୮ | ୬୩,୦୦,୯୪୧ | ୪୯,୮୧,୦୫,୪୦୯ |
| ଭାରତ | ୪,୩୧,୩୮,୩୯୩ | ୫,୨୪,୪୫୯ | ୪,୨୫,୯୯,୧୦୨ |
| ଓଡ଼ିଶା | ୧୨,୮୮,୩୭୯ | ୯୧୨୬(+୫୩) | ୧୨,୭୯,୧୧୮ |

ସୋମବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଏମ୍ସରେ କର୍କଟ ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ଡେ' କେୟାର, ଓପିଡି ସେବା ଆରମ୍ଭ

## ଅଲଗା ହେଲା ମେଡିକାଲ୍ ଅନ୍‌କୋଲୋଜି ୟୁନିଟ୍

- ସବୁଦିନ ମିଳିବ ଡେ' କେୟାର, ମଙ୍ଗଳବାର ଓ ଗୁରୁବାର ଓପିଡି ସେବା
- ଆରମ୍ଭ ହେବ ମେଡିକାଲ ଅନ୍‌କୋଲୋଜିରେ ଡିଏମ୍ ପାଠ୍ୟକ୍ରମ

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ଭୁବନେଶ୍ୱର ଏମ୍ସରେ ସ୍ୱତନ୍ତ୍ର ମେଡିକାଲ୍ ଅନ୍‌କୋଲୋଜି ୟୁନିଟ୍ ସୋମବାର ଖୋଲିଛି। ଏଥିରେ ମେଡିକାଲ ଅନ୍‌କୋଲୋଜି/ହେମାଟୋଲୋଜି ବିଭାଗର ମେଡିକାଲ ଅନ୍‌କୋଲୋଜି ଡିଭିଜନ ପକ୍ଷରୁ ଏକ ଉତ୍ସର୍ଗୀକୃତ ଡେ' କେୟାର୍ ଏବଂ ଓପିଡି ସେବା ଆରମ୍ଭ ହୋଇଛି। ଏମ୍ସର ନିର୍ଦ୍ଦେଶକ ଡା. ମୁକେଶ ତ୍ରିପାଠୀ ହସ୍ପିଟାଲର ଜି ବ୍ଲକ୍‌ରେ ଥିବା ଏହି ୟୁନିଟ୍‌କୁ ଉଦ୍‌ଘାଟନ କରି କହିଛନ୍ତି, ଏହା କର୍କଟ ରୋଗୀଙ୍କୁ କେମୋଥେରାପି ଚିକିତ୍ସା କ୍ଷେତ୍ରରେ ଏମ୍ସର ପ୍ରତିବଦ୍ଧତାକୁ ଦୋହରାଇବା ସହିତ ଏଠାରେ ଅଧିକ ଉତ୍ସାହ ଏବଂ ଉତ୍ସର୍ଗୀକୃତ ସେବା ମିଳିବ। ଏମ୍ସ ମେଡିକାଲ୍ ଅନ୍‌କୋଲୋଜି ବିଭାଗର ଏହି ବ୍ୟବସ୍ଥା ନିଶ୍ଚିତ ଭାବରେ କେମୋଥେରାପି ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କୁ ସାହାଯ୍ୟ କରିବ ବୋଲି ଡା. ତ୍ରିପାଠୀ କହିଛନ୍ତି। କଟକ ଆଚାର୍ଯ୍ୟ ହରିହର କର୍କଟ ସେବା କେନ୍ଦ୍ର ପରେ ସରକାରୀ ସ୍ତରରେ ଏମ୍ସରେ ଏହି ଦ୍ୱିତୀୟ ଉତ୍ସର୍ଗୀକୃତ ମେଡିକାଲ ଅନ୍‌କୋଲୋଜି ୟୁନିଟ୍ ସ୍ଥାପନ ହୋଇଛି। ଏମ୍ସରେ ପୂର୍ବରୁ ଅନ୍‌କୋଲୋଜି ବିଭାଗ ହେମାଟୋଲୋଜି ବିଭାଗ ସହିତ ଏକକାଳୀନ ଓପିଡି ଓ ଡେ' କେୟାର ସେବା ପ୍ରଦାନ କରୁଥିଲା। ତେବେ ଅନ୍‌କୋଲୋଜି ବିଭାଗରେ ବହୁ ସଂଖ୍ୟକ ରୋଗୀ ପରାମର୍ଶ ଲୋଡୁଥିବାରୁ ଏନେଇ ସ୍ୱତନ୍ତ୍ର ସ୍ଥାନର ଆବଶ୍ୟକତା ଥିଲା। ବର୍ତ୍ତମାନ ପାଇଁ ଏହି ବିଭାଗରୁ ସେବା ନେବାକୁ ଆସୁଥିବା କର୍କଟ ରୋଗୀମାନେ ସିଧାସଳଖ ଜି ବ୍ଲକ୍‌ରେ ପଞ୍ଜୀକରଣ କରିପାରିବେ। ଫଳରେ ଆଉ ଲମ୍ବା ସମୟ ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ। ମେଡିକାଲ୍ ଅନ୍‌କୋଲୋଜି ସେବା ପ୍ରତି ମଙ୍ଗଳବାର ଏବଂ ଗୁରୁବାର ପ୍ରଦାନ କରାଯିବ। ଡେ' କେୟାର୍ ସେବା ସପ୍ତାହର ସବୁଦିନ ଚାଲିବ ବୋଲି ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଉକ୍ତ ୟୁନିଟ୍‌ର ଶୁଭାରମ୍ଭ ଅବସରରେ ଏମ୍ସର ମେଡିକାଲ ଅଧୀକ୍ଷକ ଡ. ସଚ୍ଚିଦାନନ୍ଦ ମହାନ୍ତି ଏହି ସେବାରେ ସାମିଲ ହୋଇଥିବା ଚିକିତ୍ସକ ଓ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ମେଡିକାଲ ଅନ୍‌କୋଲୋଜି/ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ପ୍ରବୋଧ ଦାସ, ଜେଏମ୍ଏସ୍ ଡା. ଜେ. ଏସ୍. ପିଲାଇ, ଆସୋସିଏଟ୍ ପ୍ରଫେସର ଡା. ସୌରଭ କୁମାର ମିଶ୍ର ଏବଂ ବିଭାଗର ସହକାରୀ ପ୍ରଫେସର ଡା. ଇଲାଭାରାସି ଭାନିଡାସାନେ ମଧ୍ୟ ଉପସ୍ଥିତ ଥିଲେ। ଡା. ଇଲାଭାରାସୀ ଓ ଡା. ସୌରଭ ନୂତନ ଭାବେ ଏହି ବିଭାଗରେ ଅଧ୍ୟାପିକା/ଅଧ୍ୟାପକ ଭାବେ ଯୋଗଦେଇ ଏମ୍ସ ଭୁବନେଶ୍ୱରରେ ମେଡିକାଲ ଅନ୍‌କୋଲୋଜି ସେବା ଆରମ୍ଭ କରିଛନ୍ତି। ଭବିଷ୍ୟତରେ ମେଡିକାଲ ଅନ୍‌କୋଲୋଜିରେ ଡିଏମ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ରହିଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି।




# ଜଗନ୍ନାଥଙ୍କ ଭଜନ ଗାଇଲେ ହ୍ୟୁମାନ ସାଗର


ହ୍ୟୁମାନ ସାଗରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## 'ସୁଯୋଗ ମିଳିଲା, ଜୀବନର ଶେଷ ପର୍ଯ୍ୟନ୍ତ ଗାଉଥିବି'

**ନିଶ୍ଚିନ୍ତକୋଇଲି, ୨୩ା୫(ସ୍ୱ.ପ୍ର)**

ବିବାଦ ପରେ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ରବିବାର ରାତିରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁରସ୍ଥିତ ବ୍ରହ୍ମକ୍ଷେତ୍ର ପୀଠରେ ଚାଲିଥିବା ମାହାଙ୍ଗା ମହୋତ୍ସବରେ ପ୍ରଥମ ଜଗନ୍ନାଥ ଭଜନ ଗାଇଛନ୍ତି। ଏହି ଅବସରରେ ସେ 'ଦଣ୍ଡବତ ହେଲି ତୋରି ପାଦରେ' ଭଜନ ଗାଇ ଦର୍ଶକ ଓ ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପରେ ମାହାଙ୍ଗା ମହୋତ୍ସବ କମିଟି ପକ୍ଷରୁ ତାଙ୍କୁ ଜଗନ୍ନାଥଙ୍କ ଫଟୋ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

ହ୍ୟୁମାନଙ୍କୁ ଜଗନ୍ନାଥଙ୍କ ଭଜନ ଗାଇବାକୁ କହିବାରୁ ଧମକପୂର୍ଣ୍ଣ ଫୋନ୍ କଲ୍ ଆସୁଛି ବୋଲି ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଶୁକ୍ରବାର ଖାରବେଳନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଥାନାରେ ମାମଲା (ନଂ.୧୪୯/୨୨) ରୁଜୁ ହୋଇଥିଲା। ଏଥିସହ ଉକ୍ତ ଫୋନ କଲ୍‌ର ରେକର୍ଡିଂ ସୋସିଆଲ ମିଡିଆରେ ଭାଇରାଲ ହେବାପରେ ହ୍ୟୁମାନ ବିବାଦଘେରକୁ ଚାଲିଆସିଥିଲେ। ଏବେ ମହାପ୍ରଭୁଙ୍କ ଗୀତ ଗାଇବା ସମ୍ପର୍କରେ ହ୍ୟୁମାନ କୁହନ୍ତି, ପୂର୍ବରୁ ଜଗନ୍ନାଥଙ୍କ ଭଜନ ଗାଇବା ପାଇଁ ସୁଯୋଗ ପାଇ ନ ଥିଲି। ଏବେ ସେ ସୁଯୋଗ ମିଳିଛି। ଜୀବନର ଶେଷପର୍ଯ୍ୟନ୍ତ ଜଗନ୍ନାଥଙ୍କ ଭଜନ ଗାଇବି।

# ସ୍ୱାଧୀନତା ସଂଗ୍ରାମୀ ଗୋରା ବେହେରାଙ୍କ ପରଲୋକ



**ଖଣ୍ଡପଡ଼ା, ୨୩ା୫(ସ୍ୱ.ପ୍ର.):** ଭାରତର ସ୍ୱାଧୀନତା ସଂଗ୍ରାମରେ ବିଶେଷ ଅବଦାନ ପାଇଁ କ୍ରାନ୍ତି ଦିବସରେ ୪ର୍ଥ ଥର ପାଇଁ ସମ୍ମାନିତ ହୋଇଥିବା ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ପଞ୍ଚାୟତ ଛାମୁପାଟଣା ଗାଁର ସହଦେବ ବେହେରାଙ୍କ ସୋମବାର କଟକର ଏକ ଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୯ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥିଲେ। ସହଦେବ ଗୋରା ବେହେରା ନାମରେ ପରିଚିତ ଥିଲେ। ୧୯୨୩ରେ ଜନ୍ମ ଗ୍ରହଣ କରିଥିବା ମୁଣ୍ଡରେ ଗାନ୍ଧୀ ଟୋପି ପିନ୍ଧି ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନର ସନ୍ଦେଶକୁ ପ୍ରଚାର କରିବାରେ ନିୟୋଜିତ ଥିଲେ ସହଦେବ। ୧୯୩୮ରେ ସେ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇଥିଲେ। ଏଥିପାଇଁ ତାଙ୍କୁ ବହୁ ନିର୍ଯ୍ୟାତନା ସହିବାକୁ ପଡ଼ିଥିଲା। ୧୯୪୨ରେ ଗାନ୍ଧିଜୀଙ୍କ ଭାରତଛାଡ଼ ଆନ୍ଦୋଳନ ଡାକରାରେ ସେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଓ ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ କଟକ ସ୍ୱରାଜ ଆଶ୍ରମରେ ଅନୁଷ୍ଠିତ ବୈଠକରେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ନିଜକୁ ସାମିଲ କରିଥିଲେ। ଏଥିପାଇଁ ସେ ୪ଥର ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହୋଇଥିଲେ। ତାଙ୍କ ପରଲୋକ ଖବର ଜଣାପଡ଼ିବା ପରେ ଖଣ୍ଡପଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଛନ୍ତି। ତାଙ୍କ ମୃତ୍ୟୁରେ ପୂର୍ବତନ ଉପବାଚସ୍ପତି ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ, ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ, ସିଦ୍ଧାର୍ଥ ଶେଖର ସିଂ, ନୟାଗଡ଼ ଜିଲାପାଳ ଡ. ପୋମା ଟୁଡୁ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି। ସ୍ଥାନୀୟ ମହିମା ଆଶ୍ରମ ନିକଟ ଶ୍ମଶାନ ଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁତ୍ର ବିଜୟ ବେହେରା ମୁଖାଗ୍ନି ଦେଇଥିଲେ।

# ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନରେ ଦିଆଯିବ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ

## ଏସ୍‌ସିଟିଇଭିଟି, ଜେଏସ୍ଏଲ୍ ମଧ୍ୟରେ ଏମ୍ଓୟୁ

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ଆସନ୍ତା ଜୁନ୍‌ରୁ ଓଡ଼ିଶାର ସମସ୍ତ ପଲିଟେକ୍‌ନିକ ଶିକ୍ଷାନୁଷ୍ଠାନରେ ଷ୍ଟେନଲେସ୍ ଷ୍ଟିଲ୍ ପାଠ୍ୟକ୍ରମ ତାଲିମ ପ୍ରଦାନ କରାଯିବ। ଏନେଇ ସୋମବାର ରାଜ୍ୟ ବୈଷୟିକ ଶିକ୍ଷା ଏବଂ ଧନ୍ଦାମୂଳକ ପ୍ରଶିକ୍ଷଣ ପରିଷଦ(ଏସ୍‌ସିଟିଇଭିଟି) ଏବଂ ଜିନ୍ଦଲ ଷ୍ଟେନ୍ ଲେସ୍ (ଜେଏସ୍ଏଲ୍) ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଷ୍ଟେନ୍‌ଲେସ୍ ଷ୍ଟିଲ୍ ଓ ଏହାର ବିଭିନ୍ନ ପ୍ରୟୋଗ କ୍ଷେତ୍ରରେ ବୈଷୟିକ ଶିକ୍ଷାକୁ ପ୍ରୋତ୍ସାହିତ କରିବା ହେଉଛି ଏହାର ମୁଖ୍ୟ ଲକ୍ଷ୍ୟ। ଏସ୍‌ସିଟିଇଭିଟି ଉପାଧ୍ୟକ୍ଷ ରେଘୁ ଜି ଏବଂ ଜେଏସଏଲ୍ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ କରିଥିବା ଉକ୍ତ ଚୁକ୍ତି ସ୍ୱାକ୍ଷର ଅନୁସାରେ, ତାଲିମ୍‌ରେ 'ବାଧ୍ୟତାମୂଳକ' ଏବଂ 'ଚୟନମୂଳକ' ଭଳି ଦୁଇଟି ମଡ୍ୟୁଲ୍ ରହିବ। ପ୍ରତ୍ୟେକ ବ୍ୟାଚ୍ ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପଞ୍ଚମ ସେମିଷ୍ଟର ଛାତ୍ରୀଛାତ୍ରଙ୍କ ପାଇଁ ଜୁନ୍‌ରୁ ଷ୍ଟେନଲେସ୍ ଷ୍ଟିଲ୍ ଉପରେ ଏକ ଅତିରିକ୍ତ ବାଧ୍ୟତାମୂଳକ ମଡ୍ୟୁଲ ଆରମ୍ଭ ହେବ। ଏଥିରେ କେବଳ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଉପରେ ୧୦ଟି ଶିକ୍ଷାଦାନ ଅଧିବେଶନ ଅନ୍ତର୍ଭୁକ୍ତ ରହିବ। ପ୍ରଶିକ୍ଷାର୍ଥୀଙ୍କ ପାଇଁ ଶିଳ୍ପ ପରିଦର୍ଶନର ବ୍ୟବସ୍ଥା ସହ ପ୍ରଶିକ୍ଷକଙ୍କ ଲାଗି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିବ ଜିନ୍ଦଲ ଷ୍ଟେନ୍‌ଲେସ୍।

ସରକାରୀ ପଲିଟେକ୍‌ନିକ ଯାଜପୁର ଓ କେନ୍ଦ୍ରାପଡ଼ା ଏବଂ ବୋଷ୍ କଟକର ଷଷ୍ଠ ସେମିଷ୍ଟର ମେଟାଲର୍ଜି ଏବଂ ମେକାନିକାଲ ଇଞ୍ଜିନିୟରିଂ ପ୍ରଶିକ୍ଷାର୍ଥୀଙ୍କ ପାଇଁ ଚୟନମୂଳକ ମଡ୍ୟୁଲରେ ୪୦ ଅଧିବେଶନ ସହିତ ୩ କ୍ରେଡିଟ ପାଠ୍ୟକ୍ରମ ରହିବ। ପ୍ରଶିକ୍ଷାର୍ଥୀମାନେ ସେମାନଙ୍କ ପଞ୍ଚମ ସେମିଷ୍ଟର ପରେ ଚୟନମୂଳକ ପାଠ୍ୟକ୍ରମ ପାଇଁ ନାମ ଲେଖାଇପାରିବେ। ମନୋନୀତ ପ୍ରଶିକ୍ଷାର୍ଥୀମାନେ ଜିନ୍ଦଲ ଷ୍ଟେନଲେସ ଯାଜପୁର ପ୍ଲାଣ୍ଟରେ ୨୦ ଘଣ୍ଟା ଅବଧିର ଶିଳ୍ପ ତାଲିମ ନେବେ। ପାଠ୍ୟକ୍ରମ ସରିବା ପରେ ସମସ୍ତ ପ୍ରଶିକ୍ଷାର୍ଥୀ ଜିନ୍ଦଲ ଷ୍ଟେନଲେସ୍ ଏବଂ ସହଯୋଗୀ ଅନୁଷ୍ଠାନରୁ ମିଳିତ ଭାବେ ପ୍ରମାଣପତ୍ର ପାଇବେ। ପ୍ରଶିକ୍ଷାର୍ଥୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଧାର କରି କମ୍ପାନୀ ପ୍ରି-ପ୍ଲେସ୍‌ମେଣ୍ଟ ଅଫର ପ୍ରଦାନ କରିବ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି, ଜିନ୍ଦଲ ଷ୍ଟେନଲେସ୍‌ର ଏହି ସହଯୋଗ ବୈଷୟିକ ଶିକ୍ଷାକ୍ଷେତ୍ର ପାଇଁ ଏକ ମାନଦଣ୍ଡ ହେବ ଏବଂ ଏହା ପଲିଟେକ୍‌ନିକରେ ଶିଳ୍ପ ଆଭିମୁଖୀକରଣକୁ ବ୍ୟାପକ କରିବାରେ ସହାୟକ ହେବ। କାର୍ଯ୍ୟକ୍ରମରେ ଏସ୍‌ଡିଟିଇର ଅତିରିକ୍ତ ସଚିବ ତପନ ଶତପଥୀ, ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ ବିଜୟ ଶର୍ମା, ଜେଏସ୍ଏଲ୍ ରେସିଡେଣ୍ଟ ଡାଇରେକ୍ଟର ଏସ୍. ଏସ୍. ଉପାଧ୍ୟାୟ ଏବଂ ଜେଏସ୍ଏଲ୍ ବିକ୍ରୟ ଏବଂ ବଣ୍ଟନ ମହାପ୍ରବନ୍ଧକ ରଜିତ ରାଣା ପ୍ରମୁଖ ଉପସ୍ଥିତ ଥିଲେ।



ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଚୁକ୍ତି ସ୍ୱାକ୍ଷର ଅବସରରେ ଏସ୍‌ସିଟିଇଭିଟି ଉପାଧ୍ୟକ୍ଷ ରେଘୁ ଜି ଏବଂ ଜେଏସ୍ଏଲ୍ ୟୁନିଟ୍ ମୁଖ୍ୟ ଦୀପକ ଅଗ୍ରୱାଲ।

# କୋଭିଡ୍‌ବେଳେ ପ୍ରତି ୩୦ ଘଣ୍ଟାରେ ବିଲିୟନେୟାର ହୋଇଛନ୍ତି ଜଣେ

## ଚଳିତ ବର୍ଷ ଅତି ଗରିବ ହେବେ ୨ କୋଟି ୬୩ ଲକ୍ଷ

**ଡାଭୋସ୍, ୨୩ା୫:** କୋଭିଡ୍ ମହାମାରୀବେଳେ ପ୍ରତି ୩୦ ଘଣ୍ଟାରେ ଜଣେ ବିଲିଓନେୟାର ହୋଇଛନ୍ତି। ଅର୍ଥାତ ଏହି ସମୟରେ ୫୭୩ ଜଣ ଅରବପତି ପାଲଟିଛନ୍ତି। ଅପରପକ୍ଷେ ପ୍ରାୟ ୩୩ ଘଣ୍ଟାରେ ୧୦ ଲକ୍ଷ ଲୋକ ଅତି ଗରିବ ହେବାରେ ଲାଗିଥିବା ଡାଭୋସ୍‌ରେ ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲୁଇଏଫ୍) ସମ୍ମିଳନୀରେ ସୋମବାର ଅନ୍ତର୍ଜାତୀୟ ଦାତବ୍ୟ ସଂସ୍ଥା ଅକ୍ସଫାମ୍ ଏହାର ରିପୋର୍ଟରେ କହିଛି। ଏବେ ଧନୀଙ୍କଠାରୁ ଟିକସ ଆଦାୟ କରି ଗରିବଙ୍କୁ ସହାୟତା କରିବାର ସମୟ ବୋଲି ଅକ୍ସଫାମ ଆହ୍ୱାନ ଦେଇଛି। ଚଳିତ ବର୍ଷ ୨ କୋଟି ୬୩ ଲକ୍ଷ ଲୋକ ଅତି ଗରିବ ହେବାର ଆଶଙ୍କା ରହିଛି। କୋଭିଡ୍ ବିପତ୍ତି ଟଳି ନ ଥିବାବେଳେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଲୋକଙ୍କୁ ଗରିବ କରିବାରେ ଲାଗିଛି। ଏପରିସ୍ଥିତିରେ ବିଲିଓନେୟାରମାନେ ଡାଭୋସ୍ ମଞ୍ଚରେ ସେମାନଙ୍କ ଧନବୃଦ୍ଧି ପାଇଁ ସେଲିବ୍ରେଶନ କରିବାକୁ ଆସିଥିବା ଅକ୍ସଫାମ୍ କାର୍ଯ୍ୟକାରୀ ନିର୍ଦ୍ଦେଶକ ଗାବ୍ରିଏଲା ବୁଚେର କହିଛନ୍ତି।

ଗରିବଙ୍କ ସଂଖ୍ୟା ବୃଦ୍ଧିରେ ବ୍ରେକ୍ ଲଗାଇବା ପାଇଁ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ଉଦ୍ୟମ ସତ୍ତ୍ୱେ ଅଧିକରୁ ଅଧିକ ଲୋକ ଗରିବ ହେବାରେ ଲାଗିଛନ୍ତି। ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ପାଇଁ ପାଣ୍ଠି ଯୋଗାଣ ଓ ଅନ୍ୟାନ୍ୟ ପଦକ୍ଷେପ ନିମନ୍ତେ ଅରବପତିଙ୍କଠାରୁ ଏକକାଳୀନ ଟିକସ ଆଦାୟ କରାଯାଉ ବୋଲି ବୁଚେର କହିଛନ୍ତି। ମିଲିଓନେୟାରଙ୍କ ବାର୍ଷିକ ୨% ଏବଂ ବିଲିଓନେୟାରଙ୍କଠାରୁ ୫% ଟିକସ ଆଦାୟ ବର୍ଷକୁ ୨.୫୨ ଟ୍ରିଲିୟନ ଡଲାରର ପାଣ୍ଠି ସଂଗ୍ରହ ହୋଇପାରିବ। ଏହାଦ୍ୱାରା ୨୩୦ କୋଟି ଲୋକଙ୍କୁ ଗରିବ ସୀମାରେଖା ଉପରକୁ ଅଣାଯିବା ସହ ସେମାନଙ୍କ ନିମନ୍ତେ ଆବଶ୍ୟକ ଭାକ୍ସିନ ଏବଂ ଚିକିତ୍ସା ସେବା ଉପଲବ୍ଧ କରାଯାଇ ପାରିବ ବୋଲି ଅକ୍ସଫାମ୍ କହିଛି।

# ଯୁଦ୍ଧ ଅପରାଧୀଙ୍କୁ ଆଜୀବନ ଜେଲ

**କିଭ୍, ୨୩ା୫**

ୟୁକ୍ରେନ୍‌ରେ ନିରୀହ ଜନସାଧାରଣଙ୍କୁ ହତ୍ୟା ଭଳି ଯୁଦ୍ଧ ଅପରାଧ ଘଟାଇଥିବା ଜଣେ ୨୧ ବର୍ଷୀୟ ରୁଷୀୟ ସୈନ୍ୟ ଭାଦିମ୍ ଶିଶିମାରିନଙ୍କୁ କିଭ୍ କୋର୍ଟ ସୋମବାର ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ଫେବୃୟାରୀ ୨୪ରେ ପଡ଼ୋଶୀ ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣ କରିବା ପରଠୁ ଏହା ହେଉଛି କୌଣସି ରୁଷୀୟ ସୈନ୍ୟଙ୍କ ବିରୋଧରେ ପ୍ରଥମ ଦଣ୍ଡବିଧାନ। ୟୁକ୍ରେନ୍ ଜଜ୍ ସେର୍‌ହି ଆଗାଫୋନୋଭ୍ ରାୟ ଶୁଣାଇବାବେଳେ କହିଥିଲେ, ଫେବୃୟାରୀ ୨୮ରେ ଉଚ୍ଚ ଅଧିକାରୀଙ୍କଠାରୁ ନିର୍ଦ୍ଦେଶ ପାଇ ଭାଦିମ୍ ଉତ୍ତରପୂର୍ବ ୟୁକ୍ରେନ୍‌ର ଚୁପାଖିଭା ଗ୍ରାମରେ ଜଣେ ୬୨ ବର୍ଷୀୟ ନିରସ୍ତ୍ର ବୃଦ୍ଧଙ୍କ ମୁଣ୍ଡକୁ ଗୁଳି ଚଳାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ୧୯ ତାରିଖରେ କୋର୍ଟରେ ଶୁଣାଣିବେଳେ ଭାଦିମ୍ ନିଜ ଦୋଷ ସ୍ୱୀକାର କରିଥିଲେ। ଦଣ୍ଡବିଧାନବେଳେ ମୃତକଙ୍କ ସ୍ତ୍ରୀ ଉପସ୍ଥିତ ଥିଲେ। ଟ୍ରାଏଲ ବେଳେ ଭାଦିମ୍ ମୃତକଙ୍କ ସ୍ତ୍ରୀଙ୍କୁ କ୍ଷମା ମଧ୍ୟ ମାଗିଥିଲେ। ସେ ପ୍ରଥମେ ତାଙ୍କ ଉଚ୍ଚ ଅଧିକାରୀଙ୍କ କଥା ମାନି ନ ଥିଲେ। ହେଲେ ଏପରି କରିବାକୁ ତାଙ୍କୁ ପୁଣି ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଭାଦିମ୍ କହିଥିଲେ। ରୁଷିଆ ୟୁକ୍ରେନ୍‌ରେ ଅଦ୍ୟାବଧି ୧୦ ହଜାରରୁ ଊର୍ଦ୍ଧ୍ୱ ଯୁଦ୍ଧ ଅପରାଧ ଘଟାଇଥିବା କିଭ୍ ପକ୍ଷରୁ ଚିହ୍ନଟ କରାଯାଇଛି। ରୁଷିଆ ଆକ୍ରମଣରେ ଅନ୍ୟୁନ ୩,୮୩୮ ଜଣଙ୍କ ଜୀବନ ଯାଇଥିବା ଜାତିସଂଘ ସ୍ପଷ୍ଟ କରିଛି। ବୁଚା ଗଣହତ୍ୟା ପରେ ରୁଷିଆ ଜାତିସଂଘ ମାନବାଧିକାର ପରିଷଦ (ୟୁଏନ୍ଏଚ୍ଆରସି) ସଦସ୍ୟତା ହରାଇଛି।

ୱାର୍ କ୍ରାଇମ୍ ବା ଯୁଦ୍ଧ ଅପରାଧ ହେଉଛି ଯୁଦ୍ଧର ନିୟମ ଭଙ୍ଗ କରି ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ନିରସ୍ତ୍ର ନିରୀହ ନାଗରିକଙ୍କୁ ହତ୍ୟା କରିବା। ଯୁଦ୍ଧ ବନ୍ଦୀଙ୍କୁ ହତ୍ୟା କରିବା, ନିର୍ଯ୍ୟାତନା ଦେବା, ବନ୍ଧକ ରଖିବା ଏବଂ ଅନାବଶ୍ୟକ ଭାବେ ସାଧାରଣ ଜନତାଙ୍କ ସମ୍ପତ୍ତି ନଷ୍ଟ କରିବା ଏହି ଅପରାଧ ଅନ୍ତର୍ଭୁକ୍ତ। ଯୁଦ୍ଧ ସମୟରେ ଶତ୍ରୁପକ୍ଷ ରାଷ୍ଟ୍ରର ମହିଳାଙ୍କୁ ବଳାତ୍କାର କରିବା, ଶିଶୁଙ୍କୁ ମାରିବା, ଆତ୍ମସମର୍ପଣ ପରେ ମଧ୍ୟ ବଞ୍ଚିବା ସୁଯୋଗ ନ ଦେବା ଆଦି ଅଭିଯୋଗରେ ଧରାପଡ଼ିଥିବା ସୈନ୍ୟଙ୍କୁ ଯୁଦ୍ଧ ଅପରାଧୀ କୁହାଯାଏ। ସାର୍ବଭୌମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଯୁଦ୍ଧ ଚାଲିଲେ ପ୍ରଚଳିତ ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରୁଥିବା ସୈନ୍ୟଙ୍କୁ ଏହି ଅପରାଧରେ ଦଣ୍ଡିତ କରାଯାଇଥାଏ।


ଭାଦିମ୍ ଶିଶିମାରିନ

# ଜୁନ୍‌ରେ ନିଯୁକ୍ତି ପାଇବେ ୭ ହଜାର ଶିକ୍ଷକ

- ୨୬୮ ରାଜନୀତି ବିଜ୍ଞାନ ଓ ଇଂଲିଶ ଅଧ୍ୟାପକଙ୍କୁ ମିଳିବ ନିଯୁକ୍ତି
- ୨ ବର୍ଷ ଭିତରେ ପୂର୍ତ୍ତ, ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମିତ ପ୍ରକଳ୍ପର ହେଲା ସମୀକ୍ଷା
- ୨ ବର୍ଷରେ ଅକାମୀ ହେଉଛି ସୌର ଜଳପ୍ରକଳ୍ପ, ଏଥିଲାଗି ପ୍ରୋତ୍ସାହନ ଦିଅନି

**ଭୁବନେଶ୍ୱର, ୨୩ା୫(ବ୍ୟୁରୋ)**

ଶିକ୍ଷା ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ୭ ହଜାର ଶିକ୍ଷକଙ୍କ ଆବଶ୍ୟକ ଥିଲା। ଆସନ୍ତା ଜୁନ୍‌ରେ ସେମାନଙ୍କୁ ନିଯୁକ୍ତି ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବିଧାୟକ ଭୂପିନ୍ଦର ସିଂ କହିଛନ୍ତି। ଭୂପିନ୍ଦରଙ୍କ ଅଧ୍ୟକ୍ଷତାରେ ସୋମବାର ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗର ସମୀକ୍ଷା ବୈଠକ ବିଧାନସଭାରେ ଅନୁଷ୍ଠିତ ହୋଇଛି। ବୈଠକରେ ହୋଇଥିବା ଆଲୋଚନା ମୁତାବକ, ୨୪ଟି ମାଧ୍ୟମିକ ବିଦ୍ୟାଳୟକୁ ସ୍ୱୀକୃତି ପ୍ରଦାନ କରାଯାଇଥିବା ବେଳେ ୬୩୯ ବେସରକାରୀ ମହାବିଦ୍ୟାଳୟ ଅଧ୍ୟାପକଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ଜୁନ୍‌ରେ ୨୬୮ ଜଣ ରାଜନୀତି ବିଜ୍ଞାନ ଓ ଇଂଲିଶ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ସେହିପରି ବିଧାୟକ ପ୍ରତାପ ଦେବଙ୍କ ଅଧ୍ୟକ୍ଷତାରେ ବିଧାନସଭା ଆକଳନ କମିଟିର ୩ୟ ବୈଠକ ସୋମବାର ପୂର୍ବାହ୍ନରେ ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି। ବିଗତ ୨ ବର୍ଷ ମଧ୍ୟରେ ପୂର୍ତ୍ତ ଓ ଜଳସମ୍ପଦ ବିଭାଗ ଦ୍ୱାରା ନିର୍ମିତ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଛି। ଏହା ସହିତ ଆଗାମୀ ଦିନରେ ନିର୍ମାଣ ହେବାକୁ ଥିବା ପ୍ରକଳ୍ପଗୁଡ଼ିକର ଅନୁଧ୍ୟାନ କରାଯାଇଥିବା ପ୍ରତାପ ଦେବ କହିଛନ୍ତି।

ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷଣ କରାଯାଇପାରୁ ନାହିଁ। ଫଳରେ ଜଳର ଉପଯୁକ୍ତ ବ୍ୟବହାର ମଧ୍ୟ ହୋଇପାରୁନାହିଁ। ତେଣୁ ଆଧୁନିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ଜଳସଂରକ୍ଷଣ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଜଳସଂରକ୍ଷଣ ଓ ସେତୁ ନିର୍ମାଣ ସମ୍ପର୍କିତ ବିଭିନ୍ନ ନିୟମରେ ସମୟାନୁଯାୟୀ ପରିବର୍ତ୍ତନ ଆସିବା ଦରକାର ବୋଲି ପ୍ରତାପ କହିଛନ୍ତି। ସେହିପରି ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମାଣାଧୀନ ବିଭିନ୍ନ ରାସ୍ତା, ସେତୁ, ବିଜୁ ଏକ୍ସପ୍ରେସ୍ ୱେ ଏବଂ ରାଜ୍ୟ ରାଜପଥ ସମ୍ପ୍ରସାରଣ, ବିଭିନ୍ନ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ, ମେଗା ଲିଫ୍ଟ ପଏଣ୍ଟ ଉପରେ ବିସ୍ତୀର୍ଣ୍ଣ ଆଲୋଚନା ହୋଇଛି। ଗ୍ରୀଷ୍ମ ଦିନରେ ଚାଷ କାର୍ଯ୍ୟ ପାଇଁ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦୦ଟି ସେତୁ ସହ ବ୍ୟାରେଜ ନିର୍ମାଣର ପ୍ରସ୍ତାବ ଆଗତ ହୋଇଛି। ଏହାର କାର୍ଯ୍ୟ କେତେଦୂର ଅଗ୍ରସର ହେଲାଣି, ସେ ବିଷୟରେ ଅଧ୍ୟକ୍ଷ ପ୍ରତାପ ଦେବ ତଥ୍ୟ ସଂଗ୍ରହ କରିଛନ୍ତି। ଅନେକ ସ୍ଥାନରେ ସୌରଜଳ ପ୍ରକଳ୍ପଗୁଡ଼ିକ ୧ରୁ ୨ ବର୍ଷ ମଧ୍ୟରେ ଅକାମୀ ହୋଇଯାଉଥିବାର ଦୃଶ୍ୟ ସାମ୍ନାକୁ ଆସୁଛି। ତେଣୁ ଏହି ପ୍ରକଳ୍ପଗୁଡ଼ିକୁ ଅଧିକ ପ୍ରୋତ୍ସାହିତ ନ କରିବାକୁ ସଦସ୍ୟମାନେ ମତ ଦେଇଛନ୍ତି। ରାଜ୍ୟର ଆକାମୀ ମେଗା ଲିଫ୍ଟ ପଏଣ୍ଟଗୁଡ଼ିକୁ ତୁରନ୍ତ ମରାମତି କରିବା ପାଇଁ କମିଟି ନିର୍ଦ୍ଦେଶ ଦେଇଛି। ସେହିପରି ବରିଷ୍ଠ ବିଧାୟିକା ଉଷା ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମହିଳା ଓ ଶିଶୁ ବିକାଶ ବିଭାଗ ଗୃହକମିଟି ବୈଠକରେ ବିଭିନ୍ନ ଯୋଜନା ଓ ଏହାର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଛି।


ବିଧାନସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥିତ ସଦସ୍ୟବୃନ୍ଦ।

# ମାଟ୍ରିକ ପରୀକ୍ଷା ଖାତା ଦେଖାରେ ଅନିୟମିତତା

- ବିଳମ୍ବରେ ଖାତା ମିଳୁଥିବାରୁ ସମୟରେ ସରିବା କଷ୍ଟକର
- ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ଆଶଙ୍କା

**କଟକ ଅଫିସ, ୨୩ା୫**

ଚଳିତବର୍ଷର ମାଟ୍ରିକ ସମେଟିଭ୨ ପରୀକ୍ଷା ଖାତା ଦେଖା ଆରମ୍ଭ ହୋଇଯାଇଛି। ଏହି ପ୍ରକ୍ରିୟାରେ ଦଶମ ଶ୍ରେଣୀ ସହିତ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର ଖାତା ମଧ୍ୟ ମୂଲ୍ୟାୟନ କରାଯାଉଛି। ତେବେ ରେଭେନ୍‌ଶା କଲିଜିଏଟ ସ୍କୁଲ ଖାତା ଦେଖାରେ ସୋମବାର ଅନିୟମିତତା ଦେଖାଦେଇଛି। ରବିବାର ଖାତାଦେଖାରେ ନିୟୋଜିତ ଥିବା ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମାତ୍ର ୫୫ଟି ଖାତା ଦେଖିବାକୁ ଦିଆଯାଇଥିବା ବେଳେ ସୋମବାର ମଧ୍ୟାହ୍ନ ୧୧ଟା ୩୦ ପର୍ଯ୍ୟନ୍ତ କୌଣସି ଖାତା ଦେଖିବା ପାଇଁ ଦିଆଯାଇ ନ ଥିଲା। ଫଳରେ ଦୀର୍ଘ ସମୟ ଧରି ଅପେକ୍ଷା କରିଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ ହୋହଲ୍ଲା କରିଥିଲେ। କିଛି ସମୟ ଧରି ପାଟିତୁଣ୍ଡ ହେବା ପରେ ଖାତା ପ୍ରଦାନ କରାଯାଇଥିଲା। ତେବେ ବୋର୍ଡ ପକ୍ଷରୁ ଦୁଇ ସପ୍ତାହ ମଧ୍ୟରେ ଖାତା ଦେଖା ଶେଷ କରିବାକୁ ସ୍ଥିର କରାଯାଇଥିବା ବେଳେ ଏଭଳି ଖାତା ଦେବାରେ ବିଳମ୍ବ ହେଉଥିବାରୁ ବର୍ତ୍ତମାନ ତାହା ସରିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ତେବେ ଦୀର୍ଘ ସମୟ ଧରି ଅପେକ୍ଷା କରିବାପରେ ଖାତା ଦେଖିବାକୁ କମ୍ ସମୟ ମିଳୁଥିବାରୁ ନିୟୋଜିତ ଶିକ୍ଷୟିତ୍ରୀ ଶିକ୍ଷକ ମାନସିକ ଚାପ ଅନୁଭବ କରୁଛନ୍ତି। ଏଭଳି ପରିସ୍ଥିତିରେ ତ୍ରୁଟିଶୂନ୍ୟ ମୂଲ୍ୟାୟନ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ତେବେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅନୁସ୍ମିତା ସ୍ୱାଇଁ ଏହି ଅଭିଯୋଗକୁ ଖଣ୍ଡନ କରିବାସହ ସେଭଳି କୌଣସି ପରିସ୍ଥିତି ସୃଷ୍ଟି ହୋଇଥିବା ତାଙ୍କ ନଜରରେ ନାହିଁ ବୋଲି କହିଛନ୍ତି। ସକାଳ ୯ଟା ୩୦ରେ କ୍ୟାମ୍ପ ଖୋଲି ଖାତା ଦେଖିବାକୁ ଦେଉଛୁ। ଏ ବିଷୟରେ କ୍ୟାମ୍ପ ଅଫିସର ଅଧିକ କହିପାରିବେ। ଏଥିସହ କେତେ ଖାତା ଦେଖାହେବ ସେ ନିଷ୍ପତ୍ତି ବୋର୍ଡ ଏବଂ କ୍ୟାମ୍ପ ଅଫିସରଙ୍କର। ଅନ୍ୟପଟେ ଗୋଟିଏ ୟୁନିଟକୁ ୫୫ଟି ଖାତା ଦେବା ଅସମ୍ଭବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ କହିଛନ୍ତି। ସୂଚାନାଥାଉକି, ରାଜ୍ୟରେ ମୋଟ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ମାଟ୍ରିକ ସମେଟିଭ ୨ର ମୂଲ୍ୟାୟନ ପ୍ରକ୍ରିୟା ଜାରି ରହିଛି। ଦୁଇ ସପ୍ତାହ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି ବୋର୍ଡ। ସେପଟେ ଖାତା ମୂଲ୍ୟାୟନ କାର୍ଯ୍ୟକୁ ତ୍ରୁଟିଶୂନ୍ୟ କରିବାକୁ ପୂର୍ବରୁ ହୋଇଥିବା ନିୟମଗୁଡ଼ିକୁ କଡ଼ାକଡ଼ି କରାଯାଇଛି। ଏଥିପାଇଁ ୪୮୧ଜଣ ମୁଖ୍ୟ ପରୀକ୍ଷା ନିରୀକ୍ଷକଙ୍କ ସହ ୯୦୦ଜଣ ଡେପୁଟି ଅତିରିକ୍ତ ନିରୀକ୍ଷକ, ୮୯୧୯ ଜଣ ସହକାରୀ ନିରୀକ୍ଷକ ଓ ୯୩୦ ସ୍କ୍ରୁଟିନାଇଜର ନିୟୋଜିତ ଅଛନ୍ତି। ଖାତାଦେଖା ପରେ ଦଶମ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ମାର୍କକୁ ଅନ୍‌ଲାଇନରେ ଅପଲୋଡ୍ କରାଯିବ। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ମଧ୍ୟମା ପରୀକ୍ଷାର୍ଥୀଙ୍କ ମାର୍କକୁ ଅଫଲାଇନ ମୋଡରେ ରେକର୍ଡ କରାଯିବ।

**ଆଜିର ମନ୍ତବ୍ୟ**

"ଏଥର ମହାମାରୀରେ କ'ଣ ଭୁଲ୍ ଥିଲା ଆମେ ଜାଣିଗଲେ। ତେଣୁ ଆଗାମୀ ଦିନରେ ମହାମାରୀ ଆସିଲେ ବିଶ୍ୱ ଭଲ ପ୍ରସ୍ତୁତ ହୋଇପାରିବ। ଏଥିପାଇଁ 'ବୈଶ୍ୱିକ ମହାମାରୀ ଚୁକ୍ତି' ନିମନ୍ତେ ଦେଶଗୁଡ଼ିକ ସହମତ ହେବେ।

– ଅଦାର ପୁନାୱାଲା, ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଊଣା ଲୋକର ଦୁଇଗୁଣ ସରେ**
**କୃପଣ ଲୋକର ମାଇପ ମରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଯାହା ଚେଷ୍ଟା କଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକିବାରେ ସଫଳ ହୋଇପାରି ନ ଥାନ୍ତି। କିନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ଓ ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଏପରିସ୍ଥଳେ କୃପଣ ବ୍ୟକ୍ତିର ପତ୍ନୀ ଭୋକଉପାସରେ ପଡି ରହିବାକୁ ବାଧ୍ୟ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଚ୍ଚ ଚାଳି ଦାଣ୍ଡେ ବସ**
**ନୀଚ ଚାଳି ଘରେ ପଶ।**

ଉଚ୍ଚ ଚାଳ ଯାହାର ସେ ଧନୀ ଘର ବୋଲି ଆଗକାଳରେ ଲୋକମାନଙ୍କର ଏକ ପ୍ରକାର ବିଶ୍ୱାସ ରହିଥିଲା। ଏଣୁ ଲୋକେ ନ ଭାବି ନ ଚିନ୍ତି ସେ ଘରକୁ ଝିଅ ଦେଉଥିଲେ। କିନ୍ତୁ ନୁଆଁଣିଆ ଘରେ ଝିଅ ଦେବାକୁ ହେଲେ ତା'ର ଟିକିନିଖି ବିଚାର କରିବାକୁ ପଡୁଥିଲା ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds

**Everyday**
**0674-2580101, 2549302**



**SALE**

ଭୁବନେଶ୍ୱରର ଛତାବରରେ Rs.-299/- sqft.ରେ installmentରେ plot ବିକ୍ରି ହେଉଛି। 8249017091, 9937044414. D-512

ଭୁବନେଶ୍ୱର ଟଙ୍କପାଣି ବାଇପାସ୍‌ରୁ 200mtr ଭିତରେ ଘରବାଡ଼ି ପାଚେରୀ ପ୍ଲଟ୍ ବିକ୍ରିହେବ। 9827119799. D-73804

CV Raman College ପାଖରେ ଘରବାରି boundarywall 8,000sqft. plot ବିକ୍ରିହେବ। Contact: 8260064453. D-70277

**Bhubaneswar KIIT ପାଖ ODM Global Schoolକୁ ଲାଗି କରି yellowzone ଘରବାରି, boundary plot ନେଇ immediate ଘର କରନ୍ତୁ। 9437033320.** D-73250

ଜଟଣୀଗେଟ୍ NHରୁ କିଛି ଦୂରତାରେ sqft-570/-ରେ ଘରଉପଯୋଗୀ ପ୍ଲଟ୍ ମିଳୁଛି। 9348232008, 9556055607. D-435

ପୁରୀ କୋଣାର୍କ ମେରାଇନ୍ ରୋଡ଼କୁ ଲାଗି commercial ଘରବାରି plot ମିଳୁଛି। 9692213354. D-73905

ଭୁବନେଶ୍ୱର କଳ୍ପନାଠାରୁ **10 କି.ମି.** ଦୂରରେ ଗୁଡ଼ିଆ ପୋଖରୀ ଛକ **(near KEC College)** ଠାରୁ **4 କି.ମି.** ବିନାୟକପୁର ଦେଉଳି ମୌଜାରେ ଘରବାଡ଼ି ପ୍ଲଟ୍ **30X50= 1500sqft.** ପ୍ଲଟ୍ ଓ **40ft.** ମେନ୍ ରୋଡ୍ ସହିତ ବ୍ରାଞ୍ଚ ରୋଡ୍ **30ft.,** ସବ୍‌ବ୍ରାଞ୍ଚ ରୋଡ୍ **25ft.** ତା' ସହିତ ଇଲେକ୍ଟ୍ରି ଆଣ୍ଡ ରୋଡ୍ ଡେଭେଲପମେଣ୍ଟ ସହ ପ୍ରତି **sqft. Rs. 599**ରେ ମିଳୁଛି। ଯୋଗାଯୋଗ ମୋବାଇଲ ନମ୍ବର– **9938999317, 9938015353. SUVAM CONSTRUCTION.** D-475

Bhubaneswar-Puri bypass gharabari plot 1200sqft. @4,80,000/-. 9853415415, 9777160796, 8144044975. D-71991

ଘରବାରି ପ୍ଲଟ୍ ଭୁବନେଶ୍ୱର ସମ୍ ହସ୍ପିଟାଲ ଠାରୁ ୪କି.ମି. ରେ ଘଙ୍ଗପାଟଣା, କଣ୍ଟାବାଡ଼ ଠାରେ ୩୦ଫୁଟ୍ ରୋଡ୍ ଇଲେକ୍ଟ୍ରି ସହ ମିଳୁଅଛି। **8658219495.** D-487

**GENERAL**

**SALE**

**2, Passenger LIFT sales and service. Contact: 9692527969.** D-468



3000sqft. space near Rajmahal Square available suitable for Office/Showroom/ Restaurant/ Godown. 9437557600, 0674-2553064. D-71035

**Sambalpur main road 1stFloor, 1300 to 1500sqft. for Banks, Corporate Office, Coaching. Mob: 8817500281, 8895617700.** D-71638



Mesmerizing, energetic body, mind qualitative relaxing massage experienced therapists. 9668374480. D-73609

**Relax, Refresh your body, mind at Saikrupa Spa with best therapies. 8984068077.** D-488

Newly open full body massage ladies and gents. 8327740003, 8093860513. D-73902

Newly open full body massage ladies and gents. 7750077371. D-71900

Refreshments rejuvenation body massage therapy with experience the therapists, Ashirvad Panchakarma herbal SPA, Keshari Mall, Bhubaneswar. 8926173473. D-73801

Full body massage in homely atmosphere all therapy. Mob.- 8114881641. D-73403

Refreshing your mind and body with the best therapy, 7873794731. D-317

**LOST**

I MD Ebrahim, S/o- Mohammad Israel of Marahatta Sahi, Choudwar, Cuttack declare that my original sale deed registration dated on 15.04.1997 has misplaced on dated 22.04.22. Property details:- Mouza- Choudwar, Khata- 534/418 & 534/ 419, Plot No.- 262/ 2210 & 1196/ 2211, SRO- Tangi Choudwar, Cuttack. While going to Xerox nereby OTM Bazar, Choudwar, Cuttack. If anybody found the same please contact in my above address or feel free to call me at 8249512909. D-537

**AFFIDAVIT**

By virtue of an affidavit Sworn in the Court of Executive Magistrate Bhadrak, I Chinmayee Rout, W/o- Prasanta Rout changed my name from Chinmayee Rout to Chhandamani Rout. Henceforth I will be known as Chhandamani Rout for all purpose.
Sign: Chinmayee Rout alias Chhandamani Rout. D-545

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ପୃଷ୍ଠାରୁ...

### ଏଥର ଭକ୍ତଙ୍କ...

ଯୋଗାଣ, ଟେଲିଫୋନ୍ ସେବା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ପ୍ରଦର୍ଶନୀ, ସ୍ୱେଚ୍ଛାସେବୀ କାର୍ଯ୍ୟ, ଅସୁରକ୍ଷିତ କୋଠା ଚିହ୍ନଟ ସହ ଅନ୍ୟାନ୍ୟ ସେବା ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ସମ୍ପର୍କରେ ବିଭାଗୀୟ ମୁଖ୍ୟମାନଙ୍କଠାରୁ ଆକ୍ସନ ଟେକେନ୍ ରିପୋର୍ଟ ମଗାଯାଇଥିଲା। ରଥଯାତ୍ରା ପାଇଁ କିଭଳି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ସେ ସମ୍ପର୍କରେ ବିଭାଗୀୟ ମୁଖ୍ୟମାନେ ବୈଠକରେ ଜଣାଇଥିଲେ। ଚଳିତବର୍ଷ କୋଭିଡ୍ ସ୍ଥିତି ବର୍ତ୍ତମାନ ଭଳି ରହିଲେ ଭକ୍ତଙ୍କୁ ନେଇ ରଥଯାତ୍ରା କରାଯିବ ବୋଲି ସ୍ଥିର ହୋଇଛି। ୧୨ରୁ ୧୫ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସିବା ସମ୍ଭାବନା ରହୁଛି। ୨୦୧୫ ନବକଳେବର ସମୟରେ ଯେଉଁଭଳି ଗହଳି ଦେଖିବାକୁ ମିଳିଥିଲା ତାହାର ପୁନରାବୃତ୍ତି ହେବ। ଏଥିପାଇଁ ନବକଳେବର ସମୟର ପ୍ରସ୍ତୁତିକୁ ଜିଲା ପ୍ରଶାସନ ଦୋହରାଇବ ବୋଲି ଜିଲାପାଳ କହିଛନ୍ତି।

ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଆଗାମୀ ୨୫ ତାରିଖରେ ନୀତି ସବ୍‌କମିଟି ଓ ଛତିଶା ନିଯୋଗ ବୈଠକ ହେବ। ଘୋଷଯାତ୍ରା ଲାଗି ମୋଟ ୧୫୪୨ ମିଟର ରଥକନା ଦରକାର। କଳା, ସବୁଜ ଓ ହଳଦିଆ କନା ମହଜୁଦ ରହିଛି। କେବଳ ୮ଶହ ମିଟର ନାଲିକନା ପାଇଁ ଗୁଜରାଟର ଏକ ଫାର୍ମକୁ ଅର୍ଡର ଦିଆଯାଇଛି। ଆସନ୍ତା ୨୫ ତାରିଖ ପୂର୍ବରୁ ଏହା ପହଞ୍ଚିଯିବ। ସେହିଭଳି ୪୨ ଚକରୁ ୨୧ଟି ନିର୍ମାଣ ସରିଛି। ରଥ ନିର୍ମାଣ ଲାଗି ୮୬୫ ଖଣ୍ଡ କାଠ ଦରକାର ଥିବାବେଳେ ପୂର୍ବ ବର୍ଷରୁ ୮୦ ଖଣ୍ଡ ବଳକା ଥିଲା। ଏବର୍ଷ ୭୮୫ ଖଣ୍ଡ କାଠ ଦରକାର। ସ'ମିଲ୍ ପାଇଁ ୪୨୨ ଖଣ୍ଡ ଓ ରଥଖଳା ଲାଗି ୩୬୩ ଖଣ୍ଡ କାଠ ଦରକାର। ୭୮୫ ଜାଗାରେ ୮୦୬ ଖଣ୍ଡ କାଠ ପାଇସାରିଛୁ। ଧଉରା କାଠ ୧୦ ଖଣ୍ଡ ଆସିପାରିନାହିଁ। ମହୀ, ଶିମିଳି ଶହେ କାଠ ଆସିବା କଥା। ଏଥିରୁ ୨୬ ଖଣ୍ଡ ଆସିଛି। ଅବଶିଷ୍ଟ ୭୪ ଖଣ୍ଡ ଆସିବା ବାକି ଅଛି। ସେହିପରି କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ କହିଛନ୍ତି, ଚଳିତବର୍ଷ ରଥଯାତ୍ରା ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ। ଗତ ଦୁଇମାସ ହେଲା ଏନେଇ ପୋଲିସ ପ୍ରସ୍ତୁତି ଚଳାଇଛି। ସହରର ବିଭିନ୍ନ ସ୍ଥାନରେ ସିସିଟିଭି ଲଗାଯିବ। ବଛା ବଛା ଅଫିସରମାନଙ୍କୁ ଘୋଷଯାତ୍ରା ଦାୟିତ୍ୱରେ ରଖାଯିବ। ୫୦ରୁ ଅଧିକ ଅତିରିକ୍ତ ଏସ୍‌ପି, ୨ଶହରୁ ଅଧିକ ଡିଏସ୍‌ପିଙ୍କ ସମେତ ପର୍ଯ୍ୟାପ୍ତ ପୋଲିସ ଫୋର୍ସ ମୁତୟନ କରାଯିବ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଦଳାଇ କହିଛନ୍ତି, ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା ହୋଇଛି। ସମସ୍ତ ଅଂଶୀଦାରଙ୍କ ପ୍ରସ୍ତାବକୁ ଗ୍ରହଣ କରାଯାଇଛି। ସୁଚାରୁ ରୂପେ ରଥଯାତ୍ରା ସମ୍ପାଦନ ଦିଗରେ ଏହି ପ୍ରସ୍ତାବ ଉପରେ ବିଚାର କରାଯିବ। ସ୍ୱାସ୍ଥ୍ୟ, ପରିମଳ, ବିଦ୍ୟୁତ୍ ଓ ପୋଲିସ ସେବା ଉପରେ ପ୍ରାଥମିକ ଗୁରୁତ୍ୱ ଦିଆଯିବ। ଜିଲାପାଳଙ୍କ ସହ ବୈଠକ କରି ଡାକ୍ତର ଅଭାବ ଓ ପରିମଳ ଭଳି ପ୍ରମୁଖ ସମସ୍ୟା ଉପରେ ସ୍ୱତନ୍ତ୍ର ଆଲୋଚନା କରାଯିବ। ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ କହିଛନ୍ତି, ଆଲୋକୀକରଣ ଓ ପରିମଳ ନେଇ ପୌରସଂସ୍ଥା ତୃଣମୂଳସ୍ତରରୁ କାର୍ଯ୍ୟ କରିବା ଦରକାର। ସିଡିଏମ୍‌ଓ ସୁଜାତା ମିଶ୍ର କହିଛନ୍ତି, ସହରରେ ୧୪ଟି ପ୍ରାଥମିକ ଚିକିତ୍ସା ଶିବିର କରାଯିବ। ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଗୋଟିଏ ଲେଖାଏ ପ୍ରାଥମିକ ଚିକିତ୍ସା ଶିବିର କରିବେ। ସ୍ୱତନ୍ତ୍ର ଆମ୍ବୁଲାନ୍ସ କରିଡର କରାଯିବ। ୨୯ଟି ଆମ୍ବୁଲାନ୍ସ ନିୟୋଜିତ ହେବ। ବଡ଼ଦାଣ୍ଡରେ ଘରୋଇ ଆମ୍ବୁଲାନ୍ସକୁ ଦାୟିତ୍ୱ ଦିଆଯିବ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ଟି ଶଯ୍ୟା ବଢ଼ାଯିବା ସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମଧ୍ୟ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯିବ। ଶ୍ରୀଜଗନ୍ନାଥ ମେଡିକାଲ କଲେଜରେ ୪ଟି ଆଇସିୟୁ ବେଡ୍ ପ୍ରସ୍ତୁତ ରଖାଯିବ। ୪୦ ଜଣ ଫାର୍ମାସିଷ୍ଟ, ୩୫ ମେଲ୍ ୱାର୍କର, ୩୫ ଆଟେଣ୍ଡାଣ୍ଟ, ୫ ଖାଦ୍ୟ ସୁରକ୍ଷା ଅଧିକାରୀ ଓ ୪୦ ନର୍ସିଂ ଷ୍ଟାଫ୍‌ଙ୍କୁ ଅତିରିକ୍ତ ନିଯୁକ୍ତି ଦିଆଯିବ। ୨ଶହ ଡାକ୍ତର ନିଯୁକ୍ତି ନେଇ ଯୋଜନା ହେଉଛି। ପୁରୀ ସହରକୁ ସଂଯୋଗ କରୁଥିବା ୪ ମୁଖ୍ୟରାସ୍ତା ଓ ୩୯ଟି ଲେନ୍ ରାସ୍ତାକୁ ମରାମତି କରାଯିବ। ୨୧ଟି ପାର୍କିଂସ୍ଥଳରେ ବ୍ୟାରିକେଡିଂ କରାଯିବ ବୋଲି ପୂର୍ତ୍ତ ବିଭାଗ କହିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାଶ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ, ଦେବୋତ୍ତର କମିଶନର, ଏସ୍‌ପି କନୱର ବିଶାଲ ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ପୁରୀ ଏମ୍‌ପିଙ୍କ ପ୍ରତିନିଧି ଗୌରହରି ପ୍ରଧାନଙ୍କ ସମେତ ସମସ୍ତ ବିଭାଗର ଅଧିକାରୀ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ, ସେବାୟତ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

### କାର୍ଯ୍ୟ ଶୀଘ୍ର ସାରିବାକୁ...

ରିପୋର୍ଟ ମୁତାବକ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ଯଥାଶୀଘ୍ର ଶେଷ କରାଯାଉ ବୋଲି ଆବେଦନକାରୀମାନେ ନିବେଦନ କରିଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସେବାୟତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଉଦ୍ଦିଷ୍ଟ, ଏଣୁ ବିକାଶ କାର୍ଯ୍ୟକୁ ରୋକା ନ ଯାଉ। କେତେଜଣ ମୁଷ୍ଟିମେୟ ବ୍ୟକ୍ତି ଓ ରାଜନୈତିକ ଦଳ ଏହି ବିକାଶମୂଳକ କାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି, ଯାହା ଜନସ୍ୱାର୍ଥ ବିରୋଧୀ। ସେବାୟତମାନଙ୍କ ସ୍ୱାର୍ଥ ମଧ୍ୟ ଉପେକ୍ଷିତ ହେଉଛି। ଏଣୁ ହାଇକୋର୍ଟ ଶୀଘ୍ର ଏଥିରେ ହସ୍ତକ୍ଷେପ କରି ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ। ସୁପ୍ରିମକୋର୍ଟଙ୍କ ଆଦେଶ ଅନୁସାରେ, ରାଜ୍ୟ ସରକାରଙ୍କୁ ସମସ୍ତ ସହଯୋଗ ଓ ସମର୍ଥନ ଏଏସ୍‌ଆଇ ଯୋଗାଇଦେଉ ବୋଲି ସେବାୟତମାନେ ନିବେଦନ କରିଛନ୍ତି।

ସଂପୃକ୍ତ ଆବେଦନକାରୀ ସେବାୟତମାନେ ହେଲେ ରଘୁନାଥ ଗୋଚ୍ଛିକାର, ବିନାୟକ ଦାସ ମହାପାତ୍ର, ହରେକୃଷ୍ଣ ଖୁଣ୍ଟିଆ ଓ ବଟକୃଷ୍ଣ ମୁଦ୍ରା। ଆସନ୍ତା ଜୁନ୍ ୨୨ରେ ହାଇକୋର୍ଟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିରୋଧରେ ଦାଏର ଜନସ୍ୱାର୍ଥ ମାମଲାର ଶୁଣାଣି କରିବେ। ପୂର୍ବ ଶୁଣାଣିରେ ଏଏସ୍‌ଆଇ ସତ୍ୟପାଠ କରି ପକ୍ଷ ରଖିସାରିଥିବାବେଳେ ପରବର୍ତ୍ତୀ ଶୁଣାଣିରେ ରାଜ୍ୟ ସରକାର ନିଜ ପକ୍ଷ ରଖିବେ। ଅନ୍ୟପକ୍ଷରେ ଗତ ଗୁରୁବାର ଜନସ୍ୱାର୍ଥ ମାମଲାର ଆବେଦନକାରୀ ଦିଲୀପ ବରାଳ ଅନ୍ତରୀଣ ଆବେଦନ କରି ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦାବି କରିଥିଲେ। ରାଜ୍ୟ ସରକାର ନିର୍ମାଣ କାର୍ଯ୍ୟ ଜାରି ରଖିଛନ୍ତି, ଯାହାଦ୍ୱାରା ଐତିହ୍ୟ କୀର୍ତ୍ତିରାଜି ପ୍ରଭାବିତ ହେଉଛି। ଏଣୁ ମାମଲାର ଶୁଣାଣି ନ ହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ ରହୁ ବୋଲି ନିବେଦନ କରାଯାଇଥିଲା।

### ଶରତ ପଟ୍ଟନାୟକ...

ଗାନ୍ଧୀ ଓଡ଼ିଶାର ସବୁ ବିଧାୟକ ଏବଂ ଅନ୍ୟ ବରିଷ୍ଠ ନେତାଙ୍କୁ ଡାକି କାହାକୁ ସଭାପତି କଲେ ଭଲ ହେବ ବୋଲି ପଚାରି ବୁଝିଥିଲେ। ଶେଷରେ ଆଲୋଚନା କରିବାର ୧୩ ଦିନ ପରେ କଂଗ୍ରେସ ସଭାପତି ଭାବେ ଶରତଙ୍କୁ ଦାୟିତ୍ୱ ଦିଆଗଲା। ହେଲେ ସଭାପତି ହେବା ଲାଗି ବହୁ ନେତା ଏଥର ଆଶାୟୀ ଥିଲେ। ଶରତ ପ୍ରଥମ ଥର ପିସିସି ସଭାପତି ହେଉନାହାନ୍ତି। ପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ତାଙ୍କୁ ଦଳ ସଭାପତି କରିଥିଲା। ପୂର୍ବରୁ ସେ ଏଆଇସିସି ସମ୍ପାଦକ ଭାବେ କାର୍ଯ୍ୟ କରିସାରିଥିବା ବେଳେ ଯୁବ କଂଗ୍ରେସ ସଭାପତି ମଧ୍ୟ ରହିଥିଲେ। ସେ ଦୁଇ ଥର ବଲାଙ୍ଗୀର ଲୋକ ସଭା ଆସନରୁ ସଭାପତି ହୋଇଛନ୍ତି। ୧୯୯୧ ଏବଂ ୧୯୯୬ ନିର୍ବାଚନରେ ସେ ବଲାଙ୍ଗୀର ଏମ୍‌ପି ହୋଇଥିଲେ। ୨୦୧୯ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଆସନରୁ ନିର୍ବାଚନ ଲଢ଼ି ସେ ପରାଜିତ ହୋଇଥିଲେ। ସଭାପତି ଭାବେ ନିଯୁକ୍ତ ହେବା ପରେ ଶରତ କହିଛନ୍ତି, ପିସିସି ସଭାପତି ଭାବେ ନିଯୁକ୍ତ କରିଥିବାରୁ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କୁ ଧନ୍ୟବାଦ ଜଣାଉଛି। କଂଗ୍ରେସ କର୍ମୀ ଏବଂ ରାଜ୍ୟବାସୀଙ୍କ ଆଶୀର୍ବାଦ ପାଇଁ ତାଙ୍କୁ କଂଗ୍ରେସରେ ବଡ଼ ଦାୟିତ୍ୱ ମିଳିଛି। ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ବଢ଼ିବୁ। ସମସ୍ତଙ୍କୁ ନେଇ ନିର୍ବାଚନ ଲଢ଼ିବୁ। ସଙ୍ଗଠନ ମଜଭୁତ କରାଯିବ। ୨୦୨୪ ନିର୍ବାଚନ ଲାଗି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ସହ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଶରତ କହିଛନ୍ତି।

ତେବେ ନିରଞ୍ଜନ ନୂଆ ସଭାପତି ଚୟନର କିଛି ସମୟ ପରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ଗଲା ୨ ବର୍ଷ ହେଲା ନିର୍ବାଚନ ପରଠାରୁ ସେ ପିସିସି ସଭାପତି ପଦରୁ ଇସ୍ତଫା ଦେଇଥିଲେ। ଦେହ ଅସୁସ୍ଥ ଥିବାରୁ ସେ ସୋନିଆ ଗାନ୍ଧୀଙ୍କୁ ତାଙ୍କ ବ୍ୟକ୍ତିଗତ ସମସ୍ୟା ଶୁଣାଇଥିଲେ। ତାଙ୍କ କଥାକୁ ଏଆଇସିସି ଗ୍ରହଣ କରିଛି ବୋଲି ସେ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ସରକାର ଗୋଟିଏ ପଟେ ପେଟ୍ରୋଲ, ଡିଜେଲ ଦର ହ୍ରାସ କରିଥିବା ବେଳେ ଆଇରନ ଓ ଏକ୍ସପୋର୍ଟ ଉପରେ ୬୦ ପ୍ରତିଶତ କର ବଢ଼ାଇ ଦେଇଛନ୍ତି। ଏ କଥାକୁ କଂଗ୍ରେସ କର୍ମୀମାନେ ଗାଁଗହଳିରେ ପହଞ୍ଚାଇବା ଦରକାର। ନ ହେଲେ ଦେଶ ଅବସ୍ଥା ଖରାପ ହୋଇଯିବ। ସେ ଏଣିକି ଓଡ଼ିଶା ତଥା ଦେଶର ସ୍ୱାର୍ଥ ପାଇଁ କାମ କରିବେ। ରାଜ୍ୟକୁ ଆଗେଇନେବା ସକାଶେ ଉଦ୍ୟମ କରିବେ। କଂଗ୍ରେସର ସମସ୍ତେ ଏକଜୁଟ ହୋଇ କାମ କରିବା ଲାଗି ସେ ଅନୁରୋଧ କରିବା ସହ ନୂତନ ସଭାପତିଙ୍କୁ ସ୍ୱାଗତ କରିଛନ୍ତି। ସେ ଟୁଇଟ୍ କରି କହିଛନ୍ତି, ଶରତଙ୍କୁ ସଭାପତି ଦାୟିତ୍ୱ ମିଳିବା ପରେ ସେ ଖୁସି। ସେ ନେତୃତ୍ୱ ନେଇପାରିବାର ଦକ୍ଷତା ରଖିଛନ୍ତି। ସେ ରାଜ୍ୟ କଂଗ୍ରେସକୁ ଏକ ନୂଆ ଉଚ୍ଚତାକୁ ନେଇପାରିବେ। ତାଙ୍କ ସମର୍ଥନ ରହିବ ବୋଲି ନିରଞ୍ଜନ ଦର୍ଶାଇଛନ୍ତି। ଏହାର କିଛି ସମୟ ପରେ ନିରଞ୍ଜନ ଏକ ବିଜ୍ଞପ୍ତି ଜାରି କରିଛନ୍ତି, ଯେଉଁଥିରେ ସଭାପତି ଭାବେ ତାଙ୍କ ଦସ୍ତଖତ ରହିଛି। ରାଜସ୍ଥାନ ଉଦୟପୁରର ସଂକଳ୍ପ ଶିବିରରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ୭ ଜଣଙ୍କୁ ରାଜ୍ୟ ରାଜନୈତିକ ବ୍ୟାପାର ଦାୟିତ୍ୱ ଦେବାନେଇ ସେ ସେଥିରେ ଉଲ୍ଲେଖ କରିବା ସହ ନାମ ଘୋଷଣା କରିଛନ୍ତି। ନିରଞ୍ଜନ ପଟ୍ଟନାୟକ, ନରସିଂହ ମିଶ୍ର, ଚିରଞ୍ଜୀବ ବିଶ୍ୱାଳ, ସପ୍ତଗିରି ଉଲାକା, ଗଣେଶ୍ୱର ବେହେରା, ବନ୍ଦିତା ପରିଡ଼ା ଏବଂ ଅନାମ ନାଏକଙ୍କ ନାମ ଉପରେ ମୋହର ମାରିବା ଲାଗି କେ.ସି. ଭେନୁଗୋପାଳଙ୍କୁ ଅନୁରୋଧ କରିଛନ୍ତି। ଅନ୍ୟପଟେ ବିଧାୟକ ମହମ୍ମଦ ମୋକିମ କହିଛନ୍ତି, ସଭାପତି ଲାଗି ୨, ୪ଜଣ ଆଗ୍ରହୀ ଥିଲେ। ଏ ବିଷୟରେ କେବେ ଗଣମାଧ୍ୟମ ଆଗରେ କହିନାହାନ୍ତି। ବଲ୍ ସମ୍ପୂର୍ଣ୍ଣ ରାହୁଲ ଗାନ୍ଧୀଙ୍କ କୋର୍ଟ ଭିତରେ ଥିଲା। ସେ ଯାହା ନିଷ୍ପତ୍ତି ନେଲେ ତାକୁ ସମସ୍ତେ ଗ୍ରହଣ କରି ଆଗକୁ ଚାଲିବେ ବୋଲି ମୋକିମ କହିଛନ୍ତି। ଅନ୍ୟପଟେ ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ନରସିଂହ ମିଶ୍ର ସେମାନଙ୍କ ପଦରୁ ଇସ୍ତଫା ଦେଇଥିବା ନେଇ ଚର୍ଚ୍ଚା ହେଉଥିବା ବେଳେ ଏ କଥା ତାରା ପରବର୍ତ୍ତୀ ସମୟରେ ସ୍ୱୀକାର କରିଛନ୍ତି। ତେଣୁ ବିଧାୟକ ଦଳ ନେତା ପଦରେ ଅନ୍ୟ କୌଣସି ବିଧାୟକଙ୍କୁ ଦାୟିତ୍ୱ ମିଳିପାରେ ବୋଲି ଆଲୋଚନା ହେଉଛି।

### ଶିବାଜୀ ପଟ୍ଟନାୟକଙ୍କ...

ଅନେକ ବର୍ଷ ଜେଲ୍‌ରେ ବନ୍ଦୀ ଜୀବନ କଟାଇଥିଲେ। ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ତାଙ୍କ ଶୋକବାର୍ତ୍ତାରେ କହିଛନ୍ତି ଯେ, ବର୍ଷୀୟାନ ରାଜନେତା ଶିବାଜୀ ପଟ୍ଟନାୟକଙ୍କ ଦେହାନ୍ତ ଶୁଣି ଅତ୍ୟନ୍ତ ଦୁଃଖିତ। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଟୁଇଟ୍ କରି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନ କହିଛନ୍ତି ଯେ, ସେ ଜଣେ ରାଜନୈତିକ ଓ ସାମାଜିକ କାର୍ଯ୍ୟକର୍ତ୍ତା ଭାବେ ଜୀବନବ୍ୟାପୀ ଗରିବ ଓ ଅସହାୟ ଲୋକଙ୍କ ସଂଗ୍ରାମ ପାଇଁ ଚିରସ୍ମରଣୀୟ ହୋଇ ରହିବେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସେ ସମବେଦନା ଜଣାଇଛନ୍ତି।

ବରିଷ୍ଠ କମ୍ୟୁନିଷ୍ଟ ନେତା ସ୍ୱର୍ଗତ ଶିବାଜୀ ପଟ୍ଟନାୟକଙ୍କ ବିୟୋଗରେ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଶୋକବାର୍ତ୍ତାରେ କହିଛନ୍ତି ଯେ, ଜଣେ ଲଢୁଆ ସଂଗ୍ରାମୀ ନେତାଙ୍କ ବିୟୋଗରେ ଏକ ଅପୂରଣୀୟ କ୍ଷତି ହୋଇଛି।

### ଜେଲକୁ ଫେରିଲେ...

ବାହାରେ ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ପୋଲିସ ତାଙ୍କୁ ସୁରକ୍ଷା ବଳୟ ମଧ୍ୟରେ ଜେଲରେ ଛାଡ଼ିଥିଲା। ସୂଚନାଥାଉ କି, ମାର୍ଚ୍ଚ ୧୨ରେ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକ ଏବଂ ପୋଲିସକୁ ଗାଡ଼ି ମଡ଼ାଇଦେବା ଘଟଣାରେ ବାଣପୁର ଏସ୍‌ଆଇ ଦେବସ୍ମିତା ବେହେରାଙ୍କ ଅଭିଯୋଗକ୍ରମେ ବିଧାୟକ ଜଗଦେବଙ୍କୁ ପୋଲିସ ଗିରଫ କରିଥିଲା। ଜାମିନ ଖାରଜ ହେବା ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହୋଇ ପୁଣି ଜେଲ ଫେରିଥିଲେ। ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ହାଇକୋର୍ଟ ପ୍ରଥମେ ୭ଦିନ ପରେ ଆଉ ସପ୍ତାହେ ତାଙ୍କୁ ଅନ୍ତରୀଣ ଜାମିନ ଦେଇଥିଲେ। ମେ' ୪ରେ ସେ ବାଣପୁର କୋର୍ଟରେ ଆତ୍ମସମର୍ପଣ କରିବାର ଥିଲା। ତେବେ ପରେ ହାଇକୋର୍ଟ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ଏକ ରିପୋର୍ଟ ଦାଖଲ କରିବାକୁ ବାଣପୁର ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ଗତ ୮ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରି ରିପୋର୍ଟ ବାଣପୁର ପୋଲିସକୁ ହସ୍ତାନ୍ତର କରିଥିଲା। ୯ ତାରିଖରେ ହାଇକୋର୍ଟ ବିଧାୟକ ଜଗଦେବଙ୍କ ଜାମିନ ଆବେଦନ ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ୨୦ ତାରିଖରେ ହାଇକୋର୍ଟ ତାଙ୍କ ନିୟମିତ ଜାମିନ ଆବେଦନକୁ ଖାରଜ କରିବା ସହ ୨୩ତାରିଖରେ ବାଣପୁର ତଳ କୋର୍ଟ(ଜେଏମ୍‌ଏଫ୍‌ସି)ରେ ଆତ୍ମସମର୍ପଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଧାୟକଙ୍କ ଯଦି ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଯାଏ, ସେ ଜେଲରେ ଚିକିତ୍ସା ସୁବିଧା ପାଇପାରିବେ। ତଦନ୍ତ ଚାଲିଥିବାରୁ ତାଙ୍କୁ ଆଉ ଜାମିନ ଦିଆଯାଇ ପାରିବନାହିଁ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିଲେ।

### ମାତୃଭାଷା ପ୍ରତି...

ଭାଷାକୁ ପୂର୍ଣ୍ଣ ମାତ୍ରାରେ ଲାଗୁ କରାଯାଇ ପାରି ନାହିଁ। ୯ ବର୍ଷ ବିତିଯିବା ପରେ ୨୦୧୫ ଜୁନ୍‌ରେ ଏହାକୁ କେବଳ ସ୍କୁଲ ଓ ଗଣଶିକ୍ଷା ବିଭାଗରୁ ସଂସ୍କୃତି ବିଭାଗ ଅଧୀନକୁ ଆଣିଲେ। ହେଲେ ଦୀର୍ଘ ୬ ବର୍ଷ ଯାଏ ଏହା ଗଣଶିକ୍ଷା ବିଭାଗ ନିୟନ୍ତ୍ରଣରେ ରହିଲା। ଥରୁଟିଏ ବୈଠକ ବସିପାରିଲା ନାହିଁ। ୨୦୨୨ ଏପ୍ରିଲ ୨୫ରେ ପ୍ରଥମ ଥର ଅନୁଷ୍ଠିତ ହୋଇଥିବା କାର୍ଯ୍ୟନିର୍ବାହୀ କମିଟି ବୈଠକରେ ପ୍ରତିଷ୍ଠାନର ସାଧାରଣ ପରିଷଦରେ ମୁଖ୍ୟମନ୍ତ୍ରୀଙ୍କ ବଦଳରେ ସଂସ୍କୃତି ମନ୍ତ୍ରୀଙ୍କୁ ଅଧ୍ୟକ୍ଷ କରାଯାଇଛି। ଏଥିରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଉପାଧ୍ୟକ୍ଷ ପଦବୀରୁ ବାଦ୍ ଦିଆଯାଇଛି। ସେହିପରି ଏକ୍‌ଜିକ୍ୟୁଟିଭ କମିଟିରୁ ମଧ୍ୟ ଗଣଶିକ୍ଷା ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇ ସଂସ୍କୃତି ମନ୍ତ୍ରୀଙ୍କୁ ଅଧ୍ୟକ୍ଷ କରାଯାଇଛି।

ପ୍ରକାଶ ଯେ, ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବାଧ୍ୟତାମୂଳକ କରିବା ପାଇଁ ଓଡ଼ିଆ ସରକାରୀ ଭାଷା ଆଇନ, ୧୯୫୪ କାର୍ଯ୍ୟକାରୀ ହୋଇଥିଲା। ଦୀର୍ଘ ୬୨ ବର୍ଷ ପରେ ଓଡ଼ିଶା ସରକାର ଏହାକୁ ସରକାରୀ ସ୍ତରରେ ଲାଗୁ କରିବାକୁ ଓଡ଼ିଆ ଅଫିସିଆଲ ଲାଙ୍ଗୁଏଜ୍ ରୁଲ, ୨୦୧୬ ଆଣି ସେହି ବର୍ଷ ଅଗଷ୍ଟ ୨୦ ତାରିଖରୁ କାର୍ଯ୍ୟକାରୀ କରିଥିଲେ। ସରକାରୀ ଓ ବେସରକାରୀ ସ୍ତରରେ ଭାଷା ବ୍ୟବହାରକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନବଜାରଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟର ନାମଫଳକ ଓଡ଼ିଆରେ ଲେଖାଯିବ। ସରକାରୀ କାର୍ଯ୍ୟ ମଧ୍ୟ ଓଡ଼ିଆରେ କରାଯିବା ନେଇ ୨୦୧୮ରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଆଇନରେ ସଂଶୋଧନ ଅଣାଯାଇଥିଲା। ସେହିବର୍ଷ ବିଧାନସଭାରେ ଓଡ଼ିଆ ଭାଷା ବିଲ୍ ଗୃହୀତ ହୋଇଥିଲା। ଅବଜ୍ଞାକାରୀଙ୍କ ବିରୋଧରେ ୧ ହଜାରରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ବ୍ୟବସ୍ଥା ମଧ୍ୟ ହୋଇଛି। ମାତ୍ର ଏହା କେବଳ ନିୟମରେ ରହିଗଲା। ପୂର୍ବରୁ ସରକାରୀ ଫାଇଲପତ୍ର ଯେମିତି ଇଂଲିଶ୍‌ରେ ଚାଲୁଥିଲା ଏବେ ମଧ୍ୟ ସେହିଭଳି ଚାଲିଛି। ଭାଷାକୁ ନେଇ ସରକାରୀ ଉଦାସୀନତା ବେଶ୍ ବାରି ହୋଇପଡୁଛି। ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ତଥା ଭାଷାବିତ୍ ଫଣୀନ୍ଦ୍ର ଭୂଷଣ ନନ୍ଦ କହିଛନ୍ତି, ଆନ୍ତରିକତା ଅଭାବରୁ ଆଜି ଯାଏ ସରକାରୀ ସ୍ତରରେ ଓଡ଼ିଆ ଭାଷାକୁ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। କେବଳ ଭାଷା ପ୍ରତିଷ୍ଠାନ ସବୁକିଛି କରିପାରିବ ନାହିଁ। ସରକାରୀ, ବେସରକାରୀ ସ୍ତରରେ ଓ ସାଧାରଣରେ ଭାଷାକୁ ନେଇ ଆନ୍ତରିକତା ରହିବା ଦରକାର। ନଚେତ ସମସ୍ତ ଉଦ୍ୟମ କେବଳ କାଗଜକଲମରେ ସୀମିତ ରହିଯିବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି ସ୍ୱାସ୍ଥ୍ୟ ସମସ୍ୟା ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ। ଜଣେ ହିତୈଷୀଙ୍କ ଚେଷ୍ଟାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ସ୍ୱାର୍ଥହାନି ଆଶଙ୍କାରେ ନିଜ ଲୋକମାନେ ଦୂରେଇ ଯାଇପାରନ୍ତି। ଦ୍ୱିଜା ନକ୍ଷତ୍ର ଘରର ଅସଜଡ଼ା କାମକୁ ସଜାଡ଼ିନେବା ସକାଶେ ମନସ୍ଥ କରିବେ।

**ବୃଷ**

ଘରେ ଅସାବଧାନତାବଶତଃ କୌଣସି ମୂଲ୍ୟବାନ୍ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଫିସ୍‌କୁ ହଠାତ୍ ଯିବା ସମୟକୁ କୌଣସି ଦରକାରୀ କାଗଜପତ୍ର ନ ପାଇ ବ୍ୟସ୍ତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। ରୋହିଣୀ ନକ୍ଷତ୍ର ଅସ୍ଥିରତା କାରଣରୁ ଠିକ୍ ନିଷ୍ପତ୍ତି ନେଇପାରିବେ ନାହିଁ।

**ମିଥୁନ**

ପାରିବାରିକ ଅସ୍ଥିରତାକୁ ଠିକ୍ ମାର୍ଗରେ ସମାଧାନ କରିବାରେ ସମର୍ଥ ହେବେ। ନୂତନ ବନ୍ଧୁ ସମ୍ପର୍କ ଯୋଡ଼ିବା ପାଇଁ ଚେଷ୍ଟାକଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ।

**କର୍କଟ**

ଆଜିର ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇପାରିବ। ଅର୍ଥଲାଭ ସାଙ୍ଗକୁ ସାମାଜିକ ସ୍ତରରେ ମଧ୍ୟ ସମ୍ମାନିତ ହୋଇପାରନ୍ତି। ଚେଷ୍ଟା ସଫଳ ହେବା ପାଇଁ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଖବର ପାଇ ଖୁସି ହେବେ। ଆପଣଙ୍କୁ ଏହା ସାହାଯ୍ୟ କରିବ।

**ସିଂହ**

ସକାଳୁ ଶୁଭ ଖବର ସାଙ୍ଗକୁ ଅର୍ଥଲାଭରୁ ମନଟା ଖୁସି ହୋଇଯାଇପାରେ। ନିକଟସ୍ଥ ଈର୍ଷାପରାୟଣ ବ୍ୟକ୍ତିମାନେ ପରୋକ୍ଷ ସମାଲୋଚନା କରିପାରନ୍ତି। ପ୍ରତ୍ୟୁଷରୁ ତରବରିଆ ଯାତ୍ରା କରିବା ପୂର୍ବରୁ ଜିନିଷପତ୍ରକୁ ଆଉ ଥରେ ଦେଖିନେବା ଭଲ ହେବ। ଧାର ସୂତ୍ରରେ ଅର୍ଥ ପାଇବେ ଓ ନୂତନ ଜିନିଷ ଲାଭକରି ଖୁସି ହେବେ।

**କନ୍ୟା**

କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରିପାରିବେ ନାହିଁ। ଅବଶ୍ୟ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି,ତାହା ନିଶ୍ଚୟ ପାଇବେ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରିପାରନ୍ତି। ପିଲାମାନଙ୍କ କାର୍ଯ୍ୟକଳାପ ନିଜ ପାଇଁ ଅସନ୍ତୋଷ ସୃଷ୍ଟି କରିବ।

**ତୁଳା**

ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। ଅଫିସ ଭିତରେ ସହକର୍ମୀଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ପୂର୍ବ ବିବାଦରୁ କଚେରି ମାମଲା ସକାଶେ ଚିନ୍ତା ବଢ଼ିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି କାରଣରୁ ବିଚଳିତ ହେବେ।

**ବିଛା**

ଆଜି କାମ ହାସଲ ଦିଗରେ ଅନୁକୂଳ ପରିବେଶ ସୃଷ୍ଟି ହେବ। ପଡ଼ୋଶୀଙ୍କ ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣକଲେ କ୍ଷତିରେ ପଡ଼ିପାରନ୍ତି। ଉପକାର କରିଥିବା ବ୍ୟକ୍ତିଙ୍କଠାରୁ ପ୍ରତିଦାନ ପାଇବା ଦୁର୍ଲ୍ଲଭ ହୋଇପଡ଼ିବ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ତଥାପି ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ।

**ଧନୁ**

ସମସ୍ୟାରେ ଜଡ଼ିତ ହୋଇଥିବାରୁ ମନ ବିଚଳିତ ରହିବ। ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କୁ ନିଜ ସହ ତୁଳନାକରି ମନକୁ ଭାରାକ୍ରାନ୍ତ କରିପାରନ୍ତି। କୁଟୀରଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ର ଭଲ ରହିବ।

**ମକର**

କର୍ମକ୍ଷେତ୍ରରେ ଅସଜଡ଼ା ପରିସ୍ଥିତିକୁ ସହକର୍ମୀଙ୍କ ଜରିଆରେ ସଜାଡ଼ି ନେବେ। ପ୍ରକଳ୍ପ କାର୍ଯ୍ୟ, ପରିବହନ, ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ। ବନ୍ଧୁଙ୍କଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ଉଦ୍ରେକ ହୋଇପାରେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ।

**କୁମ୍ଭ**

ଯେଉଁ କାମରେ ହାତ ଦେବା ପାଇଁ ଚିନ୍ତା କରୁଛନ୍ତି,ତାହା ଆପଣଙ୍କୁ ଦ୍ୱନ୍ଦ୍ୱାତ୍ମକ ସ୍ଥିତିରେ ପକାଇ ଦେଇପାରେ। ଆଜିର ଯାତ୍ରା, ବାଣିଜ୍ୟ ଓ ବ୍ୟବସାୟ ତଥା ପରିବହନ ସକାଶେ ଦିନଟି ବିଶେଷ ଭାବରେ ଅନୁକୂଳ ରହିବ। ଅର୍ଥନୈତିକ, ସାମାଜିକ, ପାରିବାରିକ, କଳାତ୍ମକ ଦିଗ ସକାଶେ ଦିନଟି ବହୁତ ଭଲ।

**ମୀନ**

କର୍ମକ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଅନ୍ୟମାନେ ଦୋଷ ଲଦିପାରନ୍ତି। ପାରିବାରିକ କ୍ଷେତ୍ରରେ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ସଭାସମିତି, କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ବନ୍ଧୁ ସମ୍ପର୍କରେ ବିଶେଷ ଉନ୍ନତି କରିବେ। ପରିବାରର ଛୋଟ ଛୋଟ କଥାକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି।

ତୁମେ ଯଦି ପୃଥିବୀରେ ଶାନ୍ତି ପ୍ରତିଷ୍ଠିତ ହେଉ ବୋଲି ଚାହୁଁଥାଅ– ତେବେ ଆଗ ନିଜ ହୃଦୟରେ ଶାନ୍ତି ସ୍ଥାପନ କର । ... ଜଣେ ତା’ର ପ୍ରଗାଢ ନିଦ୍ରାରୁ ଜାଗି ଉଠିପାରେ । କିନ୍ତୁ ଥରେ ପ୍ରଗାଢ ଶାନ୍ତି ତୁମ ଭିତରେ ସ୍ଥାପିତ ହେଲେ– ତାହା ଆଉ ଭାଙ୍ଗେ ନାହିଁ । **–ଶ୍ରୀମା**

# ନନ୍ଦନକାନନ: ଦଫା ୩୦୭

ଓଡ଼ିଶା ସରକାର କହୁଛନ୍ତି ଯେ, ଆମ ରାଜ୍ୟ ହେଉଛି ଭାରତବର୍ଷର ସବୁଠାରୁ ଅନାବିଷ୍କୃତ ସୌନ୍ଦର୍ଯ୍ୟ ବା ବେଷ୍ଟ କେପ୍ଟ ସିକ୍ରେଟ୍। ସେହି ଗୋପନୀୟତାକୁ ଓଡ଼ିଶା ସରକାର ପର୍ଯ୍ୟଟନ ବିଭାଗ ମାଧ୍ୟମରେ ଅନେକ ଅର୍ଥ ଖର୍ଚ୍ଚ କରି ଦେଶବ୍ୟାପୀ ପ୍ରଚାର ଚଳାଇଛନ୍ତି। ଖୁସିଲାଗେ ଯେତେବେଳେ ଦିଲ୍ଲୀ ବିମାନବନ୍ଦରରେ ଥିବା ଅନେକ ଟେଲିଭିଜନ ଡିସ୍‌ପ୍ଲେରେ ଓଡ଼ିଶା ପର୍ଯ୍ୟଟନର ବିଜ୍ଞାପନ ଦେଖିବାକୁ ମିଳେ। କିନ୍ତୁ ପର୍ଯ୍ୟଟନ କେବଳ ଝରଣା, ଜଳପ୍ରପାତ, ବାଘ କିମ୍ବା ମନ୍ଦିର ଭିତରେ ସୀମିତ ରହେନାହିଁ। ବାସ୍ତବ ପର୍ଯ୍ୟଟନ ସେତିକିବେଳେ ସଫଳ ହୋଇଥାଏ, ଯେତେବେଳେ ସ୍ଥାନୀୟ ଲୋକଙ୍କଠାରୁ ପର୍ଯ୍ୟଟକମାନେ ଉଚିତ ଆତିଥ୍ୟ ପାଇଥାନ୍ତି। ଓଡ଼ିଶାର ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ପର୍ଯ୍ୟଟକଙ୍କ ପ୍ରତି ଦର୍ଶାଯାଉଥିବା ଅନାଦାର ଗତ ୨୨ ମେ’ ୨୦୨୨ରେ ନନ୍ଦନକାନନ ଚିଡ଼ିଆଖାନାରେ ଦେଖିବାକୁ ମିଳିଲା।

ଘଟଣାକୁ ଦେଖିଲେ ଛତିଶଗଡ଼ର ରାୟପୁରରୁ ୨୬ ଜଣ ପର୍ଯ୍ୟଟକ ନନ୍ଦନକାନନ ଆସି ସଫାରିରେ ବୁଲିବା ପାଇଁ ସଫାରି କାଉଣ୍ଟରରେ ପହଞ୍ଚିଥିଲେ। ଟିକେଟ କିଣି ସଫାରି ବସ୍‌ରେ ବସିବାକୁ ସେମାନଙ୍କର ପାଳିଯାଏ ଅପେକ୍ଷା କରିଥିଲେ। ମିଳିଥିବା ସୂଚନା ଅନୁଯାୟୀ ଦୀର୍ଘ ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ସଫାରି ବସ୍‌ରେ ବୁଲିବାର ସୁଯୋଗ ମିଳି ନ ଥିଲା। ଏହାକୁ ନେଇ ଡେରି ହେଉଥିବା ଦର୍ଶାଇ ସେମାନେ କାଉଣ୍ଟର କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଠେଲାପେଲା କରିଥିଲେ। କଥା ସେଇଠି ଅଟକି ନ ଥିଲା। ସମ୍ପୃକ୍ତ କର୍ମଚାରୀମାନେ ପର୍ଯ୍ୟଟକଙ୍କୁ ଆକ୍ରମଣ କରିବା ଉଦ୍ଦେଶ୍ୟ ରଖି ସ୍ଥାନୀୟ ଅଞ୍ଚଳର ୫୦ ଜଣ ଲୋକଙ୍କୁ ଏକାଠି କରାଇ ହତିଆର ଧରି ପର୍ଯ୍ୟଟକ ଗୋଷ୍ଠୀଙ୍କୁ ମାଡ଼ ମାରିଥିଲେ। ଆକ୍ରମଣରୁ ବର୍ତ୍ତିବା ପାଇଁ ପର୍ଯ୍ୟଟକମାନେ ମୁଖ୍ୟ ଫାଟକ ଆଡ଼କୁ ଧାଉଁଥିବା ଦେଖିବାକୁ ମିଳିଥିଲା।

ପ୍ରଥମ କଥା ହେଉଛି ଜଣେ ଟିକେଟ କାଟିଲା ପରେ ତାଙ୍କୁ ଦୀର୍ଘ ସମୟ କାହିଁକି ଅପେକ୍ଷା କରିବାକୁ ପଡ଼ିଲା। ସେଥିରୁ ବୁଝାଯାଇପାରେ ଯେ ନନ୍ଦନକାନନରେ କର୍ମଚାରୀମାନଙ୍କ ଏହି ନିମ୍ନ ସ୍ତରରେ ମଧ୍ୟ ଅପାରଗତା ଯୋଗୁ ଅଯଥା ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି। ଟିକଟରେ ଯଦି ସଂଖ୍ୟା ପଡୁଛି, ତେବେ ଜଣକ ପରେ ଜଣେ ବସ୍‌ରେ ସୁଯୋଗ ପାଇବା କଥା। ତେଣୁ ଏହା କେଉଁ କାରଣରୁ କରାଗଲା ନାହିଁ ସେ ବିଷୟରେ ତଦନ୍ତ ହେବା ଉଚିତ। ଧରିନିଆଯାଉ ପର୍ଯ୍ୟଟକମାନେ ଖରାକୁ ସହି ନ ପାରି ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଯଦି ସେଭଳି ପରିସ୍ଥିତି ସୃଷ୍ଟି ହେଲା ତେବେ ଚିଡ଼ିଆଖାନା କର୍ତ୍ତୃପକ୍ଷ ପୋଲିସକୁ କାହିଁକି ଡକାଇଲେ ନାହିଁ।

> **ନନ୍ଦନକାନନ ଘଟଣାକୁ ଏକ ଉଦାହରଣ ଭାବେ ନିଆଯାଇ ହିଂସା ଘଟାଇଥିବା କର୍ମଚାରୀ ଓ ସହଯୋଗୀମାନଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୦୭ ଦଫାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯିବା ଦରକାର।**

ଓଡ଼ିଶାରେ ଏହିଭଳି ହିଂସାତ୍ମକ ଘଟଣାକୁ ଦେଖିଲେ ସବୁବେଳେ ସ୍ଥାନୀୟ ଲୋକଙ୍କୁ ଏକାଠି କରି ଯେଉଁଭଳି ସଂଖ୍ୟାଗରିଷ୍ଠ ଗୋଷ୍ଠୀ ହିଂସା ଘଟାନ୍ତି, ତାହା ବିକୃତ ମାନସିକତା ପ୍ରଦର୍ଶନ କରିଥାଏ। ଓଡ଼ିଆଙ୍କୁ ସବୁବେଳେ ଭିଡ଼ ଭିତରେ ଆକ୍ରମଣ କରିବାକୁ ଆନନ୍ଦ ଲାଗେ। ହୁଏତ ସେଥିପାଇଁ ନିଜ ସ୍ଥାନ ଛାଡ଼ି ବାହାରକୁ ଗଲେ ନିଜକୁ ଓଡ଼ିଆ ଭାବେ ପରିଚିତ କରାଇବା ଲାଗି ଡରିଥାନ୍ତି।

ପର୍ଯ୍ୟଟନ ଏକ ଜଟିଳ ବ୍ୟବସାୟ। ସେଥିରେ ସଫଳତା ପାଇବାକୁ ହେଲେ ମଣିଷର ମନ ଜିଣିବାକୁ ପଡ଼େ। ପର୍ଯ୍ୟଟକଙ୍କ ଚାରିପାର୍ଶ୍ୱରେ ଯେତେଜଣ ଉପସ୍ଥିତ ଥିବେ ସମସ୍ତେ ସେଥିରେ ସମ୍ପୃକ୍ତ ବୋଲି ଧରିନେବା କଥା। ପର୍ଯ୍ୟଟନସ୍ଥଳୀ ସମୁଦ୍ରରେ ଏକ ଟାପୁ ଭାବେ ବଞ୍ଚିପାରିବ ନାହିଁ। ଉଦାହରଣସ୍ୱରୂପ ନନ୍ଦନକାନନର ମୁଖ୍ୟ ଫାଟକ ସମ୍ମୁଖରେ ଅନେକ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଦୋକାନ ଖୋଲିଛି। ସେମାନଙ୍କର ଅର୍ଥ ଅର୍ଜନ କେବଳ ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଛି। ସେଥିପାଇଁ ଯଦି ସରକାର ଚାହୁଁଛନ୍ତି ଯେ, ନନ୍ଦନକାନନକୁ ଏକ ଜାତୀୟ ସ୍ତରର ପର୍ଯ୍ୟଟନସ୍ଥଳୀରେ ସୃଷ୍ଟି କରିବା ପାଇଁ ତେବେ ପ୍ରାଣୀ ଉଦ୍ୟାନରେ ସବୁ କର୍ମଚାରୀଙ୍କ ସମେତ ବାହାରେ ବେପାର କରୁଥିବା ମାଲିକ ଓ କର୍ମଚାରୀଙ୍କୁ ନିୟମିତ ବ୍ୟବଧାନରେ ପ୍ରଶିକ୍ଷଣ ଶିବିରରେ ସାମିଲ କରାଯିବା ଦରକାର। ପର୍ଯ୍ୟଟନ ବିଶେଷଜ୍ଞମାନଙ୍କୁ ଡାକି ସେହି ଅଞ୍ଚଳରେ ବାରମ୍ବାର ଗୋପନୀୟ ପରୀକ୍ଷା କରାଯିବା ଉଚିତ, ଯେଉଁଥିରେ ଭଦ୍ର ବ୍ୟବହାର ଏବଂ ପର୍ଯ୍ୟଟକଙ୍କ ସୁରକ୍ଷା କେଉଁ ସ୍ତରରେ ଅଛି ମପାଯିବା ଆବଶ୍ୟକ। କେବଳ ରାସ୍ତା ଚଉଡ଼ା କଲେ କିମ୍ବା ହୋଟେଲ ତିଆରି କଲେ ପର୍ଯ୍ୟଟକଙ୍କ ଭିଡ଼ ହୁଏ ନାହିଁ। ସ୍ଥାନୀୟ ଲୋକଙ୍କ ବ୍ୟବହାର ସବୁଠୁ ଅଧିକ ଗୁରୁତ୍ୱ ବହନ କରିଥାଏ।

ନନ୍ଦନକାନନ ଘଟଣା ପ୍ରମାଣ କରୁଛି ଯେ, ଓଡ଼ିଶାର ରାଜଧାନୀରେ ପର୍ଯ୍ୟଟକ ସୁରକ୍ଷିତ ନୁହନ୍ତି। ଏଥିରୁ ବୁଝିବାକୁ ହେବ ଯେ, ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ମଧ୍ୟ ପର୍ଯ୍ୟଟକ ସୁରକ୍ଷିତ ରହୁ ନ ଥିବେ। ତେଣୁ ନନ୍ଦନକାନନ ଘଟଣାକୁ ଏକ ଉଦାହରଣ ଭାବେ ନିଆଯାଇ ହିଂସା ଘଟାଇଥିବା କର୍ମଚାରୀ ଓ ସହଯୋଗୀମାନଙ୍କ ନାମରେ ଭାରତୀୟ ପିଙ୍ଗଳ କୋଡ୍‌ର ୩୦୭ ଦଫାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରାଯିବା ଦରକାର। ଏଥିସହିତ ମାଡ଼ ଖାଇଥିବା ପର୍ଯ୍ୟଟକଙ୍କୁ ବାରମ୍ବାର ସାକ୍ଷୀ ଭାବେ ଡକାଇ ଅଦାଲତରେ ହଇରାଣ କରିବା ପରିବର୍ତ୍ତେ ଗୋଟିଏ ଥରରେ ମାଜିଷ୍ଟ୍ରେଟ୍‌ଙ୍କ ସାମ୍ନାରେ ବୟାନ ରେକର୍ଡ କରାଇ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାର ବ୍ୟବସ୍ଥା କରାଯିବା ଉଚିତ। ସରକାର ଯଦି ଏହି ଘଟଣାକୁ ଠିକ୍ ଭାବେ ପରିଚାଳନା କରି ଏକ ସୁସ୍ଥ ବାର୍ତ୍ତା ଦେଇପାରନ୍ତେ, ତେବେ ପୁନର୍ବାର ଓଡ଼ିଶା ଆସିବାକୁ ପର୍ଯ୍ୟଟକ ଆକୃଷ୍ଟ ହୁଅନ୍ତେ। ନଚେତ୍ ଓଡ଼ିଶା ପୁନଶ୍ଚ ସେହି ଗୋପନୀୟତା (ବେଷ୍ଟ କେପ୍ଟ ସିକ୍ରେଟ୍)ର ଅନ୍ଧକାରକୁ ଫେରିଯିବ।



ସୌଭାଗ୍ୟ ସୁନ୍ଦରରାୟ

# ଆଉ ଏକ ଧର୍ମୀୟ ଜାଗରଣ

ଆଇନଗତ ସ୍ତରରେ ରାମ ଜନ୍ମଭୂମି ଆନ୍ଦୋଳନର ଅନ୍ତ ଘଟିଛି ବୋଲି କୁହାଯାଇପାରେ। ତେବେ ଦୀର୍ଘ ୩ ଦଶନ୍ଧି ଧରି ଦେଶରେ ଚାଲିଥିବା ଏକ ଧର୍ମୀୟ ଜାଗରଣର ପରିସମାପ୍ତି ଘଟିଛି ବୋଲି ଯଦି କୁହାଯାଏ ତାହା ଠିକ୍ ହେବ ନାହିଁ। ଏହା ପରକୁ ମଥୁରାର ଶ୍ରୀକୃଷ୍ଣ ଜନ୍ମଭୂମି ଓ ବାରାଣସୀର ଜ୍ଞାନବାପି ମସ୍‌ଜିଦ୍ ମାମଲା ଆଗକୁ ଆସିଲାଣି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ କେନ୍ଦ୍ରକରି ୧୯୯୦ରେ ଭାରତୀୟ ଜନତା ପାର୍ଟି(ଭାଜପା)ର ନେତା ଲାଲକୃଷ୍ଣ ଆଡ଼ଭାନୀ ସୋମନାଥ– ଅଯୋଧ୍ୟା ରଥଯାତ୍ରା ଆୟୋଜନ କରିଥିଲେ। ତତ୍କାଳୀନ ରାଜନୈତିକ ପ୍ରେକ୍ଷାପଟରେ ଦେଶରେ ଏହା ଥିଲା ବଡ଼ ଧର୍ମୀୟ ଜାଗରଣ। ଏହି ରଥଯାତ୍ରା ସମୟରେ ଆଡ଼ଭାନୀଙ୍କ ଦ୍ୱାରା ନୂଆ ‘ଛଦ୍ମ ଧର୍ମନିରପେକ୍ଷ’ ଶବ୍ଦ ସଂଯୋଜନା କରାଯାଇଥିଲା। ଯାତ୍ରା କାଳରେ ଆଡ଼ଭାନୀ ଗିରଫ ହେଲେ ଏବଂ ପ୍ରତିକ୍ରିୟା ସ୍ୱରୂପ କେନ୍ଦ୍ରରେ ଭି.ପି. ସିଂଙ୍କ ସରକାରର ପତନ ଘଟିଥିଲା। ଏହାର ୨ ବର୍ଷ ପରେ ଅଯୋଧ୍ୟାଠାରେ ଅପୂଜ୍ୟ ଥିବା ବାବ୍ରି ମସ୍‌ଜିଦ୍‌ର ପତନ କାରସେବକଙ୍କ ଦ୍ୱାରା ଘଟିଥିଲା। ସେତେବେଳେ ପ୍ରଧାନମନ୍ତ୍ରୀ ଥିଲେ କଂଗ୍ରେସର ପି.ଭି.ନରସିଂହ ରାଓ। ବାବ୍ରି ମସ୍‌ଜିଦ୍ ଭଙ୍ଗାଯିବା ଘଟଣାକୁ ଦେଶର ଗଣତନ୍ତ୍ରରେ ଏକ କାଳିମା ଭାବେ ବିବେଚନା କରାଯାଉଛି। ଏହି ରାମ ଜନ୍ମଭୂମି ଧର୍ମୀୟ ଆନ୍ଦୋଳନର ସୁଫଳ ସ୍ୱରୂପ ୧୯୯୬ରେ କେନ୍ଦ୍ରରେ ପ୍ରଥମ ଥର ପାଇଁ ଭାଜପା କ୍ଷମତାସୀନ ହେଲା, ଆଉ ଦଳର ଉଦାରପନ୍ଥୀ ନେତା ଅଟଳ ବିହାରୀ ବାଜପେୟୀ ହେଲେ ପ୍ରଧାନମନ୍ତ୍ରୀ। ଲାଲକୃଷ୍ଣ ଆଡ଼ଭାନୀ ହୋଇଥିଲେ ଉପ ପ୍ରଧାନମନ୍ତ୍ରୀ। ପ୍ରଥମେ ୧୩ ଦିନ, ଏହାପରେ ୧୩ ମାସ ଓ ପରିଶେଷରେ ଭାଜପା ସମ୍ପୂର୍ଣ୍ଣ ୫ ବର୍ଷ ଶାସନ କ୍ଷମତାରେ ରହିଥିଲା। ପରବର୍ତ୍ତୀ ୧୦ ବର୍ଷ ଧରି ଦଳ କ୍ଷମତାରୁ ଦୂରେଇ ରହିବା ପରେ ପୁଣି କ୍ଷମତାକୁ ଫେରିଲା, ଆଉ ପ୍ରଧାନମନ୍ତ୍ରୀ ହେଲେ ନରେନ୍ଦ୍ର ମୋଦି। ୨୦୧୯ରେ ନରେନ୍ଦ୍ର ମୋଦି ପ୍ରଥମ ପାଳି ୫ ବର୍ଷ କ୍ଷମତା ପୂରଣ କରି ଏବେ ଦ୍ୱିତୀୟ ପାଳି ପାଇଁ କ୍ଷମତାସୀନ ଅଛନ୍ତି। ଏହି ପୃଷ୍ଠଭୂମିରେ ଦେଶରେ ଏବେ ଆଉ ଏକ ଧର୍ମୀୟ ଜାଗରଣ ଦୃଷ୍ଟିଗୋଚର ହେଉଛି। ଏହା କ’ଣ ୨୦୨୪ ପାଇଁ ? ଭାଜପାକୁ କ୍ଷମତାସୀନ କରିବାରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ(ଆର୍‌ଏସ୍‌ଏସ୍) ଓ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି) ସର୍ବଦା ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଥାନ୍ତି। ଆଗାମୀ ନିର୍ବାଚନଗୁଡ଼ିକ ପାଇଁ ଏହି ସବୁ ହିନ୍ଦୁତ୍ୱବାଦୀ ସଙ୍ଗଠନ ପୂର୍ବ କୌଶଳ ଆପଣାଉଥିବା ଜଣାପଡ଼ିଛି। ଦେଶର ଅର୍ଥନୀତି ସମ୍ପ୍ରତି ଏକ ପ୍ରକାର ସ୍ଥାଣୁ ହୋଇଯାଇଛି। ବିମୁଦ୍ରୀକରଣ, ଦ୍ରବ୍ୟ ଓ ସେବାକରରୁ ଆବଶ୍ୟକ ସଫଳତା ମିଳିପାରି ନାହିଁ। ରିଜର୍ଭ ବ୍ୟାଙ୍କ, ସିବିଆଇ ଓ ନ୍ୟାୟିକ ପ୍ରଶାସନରେ ସରକାରୀ ହସ୍ତକ୍ଷେପ ବୃଦ୍ଧି ପାଇଛି। ବ୍ୟାଙ୍କ ଶିଳ୍ପରେ ଦୁର୍ନୀତି ବି ବଢ଼ିଲା। ପ୍ରତିରକ୍ଷା ସାମଗ୍ରୀ କିଣାରେ ଦୁର୍ନୀତି ଅଭିଯୋଗ ଆସିଲା। କୃଷି ବିଲ୍‌କୁ ନେଇ ସରକାରଙ୍କୁ ପଛଘୁଞ୍ଚା ଦେବାକୁ ପଡ଼ିଲା। ଏପ୍ରକାର ସ୍ଥିତିରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଭାବମୂର୍ତ୍ତି ମଳିନ ହୋଇଥିବା ଅନୁଭବ କରି ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ସେଥିରୁ ଦୃଷ୍ଟି ଏଡ଼ାଇ ପୁଣି ଥରେ ଭାଜପାକୁ କ୍ଷମତାସୀନ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ଆରମ୍ଭ କରିଦେଇଛନ୍ତି।



ସଦ୍ୟତମ ଘଟଣାରେ ଶ୍ରୀକୃଷ୍ଣ ଜନ୍ମଭୂମି ଏବଂ ଜ୍ଞାନବାପି ଧର୍ମପୀଠର ପୁନରୁଦ୍ଧାର କାର୍ଯ୍ୟକ୍ରମ ହାତକୁ ନେବା ପାଇଁ ହିନ୍ଦୁତ୍ୱବାଦୀ ସଙ୍ଗଠନ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଯାଇଛି। ମଥୁରାସ୍ଥିତ ଶ୍ରୀକୃଷ୍ଣ ଜନ୍ମଭୂମି ନିକଟରେ ଥିବା ମସ୍‌ଜିଦ୍ ଉଚ୍ଛେଦ ଦାବିରେ ସ୍ଥାନୀୟ ଅଦାଲତରେ ଶ୍ରୀକୃଷ୍ଣ ବିଜେ ସଂସ୍ଥା ପକ୍ଷରୁ ଏକ ମାମଲା ୨୦୨୦ ଅକ୍ଟୋବରରେ ଦାୟର କରାଯାଇଥିଲା। ୧୩ ଏକର ପରିମିତ କଥିତ କୃଷ୍ଣ ଜନ୍ମଭୂମି ସ୍ଥାନରେ ଏକ ଇଦ୍‌ଗା ମସ୍‌ଜିଦ୍ ରହିଛି। ଏହି ମସ୍‌ଜିଦଟି ସପ୍ତଦଶ ଶତାବ୍ଦୀର ବୋଲି ଦର୍ଶାଯାଇଛି। ଶ୍ରୀକୃଷ୍ଣ ଜନ୍ମଭୂମି ପରିସରରେ ଏକାଧିକ ମନ୍ଦିର ରହିଛି। ମୁଖ୍ୟ ପୌରାଣିକ ମନ୍ଦିରଟି ଶ୍ରୀକୃଷ୍ଣଙ୍କ ଅଣନାତି ବ୍ରଜନାଭ ନିର୍ମାଣ କରାଇଥିବା କୁହାଯାଏ। ଏହି ସ୍ଥାନରେ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ କେତେଟା ଖନନ କାର୍ଯ୍ୟ ହାତକୁ ନିଆଯାଇଥିଲା। ଏହି ଖନନରୁ କିଛି ଟେରାକୋଟା ସାମଗ୍ରୀ ଆଦି ମିଳିଛି, ଯାହା ପ୍ରାୟ ଖ୍ରୀଷ୍ଟପୂର୍ବ ୬ଷ୍ଠ ଶତାବ୍ଦୀର ବୋଲି ଅନୁମାନ କରାଯାଉଛି। ତେବେ ମଥୁରା ବ୍ରିଟିଶ ନିୟନ୍ତ୍ରଣକୁ ଆସିବା ପରେ ୧୮୧୫ ରେ ବ୍ରିଟିଶ ପ୍ରଶାସନ କଥିତ କୃଷ୍ଣ ଜନ୍ମଭୂମି ଜମିକୁ ନିଲାମ କରି ଦେଇଥିଲେ। ବନାରସର ଜଣେ ଧନିକ ବ୍ୟକ୍ତି ଏହାକୁ ନିଲାମରେ ନେଇଥିଲେ। ସ୍ୱାଧୀନତା ପରେ ଶିଳ୍ପପତି ଯୁଗଳ କିଶୋର ବିରଲା ଓ ସାମାଜିକ କର୍ମୀ ଜୟଦୟାଲ ଡାଲମିଆ ଏହି ସ୍ଥାନରେ ମନ୍ଦିର ନିର୍ମାଣ କରିଥିଲେ। ମନ୍ଦିର ପରିଚାଳନା ପାଇଁ ଶ୍ରୀକୃଷ୍ଣ ଜନ୍ମଭୂମି ସେବା ସଂସ୍ଥା ନାମରେ ଏକ ଟ୍ରଷ୍ଟ ଗଠନ କରାଯାଇଥିଲା। ଡାଲମିଆ ବଂଶଜ ମନ୍ଦିର ପରିଚାଳନା ଓ ଟ୍ରଷ୍ଟ ସହ ଓତପ୍ରୋତ ଭାବେ ଜଡ଼ିତ ରହିଥିଲେ। ପ୍ରଭୁ ଶ୍ରୀକୃଷ୍ଣ ଯେଉଁ ବନ୍ଦୀଶାଳାରେ ଜନ୍ମ ହୋଇଥିଲେ ସେହି କୋଠରିର ଭଗ୍ନାବଶେଷ ଉପରେ କୁଆଡ଼େ ଇଦ୍‌ଗା ନିର୍ମାଣ ହୋଇଛି ବୋଲି କୁହାଯାଉଛି। ଏହି ପ୍ରସଙ୍ଗକୁ ଏବେ ହିନ୍ଦୁତ୍ୱବାଦୀ ସଙ୍ଗଠନଗୁଡ଼ିକ ଉଜ୍ଜୀବିତ କରିବାକୁ ଚାହୁଁଛନ୍ତି। ଏହାଦ୍ୱାରା ୨୦୨୪ ଲୋକ ସଭା ନିର୍ବାଚନରେ ଦଳ ପୁନର୍ବାର କ୍ଷମତାକୁ ଫେରିବାର ପଥ ସୁଗମ ହୋଇପାରିବ ବୋଲି ସେମାନେ ମନେକରୁଛନ୍ତି।

ସେହିପରି ବାରାଣସୀର ୭ମ ଶତାବ୍ଦୀର କାଶୀ ବିଶ୍ୱନାଥ–ଜ୍ଞାନବାପି ଧର୍ମୀୟ ପରିସରକୁ ନେଇ ଦ୍ୱନ୍ଦ୍ୱାତ୍ମକ ପରିବେଶ ସୃଷ୍ଟି ହୋଇଛି। ମୋଗଲ ସମ୍ରାଟ ଔରଙ୍ଗଜେବ ଜ୍ଞାନବାପି ମସ୍‌ଜିଦ୍‌ଟି ନିର୍ମାଣ କରାଇଥିବା କୁହାଯାଉଛି ଏବଂ ଏହା କାଶୀ ବିଶ୍ୱନାଥ ମନ୍ଦିର ନିକଟରେ ରହିଛି। ଏହି ମସ୍‌ଜିଦ୍‌ଟି ଏକ ହିନ୍ଦୁ ମନ୍ଦିର ଭଗ୍ନାବଶେଷ ଉପରେ ନିର୍ମାଣ ହୋଇଥିବା ଅଭିଯୋଗକରି ଏଠାରେ ପୂଜାର୍ଚ୍ଚନା ପାଇଁ କିଛି ହିନ୍ଦୁ ସଙ୍ଗଠନ ଦାବି କରୁଛନ୍ତି। ତୃତୀୟ ପାଳି କେନ୍ଦ୍ରରେ ଭାଜପାକୁ କ୍ଷମତାସୀନ କରିବା ଆଶାରେ ହିନ୍ଦୁତ୍ୱବାଦୀ ସଙ୍ଗଠନ ସକ୍ରିୟ ରହିଥିବା ଅନୁଭବ କରାଯାଉଛି। ଗତ ବିହାର ନିର୍ବାଚନ ସମୟରେ ମିଥିଳାର ଏକ ନିର୍ବାଚନୀ ସଭାରେ ପ୍ରଧାନମନ୍ତ୍ରୀ ଭାଷଣରେ ମିଥିଳା ମା’ ସୀତା ଦେବୀଙ୍କ ଜନ୍ମସ୍ଥାନ ବୋଲି ଉଲ୍ଲେଖ କରିବା ସହ ଅଯୋଧ୍ୟାରେ ନୂଆ ରାମମନ୍ଦିର ନିର୍ମାଣ ବିଷୟ କହିଥିଲେ। ତେଣୁ ଆସନ୍ତା ନିର୍ବାଚନରେ ଶ୍ରୀରାମଙ୍କ ସହ ଶ୍ରୀକୃଷ୍ଣ ଓ ଶଙ୍କରଙ୍କ ନାମ ପ୍ରସଙ୍ଗ ମଧ୍ୟକୁ ଆସିବ ବୋଲି ଜଳଜଳ ଦେଖାଯାଉଛି। ଆଗକୁ ମଥୁରା ଓ ଜ୍ଞାନବାପି ପ୍ରସଙ୍ଗକୁ ଆଇନର ଗଣ୍ଡି ମଧ୍ୟକୁ ନେବା ପାଇଁ ଉଦ୍ୟମ ହେବା ସହ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଗତିଶୀଳ କରିବା ସକାଶେ ଏକାଧିକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ସମ୍ଭାବନା ରହିଛି। ଏହାଦ୍ୱାରା ବାତାବରଣ ଗୋଳମାଳିଆ ହେବ। ଦେଶରେ ଉଚ୍ଚାଟ ସୃଷ୍ଟି ହେବ। ଏହି ଘନଘଟା ଭାଜପାକୁ ନିର୍ବାଚନରେ ସହାୟକ ହେବ ବୋଲି ହିନ୍ଦୁ ସଙ୍ଗଠନଗୁଡ଼ିକ ଆଶା ରଖିଥିବା ମନେହୁଏ।

**ମୋ: ୯୪୩୭୨୨୯୨୩୩**



ଡ. ନରେନ୍ଦ୍ର ସେଠୀ

# ଭାରତର ଭବିଷ୍ୟତ ସେମିକଣ୍ଡକ୍ଟର

ପୂର୍ବରୁ କମ୍ପ୍ୟୁଟରଗୁଡ଼ିକ ଏତେ ବଡ଼ ହେଉଥିଲା ଯେ ଏହା ବଡ଼ ଘର ଆକାର ନେବା ସହିତ ଅନେକ ବିଜୁଳି ଖର୍ଚ୍ଚ କରୁଥିଲା। ଷଷ୍ଠ ଦଶକରେ ନାସା ମୁଖ୍ୟାଳୟର ଆନାରେଲୋଜି କମ୍ପ୍ୟୁଟର ୨କୋଠରି ବିଶିଷ୍ଟ ଆୟତନ ଅଧିକାର କରିଥିଲା। ସେମିକଣ୍ଡକ୍ଟର ବିଶ୍ୱରେ ପ୍ରଥମ କରି ଆମେରିକାର ବେଲ୍ ପ୍ରୟୋଗଶାଳାରେ ୧୯୪୮ରେ ତିଆରି ହୋଇଥିଲା ଓ ସେଇଠୁ ବୃହତ୍ ଭକ୍ୟୁମ ଡାଏଡ୍ ଯୁଗର ଅବସାନ ହେଲା। ଟ୍ରାଞ୍ଜିଷ୍ଟରର ଉଦ୍ଭାବନ ହେଲା ପରେ ସେମିକଣ୍ଡକ୍ଟର ନାମକ ଏକ ବିଚିତ୍ର ଜିନିଷ ସମଗ୍ର ବିଜ୍ଞାନକୁ ବଦଳେଇବାକୁ ଲାଗିଲା। ବଡ଼ ବଡ଼ ଭାକ୍ୟୁମ ଟ୍ୟୁବ୍ ଯାହା କରୁଥିଲେ ଏକ ଛୋଟ ମାଇକ୍ରୋଚିପ୍ ଭିତରେ ସବୁ ସମାହିତ ହୋଇଗଲା ଓ କମ୍ପ୍ୟୁଟର ଆକାର ଏକ ଘର ଆକାରରୁ କମିଯାଇ ଟେବୁଲ ଉପରେ ରହିପାରିଲା। ତେବେ ଏହି ସେମିକଣ୍ଡକ୍ଟର ଏହା ଭିତରେ ଅନେକ ଅଗ୍ରଗତି କରିଛି ଓ ସମଗ୍ର ବିଜ୍ଞାନକୁ ହାତମୁଠାରେ ନେଇ ସାରିଛି।

ଆମ ଜୀବନର ପ୍ରତ୍ୟେକ ମୁହୂର୍ତ୍ତ ପରୋକ୍ଷ ଭାବରେ ସେମିକଣ୍ଡକ୍ଟର ଦ୍ୱାରା ପରିଚାଳିତ ହେଉଛି। ଆମ ଦୈନନ୍ଦିନ ଜୀବନରେ ସେମିକଣ୍ଡକ୍ଟରଗୁଡ଼ିକ କିପରି ବ୍ୟବହୃତ ହୁଏ ଆସନ୍ତୁ, ନଜର ପକେଇବା। ଏଭଳି ଏକ ଏତେ ଜରୁରୀ ଜିନିଷଟି କୋଉ ଷ୍ଟୋରରେ ବୈଦ୍ୟୁତିକ ଉପକରଣ ଭାବରେ ବିକ୍ରି ହୁଏ ନାହିଁ, ତେଣୁ ଏହାକୁ ଟିକେ ବୁଝିବା କଷ୍ଟକର ହୋଇପାରେ। କିନ୍ତୁ ବାସ୍ତବରେ ଏହା ପ୍ରତ୍ୟେକ ବୈଦ୍ୟୁତିକ ଉପକରଣରେ ଭିତରେ ବ୍ୟବହୃତ ହେଇଥାଏ। ଉଦାହରଣ ସ୍ୱରୂପ, ଏୟାର କଣ୍ଡିସନରରେ ବ୍ୟବହୃତ ତାପମାତ୍ରା ନିୟନ୍ତ୍ରକଗୁଡ଼ିକ ସେମିକଣ୍ଡକ୍ଟରେ ତିଆରି ହୋଇଥାଏ। ଆମ ଆଧୁନିକ ରୋଷେଇଘରେ ବୈଦ୍ୟୁତିକ ରାଇସ୍ କୁକର ଭାତକୁ ଠିକ୍ ଭାବରେ ରାନ୍ଧିପାରେ, କାରଣ ସେମିକଣ୍ଡକ୍ଟର ତାପମାତ୍ରାକୁ ଠିକ୍ ଭାବରେ ନିୟନ୍ତ୍ରଣ କରିଥାଏ। ସବୁ କମ୍ପ୍ୟୁଟରର ମୁଖ୍ୟ ଅଂଶ ସିପିୟୁଗୁଡ଼ିକ ମଧ୍ୟ ଅସଂଖ୍ୟ ସେମିକଣ୍ଡକ୍ଟରରେ ନିର୍ମିତ । ଦୈନନ୍ଦିନ ଜୀବନରେ ଅନେକ ଡିଜିଟାଲ ଉପକରଣ ଯେପରିକି ମୋବାଇଲ ଫୋନ୍, ସ୍ମାର୍ଟଫୋନ, ଡିଜିଟାଲ କ୍ୟାମେରା, ଟେଲିଭିଜନ, ୱାଶିଂ ମେଶିନ, ରେଫ୍ରିଜରେଟର ଏବଂ ଏଲ୍‌ଇଡି ବଲ୍‌ବ ମଧ୍ୟ ସେମିକଣ୍ଡକ୍ଟର ବ୍ୟବହାର କରନ୍ତି । ଇଲେକ୍ଟ୍ରୋନିକ୍ସ ଉପକରଣ ବ୍ୟତୀତ ସେମିକଣ୍ଡକ୍ଟରଗୁଡ଼ିକ ବ୍ୟାଙ୍କ ଏଟିଏମ୍, ଟ୍ରେନ୍, ଇଣ୍ଟରନେଟ, ଯୋଗାଯୋଗ ଏବଂ ସାମାଜିକ ଭିତ୍ତିଭୂମିର ଅନ୍ୟାନ୍ୟ ଅଂଶ ଯଥା ମେଡିକାଲ ନେଟ୍‌ୱାର୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସେମିକଣ୍ଡକ୍ଟର କହିଲେ କିଛି ମୌଳିକ ପଦାର୍ଥ ଯାହା କମ୍ ପରିବାହୀ ହୋଇଥାଏ। ମାତ୍ର ଏକ ଉପଯୁକ୍ତ ଅନ୍ୟ ଏକ ମୌଳିକ ପଦାର୍ଥ ସହ ଏହାର ମିଶ୍ରଣ ହେଲେ ବିଦ୍ୟୁତ୍ ପରିବାହିତା ବହୁ ଗୁଣରେ ବଢ଼ିଯାଇଥାଏ। ଏହିସବୁ ମୌଳିକ ପଦାର୍ଥ ହେଲା ସିଲିକନ୍, ଜର୍ମାନିୟମ, ଗ୍ୟାଲୁରିୟମ ଇତ୍ୟାଦି। ଏହି ସିଲିକନ୍‌କୁ ଛୋଟ ମାଇକ୍ରୋଚିପ୍ ଭିତରେ ଖୁବ୍ ସତର୍କତାର



ସହ କମ୍ପ୍ୟୁଟର ପ୍ରୋଗ୍ରାମ ସବୁକୁ ଛପାଯାଇଥାଏ। ଅର୍ଥାତ୍ ଆମେ ଯେଉଁ ପ୍ରୋଗ୍ରାମ କରିବାକୁ କମ୍ପ୍ୟୁଟର ବା ମୋବାଇଲକୁ କହୁ ତାକୁ କରିବାର ସବୁ ନିର୍ଦ୍ଦେଶ ଏହି ଚିପ୍ ଭିତରେ ଲେଖା ସରିଥାଏ।

ସେମିକଣ୍ଡକ୍ଟରରେ ଧରି ନିଅନ୍ତୁ ଆମ ଘରୁ ଟିଭି, ମୋବାଇଲ, କମ୍ପ୍ୟୁଟର, ଭିଡିଓ ଗେମ ଇତ୍ୟାଦି ଯଦି କାଢ଼ି ନିଆଯାଏ ଆମ ଜୀବନ କେତେ ଦୁର୍ବିଷହ ହେଇପଡ଼ିବ। କିନ୍ତୁ ଆମେ ଜାଣିନେ ଏହିସବୁ ଉପକରଣକୁ ଗୋଟିଏ ଜିନିଷ ଚଳାଏ, ତାହା ହେଲା ମାଇକ୍ରୋଚିପ୍ ଓ ତା’ ଭିତରେ ଥିବା ସେମିକଣ୍ଡକ୍ଟର। ବର୍ତ୍ତମାନ ଏହା ମୋବାଇଲ, ଟିଭି, କମ୍ପ୍ୟୁଟର, ପ୍ରତିରକ୍ଷା ଉପକରଣ, ଗମନାଗମନ ଇତ୍ୟାଦି ପ୍ରତ୍ୟେକ ଜିନିଷର ଏକ ଅଭିନ୍ନ ଅଙ୍ଗ ପାଲଟିଯାଇଛି। ଅର୍ଥାତ୍ କୌଣସି ଦେଶର ଆର୍ଥିକ ଅଗ୍ରଗତି କରିବାକୁ ହେଲେ ନିଜର ସେମିକଣ୍ଡକ୍ଟର ଶିଳ୍ପକୁ ଅତ୍ୟଧିକ ପ୍ରାଧାନ୍ୟ ଦେବାକୁ ପଡ଼ିବ। ସୂଚନାଯୋଗ୍ୟ, ଆମେରିକାର ସେମିକଣ୍ଡକ୍ଟର ଶିଳ୍ପ ୩ଲକ୍ଷରୁ ଅଧିକ ଲୋକଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ଦେବା ସହିତ ପରୋକ୍ଷ ଭାବରେ ୧୮ଲକ୍ଷ ଲୋକଙ୍କୁ ନିଯୁକ୍ତି ଦେଇଛି। ବିଶ୍ୱ ସେମିକଣ୍ଡକ୍ଟର ଚାହିଦା ଖୁବ୍ ଶୀଘ୍ର ଏକ ଟ୍ରିଲିୟନ ଡଲାର ପାରକରିବାକୁ ଯାଉଛି। କିନ୍ତୁ ସବୁଠୁ ଜଟିଳ କାମ ହେଲା ଏହାକୁ ତିଆରି କରିବା ପାଇଁ ହେଉଥିବା କାରଖାନାର ପରିବେଶ। ଏହା ଏକ ଶୀତତାପ ନିୟନ୍ତ୍ରିତ କୋଠରିଠାରୁ ହଜାରେ ଗୁଣ ଅଧିକ ସଫା ହେବା ଆବଶ୍ୟକ। କାରଣ ସେମିକଣ୍ଡକ୍ଟର ଚିପ୍‌ଗୁଡିକ ଏତେ ଛୋଟ ଯେ ଏକ ସାମାନ୍ୟ ଧୂଳିକଣା ଏହାର ସବୁ କାମ ବିଗାଡ଼ିଦେଇପାରେ ; ଯେଉଁଥିପାଇଁ ଅନେକ ସେମିକଣ୍ଡକ୍ଟର ପ୍ରସ୍ତୁତ କରିବାରେ ମାତ୍ର କେତୋଟି ହାତଗଣତି ଦେଶ ଅଛନ୍ତି। ସେଗୁଡିକ ମଧ୍ୟରେ ଆମେରିକା, ଜାପାନ, ତାଇୱାନ ଅନ୍ୟତମ। ନିକଟରେ ଭାରତ ସରକାର ଏହି ସେମିକଣ୍ଡକ୍ଟରର ଉପଯୋଗିତାକୁ ଲକ୍ଷ୍ୟ ରଖି ୭୬ ହଜାର କୋଟି ଟଙ୍କାର ଯୋଜନା ଘୋଷଣା କରିଛନ୍ତି। ଏହାଦ୍ୱାରା ୩୫ ହଜାରରୁ ଅଧିକ ପ୍ରତ୍ୟକ୍ଷ କର୍ମନିଯୁକ୍ତି ମିଳିବା ସହିତ ପ୍ରାୟ ଲକ୍ଷେ ସତୁରି ହଜାର କୋଟି ଟଙ୍କାର ନିବେଶ ଆଣିଦେବ ବୋଲି କୁହାଯାଉଛି। ଏହା ଫଳରେ ଭାରତ ୨ ବିଲିୟନ ଆମେରିକୀୟ ଡଲାରର ପୁଞ୍ଜି ବିନିଯୋଗ ପ୍ରସ୍ତାବ ପାଇଛି। ମେକ୍ ଇନ୍ ଇଣ୍ଡିଆ ବ୍ୟାନର ତଳେ ଅନେକ ଶିଳ୍ପ କାରଖାନା ଆଗେଇ ଆସିଛନ୍ତି ସତ, କିନ୍ତୁ ସମସ୍ତେ ସେମିକଣ୍ଡକ୍ଟର ବିଦେଶରୁ ଆମଦାନୀ କରିଥାନ୍ତି। ୨୦୨୦ରେ ଭାରତ ୨ ବିଲିୟନ ଡଲାରର ସେମିକଣ୍ଡକ୍ଟର ଆମଦାନୀ କରିଥିଲା ଓ ଏହା ଆମ ଦେଶର ସବୁଠ ବେଶି ଆମଦାନୀ ହେଉଥିବା ଜିନିଷ ମଧ୍ୟରେ ଅନ୍ୟତମ। ବିଶ୍ୱରେ ଏବେ ଆମେରିକା ୫୪ ପ୍ରତିଶତ ମାର୍କେଟ ଶେୟାର ସହିତ ସେମିକଣ୍ଡକ୍ଟର ବଜାରରେ ଅପ୍ରତିଦ୍ୱନ୍ଦ୍ୱୀ ହୋଇ ରହିଛି। ତା’ ପଛକୁ ଦକ୍ଷିଣ ତାଇୱାନ, କୋରିଆ, ଜାପାନ ଓ ଚାଇନା ପ୍ରଭୃତି ଦେଶ ଅଛନ୍ତି। ଭାରତକୁ ଏହି କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ; ନ ହେଲେ ଭାରତର ଆର୍ଥିକ ଅଗ୍ରଗତି ପଛରେ ପଡ଼ିଯିବ।

**ବୈଜ୍ଞାନିକ ଅଧିକାରୀ, ଭାବା ପରମାଣୁ ଗବେଷଣା କେନ୍ଦ୍ର, ଯଦୁଗୁଡ଼ା, ଝାଡ଼ଖଣ୍ଡ**
**ମୋ: ୭୦୦୪୦୬୮୧୧୦**

## ଏଇ ଭାରତରେ

କାର୍‌ରେ ଯିବେ ପୁଣି ଅନ୍ୟ କିଛି ସୁବିଧା ମାଗଣାରେ ପାଇବେ! ଏମିତି ବ୍ୟବସ୍ଥା କେଉଁଠି ଦେଖିଛନ୍ତି? କିନ୍ତୁ ଦିଲ୍ଲୀର ଅବଦୁଲ କାଦିରଙ୍କ କାର୍‌ରେ ଗଲେ ଯାତ୍ରୀମାନେ ସୁଖଦ ଅନୁଭବ କଲାଭଳି ଜିନିଷ ଓ ସେବା ମାଗଣାରେ ପାଇପାରିବେ। କାଦିର ଯାତ୍ରୀମାନଙ୍କୁ ଖବରକାଗଜ ପଢ଼ିବାକୁ ଦେବା ସହ ଜୁସ୍ ଓ ସ୍ନାକ୍ସ ଦେଉଛନ୍ତି। ଅବଦୁଲ ତାଙ୍କ କାର୍‌ରେ ବିଶୁଦ୍ଧ ପାନୀୟ ଜଳ ପିଇବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏପରିକି ଜଣେ ନେଲ୍‌ପଲିସି ରିମୁଭର ବି ଚାହିଁଲେ ତାହା ପାଇବାରେ କିଛି ଅସୁବିଧା ହେବନାହିଁ। ଏହାବ୍ୟତୀତ କାର୍ ମଧ୍ୟରେ ସେ ଶାନ୍ତି, ସଦ୍‌ଭାବନା ଏବଂ ପାରସ୍ପରିକ ସମ୍ମାନ ବୃଦ୍ଧି କଲା ଭଳି ବିଭିନ୍ନ ନୀତିବାଣୀ ଲଗାଇଛନ୍ତି। ଏହା ସାମ୍ପ୍ରଦାୟିକ ସଦ୍‌ଭାବନାର ବାର୍ତ୍ତା ଦେଉଛି। ଅବଦୁଲ ଚାକିରି କରିଥିଲେ ଓ ୩୦ ବର୍ଷ ବୟସରେ ତାହା ହରାଇବା ପରେ ବିଭିନ୍ନ ବ୍ୟବସାୟ କରିବାକୁ ଲାଗିଲେ। କିନ୍ତୁ ସେଥିରେ ସଫଳ ନ ହେବାରୁ ଶେଷରେ କାର୍ ଚଳାଇବା ଆରମ୍ଭ କରିଥିଲେ ଏବଂ ଯାତ୍ରୀଙ୍କୁ ନେବା ଆଣିବା ସମୟରେ ଏଭଳି ମାଗଣା ସେବା ଯୋଗାଇଦେବା ଲାଗି ନିଷ୍ପତ୍ତି ନେଇଥିଲେ।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ମେ ୧୯୯୭

- ରୁଷ ରାଷ୍ଟ୍ରପତି ବୋରିସ ୟେଲଟସିନ ଏବଂ ବେଲାରୁଷ ପ୍ରତିପକ୍ଷ ଆଲେକ୍‌ଜାଣ୍ଡାର ଲୁକାସେଙ୍କ ମଧ୍ୟରେ ଏକ ନୂତନ ସଂଘୀୟ ସନନ୍ଦ ସ୍ୱାକ୍ଷରିତ।
- ଆଲଜିୟର୍ସର ଦକ୍ଷିଣାଞ୍ଚଳରେ ଏକ ଶକ୍ତିଶାଳୀ କାର ବୋମା ବିସ୍ଫୋରଣ ଘଟି ୧୨ ନିହତ।
- ୯୫୦ କୋଟି ଟଙ୍କାର ବିହାର ଗୋଖାଦ୍ୟ ଦୁର୍ନୀତିର ସିବିଆଇ ବିହାର ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିବାକୁ ନିଷ୍ପତ୍ତି ନେଇ ରାଜ୍ୟପାଳଙ୍କ ଅନୁମତି ଲୋଡ଼ିଥିବାରୁ ବିହାର ଭୂସଂସ୍କାର ଏବଂ ରାଜସ୍ୱ ମନ୍ତ୍ରୀ ଇନ୍ଦର ସିଂଙ୍କ ଇସ୍ତଫା।
- ହାଇଦ୍ରାବାଦର ଆଡ୍‌ଭାନ୍ସ ରେଡିଓ ମାଷ୍ଟ (ଏଆର୍‌ଏମ୍‌ଏସ୍) ସହ ଟେଲି ଯୋଗାଣ ବିଭାଗ କରିଥିବା ଏକାଧିକ କୋଟି ଟଙ୍କାର ଟେଲି ଯୋଗାଯୋଗ ସାମଗ୍ରୀ ଖର୍ଦ୍ଦି ଚୁକ୍ତି ଦିଲ୍ଲୀ ହାଇକୋର୍ଟ ଦ୍ୱାରା ରଦ୍ଦ।

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 8 | | | | | | |
| | | | 2 | 6 | | | | |
| | | | 7 | | | 8 | | 4 |
| 4 | 9 | | 3 | | | | | |
| | | 6 | | | | | | |
| | 3 | | 4 | 1 | | 6 | | |
| | 4 | 1 | | 8 | | | | |
| | | 5 | 1 | | | | | 6 |
| | | 9 | | | | 7 | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 6 | 8 | 5 | 4 | 7 | 3 | 2 |
| 4 | 5 | 3 | 7 | 1 | 2 | 6 | 9 | 8 |
| 8 | 7 | 2 | 6 | 9 | 3 | 4 | 1 | 5 |
| 3 | 4 | 9 | 5 | 2 | 7 | 8 | 6 | 1 |
| 6 | 2 | 5 | 1 | 3 | 8 | 9 | 4 | 7 |
| 1 | 8 | 7 | 4 | 6 | 9 | 2 | 5 | 3 |
| 7 | 6 | 8 | 3 | 4 | 5 | 1 | 2 | 9 |
| 2 | 3 | 4 | 9 | 8 | 1 | 5 | 7 | 6 |
| 5 | 9 | 1 | 2 | 7 | 6 | 3 | 8 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଶ୍ୱ ଖାଦ୍ୟବଜାରରେ ସ୍ଥିରତା ଅଣାଯାଉ

ମହାଶୟ,

ବର୍ତ୍ତମାନ ପରିସ୍ଥିତିରେ ବିଶ୍ୱର ୨୭୦ ନିୟୁତରୁ ଊର୍ଦ୍ଧ୍ୱ ଲୋକ ଉତ୍କଟ ଖାଦ୍ୟ ସଙ୍କଟ ଦେଇ ଗତି କରୁଥିବା ବେଳେ ରୁଷିଆ–ୟୁକ୍ରେନ୍ ଯୁଦ୍ଧ ଯୋଗୁ ଆହୁରି ଅନେକ ନିୟୁତ ଲୋକ ଖାଦ୍ୟ ଅସୁରକ୍ଷା ମଧ୍ୟକୁ ଠେଲିହୋଇଯାଇଛନ୍ତି। ବିଶେଷକରି କୃଷିଜାତ ସାମଗ୍ରୀ ରପ୍ତାନି କରୁଥିବା ୟୁକ୍ରେନ୍‌ରୁ ଖାଦ୍ୟ ସାମଗ୍ରୀ ବନ୍ଦ ହୋଇଯିବା ଯୋଗୁ ଅଧିକ ଲୋକ ଏଭଳି ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଏହାଦ୍ୱାରା ଜରୁରୀ ସମୟରେ ଲୋକଙ୍କ ଜୀବନ ରକ୍ଷା ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ଖାଦ୍ୟ ସହାୟତା ସହ ଭୋକିଲାଙ୍କ ମୁହଁରେ ଆହାର ଦେବା ସମ୍ଭବ ହୋଇପାରୁନାହିଁ। ଏପରିକି ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ରର ସମ୍ବିଧାନ ପ୍ରଥମେ ମଣିଷର ମୌଳିକ ଆବଶ୍ୟକତା ଖାଦ୍ୟକୁ ସୁନିଶ୍ଚିତ କରୁଥିବାବେଳେ ସାମ୍ପ୍ରତିକ ପରିସ୍ଥିତିରେ କେତେକ ଦେଶରେ ଖାଦ୍ୟ ସଙ୍କଟ ଦେଖାଦେଇ ଗୃହଯୁଦ୍ଧର କାରଣ ହୋଇଛି। ଆଗକୁ ଖାଦ୍ୟ ସଙ୍କଟ ଅଧିକ ଉତ୍କଟ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ବିଶ୍ୱ ଖାଦ୍ୟ ବଜାରରେ ଏହାର ଚାପ ପଡ଼ିବା ନିଶ୍ଚିତ। ଏଥିପାଇଁ ଜାତିସଂଘ ସମେତ ଅନେକ ଅନ୍ତର୍ଜାତୀୟ ସଂସ୍ଥା ସତର୍କ କରିଦେଇଛନ୍ତି। କେବଳ ସେତିକି ନୁହେଁ, ରୁଷିଆ– ୟୁକ୍ରେନ୍ ଯୁଦ୍ଧ ଯୋଗୁ ଆଗାମୀ ଦୀର୍ଘବର୍ଷ ପର୍ଯ୍ୟନ୍ତ ଖାଦ୍ୟ ସଙ୍କଟ ଦେଖାଦେଇପାରେ। ଏଭଳି ସଂଘର୍ଷ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ଆଗରେ ବଡ଼ ପ୍ରତିବନ୍ଧକ ସାଜିଥିବାରୁ ଏହାର ମୁକାବିଲା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇ ବିଶ୍ୱ ଖାଦ୍ୟ ବଜାରରେ ସ୍ଥିରତା ଅଣାଯାଉ।

**–ବିଷ୍ଣୁପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କିପାଁ ଏସନ କାତର କରୁଣ ଚାହାଣୀ
କାହିଁପାଇଁ ଏ ଗଭୀର ଖେଦ ?
ମାତ୍ର ଏକ ନିଶାର ବିଚ୍ଛେଦ !
ସାମାନ୍ୟ ସେ ବ୍ୟବଧାନ ନ ହୁଏ କି ସହି
ଏ ମରତ–ପରବାସେ ରହି ?
–(ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ପୂର୍ବତନ କାଉନସିଲରଙ୍କ ପରଲୋକ**

ବୌଦ୍ଧ (ସ୍ୱ.ପ୍ର.): ବୌଦ୍ଧ ଏନ୍‌ଏସିର ପୂର୍ବତନ କାଉନସିଲର ଗୌରୀଶଙ୍କର ଶତପଥୀଙ୍କ ୬୦ବର୍ଷ ବୟସରେ ପରଲୋକ ଘଟିଛି। ଗୌରୀଶଙ୍କର ଦୀର୍ଘଦିନ ହେଲା କିଡ୍‌ନୀ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ। ସୋମବାର ଗୁରୁତର ଅବସ୍ଥାରେ ତାଙ୍କୁ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ପରେ ସେଠାରେ ତାଙ୍କର ପରଲୋକ ହୋଇଯାଇଥିଲା। ୨୦୦୩ ମସିହାରେ ୧୭ ନମ୍ବର ୱାର୍ଡରୁ ସେ ବୌଦ୍ଧ ଏନଏସିକୁ କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ଅପରାହ୍ନରେ ତାଙ୍କର ଶେଷ କୃତ୍ୟ ସମାପନ ହୋଇଥିଲା।

**ସଂକ୍ଷେପରେ**

## ସୂଚନା ଫଳକ ଅଛି, କାମ ହୋଇନି

ଜାମଟିକ୍ରା, ୨୩।୫(ଡି.ଏନ.ଏ): ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ପଞ୍ଚାୟତର କଣ୍ଟାତଳ ଗ୍ରାମରେ ଏକ ପ୍ରକଳ୍ପର ସୂଚନା ଫଳକ ଲାଗିଥିଲେ ମଧ କାମ ହୋଇ ନ ଥିବା ଦେଖିବାକୁ ମିଳିଛି। ୨୦୨୦-୨୧ ଆର୍ଥିକ ବର୍ଷରେ କଣ୍ଟାତଳ ପଡାରୁ ପଞ୍ଚାୟତ ମୁଖ୍ୟ ରାସ୍ତା କଂକ୍ରିଟ୍‌କରଣ ପାଇଁ ସିଏଫ୍‌ସି ଫଣ୍ଡରୁ ୨ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି। କିନ୍ତୁ କାମ କରିବାର ଅବଧି ସରିଯାଇଥିଲେ ମଧ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ। କେବଳ ସୂଚନା ଫଳକ ଲାଗିଛି। ଏ ସମ୍ପର୍କରେ ବୁଗବୁଗା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନବୀନ ସାହୁଙ୍କୁ ପଚାରିବାରୁ ଏହି ପ୍ରକଳ୍ପର ଫାଇଲ ଖୋଲାଯାଇଛି, କାମ ଖୁବଶୀଘ୍ର ଆରମ୍ଭ ହେବ ବୋଲି ସେ କହିଥିଲେ।

## କୁଲତା ଯୁବ ସଙ୍ଗଠନ ବୈଠକ

ପାଇକମାଲ,୨୩।୫(ଡି.ଏନ.ଏ): ବରଗଡ ଜିଲା ନୃସିଂହନାଥ ପୀଠ ସ୍ଥିତ ଶ୍ରୀ ରଣେଶ୍ୱର ରାମଚଣ୍ଡୀ କୁଲତା ସମାଜର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ କର୍ମୁ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ରଣେଶ୍ୱର ରାମଚଣ୍ଡୀ ମନ୍ଦିର ପରିସରରେ କୁଲତା ସମାଜ ଯୁବ ସଙ୍ଗଠନ ସହଯୋଗରେ ଏକ ଶୌଚାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ କୁଲତା ସମାଜ ଯୁବ ସଙ୍ଗଠନ ସଭାପତି ଡା. ବୁଲୁ ବାରିକ, ପ୍ରଭାତ କୁମାର ବିଶ୍ୱାଳ, ଦୀପକ ଭୋଇ, ସଦାନନ୍ଦ ପ୍ରଧାନ, ଗିରିଧାରୀ ପାତ୍ର, ମୀନକେତନ ବଢ଼େଇ, ଅକ୍ଷୟ କୁମାର ସାହୁ, ରୋହିତ ବାରିକ, କେଶବ ସାହୁ, ଭୁବନେଶ୍ୱର ସାହୁ, ମନ୍ଦିର ପୂଜକ ଉଦ୍ଧବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗେନ୍ଦ୍ର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ତୀରନ୍ଦାଜ ଚାମ୍ପିୟନଶିପରେ ବୌଦ୍ଧର ପ୍ରତିନିଧିତ୍ୱ

ବୌଦ୍ଧ, ୨୩।୫ (ସ୍ୱ.ପ୍ର.): ଆନ୍ଧ୍ର ପ୍ରଦେଶର ରାଜମୁନ୍ଦ୍ରିଠାରେ ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଚତୁର୍ଥ ଏନଟିପିସି କିଡସ (୯ବର୍ଷ ବୟସରୁ କମ) ତୀରନ୍ଦାଜ ପ୍ରତିଯୋଗିତାରେ ଉଭୟ ବାଳକ ଓ ବାଳିକା ବର୍ଗରେ ଓଡିଶାର ୬ ଖେଳାଳି ପ୍ରତିନିଧିତ୍ୱ କରୁଥିବା ବେଳେ ସେଥି ମଧ୍ୟରୁ ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟର ସୁଶ୍ରୀ ସାଇଲକ୍ଷ୍ମୀ ନାଏକ ଓ ସୋନାଶ୍ରୀ ନାଏକ ରିକର୍ଭ ରାଉଣ୍ଡରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ଉଭୟ ସୋମବାର ରାଜମୁନ୍ଦ୍ରିଠାରେ ପହଞ୍ଚିଥିବା ଜଣାପଡିଛି। ସେମାନଙ୍କ ସଫଳତା ସକାଶେ ବୌଦ୍ଧ ଜିଲା ତୀରନ୍ଦାଜ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# କଟ୍‌ନୀରେ କ୍ଷତି ସହୁଛି ଚାଷୀ

- ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟା
- ଧାନ ବିକି କ୍ଷତି ସହୁଛନ୍ତି ଚାଷୀ
- ମଣ୍ଡି ଭିତରେ ସକ୍ରିୟ ବେପାରୀ
- ଧାନ କିଣାବିକାରେ ଫଲ୍ସ ଏଣ୍ଟ୍ରି

ବରଗଡ଼ ଅଫିସ୍,୨୩।୫


କଳାପାଣି ମଣ୍ଡିରେ ବିକ୍ରି ପାଇଁ ରହିଥିବା ଧାନ ।

ଦିନକ ପରେ ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ୨ ସପ୍ତାହ ପୂରିବ। ହେଲେ ଅନ୍ୟବର୍ଷ ଭଳି ଏଥର ମଧ୍ୟ ଆରମ୍ଭରୁ ଚାଷୀଙ୍କୁ ନାନା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ମଣ୍ଡିରେ ଧାନ ଉଠାଣ ତ୍ୱରାନ୍ୱିତ ହେଉନାହିଁ। ଫଳରେ ମଣ୍ଡି ଗୁଡ଼ିକରେ ବିକ୍ରି ହୋଇ ନ ଥିବା ଧାନ ପରିମାଣ ଦିନକୁ ଦିନ ବଢ଼ି ଚାଲିଛି। ଅନ୍ୟପଟେ ବେପାରୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଫଳରେ ମଣ୍ଡି ବଦଳରେ ସିଧାସଳଖ ମିଲ୍‌କୁ ଧାନ ଯାଉଛି। ଏଭଳି ସ୍ଥଳେ କାଗଜାତ୍‌ରେ ଫଲ୍ସ ଏଣ୍ଟ୍ରି କରାଯାଉଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ସେହିପରି ଉଭୟ ମଣ୍ଡି, ମିଲରେ ଧାନ କଟ୍‌ନୀଛଟ୍‌ନୀ କରାଯାଉଥିବାରୁ କ୍ଷତି ସହିବାକୁ ପଡୁଛି ବୋଲି ଚାଷୀମାନେ କହିଛନ୍ତି।

ଧାନ ସଂଗ୍ରହ ନୀତି ଅନୁଯାୟୀ, ଟୋକନ ପାଇବା ପରେ ଚାଷୀ ମଣ୍ଡିକୁ ବିକ୍ରି ପାଇଁ ଧାନ ଆଣିବ। ସେଠାରେ ଧାନକ୍ରୟ ସଂସ୍ଥା ତାକୁ କିଣିବା ପରେ କଷ୍ଟମ ମିଲିଂ ଆଧାରରେ ମିଲର୍ସ ଧାନ ଉଠାଇ ମିଲ୍‌କୁ ନେବେ ଏବଂ ମିଲିଂ ପରେ ନିର୍ଦ୍ଧାରିତ ହାରରେ ଚାଉଳ ଯୋଗାଣ ନିଗମକୁ ଦେବେ। ଏହି କ୍ରମରେ ଧାନ ଉଠାଇବା ଛଡ଼ା ମଣ୍ଡିରେ ମିଲର୍ସଙ୍କ ଆଉ ଅନ୍ୟ କିଛି ଭୂମିକା ନାହିଁ। ହେଲେ ଜିଲାର କେତେକ ମଣ୍ଡି ମିଲର୍ସଙ୍କ ମର୍ଜିରେ ଚାଲିଥିବା ଅଭିଯୋଗ ହୋଇଛି। ବେପାରୀମାନେ ମିଲର୍ସଙ୍କ ମଧ୍ୟସ୍ଥ ସାଜିଛନ୍ତି ଏବଂ ନାନା ଆଳ ଦେଖାଇ ଧାନ କଟ୍‌ନୀଛଟ୍‌ନୀ କରୁଛନ୍ତି। ମଣ୍ଡିକୁ ଧାନ ଆସିବା ମାତ୍ରେ ତାକୁ କିଣାଯିବା ବଦଳରେ କଟ୍‌ନୀ ଛଟ୍‌ନୀ ଆରମ୍ଭ ହୋଇଯାଉଛି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି। ଗୁଣମାନ ନିର୍ଦ୍ଧାରଣ ନ କରି କେତେକ ମଣ୍ଡିରେ ପ୍ୟାକେଟ୍ ପ୍ରତି ୧କି.ଗ୍ରା ଧାନ କଟ୍‌ନୀ ଛଟ୍‌ନୀ କରାଯାଉଛି। ପୁଣି ଗୁଣମାନ ନିର୍ଦ୍ଧାରଣ ପରେ ଯଦି ଆର୍ଦ୍ରତା ୧୭ ପ୍ରତିଶତରୁ ବେଶୀ ଆସିଲା, ଆହୁରି ଅଧିକ ଧାନ କାଟ୍‌ଛାଟ୍ କରାଯାଉଛି। କେବଳ ସେତିକି ନୁହେଁ, ମିଲ୍‌କୁ ଧାନ ପହଞ୍ଚିବା ପରେ ମିଲର୍ସ ମଧ୍ୟ ନାନା ଆଳ ଦେଖାଇ କଟ୍‌ନୀଛଟ୍‌ନୀ କରୁଛନ୍ତି। ଫଳରେ କୁଇଣ୍ଟାଲ ପ୍ରତି ଚାଷୀଙ୍କୁ ଅତିକମ୍‌ରେ ୫କି.ଗ୍ରା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଅର୍ଥାତ ୯୭ ଟଙ୍କାର କ୍ଷତି ସହିବାକୁ ପଡୁଛି। ଅନ୍ୟପଟେ ବେପାରୀ ମାଧ୍ୟମରେ ମଣ୍ଡି କିମ୍ବା ମିଲ୍‌କୁ ଆସୁଥିବା ଧାନରେ ଆହୁରି ଅଧିକ ଅର୍ଥାତ୍ ୧୫୦ରୁ ୨୦୦ ଟଙ୍କା କ୍ଷତି ସହିବାକୁ ପଡୁଥିବା ଚାଷୀମାନେ କହିଛନ୍ତି।

ବରଗଡ଼ ବ୍ଲକ କଳାପାଣି ଗ୍ରାମର ଚାଷୀ ମହାଦେବ ମହାପାତ୍ର କହିଛନ୍ତି, ତାଙ୍କର ୨୭ ପ୍ୟାକେଟ୍ ଧାନରେ ପ୍ୟାକେଟ୍ ପ୍ରତି ୧କି.ଗ୍ରା କାଟ୍‌ଛାଟ୍ କରାଯାଇଛି। ଏଭଳି ଭାବେ ଧାନର ଗୁଣମାନ ନିର୍ଦ୍ଧାରଣ କରା ନ ଯାଇ ଆହୁରି ଅନେକ ଚାଷୀଙ୍କ ଧାନରେ କଟ୍‌ନୀଛଟ୍‌ନୀ ଚାଲିଛି ବୋଲି ସେ କହିଛନ୍ତି। ଏହି ଗ୍ରାମର ଆଉ ଜଣେ ଚାଷୀ ସୁରେଶ ନେକାଣ୍ଟି କହିଛନ୍ତି, ମଣ୍ଡି ଗୁଡ଼ିକରେ ପ୍ୟାକେଟ୍ ପ୍ରତି ୧କି.ଗ୍ରା ଧାନ କାଟ୍‌ଛାଟ୍ କରିବା ସାଧାରଣରେ ପରିଣତ ହୋଇଯାଇଛି। ଏହାସହିତ ଗୁଣାମାନ ନିର୍ଦ୍ଧାରଣ, ମିଲ୍‌କୁ ଧାନ ଯିବା ପରେ ମଧ୍ୟ ଆହୁରି କାଟ୍‌ଛାଟ୍ ହେଉଛି। ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ସୁଦ୍ଧା କିଛି ସୁଫଳ ମିଳୁ ନ ଥିବା ନେକାଣ୍ଟି କହିଛନ୍ତି। ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ କହିଛନ୍ତି, ପ୍ରତି ମଣ୍ଡିରେ ବେପାରୀମାନେ ସକ୍ରିୟ ହୋଇପଡ଼ିଛନ୍ତି। ବେପାରୀଙ୍କ ଧାନକୁ ମଣ୍ଡିରୁ ତୁରନ୍ତ ଉଠାଯାଉଛି। ବେପାରୀ ମାଧ୍ୟମରେ ଚାଷୀଙ୍କ ଧାନ ସିଧାସଳଖ ମିଲ୍‌କୁ ମଧ୍ୟ ଯାଉଛି ଏବଂ କୁଇଣ୍ଟାଲ ପ୍ରତି ୫/୬ କିଗ୍ରା କଟ୍‌ନୀଛଟ୍‌ନୀ ହେଉଛି। ଏ ସମ୍ପର୍କରେ ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନଙ୍କୁ ତାଙ୍କ ମୋବାଇଲ ନମ୍ବର ୭୩୨୮୭୨୦୯୬ରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେ ଫୋନ କଲ୍ ରିସିଭ୍ ନ କରିବାରୁ ତାଙ୍କ ମତାମତ ମିଳିପାରିନାହିଁ।

# ଗଞ୍ଜେଇ ସହ କାର୍, ବାଇକ୍ ଜବତ: ୪ଗିରଫ




କାର୍ ସହ ଦୁଇ ଅଭିଯୁକ୍ତ, ବାଇକ୍ ସହ ଦୁଇ ଅଭିଯୁକ୍ତ।

ବୌଦ୍ଧ/କଣ୍ଟାମାଳ, ୨୩।୫ (ସ୍ୱ.ପ୍ର/ଡି.ଏନ୍.ଏ.)

ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ଓ କାରବାର ନେଇ ଚର୍ଚ୍ଚାରେ ଥିବାବେଳେ ପ୍ରତିଦିନ ଗଞ୍ଜେଇ ଚାଲାଣ ମାମଲାରେ ପୋଲିସ ହାତରେ ଗିରଫ ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ରବିବାର କଣ୍ଟାମାଳ ପୋଲିସ ପକ୍ଷରୁ ଦୁଇଟି ସ୍ଥାନରେ ଚଢାଉ କରାଯାଇ ୬୫ କେଜି ଗଞ୍ଜେଇ ସହ ଗୋଟିଏ କାର ଓ ଗୋଟିଏ ବାଇକ୍ ମଧ୍ୟ ଜବତ କରାଯାଇଛି। ଏହା ସହ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

ମିଳିଥିବା ସୂଚନା ମୁତାବକ ଗଞ୍ଜେଇ ଚାଲାଣ ନେଇ ପୋଲିସ ସୂଚନା ପାଇବା ପରେ ବିଭିନ୍ନ ଛକ ସ୍ଥାନରେ ପାଟ୍ରୋଲିଂ କଡାକଡି କରିଥିଲା। ଦିନ ୧୨ଟାରେ ଏକ ମାରୁତି କାର ଓଡି ୦୨ବିଏ- ୫୫୭୧ ମଲିକୁଦ ଛକ ଦେଇ ଯାଉଥିବାବେଳେ ପୋଲିସ ସନ୍ଦେହରେ ଅଟକାଇ କାରକୁ ଯାଞ୍ଚ କରିଥିଲା। କାରରୁ ୫୦ କେଜି ଗଞ୍ଜେଇ ଜବତ କରିବା ସହ ଗାଡିରେ ଥିବା ଦୁଇ ଯୁବକ କନ୍ଧମାଳ ଜିଲା ବାଲିଗୁଡାର ଭବାନୀ ଶଙ୍କର ପଟ୍ଟନାୟକ (୪୦) ଓ କଟକ ଜିଲା କରଡାପାଲିର ରାମଚନ୍ଦ୍ର ଦାସ(୩୦)ଙ୍କୁ ପୋଲିସ ଗିରଫ କରିଥିଲା। ସେହିପରି ଅପରାହ୍ନରେ ସିଲେଟପଡା ଛକରେ ଦୁଇ ଜଣ ବାଇକ୍‌ରେ ଏକ ଜରିବସ୍ତା ଧରି ଯାଉଥିବାବେଳେ ସନ୍ଦେହରେ ପୋଲିସ ଅଟକାଇ ୧୫କେଜି ଗଞ୍ଜେଇ ଜବତ କରିଥିଲା। ଏହା ସହ ବାଇକ୍‌ରେ ଥିବା ଦୁଇ ଅଭିଯୁକ୍ତ ସୋନପୁର ଜିଲା ତରଭା ଥାନା ଜୁନାନୀ ଗ୍ରାମର ଜିତୁ ସୁନା (୨୫) ଓ ଝାରବାହାଲି ଗ୍ରାମର ମିଥୁନ ତାଣ୍ଡି (୨୫)ଙ୍କୁ ପୋଲିସ ଗିରଫ କରିଥିଲା। କଣ୍ଟାମାଳ ପୋଲିସ ପକ୍ଷରୁ ଏନେଇ ପୃଥକ୍ ପୃଥକ୍ ଦୁଇଟି ମାମଲା ରୁଜୁ ହୋଇଛି। ୪ ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଛି।

# ଜମିଜମା ସମସ୍ୟାର ସମାଧାନ ନିର୍ଦ୍ଦେଶ


ମିଶ୍ରପାଲି ଗାଁରେ ମନ୍ତ୍ରୀ ପଦ୍ମନାଭ ବେହେରା ସମୀକ୍ଷା କରୁଛନ୍ତି।

ବିନିକା,୨୩।୫(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ୧୨ନଂ ୱାର୍ଡ ଜାମଛାପର ଏବଂ ମିଶ୍ରପାଲି ଗାଁର ୨୦୪ ଜଣଙ୍କର ଜମିଜମା ସମସ୍ୟା ରହିଛି। ଦୁଇ ମାସ ମଧରେ ଏହିସବୁ ସମସ୍ୟାର ସମାଧାନ କରିବାକୁ ରାଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ବିନିକା ସହରର ଉଭୟ ଗ୍ରାମ ଗସ୍ତ ସମୟରେ ଲୋକେ ମନ୍ତ୍ରୀଙ୍କୁ ଜମି ଓ ପଟ୍ଟା ନ ଥିବାରୁ ସରକାରୀ ଆବାସ ଗୃହ ସହିତ ବିଭିନ୍ନ ଯୋଜନାର ଲାଭ ପାଇ ପାରୁ ନ ଥିବା ଅଭିଯୋଗ କରିଥିଲେ। ମନ୍ତ୍ରୀ ପ୍ରଥମ ସମୀକ୍ଷା ସଭା ଜାମଛାପର ଏବଂ ଦ୍ୱିତୀୟ ସମୀକ୍ଷା ସଭା ମିଶ୍ରପାଲିରେ କରିଥିଲେ। ଉଭୟ ଗ୍ରାମରେ ହୋଇଥିବା ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଉପଜିଲାପାଳ ନିହାର ରଞ୍ଜନ କୁଅଁର,

**ସମୀକ୍ଷା କଲେ ମନ୍ତ୍ରୀ**

ଜିଲା ସହକାରୀ ବନ ସଂରକ୍ଷକ ପ୍ରଫୁଲ୍ଲ ଧରୁଆ, ବିନିକା ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ, ଏନ୍‌ଏସି ନିର୍ବାହୀ ଅଧିକାରୀ ଶ୍ରୀକୁମାର ରଥ, ବିନିକା ଏନ୍‌ଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, ସମସ୍ତ କାଉନସିଲର ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆବଶ୍ୟକ ଜମି ଓ ପଟ୍ଟା ପ୍ରଦାନ ଦିଗରେ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ମନ୍ତ୍ରୀ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ତିନିପିଢି ଧରି ଗୋଟିଏ ସ୍ଥାନରେ ରହୁଥିବା ହରିଜନ ବର୍ଗର ବ୍ୟକ୍ତିଙ୍କୁ ଉକ୍ତ ଜମିର ପଟ୍ଟା ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଅନ୍ୟବର୍ଗର ଭୂମିହୀନ ଲୋକେ ସରକାରୀ ଜମି ପାଇଁ ଆବେଦନ କରିବେ ବୋଲି କୁହାଯାଇଥିଲା।

# ସ୍କୁଲ ପାଚେରି, କୋଠା ନିର୍ମାଣ ଦାବି

ଜାମଟିକ୍ରା, ୨୩।୫(ଡି.ଏନ.ଏ)

ଅତାବିରା ବ୍ଲକ ଅଧୀନ ଟାଙ୍ଗରପାଲି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ସାମାନ୍ୟ ବର୍ଷା ହେଲେ ପୁରୁଣା କୋଠରୀରୁ ପାଣି ଗଳୁଛି। ପାଚେରି ନ ଥିବାରୁ ଗାଈଗୋରୁ, ଛେଳି, ମେଣ୍ଢା ସ୍କୁଲ ପରିସରକୁ ପ୍ରବେଶ କରୁଛନ୍ତି। ସ୍କୁଲ ପରିବେଶ ଏମିତି ହୋଇଛି ଯେ, ସାପ ତଥା ସରୀସୃପଙ୍କ ଭୟ ରହୁଛି। ତେଣୁ ଏହି ସ୍କୁଲରେ ପାଚେରି ଓ ନୂତନ କୋଠା ନିର୍ମାଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏହି କ୍ରମରେ ସେମାନେ ସୋମବାର ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓ ବିଶ୍ୱାନାଥ ସାହୁଙ୍କୁ ଅଭିଯୋଗ କରିଛନ୍ତି। ଗ୍ରାମର ଭରତ ଭୋଇ, ସସ୍ମିତା ଠେଠୁଆର୍, ଘନଶ୍ୟାମ ପତି, ପଦ୍ମିନୀ ଛନ୍ଦ, କାନ୍ତି ଠେଠୁଆର୍ ପ୍ରମୁଖ ଉପସ୍ଥିତ ଥିଲେ।


ଗ୍ରାମବାସୀ ବିଡିଓଙ୍କୁ ଦାବି ଜଣାଉଛନ୍ତି।

**ପଞ୍ଚାୟତ ମହାବିଦ୍ୟାଳୟ**

# ସରକାରୀ ମାନ୍ୟତା ଦାବି ଜୋର ଧରିଲା

ବୌଦ୍ଧ, ୨୩।୫ (ସ୍ୱ.ପ୍ର.)

୧୯୭୮ ମସିହାରେ ବୌଦ୍ଧର ଦିବଙ୍ଗତ ନେତା ନଟବର ପ୍ରଧାନଙ୍କ ଉଦ୍ୟମ କ୍ରମେ ବୌଦ୍ଧରେ ପ୍ରଥମ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ଭାବରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଖୋଲାଯାଇଥିଲା। କିନ୍ତୁ ଏହି ମହାବିଦ୍ୟାଳୟ ସ୍ଥାପନକୁ ୪୪ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସରକାରୀ ମାନ୍ୟତା ହାସଲ କରିପାରିନାହିଁ। ପରିତାପର ବିଷୟ ଏହି ଯେ, ମହାବିଦ୍ୟାଳୟର କର୍ମଚାରୀମାନେ ଦରମା ପାଇଲେ ସରକାରୀ କିନ୍ତୁ ଛାତ୍ରୀଛାତ୍ର ସରକାରୀ ମହାବିଦ୍ୟାଳୟର କୌଣସି ସୁବିଧା ସୁଯୋଗ ପାଇବାରୁ ଏଯାଏ ବଞ୍ଚିତ ହୋଇ ଆସିଛନ୍ତି। ବୌଦ୍ଧ ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ନାକ୍ କମିଟି ଦ୍ୱାରା ବି ଗ୍ରେଡ ମାନ୍ୟତାପ୍ରାପ୍ତ ଏହି ମହାବିଦ୍ୟାଳୟ ଆଜି ମଧ୍ୟ ଅନେକ ସମସ୍ୟା ମଧ୍ୟରେ ଗତି କରୁଛି। ପ୍ରତ୍ୟେକ ନିର୍ବାଚନରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଏକ ପ୍ରମୁଖ ପ୍ରସଙ୍ଗ ଭାବରେ ଦେଖାଗଲାଣି। ଜିଲାର ଏହି ପ୍ରମୁଖ ଶିକ୍ଷାନୁଷ୍ଠାନକୁ ତୁରନ୍ତ ସରକାରୀ ମାନ୍ୟତା ପ୍ରଦାନ ପାଇଁ ଦାବି ଜୋର ଧରିଛି। ଏନେଇ ସୋମବାର ମହାବିଦ୍ୟାଳୟ ଛାତ୍ର ସଂସଦର ପୂର୍ବତନ ସଭାପତି ତୋଫାନ କୁମାର ପରିଡାଙ୍କ ଆବାହକତ୍ୱରେ ଏକ ବୈଠକ ପଥପ୍ରାନ୍ତ ସୁବିଧା କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ଓ ସମୀକ୍ଷା ପରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବି ନେଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଅନେକ ସଦସ୍ୟ ମତପ୍ରକାଶ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ମହାବିଦ୍ୟାଳୟ ଉନ୍ନୟନ କମିଟି ଗଠନ କରାଯାଇ ପୂର୍ବତନ ଅଧକ୍ଷ ପ୍ରଭାସ ଚନ୍ଦ୍ର ମିଶ୍ର ଓ କାର୍ଯ୍ୟକାରୀ ସଦସ୍ୟ ଭାବରେ ପୂର୍ବତନ ଅଧ୍ୟକ୍ଷ ଉମ୍ବରୁଧର ଭୋଇ, ପ୍ରଶାନ୍ତ ମହାପାତ୍ର, ମହାବିଦ୍ୟାଳୟ ଆଲୁମିନି ସଭାପତି ଇଂ. ସଞ୍ଜୟ କୁମାର ପଣ୍ଡା, ନାଗରିକ କମିଟି ସମ୍ପାଦକ ବିଶ୍ୱେଶ୍ୱର ପୃଷ୍ଟି, ଯୁବ ଆଇନଜୀବୀ କପିଳ ମିଶ୍ର, ସାର୍ଥକ ମହାପାତ୍ର ଓ କମିଟିର ଆବାହକ ଭାବରେ ତୋଫାନ ପରିଡାଙ୍କୁ ମନୋନୀତ କରାଯାଇଥିଲା। ଏହି କମିଟି ସମସ୍ତଙ୍କ ସହିତ ଆଲୋଚନା କରି ସରକାରଙ୍କ ନିକଟରେ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ଦାବି ଉପସ୍ଥାପନ କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସହମତି ପ୍ରକାଶ ପାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ନବକୁମାର ମିଶ୍ର, ଜିଲା ଉନ୍ନୟନ ପରିଷଦର ସଭାପତି ଚିତ୍ତରଞ୍ଜନ ଦାଶ, ଦେବାଶିଷ ପୁରୋହିତ ଓ ଇଂ.ବିକାଶ ମହାକୁଡ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ସରକାରୀ ମାନ୍ୟତା ଦାବିରେ ପଥପ୍ରାନ୍ତ କେନ୍ଦ୍ରରେ ବୈଠକ।

# ବୋଡ଼ାସମ୍ବର ଏଫ୍‌ସି ଚାମ୍ପିୟନ

**ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଫୁଟବଲ**

ବରଗଡ଼ ଅଫିସ୍,୨୩।୫

ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ଚାଲିଥିବା ଆନନ୍ଦ ଆଚାର୍ଯ୍ୟ ପ୍ରିମିୟର ଲିଗ୍ ଦିବାରାତ୍ର ଫୁଟବଲ ପ୍ରତିଯୋଗିତା ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ପଦ୍ମପୁର ବୋଡ଼ାସମ୍ବର ଏଫ୍‌ସି ଏବଂ ବରପାଲି ବାଇସନ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବୋଡ଼ାସମ୍ବର ଏଫ୍‌ସି ପ୍ରତିପକ୍ଷ ବରପାଲି ବାଇସନକୁ ୨-୦ ଗୋଲରେ ହରାଇ ଚାମ୍ପିୟନ ହୋଇଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ)ର ରେଫରି ସୁବ୍ରତ କୁମାର ପୁରୋହିତ ମ୍ୟାଚ୍ ପରିଚାଳନା କରିଥିଲେ। ଜ୍ୟୋତିରଞ୍ଜନ ସ୍ୱାଇଁ, ଦେବାଶିଷ ବାଗ ସହଯୋଗ କରିଥିବାବେଳେ ପଞ୍ଚାନନ ପାତ୍ର ଚତୁର୍ଥ ରେଫରି ଥିଲେ।

ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ସଭାପତି ପ୍ରେମନାଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଫାଓ ଉପସଭାପତି ରବି ପଣ୍ଡା, ଜିଲା କ୍ରୀଡ଼ା ସଂସଦ ଉପସଭାପତି ଯୁଗଳ ପ୍ରସାଦ ସିଂ, ସାଧାରଣ ସମ୍ପାଦକ କିଶୋର ମିଶ୍ର, କ୍ରୀଡ଼ା ସମ୍ପାଦକ ହରଦୀପ ସିଂ, ପ୍ରତିଯୋଗିତାର ପ୍ରଯୋଜକ ଓଡ଼ିଶା ଏଣ୍ଟରପ୍ରାଇଜେସ୍‌ର ମୁଖ୍ୟ ଚନ୍ଦ୍ରଶେଖର ବାଗ, ବିକାଶ ଗ୍ରୁପ୍‌ର ପ୍ରଶାସନିକ ନିର୍ଦ୍ଦେଶକ ଡି. ନାଗେଶ୍ୱର ରାଓ, ସୁମନ ଷ୍ଟିଲ୍ ମୁଖ୍ୟ ଦିଲୀପ ସାୱାଡ଼ିଆ, ଅନିଲ ଜିନ୍ଦଲ, କ୍ରୀଡ଼ା ସଂସଦ କୋଷାଧକ୍ଷ ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଦୀପ ନନ୍ଦ, ଜ୍ଞାନରଞ୍ଜନ ପୂଜାରୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ସଚ୍ଚିଦାନନ୍ଦ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଅତିଥିମାନେ ଚାମ୍ପିୟନ ବୋଡ଼ାସମ୍ବର ଏଫ୍‌ସିକୁ ନଗଦ ୭୦ହଜାର ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ବରପାଲି ବାଇସନକୁ ନଗଦ ୫୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ନୂତନ ପ୍ରତିଭାବାନ୍ ଖେଳାଳି ଭାବେ ବରପାଲି ଦଳର ଅଂଶ ଛତ୍ରିଆ, ଶ୍ରେଷ୍ଠ ଗୋଲ ରକ୍ଷକ ଭାବେ ବରଗଡ଼ ୱାରିୟର୍ସ ଦଳର ପିଣ୍ଟୁ ଭୁଏ, ଶ୍ରେଷ୍ଠ ଖେଳାଳି ଭାବେ ବୋଡ଼ାସମ୍ବର ଏଫ୍‌ସି ଦଳର ରାହୁଲ ମୁଖୀ, ଶ୍ରେଷ୍ଠ ସ୍କୋରର ଭାବେ ବୋଡ଼ାସମ୍ବର ଏଫ୍‌ସି ଦଳର ସଞ୍ଜୀବ ଖରା, ଶ୍ରେଷ୍ଠ ରକ୍ଷଣଭାଗ ଖେଳାଳି ଭାବେ ବରପାଲିର ପ୍ରବୀଣ ଟିଗା, ଫାଇନାଲ ମ୍ୟାଚ୍‌ରେ ଶ୍ରେଷ୍ଠ ଖେଳାଳି ଭାବେ ବୋଡ଼ାସମ୍ବର ଏଫ୍‌ସିର ରାକେଶ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ କ୍ଲବର ସମ୍ପାଦକ ଅତୀଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ଖୁସି ମୁହୂର୍ତ୍ତରେ ଚାମ୍ପିୟନ ବୋଡ଼ାସମ୍ବର ଏଫସି ଦଳର ଖେଳାଳିମାନେ।

# ରିଂରୋଡ ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ବିଳମ୍ବିତ

**କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ଆନ୍ଦୋଳନ**

ସୋନପୁର,୨୩।୫(ନି.ପ୍ର.)

ସୁବର୍ଣ୍ଣପୁର ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ରିଂରୋଡ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ୨୦୧୧ମସିହାରୁ ଜଳସମ୍ପଦ ବିଭାଗ ପକ୍ଷରୁ ଉଭୟ ନଦୀଆଡିରେ ମାଟିବନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ମଝିରେ ସରକାର ଅନୁଦାନ ନ ଦେବା ଓ ରିଂରୋଡ୍‌ର ମିସିଂ ଲିଙ୍କ୍ ପୋର୍ଟାଲ ବ୍ରିଜ୍‌ର ଡିଜାଇନିଂ ହୋଇ ନ ପାରିବା କାରଣରୁ ୪ବର୍ଷ କାମ ବନ୍ଦ ଥିଲା। ପରବର୍ତ୍ତୀ ସମୟରେ ଜଳସମ୍ପଦ ବିଭାଗ ପୂର୍ତ୍ତ ବିଭାଗକୁ ଏହି କାମ ହସ୍ତାନ୍ତର କରିଥିଲା। ପୂର୍ତ୍ତ ବିଭାଗ ରିଂ ରୋଡର ମହାନଦୀ ବ୍ରିଜ୍‌ରୁ ୧୫୦୦ ମିଟର ରାସ୍ତା ଓ ତେଲନଦୀ ବ୍ରିଜ୍‌ରୁ ବଡବଜାର ପର୍ଯ୍ୟନ୍ତ ୨୪୦୦ମିଟର ରାସ୍ତା ପିଚୁ କରିବା ସହିତ ରିଟେନିଂ ୱାଲ ଓ ୨ଟି ପୋଲ ନିର୍ମାଣ କରିଛି । ତେବେ ରିଂ ରୋଡର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପୋର୍ଟାଲ ଫ୍ରେମ୍‌ବ୍ରିଜ୍‌ନିର୍ମାଣ କାମ ବିଳମ୍ବିତ ହେଉଛି।

ରିଂରୋଡର ମିସିଂଲିଙ୍କ କୁମ୍ଭାରପଡାରୁ ଦଶମତି ଘାଟ ୧୧୭୫ମିଟର ଲମ୍ବ ରାସ୍ତା(ପୋର୍ଟାଲ ଫ୍ରେମ୍ ବ୍ରିଜ୍) ହେବ। ଏଥିପାଇଁ ସାଢେ ୩ ବର୍ଷ ପୂର୍ବରୁ ପୂର୍ତ୍ତ ବିଭାଗ ପକ୍ଷରୁ ୫୬ କୋଟି ୯ ଲକ୍ଷ ୮୩ ହଜାର ଟଙ୍କାର ଟେଣ୍ଡର ହୋଇଥିଲା। ବ୍ରିଜ୍ ପାଇଁ ମୋଟ ୪୭ଟି ପିଅର ପଏଣ୍ଟ ନିର୍ମାଣ ହେବ। ଚୁକ୍ତିନାମା ଅନୁଯାୟୀ ୨୦୨୨ରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ଏ ପର୍ଯ୍ୟନ୍ତ ଗୋଟିଏ ବି ପିଅର ନିର୍ମାଣ ହୋଇନି। ଆଶ୍ଚର୍ଯ୍ୟର କଥା ବିଭାଗ ପକ୍ଷରୁ ନିକଟରେ କେବଳ ୭ଟି ପିଅରର ଡିଜାଇନିଂ ଦିଆଯାଇଛି। ମାଟି ପରୀକ୍ଷା ଓ ଭୁବନେଶ୍ୱରସ୍ଥିତ ପୂର୍ତ୍ତ ବିଭାଗର ଚିଫ୍ ଇଞ୍ଜିନିୟରିଂ ଅଫିସରୁ ଡିଜାଇନିଂ ଆସିବାରେ ସମୟ ଅତିକ୍ରାନ୍ତ ହେଉଛି। ଧିମା ଚାଲିଥିବା ଏହି କାମ ସରିବାକୁ ଆଉ କେତେ ଦଶନ୍ଧି ଲାଗିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ କାର୍ଯ୍ୟ ତ୍ୱରାନ୍ୱିତ ନ ହେଲେ ସହରବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।


ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ପାଇଁ ମହାନଦୀ କୂଳରେ ପିଅର ପଏଣ୍ଟ ନିର୍ମାଣ ଚାଲିଛି।

## ସେମାନେ ଯାହା କହନ୍ତି...



“ ବର୍ତ୍ତମାନର ଟେକ୍ନୋଲୋଜି ଯୁଗରେ ସମୁଦ୍ର ଭିତରେ ନିର୍ମାଣ କାର୍ଯ୍ୟ ହେଉଛି। କମ୍ ସମୟ ଭିତରେ ବଡ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ସୋନପୁର ରିଂ ରୋଡ କାର୍ଯ୍ୟ ୧୨ବର୍ଷ ପରେ ବି ସମ୍ପୂର୍ଣ୍ଣ ହୋଇପାରୁନି। କାର୍ଯ୍ୟ ଶୀଘ୍ର ସରିବ ବୋଲି ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଳସମ୍ପଦ ବିଭାଗ ଏହି କାର୍ଯ୍ୟକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟ ପାଇଁ ଶିଳାନ୍ୟାସ କରିଥିଲେ। ମାତ୍ର ଯେଭଳି ଭାବେ କାର୍ଯ୍ୟ ଚାଲିଛି ତାହା କେବେ ସରିବ ତାହା କଳ୍ପନା ବାହାରେ।

-ସୀତାଂଶୁ ଶେଖର ମିଶ୍ର, ସଭାପତି, ସଚେତନ ନାଗରିକ ମଞ୍ଚ



“ ରିଂ ରୋଡ ସହରବାସୀଙ୍କ ପାଇଁ ଲାଇଫ ଲାଇନ୍ ସଦୃଶ। ମଝିରେ ସରକାର ଅନୁଦାନ ନ ଦେବାରୁ କାର୍ଯ୍ୟ ବନ୍ଦ ଥିଲା। ଏବେ ଅନୁଦାନ ଥାଇ କାର୍ଯ୍ୟ ହେଉନି। ଠିକାସଂସ୍ଥା ଟେଣ୍ଡର ପାଇବାର ବହୁ ବିଳମ୍ବରେ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା କଲେ। ଟେଣ୍ଡର ପାଇ ବସି ରହିଲେ। ଠିକାସଂସ୍ଥା ଯେତେବେଳେ କାମ କରିବା ପାଇଁ ଚାହିଁଲା ପୂର୍ତ୍ତ ବିଭାଗ ଡିଜାଇନିଂ ଦେବାରେ ବିଳମ୍ବ କରୁଛି। ନିର୍ବାଚିତ ଲୋକ ପ୍ରତିନିଧି, ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏହି କାର୍ଯ୍ୟପ୍ରତି ଯେତିକି ଗୁରୁତ୍ୱ ଦେବା କଥା ତାହା ଦେଖିବାକୁ ମିଳୁନି।

-ଜିତେନ୍ଦ୍ର ପଟ୍ଟନାୟକ, ପ୍ରାକ୍ତନ ସମ୍ପାଦକ ପ୍ରଦେଶ କଂଗ୍ରେସ କମିଟି



“ ସହରର କୌଣସି କାମ ଧାର୍ଯ୍ୟ ସମୟ ମଧରେ ସମ୍ପୂର୍ଣ୍ଣ ହୋଇପାରୁନି। ୪ ଥାକିଆ ରାସ୍ତା କାମ ହେଉ କିମ୍ବା ରିଂ ରୋଡ ଏଥିପାଇଁ ଜିଲା ପ୍ରଶାସନ ହିଁ ଦାୟି । ଏଆରଏସଏସ ଠିକା ସଂସ୍ଥା ପୋର୍ଟାଲ ଫ୍ରେମ୍ ବ୍ରିଜ୍ ନିର୍ମାଣ ପାଇଁ ୨୦୧୮ ନଭେମ୍ବର ମାସରୁ ଟେଣ୍ଡର ପାଇଛି। ବର୍ତ୍ତମାନ ୯୦% କାମ ସରିଯିବା କଥା। ମାତ୍ର କାମ ଏବେ ଆରମ୍ଭ ହେଉଛି। ବ୍ରିଜ୍ କାମ ନ ହେଲେ ରିଂ ରୋଡର କିଛି ମୂଲ୍ୟ ନାହିଁ। ସରକାରଙ୍କ ବହୁ କୋଟି ଟଙ୍କା ପାଣିରେ ପଡିବ ତେଣୁ ଠିକାସଂସ୍ଥା, ପ୍ରଶାସନ ଓ ପୂର୍ତ୍ତ ବିଭାଗର ନିଦ ଭାଙ୍ଗିବା ପାଇଁ ସହରବାସୀଙ୍କୁ ନେଇ ଆନ୍ଦୋଳନ କରାଯିବ।

-ଗଙ୍ଗାଧର ତରିଆ, କାଉନସିଲର, ସୁବର୍ଣ୍ଣପୁର ପୌର ପରିଷଦ

## ସଂକ୍ଷେପରେ

### ମେରାଗାଁ ମେରା ଧରୋହର ସାଂସ୍କୃତିକ ସର୍ଭେ କାର୍ଯ୍ୟକ୍ରମ



ଦେଓଗାଁ,୨୩ା୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ସାଗରପାଲି ନିଜୟାନନ୍ଦ ସମବାୟ ଚିନିକଳ ନିକଟରେ ସିଏସସି ଇ-ଗଭର୍ଣ୍ଣାନ୍ସ ଇଣ୍ଡିଆ ଲିମିଟେଡ ତରଫରୁ ବ୍ଲକସ୍ତରୀୟ ମେରାଗାଁ ମେରା ଧରୋହର ସାଂସ୍କୃତିକ ସର୍ଭେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ମ୍ୟାନେଜର ଆଶିଷ କୁମାର ହୋତାଙ୍କ ତତ୍ତ୍ୱାବଧାନରେ ବ୍ଲକସ୍ତରୀୟ କର୍ମଶାଳା ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ସିଏସସି କେନ୍ଦ୍ର ପରିଚାଳକ ନରେନ୍ଦ୍ର ନନ୍ଦ, ଦେବେନ୍ଦ୍ର କୁମାର ପଣ୍ଡା, ଅନିଲ କୁମାର ସାହୁ, କିଶୋର ଚନ୍ଦ୍ର ନାଗ, ଅନୀଲ କୁମାର ବାଗ, ରାଜ କୁମାର ଛତ୍ରିଆ, ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ, ଫଗନୁ ପଧାନ, ସୁଧିର କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବିଭିନ୍ନ ମନ୍ଦିର ଏବଂ ସାଂସ୍କୃତିକ ଅନୁଷ୍ଠାନଗୁଡିକୁ ସର୍ଭେ କରିଥିଲେ । ଏହି କାର୍ଯ୍ୟକ୍ରମ କିପରି ନିର୍ଦ୍ଦିଷ୍ଟସମୟରେ ସମାପ୍ତ ହେବ ତାହା ଉପରେ ଆଲୋଚନା କରାଯାଇଥିଲା ।

### ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ଲୋଇସିଂହା,୨୩ା୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଅଫିସ ସଭାଗୃହରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୨୩୧ ଅଭିଯୋଗ ଦାଖଲ ହୋଇଥିଲା । ସେଥିରୁ ୨୦୮ ବ୍ୟକ୍ତିଗତ ଓ ୨୩ଟି ଗୋଷ୍ଠୀଗତ ସମସ୍ୟା ରହିଥିଲା । ବିଡିଓ ଶଙ୍କର କେରକେଟାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ଚଞ୍ଚଳ ରାଣା,ଏସ୍‌ପି ନୀତିନ କୁଶଲକର, ଡିଏଫଓ ନୀତିଶ କୁମାର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସୁଶାନ୍ତ ସିଂଙ୍କ ସମେତ ଜିଲା ଏବଂ ବ୍ଲକସ୍ତରୀୟ ଅଧିକାରୀ ଶିବିରରେ ଯୋଗଦେଇଥିଲେ । ସମସ୍ୟା ଗୁଡିକର ତ୍ୱରିତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଜିଲାପାଳ ।

### ହାଇୱାରେ ପିଟି ହୋଇ ବାଇକ୍ ଆରୋହୀ ମୃତ

ଜୁନାଗଡ,୨୩ା୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଗୌଡସର୍ଗିଗୁଡା ଛକଠାରେ ସୋମବାର ସନ୍ଧ୍ୟାରେ ଏକ ଅଟକି ଥିବା ହାଇୱାରେ ପିଟି ହୋଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ତାଙ୍କ ନାମ ଟିଡିରାମ ବାଗ (୨୩) । ସେ ଜୁନାଗଡ ବ୍ଲକ ମାଲିଗୁଡା ଗ୍ରାମର ବୋଲି ଜଣାପଡିଛି । ବାଇକ ଆରୋହୀଙ୍କ ବାଇକ (ନଂ.ଓଡି୦୮କ୍ୟୁ-୦୯୬୪) ହୋଇଥିବା ବେଳେ ହାଇୱା (ନଂ.ଓଡି୦୮କ୍ୟୁ-୩୪୬୯) ବୋଲି ଜଣାପଡିଛି । ଘଟଣାସ୍ଥଳରେ ଜୁନାଗଡ ପୋଲିସ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି ।

# ତେଜିଲା ଆନ୍ଦୋଳନ, ପ୍ରତିବାଦ ସଭା

**ହାଇକୋର୍ଟ ବାର ଆସୋସିଏଶନ ନିଷ୍ପତ୍ତିକୁ ବିରୋଧ**

- ହାଇକୋର୍ଟ ବାର୍ ସଂଘ ସଭାପତିଙ୍କୁ ପଠାଇଲେ ପ୍ରତିବାଦ ପତ୍ର
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ବଲାଙ୍ଗୀରରେ ତୁରନ୍ତ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କର
- ହାଇକୋର୍ଟ ବାର୍ ସଂଘର କୁଶପୁତ୍ତଳିକା ଦାହ କଲେ



ବଲାଙ୍ଗୀର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାଇକୋର୍ଟ ବାର୍ ବିରୋଧରେ ପ୍ରତିବାଦ ସଭା ।

ବଲାଙ୍ଗୀର ଅଫିସ,୨୩ା୫

ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ବିରୋଧ କରି ହାଇକୋର୍ଟ ବାର ଆସୋସିଏଶନ୍ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ବଲାଙ୍ଗୀରରେ ଜୋରଦାର ବିରୋଧ କରାଯାଇଛି । ହାଇକୋର୍ଟ ବାର ଆସୋସିଏଶନର ଏଭଳି ଜନବିରୋଧୀ ଏବଂ ଅନ୍ୟାୟପୂର୍ଣ୍ଣ ନିଷ୍ପତ୍ତି ପ୍ରତିବାଦରେ ସୋମବାର ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା, ବିକ୍ଷୋଭ ପ୍ରଦର୍ଶନ ଏବଂ ଧାରଣା ଦିଆଯାଇଥିଲା । ବଲାଙ୍ଗୀର ଆକ୍ସନ କମିଟି ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାର ଶତାଧିକ ଅନୁଷ୍ଠାନ, ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି, ଜିଲା ଓକିଲ ସଂଘ ସଦସ୍ୟ ଏବଂ ଜନସାଧାରଣ ଯୋଗଦେଇ ହାଇକୋର୍ଟ ବାର ସଂଘ ନିଷ୍ପତ୍ତିକୁ ସମାଲୋଚନା କରାଯାଇଥିଲା । ହାଇକୋର୍ଟରେ ଏଭଳି ଜନବିରୋଧୀ ବିଶେଷକରି ପଶ୍ଚିମ ଓ ଦକ୍ଷିଣ ଓଡିଶା ବିରୋଧୀ ନିଷ୍ପତ୍ତି ରାଜ୍ୟକୁ ଦୁଇଫାଳ କରିଦେବାକୁ ଯଥେଷ୍ଟ ବୋଲି ବକ୍ତାମାନେ କହିଥିଲେ । ଏଭଳି ନିଷ୍ପତ୍ତିରୁ ହାଇକୋର୍ଟ ବାର ସଂଘ କ୍ଷାନ୍ତ ରହିବା ସହ ତୁରନ୍ତ ପଶ୍ଚିମ ଓଡିଶାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ ।

ଆକ୍ସନ କମିଟି ସଭାପତି ଗୋପାଲଜୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ବରିଷ୍ଠ ନାଗରିକ ବିକ୍ରମାନନ୍ଦ ବହିଦାର, କୋଶଲ ରାଜ୍ୟ ସମନ୍ୱୟ ସମିତି ଅଧ୍ୟକ୍ଷ ପ୍ରମୋଦ ମିଶ୍ର, ନାଗରିକ କମିଟି ସଭାପତି ବେଲାର ସିଂ ଭୋଇ, ସମ୍ପାଦକ ମନୋରଞ୍ଜନ ସାହୁ, ସିଭିଲ ସୋସାଇଟି ସଭାପତି ନୀଳମଣି ମିଶ୍ର, ଜିଲା ଓକିଲ ସଂଘ ସଭାପତି ଅମରେଶ ତ୍ରିପାଠୀ, ଉପସଭାପତି ସରୋଜ ଗୁପ୍ତା, ସମ୍ପାଦକ ଅଧିକାରୀ ଦନ୍ତା, ବରିଷ୍ଠ ଆଇନଜୀବୀ ଭାବାନୀ ଶଙ୍କର ଶତପଥୀ, ଅମରେନ୍ଦ୍ର ମିଶ୍ର, ରତନ ମହାରଣା, ରବି ବହିଦାର, ଅମନ ନାଗ, ବିଜେଡି ଦଳ ପ୍ରତିନିଧି ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଭାଜପା ଜିଲା ସଭାପତି ଶିବାଜୀ ମହାନ୍ତି, ଅନନ୍ତ ଦାଶ, ପଙ୍କଜୀନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ଆରତୀ ଗୁରୁ, କଂଗ୍ରେସ ଦଳରୁ ବିଧୁଭୂଷଣ ତ୍ରିପାଠୀ, ଅସିତ ମିଶ୍ର, ମନୀଷ ମିଶ୍ର, କାହ୍ନୁ ଶତପଥି, ବିନୋଦ କାଲସାଲ, ଅନୁରାଗୀ ନାହାକ, ମୁନା ପଟ୍ଟନାୟକ, ରିଲୁ ରଥ, ରବି ଖମାରୀ, ସୈନିକ ସଂଘର ପ୍ରତାପ ରଥ, ବରିଷ୍ଠ ନାଗରକ ମଞ୍ଚ ପ୍ରଭାକର ମିଶ୍ର, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ ସଙ୍ଗଠନ ପ୍ରତିନିଧି ଯୋଗଦେଇଥିଲେ । କୋଶଲ ରାଜ୍ୟ ସମନ୍ୱୟ ସମିତି ଅଧ୍ୟକ୍ଷ ମିଶ୍ର କହିଥିଲେ ଯେ, ହାଇକୋର୍ଟ ବାର ଆସୋସିଏଶନ୍ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା କେବଳ ଜନବିରୋଧୀ ନୁହେଁ ବରଂ ଏହା ପଶ୍ଚିମ ଓ ଦକ୍ଷିଣ ଓଡିଶାବାସୀଙ୍କ ପାଇଁ ଅପମାନଜନକ । ଜିଲା ଓକିଲ ସଂଘ ସଭାପତି ତ୍ରିପାଠୀ ହାଇକୋର୍ଟ ବାର ସଂଘ ନିଷ୍ପତ୍ତିକୁ କଡା ଭାଷାରେ ସମାଲୋଚନା କରିଥିଲେ । ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ମିଶ୍ର ତାଙ୍କ ବକ୍ତବ୍ୟରେ ବଲାଙ୍ଗୀର ହିଁ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ ଉପଯୁକ୍ତ ସ୍ଥାନ କହି ହାଇକୋର୍ଟ ବାର ଆସୋସିଏଶନ୍ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ । ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କାରଯିବ ବୋଲି ଘୋଷଣା କରାଯାଇଥିଲା । ଏହି ଅବସରରେ ହାଇକୋର୍ଟ ବାର ଆସୋସିଏଶନର କୁଶପୁତ୍ତଳିକା ଦାହ କରାଯାଇଥିଲା ।

## ପାନୀୟ ଜଳ ସମସ୍ୟା ନେଇ ମନ୍ତ୍ରୀଙ୍କ ସମୀକ୍ଷା

ଟିଟିଲାଗଡ଼, ୨୩ା୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ସହରରେ ପ୍ରଚଣ୍ଡ ରୌଦ୍ରତାପ ଜାରି ରହିଛି । ଗତ ମାର୍ଚ୍ଚ ମାସରୁ ତାପାମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଏହା ସାଙ୍ଗକୁ ପାନୀୟ ଜଳ ସମସ୍ୟା ମଧ୍ୟ ଦିନକୁ ଦିନ ଉତ୍କଟ ହୋଇଛି । ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ଟୁକୁନୀ ସାହୁ ସୋମବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ଏନେଇ ଏକ ସମୀକ୍ଷା ବୈଠକ କରିଥିଲେ । ଏନେଇ ସେ ଉପଜିଲାପାଳ ତଥା ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ ସତ୍ୟୱାନ ମହାଜନଙ୍କ ସହ ଆଲୋଚନା କରିଥିଲେ । ଟିଟିଲାଗଡ ସହରରେ ସୁବ୍ୟବସ୍ଥିତ ପାନୀୟ ଜଳ ଯୋଗାଣ ପାଇଁ ପୂର୍ବରୁ ରହିଥିବା ପ୍ରକଳ୍ପକୁ ପରିବର୍ଦ୍ଧିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨୫ କୋଟି ଟଙ୍କା ଅନୁଦାନ ମଞ୍ଜୁର କରିଛନ୍ତି । ୨୦୫୦ ମସିହା ପର୍ଯ୍ୟନ୍ତ ସହରରେ ଜଳ ସଙ୍କଟ ଦୂର ପାଇଁ ୬ଟି ଓଭରହେଡ ଟ୍ୟାଙ୍କ, ୨ଟି ଭୂତଳ ସମ୍ପ ନିର୍ମାଣ ହେବ । ପୂର୍ବରୁ ଦେସିଲଠାରେ ସହରକୁ ଜଳଯୋଗାଣ ପାଇଁ ୩୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ବିଶୋଧନ ପ୍ଲାଣ୍ଟ ରହିଥିଲା । ନୂତନ ଭାବରେ ଆହୁରି ୬୦ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପ୍ଲାଣ୍ଟ ନିର୍ମାଣ ହେବ । ଏହା ସହ ନୂତନ ଭାବେ ୧୩ କିଲୋମିଟର ପାଇପ ବିଛାଯିବା ବ୍ୟବସ୍ଥା ରହିଛି । ବାଞ୍ଜିପଦର ସ୍ଥିତ ପ୍ରକଳ୍ପ ସ୍ଥଳରେ ୨ଟି ୨୨୫ ଏଚପି ବିଶିଷ୍ଟ ମୋଟର ଏବଂ ବିଶୋଧନ ପ୍ଲାଣ୍ଟରେ ୨ଟି ୧୫୦ ଏଚପି ମୋଟର ବସିବ । ପରିବର୍ଦ୍ଧିତ ପ୍ରକଳ୍ପ କାମ ଖୁବ୍‌ଶୀଘ୍ର ଶେଷ ହେବ ବୋଲି ମନ୍ତ୍ରୀ କହିଥିଲେ । ଏହା ସହ ଟିଟିଲାଗଡ ସହରରେ ମହିଳା ଗୋଷ୍ଠୀଙ୍କ ଜରିଆରେ ହାଟ, କାଫେ ଆଦି ପ୍ରତିଷ୍ଠା ନେଇ ମନ୍ତ୍ରୀ ଆଲୋଚନା କରିଥିଲେ । ସମୀକ୍ଷା ବୈଠକରେ ବଲାଙ୍ଗୀର ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ପାର୍ବତୀ ମୋହନ ପରିଡା, ଟିଟିଲାଗଡ ସହକାରୀ ଯନ୍ତ୍ରୀ ଜୟାନନ୍ଦ ଜଗତ, କନିଷ୍ଠ ଯନ୍ତ୍ରୀ ମିହିରକାନ୍ତ ମହାନ୍ତି, ପୌରଯନ୍ତ୍ରୀ ଅନାଥ ସାହୁ, ନୀଳକଣ୍ଠ କିଷାନ ପ୍ରମୁଖ ଉପସ୍ଥିତ ଥିଲେ ।



ବିଭାଗୀୟ ଅଧିକାରୀଙ୍କ ସହ ମନ୍ତ୍ରୀ ଟୁକୁନୀ ସାହୁ ଆଲୋଚନା କରୁଛନ୍ତି ।

## ନାନ୍ଦୋଲ ଧାନମଣ୍ଡି ଉଦ୍‌ଘାଟିତ



ମନ୍ତ୍ରୀଙ୍କ ଦ୍ୱାରା ମଣ୍ଡି ଉଦ୍‌ଘାଟିତ ହେଉଛି ।

ଜୁନାଗଡ,୨୩ା୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ପ୍ରଥମ ଭାବେ ନାନ୍ଦୋଲଠାରେ ସୋମବାର ଚଳିତ ରବି(ଡାଲୁଅ) ଧାନ ପାଇଁ ମଣ୍ଡିର ଶୁଭାରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଏହାର ଉଦ୍‌ଘାଟନ କରିଥିଲେ । ପ୍ରଥମେ ଦିନରେ ଟୋକନ ଥିବା ୮ଜଣ ଚାଷୀଙ୍କ ଧାନ ଉଠାଣ କରାଯାଇଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏଆରସିଏସ ଭିକାରୀ ଚରଣ ସେଠ, ଆରଏମ୍‌ସି ହିସାବରକ୍ଷକ ବସନ୍ତ ସେଠି, ପ୍ୟାକ୍ସ ମୁଖ୍ୟ କାର୍ଯ୍ୟ ନିର୍ବାହୀ କୃପାସିନ୍ଧୁ ମହାନନ୍ଦ, ଚାଷୀ ନେତା ହେମନ୍ତ ପ୍ରଧାନ, ଶରତ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ୪ ହାଇୱା, ଗୋଟିଏ ପ୍ରୋକଲିନ ମେଶିନ ଜବତ, ୪ ଅଟକ

କେସିଙ୍ଗା,୨୩ା୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଲଇତରା ରାଜସ୍ୱ ନୀରିକ୍ଷକ ଅଧୀନ ବୋରିଆ ଗ୍ରାମ ନିକଟ ଦେହେରେନ ଯୋରଠାରୁ ସୋମବାର ସକାଳେ ଚୋରା ବାଲି ଚାଲାଣ ବେଳେ ଚଢ଼ାଉ କରାଯାଇ ୪ ହାଇୱା ଓ ଗୋଟିଏ ପ୍ରୋକଲିନ ମେଶିନ ଜବତ କରାଯାଇଛି । ଏହି ଅଭିଯୋଗେର ୪ଜଣ ଡ୍ରାଇଭରଙ୍କୁ ଅଟକ ରଖାଯାଇଛି । ଦେହେରେନ ଯୋରଠାରୁ ସକାଳେ ବାଲି ଚୋରା ଚାଲାଣ ହେଉଥିଲା । କୌଣସି ସୂତ୍ରରୁ ଲଇତରା ରାଜସ୍ୱ ନୀରିକ୍ଷକ ପ୍ରିୟବ୍ରତ ପୃଷ୍ଟି ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲେ । ସେଠାରୁ ଏକ ପ୍ରୋକଲିନ ମେଶିନ ଓ ୪ଟି ହାଇୱା ଅଟକ ରଖି ପୋଲିସକୁ ଖବର ଦେଇଥିଲେ । କେସିଙ୍ଗା ପୋଲିସ ପହଞ୍ଚି ୪ଟି ହାଇୱା ଜବତ କରି କେସିଙ୍ଗା ଥାନାକୁ ନେଇଥିଲା । ଏ ନେଇ ଲଇତରା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି । କେସିଙ୍ଗା ତହସିଲଦାର ଜ୍ୟୋତିର୍ମୟ କର ତଦନ୍ତ ଜାରି ରଖିଛନ୍ତି । ଚଢ଼ାଉରେ ସୁପରଭାଇଜର ଅଜୟ ରାଜ ଶିଖା, କେସିଙ୍ଗା ଆରଆଇ ନିହାରିକା ଦୋରା, କେସିଙ୍ଗା ପୋଲିସ ସାମିଲ ହୋଇଥିଲେ ।

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ସରପଞ୍ଚ

**ଘାଟମାଳ ପଞ୍ଚାୟତର ବିଭିନ୍ନ ସମସ୍ୟା**

ସିନାପାଲି,୨୩ା୫(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲି ବ୍ଲକସ୍ଥିତ ଉପାନ୍ତ ଘାଟମାଳ ଗ୍ରାମପଞ୍ଚାୟତ ବିଭିନ୍ନ ସମସ୍ୟା ନେଇ ସରପଞ୍ଚ ଟେକରାମ ମାଝି ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ପ୍ରକାଶ ଯେ, ବ୍ଲକ ସଦର ମହକୁମାଠାରୁ ପ୍ରାୟ ୨୫ କି.ମି. ଦୂରରେ ଘାଟମାଳ ଗ୍ରାମପଞ୍ଚାୟତ ଅବସ୍ଥିତ । ଏଠାରେ ଆଜି ବି ଅନେକ ସମସ୍ୟା ରହିଛି । ଏହାର ସମାଧାନ ପାଇଁ ସ୍ଥାନୀୟ ସରପଞ୍ଚ ଲିଖିତ ଅଭିଯୋଗ କରିଛନ୍ତି । ବଣପାହାଡ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ଅନେକ ଗ୍ରାମକୁ ଯିବା ପାଇଁ ରାସ୍ତାଟିଏ ନାହିଁ । ଫଳରେ ଅଞ୍ଚଳର ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅଞ୍ଚଳରେ ଦୀର୍ଘ ଦୁଇ ବର୍ଷ ହେବ ବସୁଧା ଯୋଜନାରେ ପାଣି ଟାଙ୍କି ଲାଗିଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରି ନାହିଁ । ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା, ଗଡିଆ ଯୋର, ହଳଦୀଖୋଲପଡା, ସିଂବାହଲି ଗ୍ରାମକୁ ପାନୀୟ ଜଳ ଯୋଗାଣରେ ସାମିଲ କରାଯିବା ନେଇ ଦାବିପତ୍ର ପ୍ରଦାନ କରିଥିଲେ । ସେହିପରି ବଣପାହାଡ ଘେରା ଦୁର୍ଗମ ଅଞ୍ଚଳ ହୋଇଥିବା ବେଳେ ପଞ୍ଚାୟତରୁ ଦୀର୍ଘ ୧୫ କି.ମି. ଦୂର ପଞ୍ଚାୟତ କାର୍ଯ୍ୟାଳୟ ରହିଛି । ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ତାଲାକୋଟ ନିକଟରେ ଗୋଦାମ ଗୃହ ନିର୍ମାଣ କରିବାକୁ ଦାବିପତ୍ରରେ ଦର୍ଶାଇଛନ୍ତି । ସୂଚନାଯୋଗ୍ୟ ଯେ, ଏଠାରେ ବର୍ଷର ଅଧିକାଂଶ ସମୟରେ ବିଦ୍ୟୁତ୍ ସରବରାହ ବନ୍ଦ ରହୁଛି । ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ମଧ ଦାବି କରିଛନ୍ତି । ଏହା ଉପରେ ଦୃଷ୍ଟି ଦିଆଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଛନ୍ତି ।

## ବିଦ୍ୟାଳୟରେ ତାଲା ପକାଇଲେ ଗ୍ରାମବାସୀ

ସଇଁତଳା, ୨୩ା୫(ଡି.ଏନ.ଏ.)

ସଇଁତଳା ବ୍ଲକ ବ୍ରାହ୍ମଣୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି । ଏଭଳି ଅଭିଯୋଗ ଆଣି ସୋମବାର ଗ୍ରାମବାସୀ ଶିକ୍ଷକଙ୍କ ବଦଳି ଦାବି କରି ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍କୁଲରେ ତାଲା ପକାଇ ଦେଇଛନ୍ତି । ଦାବିପୂରଣ ନ ହେବା ଯାଏ ବିଦ୍ୟାଳୟର ତାଲା ଖୋଲାଯିବ ନାହିଁ ବୋଲି କହିଥିଲେ । ବ୍ରାହ୍ମଣୀ ଗ୍ରାମରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରହିଛି । ଉକ୍ତ ବିଦ୍ୟାଳୟରେ ବ୍ରାହ୍ମଣୀ ଗ୍ରାମ ସହ କସ୍ତୁରବା ଗାନ୍ଧୀ ଆବାସିକ ଛାତ୍ରୀ ନିବାସରେ ରହୁଥିବା ଛାତ୍ରୀମାନେ ଅଧ୍ୟୟନ କରୁଛନ୍ତି । ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ଛାତ୍ରୀମାନଙ୍କୁ ଗାଳିଗୁଲଜ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ବିଇଓ ଗୋବର୍ଦ୍ଧନ ଭୋଇଙ୍କୁ ପଚାରିବାରୁ ଅଭିଯୋଗ ପାଇବା ପରେ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ଭୋଇଙ୍କୁ ଘଟଣାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛି । ରିପୋର୍ଟ ଆସିବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ରବିଧାନ ସଂଗ୍ରହ ଆରମ୍ଭରୁ ବିଭ୍ରାଟ

**ନୂଆପଡ଼ା ଜିଲା**

- ପ୍ରଥମ ଦିନ ଉଠିଲା ନାହିଁ ଧାନ



ଆନୁଷ୍ଠାନିକ ଭାବେ ମଣ୍ଡି ଉଦ୍‌ଘାଟନ କରାଯାଉଛି ।

ନୂଆପଡ଼ା ଅଫିସ,୨୩ା୫

ନୂଆପଡା ଜିଲା ଖରିଆର ରୋଡ ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଆନୁଷ୍ଠିକ ଭାବେ ସୋମବାର ରବି ଧାନ ସଂଗ୍ରହ ପାଇଁ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ମଣ୍ଡି ପ୍ରାଙ୍ଗଣରେ ପାରମ୍ପରିକ ଢଙ୍ଗରେ ପୂଜା ଅର୍ଚ୍ଚନା କରାଯାଇଥିଲା । ଜିଲା ଯୋଗାଣ ଅଧିକାରୀ ଜି ପ୍ରଭାକର ପାତ୍ରୋ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି । ଏହି କାର୍ଯ୍ୟକମରେ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିବେକାନନ୍ଦ ମହାନନ୍ଦ, ସହକାରୀ ଯୋଗାଣ ଅଧିକାରୀ ଖଣ୍ଟୁରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟପକ୍ଷରେ ପ୍ରଥମ ଦିନରୁ ହିଁ ବିଭ୍ରାଟ ଦେଖାଦେଇଛି । ବିନା କଟନି ଛଟନିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଜିଦ୍ ଧରି ଥିବାବେଳେ ମିଲର୍ସମାନେ ଅନ୍ୟୁନ କୁଇଣ୍ଟାଲ ପିଛା ୩ କିଲୋଗ୍ରାମ କଟନି କରିବା ପାଇଁ ଜିଦ୍‌ରେ ଅଛନ୍ତି । ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିବାରୁ ଖରିଆର ରୋଡ ମଣ୍ଡିକୁ ୮ଜଣ ଚାଷୀଙ୍କ ୭୫୬ ବସ୍ତା ଧାନ ଆଣିଥିଲେ ମଧ୍ୟ ବସ୍ତାଟିଏ ଧାନ ଉଠିପାରିନାହିଁ । ଏ ସମ୍ପର୍କରେ କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ । ଚଳିତ ୨୦୨୧-୨୨ ବର୍ଷ ପାଇଁ ୨୫ଟି ସମବାୟ ସମିତିରୁ ୩୫ଟି ଧାନ ବିକ୍ରୟ କେନ୍ଦ୍ର ଖୋଲାଯିବା ନିଷ୍ପତ୍ତି ହୋଇଛି । ଏହି କ୍ରମରେ ଜିଲାର ୨୫ଟି ମିଲର୍ସଙ୍କୁ ଧାନ କ୍ରୟ ପାଇଁ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ୯୯୦୪ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି । ବର୍ତ୍ତମାନ ସମୟରେ ଜିଲାରେ କେତେ ଧାନ ସଂଗ୍ରହ କରାଯିବ ତାହାର ଠିକ ସଂଖ୍ୟା ଜଣା ପଡି ନ ଥିଲେ ମଧ୍ୟ ପ୍ରଥମ ଦଫାରେ ୩ ଲକ୍ଷ ୨ ହଜାର ୮୬୫ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ମଣ୍ଡି ଖୋଲିବାର ବିଳମ୍ବ ହୋଇଥିଲେ ମଧ୍ୟ ଚଳିତ ରବି ଋତୁରେ ଧାନ ସଂଗ୍ରହ ଶାନ୍ତିପୂର୍ଣ୍ଣ ହେବ ବୋଲି ଜିଲା ଯୋଗାଣ ଅଧିକାରୀ ପାତ୍ରୋ ଆଶା ପ୍ରକାଶ କରିଛନ୍ତି । ଅନେକ ଧାନ କ୍ରୟ କେନ୍ଦ୍ରରେ ଧାନ ସୁରକ୍ଷିତ ଭାବରେ ରଖିବା ସୁବିଧା ନ ଥିବାରୁ ଯେଉଁ ଦିନର ଧାନ ସେହି ଦିନ ଉଠାଇବା ପାଇଁ ଚାଷୀମାନେ ଦାବି କରିଛନ୍ତି ।

## ମୁରିବାହାଲ ପ୍ରିମିୟର ଲିଗ୍: ମନଷ୍ଟର ଚାମ୍ପିୟନ

ମୁରିବାହାଲ, ୨୩ା୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହାଲ କ୍ରିକେଟ ଆସୋସିଏଶନ ଆୟୋଜିତ ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତ୍ରିରେ ଉଦ୍‌ଯାପିତ ହୋଇଛି । ମନଷ୍ଟର ଦଳ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ।

ଘଣ୍ଟବାହାଲ ଖେଳ ପଡିଆରେ ଫାଇନାଲ ଖେଳ ବ୍ଲାକ ପାନ୍ଥର ଓ ମନଷ୍ଟର ମଧ୍ୟରେ ଖେଳାଯାଇଥିଲା । ବ୍ଲାକ ପାନ୍ଥର ପ୍ରଥମ ବ୍ୟାଟିଂ କରି ୧୦ଓଭରରେ ୩ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା । ଜବାବରେ ମନଷ୍ଟର ୨ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଅବସରପ୍ରାପ୍ତ ସେନା କମାଣ୍ଡର ଗିରିରାଜ ସିଂ ମାଝି ମୁଖ୍ୟ ଅତିଥି, ସମ୍ମାନୀତ ଅତିଥିଭାବେ ସାମାଜିକ କର୍ମୀ ସବିତାରାଣୀ ଜଗଦଲା, ଏମ୍‌ପି ପ୍ରତିନିଧି ଶ୍ରୀବତ୍ସ ବେହେରା, କମିଟି ଉପଦେଷ୍ଟା ବନବିହାରୀ ଯୋଶୀ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ଟ୍ରଫି ସହ ୩୧ ହଜାର ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୨୧ ହଜାର ଟଙ୍କା ପ୍ରଦାନ କରିଥିଲେ । ଧନ୍ୟବାଦ ଅର୍ପଣ କରିଥିଲେ ଲିଲୁମୋହନ ପଧାନ । ଶ୍ରେଷ୍ଠ ଖେଳାଳି ଭାବେ ହେମସାଗର ଥାଟି, ଶ୍ରେଷ୍ଠ ବୋଲର ବଲ୍ଲବ ନାଗ, ଶ୍ରେଷ୍ଠ କ୍ୟାଚର ହାସମୁଖ ନାଗ, ଶ୍ରେଷ୍ଠ ଶୃଙ୍ଖଳିତ ଦଳ ହଣ୍ଟର ୧୧ ଓ ଶ୍ରେଷ୍ଠ ଭଲେଣ୍ଟିୟର ରାଜୀବ ଛୁରା, ମ୍ୟାନ ଅଫ ଦ ମ୍ୟାଚ ଟଇଗର ମହାକୁରଙ୍କୁ ଟ୍ରଫି ପ୍ରଦାନ କରାଯାଇ ଥିଲା । ଅମ୍ପେୟାର କେଦାର ବଡ଼ଜେନା, କୁନ୍ତ ପୋଡ଼, ସ୍କୋରରଭାବେ ରାଜା ଛୁରା ଦାୟିତ୍ୱ ତୁଲାଇ ଥିଲେ । ଟୁର୍ନାମେଣ୍ଟ ଆୟୋଜନରେ କମିଟି ସଭାପତି ବିଶ୍ୱବିହାରୀ ଯୋଶୀ, ସାଧାରଣ ସମ୍ପାଦକ ଅଭିମନ୍ୟୁ ଛୁରା, ପଦ୍ମଲୋଚନ ବାଗ, ମଣ୍ଟୁ ନାୟକ, ପ୍ରଦୀପ କୁମାର ବଘାର, ଦିବ୍ୟଲୋଚନ ସାହୁ, ସୁମନ୍ତ ମହାଲିଙ୍ଗ, ରାଜେଶ ଛୁରା, ପ୍ରକାଶ ବଘାର, ସୁଦାମ ଚରଣ ବଘାର । ଟୁର୍ନାମେଣ୍ଟରେ ୮ଟି ଦଳ ଭାଗନେଇଥିଲେ ।




ଟ୍ରଫିସହ ଚାମ୍ପିୟନ ମନଷ୍ଟର ଦଳର ଖେଳାଳିମାନେ ।

## ପାଇପ୍ ଜଳଯୋଗାଣ ଦାବିରେ ତାତିଲେ

- ବ୍ଲକ ଅଫିସ ଘେରିଲେ ବରପାଲି ପଡାବାସୀ
- ବୁଧବାରଠାରୁ ପଡାକୁ ପାଇପ ସଂଯୋଗ କାମ ଆରମ୍ଭ
- କାମ ନ ସରିବା ଯାଏ ଟ୍ୟାଙ୍କର ଜଳଯୋଗାଣ ପ୍ରତିଶ୍ରୁତି



ବ୍ଲକ ଅଫିସ ଆଗରେ ଆନ୍ଦୋଳନରତ ବରପାଲିପଡାବାସୀ ।

ଲୋଇସିଂହା,୨୩ା୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ହୀରାପୁର ପଞ୍ଚାୟତ ଅନ୍ତର୍ଗତ ମାଣ୍ଡିଆପଦର ବରପାଲିପଡାରେ ଏବେ ଘୋର ପାନୀୟ ଜଳ ସମସ୍ୟା ଦେଖାଦେଇଛି । ନିଦାଘ ଗ୍ରୀଷ୍ମରେ ଲୋକେ ପାଣି ପାଇଁ ହଟହଟା ହେଉଛନ୍ତି । କୂଅ, ପୋଖରୀ ଆଦି ଶୁଖି ଯାଇଛି । ନଳକୂପରୁ ଆବଶ୍ୟକ ପାଣି ବାହାରୁ ନାହିଁ । ଗାଁରେ ପାଇପ ଜଳ ଯୋଗାଣ ବ୍ୟବସ୍ଥା ଥିଲେ ହେଁ ସେମାନଙ୍କ ପାଖରେ ପହଞ୍ଚୁ ନାହିଁ । ଏ ନେଇ ବିଭାଗୀୟ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ କହିଲା ପରେ ବି କୌଣସି ସୁଫଳ ମିଳୁନାହିଁ । ଏହାର ପ୍ରତିବାଦ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି ବରପାଲି ପଡାବାସୀ । ସୋମବାର ପଡାର ବହୁ ମହିଳା ପୁରୁଷ ବ୍ଲକ ଅଫିସ ଆସି ଘେରାଉ କରିଥିଲେ । ବିଡିଓ ରାମଚନ୍ଦ୍ର ଖାଡିଆ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତିନ୍ଦ୍ର ପଟେଲ, ସ୍ଥାନୀୟ ସରପଞ୍ଚ ରମାକାନ୍ତ ବିଶ୍ୱାଳ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ପଡାବାସୀ କହିଥିଲେ ଗାଁର ପ୍ରତି ଘରକୁ ପାଇପ ଲାଇନ ସଂଯୋଗ ହେବା ଜାଣି ଗତବର୍ଷ ଫାସଡ ପମ୍ପ ହାଉସଠାରେ ସେମାନେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟିଥିଲେ । ଅତିରିକ୍ତ ବଜେଟ କରି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ହେଲେ ଫଳ ଶୂନ । ଜନପ୍ରତିନିଧି ବି ଏଥିପ୍ରତି ଧ୍ୟାନ ଦେଇ ନ ଥିବା କହିଥିଲେ ପଡାର ଦୀପ ବେହେରା, କନକ ବେହେରା, ୱାର୍ଡସଭ୍ୟ କଇଁରୁ ସାହୁ ।

ବୁଧବାରଠାରୁ ପଡାକୁ ପାଇପ ଲାଇନ କାମ ଆରମ୍ଭ କରାଯିବ । କାମ ନ ସରିବା ଯାଏ ପଡାକୁ ଟ୍ୟାଙ୍କର ଯୋଗ ପାଇପ ପାଣି ଯୋଗାଇ ଦିଆଯିବ । ମଙ୍ଗଳବାରଠାରୁ ଟ୍ୟାଙ୍କର ପାଣି ଯୋଗାଇ ଦିଆଯିବ ବୋଲି ବିଡିଓ ଆଲୋଚନାକାଳରେ ପ୍ରତିଶ୍ରୁତି ଦେଇଥିଲେ । ପ୍ରତିଶ୍ରୁତି କାର୍ଯ୍ୟକାରୀ ନହେଲେ ପଡାବାସୀ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଥିଲେ । ୨ ୱାର୍ଡ ବିଶିଷ୍ଟ ମାଣ୍ଡିଆପଦର ଗାଁଠାରୁ ଅଧକମି ଦୂରରେ ରହିଛି ବରପାଲିପଡା । ପ୍ରାୟ ୯୦ ପରିବାରର ୩ଶହରୁ ଊର୍ଦ୍ଧ୍ୱ ଲୋକ ସେଠାରେ ବସିତି ସ୍ଥାପନ କରୁଛନ୍ତି । ଗାଁକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଛି । ହେଲେ ଉକ୍ତ ପଡାଠାରୁ ମାତ୍ର ଶହେ ମିଟର ଦୂର ଦେଇ ପାଇପ ଲାଇନ ଯାଇଛି । ହେଲେ ଉକ୍ତ ବସ୍ତିକୁ ପାଇପ ସଂଯୋଗ କରାଯାଇନାହିଁ । ପଡାରେ ଥିବା ୪ଟି ନଳକୂପରୁ ୨ଟି ଅଚଳ । ଅନ୍ୟ ୨ଟିରୁ କମ୍ ପାଣି ବାହାରୁଛି । ଫଳରେ ପ୍ରଚଣ୍ଡ ଖରାରେ ପଡାରୁ ଅଧକିମି ଦୂର ୨୬ ନଂ ଜାତୀୟ ରାଜପଥ ହୀରାପୁର ଛକ ନିକଟରୁ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ସଡକ ସୁରକ୍ଷା ପ୍ରଶିକ୍ଷଣ ଶିବିର, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସକାଳ ୮ଟା ।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ରାଉରକେଲା ଅଫିସ,୨୩।୫:** ବଣେଇ ଥାନା ଅଧୀନ ଟିକାୟତପାଲି ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଭୀମ କିଷାନ(୩୦)। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩୮।୨୨) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସୂଚନା ଅନୁସାରେ, ଗତ ୨୧ ତାରିଖରେ ଟିକାୟତପାଲି ଗ୍ରାମର ଭୀମ ନରେନ୍ଦ୍ର ଅଞ୍ଚଳରେ କାମସାରି ନିଜ ଘରକୁ ଫେରୁଥିବା ବେଳେ ତାଙ୍କୁ ପଛପଟୁ ଏକ ଡମ୍ପର ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପୋଲିସ ପାଟ୍ରୋଲିଂ ଗାଡ଼ି ତାଙ୍କୁ ଆରଜିଏଚ୍‌ରେ ଭର୍ତ୍ତି କରିଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ତାଙ୍କର ମୃତ୍ୟୁ ହୋଇଛି।

### ଦୁର୍ଘଟଣା ପଛର ବିଜ୍ଞାନ ଉପରେ ତାଲିମ କାର୍ଯ୍ୟକ୍ରମ

ସମ୍ବଲପୁର,୨୩।୫ (ବ୍ୟୁରୋ) ସମ୍ବଲପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ପୋଲିସ ଅଧିକାରୀ ଓ ପରିବହନ ଅଧିକାରୀଙ୍କୁ ନେଇ ସୋମବାର ୨ଦିନିଆ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ବଲପୁର ରେଞ୍ଜ ଅନ୍ତର୍ଗତ ସମ୍ବଲପୁର ସହ ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସୋନପୁର ଜିଲାର ବିଭିନ୍ନ ଥାନାର ପୋଲିସ ଅଧିକାରୀ ଓ ପରିବହନ ଅଧିକାରୀ ସାମିଲ ହୋଇଥିଲେ। ଟ୍ରେନର ଭାବେ ଜେପି ରିସର୍ଚ୍ଚ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ରବିଶଙ୍କର ରାଜା ରମନ ଓ ସତ୍ୟ କୁମାର ଯଥାକ୍ରମେ ପୁଣେ ଏବଂ କୋଏମ୍ବାଟୁରରୁ ଯୋଗ ଦେଇଛନ୍ତି। ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଏସ୍‌ପି ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ବଲପୁର ଆଞ୍ଚଳିକ ପରିବହନ ଅଧିକାରୀ ରାମଦାସ ଟୁଡୁ ଧନ୍ୟବାଦ ଦେଇଥିଲେ। ପ୍ରଥମ ଦିନରେ ଦୁର୍ଘଟଣା ପଛର ବିଜ୍ଞାନ, ଦୃଶ୍ୟ ପରୀକ୍ଷା, ଯାନ ପରୀକ୍ଷା, କ୍ରାସ୍ ଅନୁସନ୍ଧାନର ବ୍ୟାବହାରିକ ଦିଗ ଉପରେ ଆଲୋଚନା କରି ଟ୍ରେନରମାନେ ତାଲିମ ପ୍ରଦାନ କରିଥିଲେ। ଅନ୍ୟାନ୍ୟ ବିଷୟବସ୍ତୁ ଉପରେ ମଙ୍ଗଳବାର ତାଲିମ ପ୍ରଦାନ କରାଯିବ ବୋଲି ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଜୁଲାଇରେ ଉଦ୍‌ଘାଟନୀ ଉତ୍ସବ

### ଏନ୍‌ଏସ୍‌ସିବି କଲେଜର ଗୋଲ୍‌ଡେନ୍ ଜୁବିଲି ପ୍ରସ୍ତୁତି

ସମ୍ବଲପୁର,୨୩।୫(ବ୍ୟୁରୋ)

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) କଲେଜର ଗୋଲ୍‌ଡେନ୍ ଜୁବିଲି ସମାରୋହ ସକାଶେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜ ସଭାପକ୍ଷରେ ଅଧକ୍ଷ ଡ. ଦୁର୍ଲଭ କୁମାର ସାଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ଏଥିରେ ଶିକ୍ଷା ଅଧିକାରୀ, କର୍ମଚାରୀ, ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର, ପୁରାତନ ଛାତ୍ର ସଂସଦ କର୍ମକର୍ତ୍ତା ଯୋଗଦେଇ ନିଜସ୍ୱ ମତ ପ୍ରଦାନ କରିଥିଲେ। ଆସନ୍ତା ଜୁଲାଇରେ ଉତ୍ସବ ଉଦ୍‌ଘାଟନ ହେବ ଓ ୨୦୨୪ ଜାନୁୟାରୀ ୨୩ରେ ଉଦ୍‌ଯାପନୀ କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ ପ୍ରଶାସନିକ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ପ୍ରଦୀପ କୁମାର ଦାଶ, ସିଦ୍ଧାର୍ଥ ସାହା, ଜୟଶଙ୍କର ମିଶ୍ର, ସରୋଜ କୁମାର ସାହୁ, ପରଭେଜ ଅଲ୍ଲୀ ଖାନ୍, ହୀରାଲାଲ ବେହେରା, ସଞ୍ଜୀବ ଗର୍ଡିଆ, ମହେଶ ପଟେଲଙ୍କୁ ନେଇ ଏକ କୋର କମିଟି ଗଠନ କରାଯାଇଥିଲା। ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ ଓ ନୀତେଶ ଗଙ୍ଗଦେବ, ସରକାରୀ ଦଳ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାୟକ, ଜିଲା ଓକିଲ ସଂଘ ସଭାପତି ସୁରେଶ୍ୱର ମିଶ୍ର, ଜିଲାପରିଷଦ ଅଧ୍ୟକ୍ଷ କୁମୁଦିନୀ ନାୟକଙ୍କୁ ପୃଷ୍ଠପୋଷକ, ଅନିରୁଦ୍ଧ ପ୍ରଧାନଙ୍କୁ ସମାରୋହ କମିଟି ଚେୟାରମେନ, ଡ. ଶ୍ୟାମ ଭୋଇ ଭାଇସ୍ ଚେୟାରମ୍ୟାନ ଓ ସ୍ମରଣିକା କମିଟି ଚେୟାରମ୍ୟାନ, କଲେଜ ଅଧ୍ୟକ୍ଷ ଡ. ସା ସଭାପତି, ପ୍ରଦୀପ କୁମାର ଦାଶ କାର୍ଯ୍ୟକାରୀ ସଭାପତି ଦାୟିତ୍ୱରେ ରହିବେ ବୋଲି ସ୍ଥିର କରାଯାଇଛି। ଡ. ଆର୍.ଏମ୍. ନାଏକ, ସରୋଜ ସାହୁ, ସିଦ୍ଧାର୍ଥ ସାହା ଓ ମନୋଜ ମହାପାତ୍ର ଉପସଭାପତି, ଜୟଶଙ୍କର ମିଶ୍ର କୋଷାଧ୍ୟକ୍ଷ, ବୀରେନ୍ଦ୍ର ଦିକ୍ଷୀତ ଉପକୋଷାଧ୍ୟକ୍ଷ, ଡ. ବିଶ୍ୱମୋହନ ଜେନା, ହୀରାଲାଲ ବେହେରା, ପରଭେଜ ଅଲ୍ଲୀ ଖାନ ସାଧାରଣ ସମ୍ପାଦକ, ପ୍ରମୋଦ କୁମାର ମିସ୍ତ୍ରି, ଦୀପକ କୁମାର ସାମଲ, ଏଚ୍.ପି. ନନ୍ଦ, ପୂର୍ଣ୍ଣେନ୍ଦୁ ପଣ୍ଡା ସମ୍ପାଦକ ଏବଂ ହରିହର ମଲ୍ଲିକ, ସୁବାସ ବେହେରା, ଶିବଶଙ୍କର ପଣ୍ଡା, ମହମ୍ମଦ ତସ୍‌ଲିମ୍ ସଂଗଠନ ସମ୍ପାଦକ ମନୋନୀତ ହୋଇଛନ୍ତି। ସାଂସ୍କୃତିକ, ସ୍ମରଣିକା ପ୍ରକାଶନ, ଅର୍ଥ, ଜନସମ୍ପର୍କ ଓ ଗଣମାଧ୍ୟମ ଯୋଗାଯୋଗ ପ୍ରଭୃତି କାର୍ଯ୍ୟ ପାଇଁ କମିଟି ଗଠନ ହୋଇଛି ।



ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତା।

# ବଲବୀର ସିଂ ମୀନା ମିଷ୍ଟର ଆର୍‌ପିଏଫ୍

ସମ୍ବଲପୁର,୨୩।୫(ବ୍ୟୁରୋ)

ସର୍ବଭାରତୀୟ ରେଳବାଇ ସୁରକ୍ଷାବଳ (ଆର୍‌ପିଏଫ୍) ବଡି ବିଲ୍ଡିଂ ପ୍ରତିଯୋଗିତା ରବିବାର ରାତିରେ ସମ୍ବଲପୁର ରେଲୱେ କମ୍ୟୁନିଟି ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲବୀର ସିଂ ମିନା ମିଷ୍ଟର ଆର୍‌ପିଏଫ୍ ଟ୍ରଫି ହାସଲ କରିଛନ୍ତି। ଏଥିସହ ୫୫କେଜିରେ ଅମିତ କୁମାର ସିଂ, ୬୦ କେଜିରେ ଏସ୍ ସେନଥିଲ କୁମାର, ୬୫ କେଜିରେ ବିକାଶ କୁମାର ମେହେରା, ୭୦କେଜିରେ ଏମ୍.କେ. ବାରିକ, ୭୫ କେଜିରେ ଏମ୍ ପିଟର, ୮୦ କେଜିରେ ବଲବୀର ସିଂ ମୀନା, ୮୫ କେଜିରେ ଅଜୟ କୁମାର ଗୁର୍ଜର, ୧୦୦ କେଜିରେ ବିଜୟ ଅମାନ୍ଦେ, ୯୦ କେଜିରେ ଟି ରବି କୁମାର ଏବଂ ୯୫ କେଜି ବର୍ଗରେ ଗୋପାଳ ଦତ୍ତ ବିଜେତା ହୋଇଛନ୍ତି। ବିଶ୍ୱମ୍ବର ବହିଦାର, କିଶୋର ମିଶ୍ର, ଶିଶିର ବହିଦାର, ସୁଜିତ ମହାନ୍ତି ବିଚାରକ ଭାବେ ଯୋଗଦେଇଥିଲେ। ସୋମନାଥ ପଟ୍ଟନାୟକ ଷ୍ଟେଜ ମାର୍ଶଲ ଥିଲେ। ଅନୁପ ଗୋରିଙ୍କ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ବଲପୁର ରେଳ ମଣ୍ଡଳ ଆୟୋଜିତ ପ୍ରତିଯୋଗିତାରେ ପୂର୍ବତଟ, ଦକ୍ଷିଣପୂର୍ବ ମଧ୍ୟ, ପୂର୍ବ ରେଳପଥ, କେନ୍ଦ୍ରୀୟ ରେଳପଥ, ପଶ୍ଚିମ ଓ ଦକ୍ଷିଣ ରେଳପଥ ପ୍ରଭୃତି ବିଭାଗରୁ ପ୍ରତିଯୋଗୀମାନେ ଭାଗ ନେଇଥିଲେ।



ପ୍ରତିଯୋଗିତାରେ ଭାଗନେଇଥିବା ପ୍ରତିଯୋଗୀ।

# ୮୬ ଅଭିଯୋଗର ଶୁଣାଣି


ଶିବିରରେ ଉପସ୍ଥିତ ଅଧିକାରୀ ଓ ଜନପ୍ରତିନିଧି।

### କୁଚିଣ୍ଡାରେ ବ୍ଲକସ୍ତରୀୟ ଜନଶୁଣାଣି

କୁଚିଣ୍ଡା,୨୩।୫(ଡି.ଏନ.ଏ.)

କୁଚିଣ୍ଡା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ସୋମବାର ବ୍ଲକସ୍ତରୀୟ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲା ଅତିରିକ୍ତ ପିଡି ଦିଲୀପ କୁମାର ବଳଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଅଜମ୍ବର ମହାନ୍ତି ଯୋଗଦେଇ ଏହାକୁ ପରିଚାଳନା କରିଥିଲେ। ଏଥିରେ କୁଚିଣ୍ଡା ଉପଜିଲାପାଳ ଆଦିତ୍ୟ ଗୋଏଲ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ରାଜକିଶୋର ମିଶ୍ର, ବିଡିଓ ନିରଞ୍ଜନ ସା, ତହସିଲଦାର ପ୍ରତିମା ପିଙ୍ଗ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଭୁବନେଶ୍ୱର କିସାନ,ଏବିଡିଓ ସହଦେବ ନନ୍ଦ, ଆଇଆଇସି ଶୋଭାକର ସେଠଙ୍କ ସମେତ ଜିଲା ଓ ଉପଖଣ୍ଡ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ଅନ୍ତର୍ଗତ ୧୭ ପଞ୍ଚାୟତ ଓ କୁଚିଣ୍ଡା ଏନ୍‌ଏସିରୁ ଆସିଥିବା ମୋଟ ୮୬ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା। ତନ୍ମଧ୍ୟରୁ ୭୧ ଗୋଟି ବ୍ୟକ୍ତିଗତ ଓ ୧୫ଟି ଗୋଷ୍ଠୀ ସ୍ତରୀୟ ରହିଥିଲା। ମୁଖ୍ୟତଃ ଆବାସ ଯୋଜନାରେ ଘର ଯୋଗାଇ ଦେବା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବକେୟା ପାଉଣା, ଉଠିଯାଇଥିବା ସାନଜଟିଆପାଲି ଗ୍ରାମର ସ୍କୁଲ ପୁନଃସ୍ଥାପନ ଆଦି ଅଭିଯୋଗ ରହିଥିଲା। ଦୀର୍ଘ ୮ମାସ ଧରି ବନ୍ଦ ରହିଥିବା ସୂଚନା ଓ ଲୋକସମ୍ପର୍କ ଅଫିସ ଏବଂ ଲାଇବ୍ରେରୀ ତୁରନ୍ତ କାର୍ଯ୍ୟକ୍ଷମ ନକଲେ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଅଭିଯୋଗ କରାଯାଇଥିଲା। ୮ଦିନ ମଧ୍ୟରେ ଅଫିସ ଓ ଲାଇବ୍ରେରୀ ଖୋଲାଯିବାକୁ ଉପଜିଲାପାଳ ଗୋଏଲ ପ୍ରତିଶ୍ରୁତି ଦେଇଥିଲେ। ଉପରୋକ୍ତ ସମସ୍ତ ଅଭିଯୋଗର ଶୁଣାଣି କରି ତୁରନ୍ତ ପଦକ୍ଷେପ ନେବାକୁ ଏଡିଏମ ମହାନ୍ତି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ଅଧିକାରୀମାନେ ୧୦ଜଣଙ୍କୁ ବିଧବା ଭତ୍ତା, ଜଣଙ୍କୁ ଟ୍ରାଇସାଇକେଲ ଓ ଜଣଙ୍କୁ ହ୍ୱିଲଚେୟାର ବଣ୍ଟନ କରିଥିଲେ। ଏହି ଅବସରରେ ଏଡିଏମ୍ ଓ ଅତିରିକ୍ତ ପିଡି, କୁଚିଣ୍ଡା ବିଡିଓ କୁନ୍ତରାସ୍ଥିତ ୫ଟି ସ୍କୁଲ ପରିଦର୍ଶନ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସିଆଇଟିୟୁର ବିକ୍ଷୋଭ ପ୍ରଦର୍ଶନ

### ଇଏସ୍‌ଆଇ ମେଡିକାଲରେ ଡାକ୍ତର ନିଯୁକ୍ତି ଦାବି

ରାଉରକେଲା ଅଫିସ,୨୩।୫

ରାଉରକେଲାରେ ଥିବା ଇଏସ୍‌ଆଇ ମଡେଲ ହସ୍ପିଟାଲ ସମ୍ମୁଖରେ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ସିଆଇଟିୟୁ ପକ୍ଷରୁ ରାଷ୍ଟ୍ରୀୟ ସମ୍ପାଦକ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ବିକ୍ଷୋଭରେ ଶତାଧିକ କର୍ମୀ ଯୋଗଦେଇ ଇଏସ୍‌ଆଇ ମଡେଲ ହସ୍ପିଟାଲରେ ଖାଲି ଥିବା ସମସ୍ତ ବିଭାଗର ଡାକ୍ତର ନିଯୁକ୍ତି ପାଇଁ ଦାବି କରିଥିଲେ। ଏହି ହସ୍ପିଟାଲ ପଶ୍ଚିମ ଓଡ଼ିଶାର ଏକମାତ୍ର ମଡେଲ ହସ୍ପିଟାଲ ହୋଇଥିବାବେଳେ ୧ଲକ୍ଷ ୨୫ ହଜାର ବୀମାଭୁକ୍ତଙ୍କ ସମେତ ପ୍ରାୟ ୩ଲକ୍ଷ ହିତାଧିକାରୀ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି। ଏହି ଡାକ୍ତରଖାନାରେ ୬ ଜଣ ସ୍ପେଶାଲିଷ୍ଟ ଓ ୨୩ ଜଣ ଡାକ୍ତର ଆବଶ୍ୟକ ଥିବାବେଳେ ମାତ୍ର ୧୦ ଜଣରେ ଚାଲିଛି ଡାକ୍ତରଖାନା। ଏହି ଡାକ୍ତରଖାନାରେ ଆବଶ୍ୟକ କର୍ମଚାରୀ ନ ଥିବାବେଳେ ଡାକ୍ତର ଲେଖୁଥିବା ଔଷଧ ମିଳୁନାହିଁ କି ଆବଶ୍ୟକ ସ୍ୱାସ୍ଥ୍ୟ ପରୀକ୍ଷା ଉପକରଣ ନାହିଁ। ଫଳରେ ରୋଗୀମାନେ ଘରୋଇ ଡାକ୍ତରଖାନା ଯାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଆଗାମୀ ଦିନରେ ଏହି ହସ୍ପିଟାଲରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ କରା ନ ଗଲେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ବିକ୍ଷୋଭରେ ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ, ଶ୍ରୀମନ୍ତ ବେହେରା, ସମ୍ପାଦକ ଯଯାତୀ କେଶରୀ ସାହୁ, ବିମାନ ମାଇତି, ତାଜମୁନ ନେହାର, ରାଜ କିଶୋର ପ୍ରଧାନ, ବିଶ୍ୱଜିତ ମାଝୀ, ପ୍ରଭାତ ମହାନ୍ତି, ଲକ୍ଷ୍ମୀଧର ନାୟକ, ଡି. ଦିବାକର ରାଏ, ପ୍ରକାଶ ଯାଦବ, କମଲେଶ ସିଂ ପ୍ରମୁଖ ଉପସ୍ଥିତ ଥିଲେ।



ସଂଘ କର୍ମକର୍ତ୍ତା ଏବଂ ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଭାରତ ସ୍କିଲ ପ୍ରତିଯୋଗିତାରେ ସ୍ୱାଗତଙ୍କୁ ରୌପ୍ୟ ପଦକ




ରାଉରକେଲା ଅଫିସ,୨୩।୫

ଭାରତ ସରକାରଙ୍କ ଜାତୀୟ ବିକାଶ ନିଗମ ଓ ଦକ୍ଷତା ବିକାଶ ଉଦ୍ୟୋଗ ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଭାରତ ସ୍କିଲ ପ୍ରତିଯୋଗିତାରେ ସ୍ୱାଗତ ଚୌଧୁରୀ ପ୍ରିଣ୍ଟ ମିଡ଼ିଆ ଟେକ୍ନୋଲୋଜି ବର୍ଗରେ ରୌପ୍ୟ ପଦକ ହାସଲ କରିଛନ୍ତି। ସ୍ୱାଗତ ଆରଏସ୍‌ପିର ସିଆରଏମ୍ ବିଭାଗର ଏମ୍‌ଓଏମ୍‌ଟି ଜେ.ଜେ ଚୌଧୁରୀ ଓ ନମିତା ଚୌଧୁରୀଙ୍କ ପୁତ୍ର । ନୂଆଦିଲୀର ତାଲକାଟୋରା ଷ୍ଟାଡିୟମରେ ଅନୁଷ୍ଠିତ ଏହି ସମାରୋହରେ ଦକ୍ଷତା ଓ ଉଦ୍ୟୋଗ ମନ୍ତ୍ରାଳୟର ସଚିବ ରାଜେଶ ଅଗ୍ରୱାଲ ତାଙ୍କୁ ପ୍ରମାଣପତ୍ର ସହ ୭୫ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହି ପ୍ରତିଯୋଗିତାରେ ୨୬ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରୁ ୫ଶହରୁ ଅଧିକ ଯୁବକ ୫୪ଟି କୌଶଳରେ ଅଂଶଗ୍ରହଣ କରିଥିଲେ। ଏହାପୂର୍ବରୁ ସ୍ୱାଗତଙ୍କୁ ଓଡିଶା ସରକାର ମଧ୍ୟ ସମ୍ମାନିତ କରିଥିଲେ।

# ବ୍ରଜରାଜନଗର ଉପନିର୍ବାଚନ ଖବର

## ପ୍ରଚାର ଜୋରଦାର କଲେ ବିଜେଡି ପ୍ରାର୍ଥିନୀ

ଝାରସୁଗୁଡ଼ା ଅଫିସ,୨୩।୫

ବ୍ରଜରାଜନଗର ଉପନିର୍ବାଚନ ବିଭିନ୍ନ ଦଳୀୟ ପ୍ରାର୍ଥୀମାନେ ନିଜ ସମର୍ଥକଙ୍କୁ ଧରି ଗାଁକୁ ଗାଁ ବୁଲି ପ୍ରଚାର ଚଳାଇଛନ୍ତି। ବିଜେଡି ପ୍ରାର୍ଥିନୀ ଅଳକା ମହାନ୍ତି ଦଳୀୟ ନେତୃବୃନ୍ଦଙ୍କ ସହ ମିଶି ଲଖନପୁର ବ୍ଲକ୍‌ର ସୁନାରୀ, ବାଘମୁଣ୍ଡା ଓ ଭଉଁରଖୋଲ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ଭୋଟ୍ ଭିକ୍ଷା କରିଛନ୍ତି। ଏଥିରେ ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ବିଧାୟକ ମୁକେଶ ପାଲ, ମହିଳା ପର୍ଯ୍ୟବେକ୍ଷକ ସନ୍ଧ୍ୟାରାଣୀ ଲାକ୍ରା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଜୟକୁମାରୀ ପଟେଲ ପ୍ରମୁଖ ସାମିଲ ହୋଇଥିଲେ। ନେତୃବୃନ୍ଦ ବିଭିନ୍ନ ଗ୍ରାମରେ ନିର୍ବାଚନୀ ସଭା କରି ସରକାରଙ୍କ ବହୁମୁଖୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହସହ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ପ୍ରାର୍ଥିନୀ ମହାନ୍ତିଙ୍କୁ ବିପୁଳ ଭୋଟ୍‌ରେ ବିଜୟୀ କରିବା ପାଇଁ ଅନୁରୋଧ କରିଥିଲେ ।


ନିର୍ବାଚନୀ ସଭାରେ ନେତୃବୃନ୍ଦଙ୍କ ସହ ପ୍ରାର୍ଥିନୀ ଅଳକା ମହାନ୍ତି।

### ଭାଜପା କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ବ୍ରଜରାଜନଗର,୨୩।୫(ଡି.ଏନ.ଏ.)

ବ୍ରଜରାଜନଗର ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟଠାରେ ଦଳ ତରଫରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ମଣ୍ଡଳ ସଭାପତି ରୁକ୍ମଣ ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ କଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇବା ସହ ପ୍ରାର୍ଥିନୀ ରାଧାରାଣୀ ପଣ୍ଡାଙ୍କ ସପକ୍ଷରେ ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ବ୍ରଜରାଜନଗର ପୌରାଞ୍ଚଳ ୱାର୍ଡ ନଂ.୧୬ରୁ ୭୦ଜଣ ଭୋଟର ବିଜୁ ଜନତା ଦଳ ଛାଡି ଭାଜପାରେ ମିଶିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ବବ୍‌ଲୁ ଦାସ, ଅନିଲ ନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।


ଦଳୀୟ ନେତୃବୃନ୍ଦଙ୍କ ସହ ଭାଜପା ପ୍ରାର୍ଥୀ ରାଧାରାଣୀ ପଣ୍ଡା।

## ଭାଜପା ପ୍ରାର୍ଥିନୀଙ୍କ ଘର ଘର ବୁଲି ପ୍ରଚାର

ଝାରସୁଗୁଡ଼ା ଅଫିସ,୨୩।୫

ବ୍ରଜରାଜନଗର ଉପନିର୍ବାଚନକୁ ଆଉ ଦିନ କେଇଟା ରହିଥିବାବେଳେ ପ୍ରାର୍ଥୀମାନେ ନିଜ ସପକ୍ଷରେ ଭୋଟରଙ୍କୁ ପ୍ରଭାବିତ କରିବାପାଇଁ ଦିନରାତି ଏକ କରିଦେଇଛନ୍ତି। ଭାଜପା ପ୍ରାର୍ଥିନୀ ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା ଦଳୀୟ ନେତୃବୃନ୍ଦଙ୍କୁ ସାଙ୍ଗରେଧରି ଗାଁକୁ ଗାଁ ବୁଲି ଭୋଟ୍ ଭିକ୍ଷା କରୁଛନ୍ତି। ସୋମବାର ସେ ଝାରସୁଗୁଡା ବ୍ଲକ୍‌ର ରାଜପୁର, ଚନ୍ଦନିମାଲ, ଗୌଡମାଲ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ପ୍ରଚାର କରିଥିଲେ। ତାଙ୍କ ସହିତ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ମଣ୍ଡଳ ସଭାପତି ଭଗବାନ କଟାର, ରାଧେଶ୍ୟାମ ପ୍ରଧାନ, ଗୌଡମାଲ ପୂର୍ବତନ ସରପଞ୍ଚ ଯୋଗେନ୍ଦ୍ର କିଷାନ ପ୍ରମୁଖ ଯୋଗଦେଇଥିଲେ।

## ସରକାରୀ ମହିଳା କଲେଜରେ ନୂତନ ଅଧ୍ୟକ୍ଷାଙ୍କ ଦାୟିତ୍ୱ ଗ୍ରହଣ

**ସମ୍ବଲପୁର,୨୩।୫(ବ୍ୟୁରୋ):** ସମ୍ବଲପୁର ସରକାରୀ ମହିଳା କଲେଜ ଅଧ୍ୟକ୍ଷା ଭାବେ ଶିକ୍ଷା ବିଭାଗର ବରିଷ୍ଠ ପ୍ରଫେସର ରାଜଶ୍ରୀ ବରାଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଆଦେଶମତେ ପ୍ରଫେସର ବରାଳ ଦାୟିତ୍ୱରେ ଥିବା ପ୍ରଫେସର ଜିତେନ କୁମାର ମିଶ୍ରଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କୁ କଲେଜର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ ୩୦ତାରିଖରେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ପ୍ରଫୁଲ୍ଲ ଚନ୍ଦ୍ର ସେଠୀ ଚାକିରିରୁ ଅବସର ଗ୍ରହଣ କରିଥିଲେ।

# ଆରଏମ୍‌ସି ଉପଆୟୁକ୍ତଙ୍କୁ ସ୍ମାରକପତ୍ର ପ୍ରଦାନ


ରାଉରକେଲା ଡେଭଲପମେଣ୍ଟ ଫ୍ରଣ୍ଟ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

### ବର୍ଷା ପୂର୍ବରୁ ରାସ୍ତା କାମ ସାରିବାକୁ ଦାବି

ରାଉରକେଲା ଅଫିସ,୨୩।୫

ରାଉରକେଲାକୁ ସ୍ମାର୍ଟ ସିଟି ଘୋଷଣାର ଦୀର୍ଘ ୬ ବର୍ଷ ବିତିଯାଇଥିଲେ ମଧ୍ୟ ସହରବାସୀ କୌଣସି କ୍ଷେତ୍ରରେ ସ୍ମାର୍ଟସେବା ପାଇ ପାରିଲେନାହିଁ। ଫଳରେ ସ୍ଥାନୀୟ ଲୋକଙ୍କ ସମସ୍ୟାକୁ ନେଇ ରାଉରକେଲା ଡେଭଲପମେଣ୍ଟ ଫ୍ରଣ୍ଟ ପକ୍ଷରୁ ସୋମବାର ରାଉରକେଲା ମହାନଗର ନିଗମ (ଆରଏମ୍‌ସି)ର ଉପଆୟୁକ୍ତଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସ୍ମାର୍ଟସିଟିରେ ସ୍ୱରେଜ କାମରେ ସହରର ମୁଖ୍ୟ ରାସ୍ତାକୁ ଖୋଳି ଦିଆଯାଇଥିବା ବେଳେ ତାହା ଆଜିଯାଏ କାମ ହୋଇ ପାରିଲା ନାହିଁ। ଆଗକୁ ରଥଯାତ୍ରା ଆସୁଥିବାରୁ ବର୍ଷା ପୂର୍ବରୁ ଏହି ରାସ୍ତାକୁ ଯଥାଶୀଘ୍ର ମରାମତି କରିବା ପାଇଁ ଦାବି କରାଯାଇଛି। ଅନ୍ୟପକ୍ଷେ ଟାଟା ପାୱାର ପକ୍ଷରୁ ଗ୍ରାଉଣ୍ଡ କେବୁଲ ଲାଇନ କାମ ଓ ଗେଲ୍ ଗ୍ୟାସ୍ ଲାଇନ ପାଇପ ବିଛା କାମ ପାଇଁ ବିଭିନ୍ନ ସ୍ଥାନରେ ରାସ୍ତା ଖୋଳା ହୋଇଛି। ଫଳରେ ବିଭିନ୍ନ କଲୋନୀବାସୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। କାଳବୈଶାଖୀ ବର୍ଷା ଯୋଗୁ ରାସ୍ତାରେ ପାଣି ଜମା ହୋଇ ରହୁଛି। ସହରର ବିଭିନ୍ନ ସ୍ଥାନରେ ଷ୍ଟ୍ରିଟ୍ ଲାଇଟ ଜଳୁ ନ ଥିବା ଫ୍ରଣ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଏହିସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ରାଉରକେଲା ଡେଭଲପମେଣ୍ଟ ଫ୍ରଣ୍ଟର ଅଧ୍ୟକ୍ଷ ଦିଲୀପ ରାୟଙ୍କ ଆହ୍ୱାନ କ୍ରମେ ବିଭିନ୍ନ ଅଞ୍ଚଳର ପ୍ରତିନିଧି, କର୍ମକର୍ତ୍ତା ଆରଏମ୍‌ସି ଉପଆୟୁକ୍ତ ସୁଧାଂଶୁ ଶେଖର ଭୋଇଙ୍କ ସହିତ ସୋମବାର ଆଲୋଚନା କରିଥିଲେ। ହରିହର ରାଉତରାୟ, ମୁଖପାତ୍ର ରମେଶ ବଳ, ଇର୍ସାଦ ଖାନ୍, ସବିତା ଖାତୁନ, ଖୁର୍ସିଦା ବାନୋ, ରଞ୍ଜିତ ନାୟକ, ବିଜୟ ସୋନକରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ୩ ଛାତ୍ରୀ ମନୋନୀତ




**କୋକସରା,୨୩।୫(ଡି.ଏନ.ଏ.):** କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟର ୩ଜଣ ଛାତ୍ରୀ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ଉପଲକ୍ଷେ ସୋମବାର ଭବାନୀପାଟଣା ବିଏମ ହାଇସ୍କୁଲଠାରେ ଆୟୋଜିତ ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ଆସିଥିବା ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରୁ ବରିଷ୍ଠ ବର୍ଗରେ ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ନବମ ଶ୍ରେଣୀ ଛାତ୍ରୀ ଲିଲି ମଙ୍ଗରାଜ, କନିଷ୍ଠ ବର୍ଗରେ ୭ମ ଶ୍ରେଣୀ ଛାତ୍ରୀ ପ୍ରୀତି ରାଉତ ଓ ଗୋପଶ୍ରୀ ନାଗ ରାଜ୍ୟସ୍ତର ଯୋଗ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ବଙ୍ଗୋମୁଣ୍ଡା ଆଦର୍ଶ ବିଦ୍ୟାଳୟ ଖେଳ ଶିକ୍ଷକ ବସନ୍ତ କୁମାର ମହନ୍ତ ଓ କୋକସରା ଜବାହାର ଉଚ୍ଚ ବିଦ୍ୟାପୀଠ ଖେଳ ଶିକ୍ଷକ ଅମିତ କୁମାର ମହାନ୍ତିଙ୍କ ପ୍ରଶିକ୍ଷଣ ଯୋଗୁ ସଫଳତା ହାସଲ କରିଥିବା ଛାତ୍ରୀମାନେ ପ୍ରକାଶ କରିଛନ୍ତି। ଆଗକୁ ଯୋଗ ପ୍ରଶିକ୍ଷଣ କ୍ଷେତ୍ରରେ ଛାତ୍ରୀମାନେ ସ୍ୱାବଲମ୍ବୀ ହେବା ସହ ନିଜ ଶିକ୍ଷାନୁଷ୍ଠାନର ନାମ ରଖିବାକୁ ଶପଥ ନେଇଥିବା କହିଛନ୍ତି।

### ସ୍ମାର୍ଟ ସ୍କୁଲ ପରିଦର୍ଶନ କଲେ ବିଧାୟକ



**ଭବାନୀପାଟଣା,୨୩।୫(ସ୍ୱ.ପ୍ର.):** କଳାହାଣ୍ଡି ଜିଲା ଲାଞ୍ଜିଗଡ ବିଧାୟକ ପ୍ରଦୀପ କୁମାର ଦିଶାରୀ ନିଜ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଥୁଆମୂଳ ରାମପୁର ବ୍ଲକ ଗସ୍ତରେ ଆସି ସ୍ମାର୍ଟ ସ୍କୁଲଗୁଡିକ ବୁଲି ଦେଖିଥିଲେ। ବିଧାୟକ ବ୍ଲକର କିଆପଦର, କର୍ଲାପାଟ, ନାକୁରୁଣ୍ଡି ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସ୍କୁଲ ନିର୍ମାଣ କାମ ଅନୁଧ୍ୟାନ କରିଥିଲେ। ସେହିପରି ଉନ୍ନୟନ କାମଗୁଡିକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଗୁରୁତ୍ୱ ଦେଇଛନ୍ତି। ପ୍ରକାଶ ଯେ, ବ୍ଲକର ୮ଟି ବିଦ୍ୟାଳୟ ସ୍ମାର୍ଟ ସ୍କୁଲ ଯୋଜନାର ପ୍ରାଥମିକ ପର୍ଯ୍ୟାୟରେ ସାମିଲ ହୋଇଛି। ଏଥିରେ ଥୁଆମୂଳ ରାମପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟ, ପାଡେପଦର ଉଚ୍ଚ ବିଦ୍ୟାଳୟ, ମହୁଲପାଟଣା ଉଚ୍ଚ ବିଦ୍ୟାଳୟ, ଶିରିମସ୍କା ଉଚ୍ଚ ବିଦ୍ୟାଳୟ, କିଆପଦର ଉଚ୍ଚ ବିଦ୍ୟାଳୟ, କର୍ଲାପାଟ ଉଚ୍ଚ ବିଦ୍ୟାଳୟ ଓ ନାକୁରୁଣ୍ଡି ଉଚ୍ଚ ବିଦ୍ୟାଳୟ। ତନ୍ମଧ୍ୟରୁ ପାଡେପଦର ଓ ଶିରିମସ୍କା ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସ୍କୁଲ ଉଦ୍‌ଘାଟିତ ହୋଇସାରିଥିବା ବେଳେ ମହୁଲପାଟଣା ଉଚ୍ଚ ବିଦ୍ୟାଳୟ ସ୍ମାର୍ଟ ସ୍କୁଲ କାମ ସମ୍ପୂର୍ଣ୍ଣ ହୋଇସାରିଥିବା ସୂଚନା ମିଳିଛି। ଅନ୍ୟଗୁଡିକ ନିର୍ମାଣାଧୀନ ରହିଛି।

# ଥାନା ଘେରିଲା କୋଶଳ ମୁକ୍ତିମୋର୍ଚ୍ଚା

- ପାଟଣାଗଡ କନିଷ୍ଠ ଯନ୍ତ୍ରୀ ହତ୍ୟା ଘଟଣା
- ୧୭ଦିନ ପରେ ଗିରଫ ହେଲେନି ଅଭିଯୁକ୍ତ


ପାଟଣାଗଡ ଥାନା ସମ୍ମୁଖରେ ଧାରଣାରତ କୋଶଳ ମୁକ୍ତିମୋର୍ଚ୍ଚା କର୍ମକର୍ତ୍ତା।

**ପାଟଣାଗଡ, ୨୩।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକର କନିଷ୍ଠ ଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ହତ୍ୟା ଘଟଣାକୁ ୧୭ ଦିନ ପୂରିଛି। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତା ଯୋଗୁଁ ହତ୍ୟାକାରୀ ଏ ପର୍ଯ୍ୟନ୍ତ ଧରା ପଡିନାହାନ୍ତି। ଏହାର ପ୍ରତିବାଦ କରିଛି କୋଶଳ ମୁକ୍ତିମୋର୍ଚ୍ଚା(କେଏମ୍ଏମ୍)। ସୋମବାର ସଂଗଠନ ପକ୍ଷରୁ ପାଟଣାଗଡ ଥାନା ଘେରାଉ କରାଯାଇଥିଲା। ପୋଲିସର ନିଷ୍କ୍ରିୟତାର ପ୍ରତିବାଦ ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ କେଏମ୍ଏମ ପକ୍ଷରୁ ସ୍ଲୋଗାନ ଦିଆଯାଇଥିଲା। ଥାନା ପରିସରରେ ସଂଗଠନ ପକ୍ଷରୁ ଟେଣ୍ଟ କରାଯାଇ ଏହା ଉପରେ ଚାନ୍ଦୁଆ ପକାଇବା ସମୟରେ ପୋଲିସ କର୍ମଚାରୀ ବାରଣ କରିଥିଲେ। ଏହାକୁ ନେଇ ଧାରଣାକାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଶେଷରେ ସେମାନେ ଏସ୍‌ଡିପିଓ ଅଫିସ ସମ୍ମୁଖରେ ଖୋଲା ଆକାଶ ତଳେ ଧାରଣା ଦେଇଥିଲେ। ଟାଣଖରାରେ କୋଶଳ ମୁକ୍ତିମୋର୍ଚ୍ଚାର ସିପୁନ ଖମାରୀ, ରିତ ବରିହା ଓ ସରସ୍ୱତୀ ବରିହା ସଜ୍ଞାହୀନ ହୋଇପଡିଥିଲେ। ସେମାନଙ୍କୁ ପୋଲିସ ଗାଡିରେ ଡାକ୍ତରଖାନା ନିଆଯାଇଥିଲା। ପରେ ଧାରଣାସ୍ଥଳକୁ ଏସ୍‌ଡିପିଓ ଜ୍ୟୋତିର୍ମୟ ଭୁକ୍ତା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା କ୍ଷୀରୋଦ୍ର ଚନ୍ଦ୍ର ସାହୁ ଓ ଥାନାଧିକାରୀ ଅନନ୍ତ ପ୍ରଧାନ ଆସି ବୁଝାଶୁଝା କରିଥିଲେ ମଧ୍ୟ ଆନ୍ଦୋଳନକାରୀ ଧାରଣାସ୍ଥଳରୁ ଉଠି ନ ଥିଲେ। ଘଟଣାସ୍ଥଳକୁ ଏସ୍‌ପି କିମ୍ବା ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଆସି କନିଷ୍ଠ ଯନ୍ତ୍ରୀ ହତ୍ୟା ଘଟଣାର ହତ୍ୟାକାରୀଙ୍କୁ ଗିରଫର ପ୍ରତିଶ୍ରୁତି ନଦେଲା ଯାଏ ଧାରଣା ଚାଲୁ ରହିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ସିଲୀପ ପଟେଲ ଘଟଣାସ୍ଥଳକୁ ଆସି ୨ମାସ ମଧ୍ୟରେ ଅଭିଯୁକ୍ତ ଧରାଯିବାର ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଏହି ଧାରଣାରେ କୋଶଳ ମୁକ୍ତିମୋର୍ଚ୍ଚାର ଗିରିରାଜ ଭୋଇ, ବନମାଳୀ ନାଏକ, ଡିଙ୍ଗର କୁମ୍ଭାର, ସୁଶୀଲ ଗୁରୁ, ଜନାର୍ଦ୍ଦନ ସା, ଲକ୍ଷ୍ମୀ ଶବର, ଧନେଶ୍ୱରୀ ଭୋଇ, ଜିତୁ ନାଏକ, ମିତ୍ର ଭୁଏ, ବଳ ଧରୁଆ, ରନ ସାହୁ, ବିଟୁ ମିତଲ, ରବିନ୍ଦ୍ର ଥପା ଓ ଶିବଚରଣ ବରିହାଙ୍କ ସହ ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଗତ ୬ ତାରିଖରେ ପାଟଣାଗଡରେ କାର୍ଯ୍ୟରତ କନିଷ୍ଠଯନ୍ତ୍ରୀ ସୁରେଶ ଚନ୍ଦ୍ର ସାହୁଙ୍କ ମୃତଦେହ ବନକାବିହାର ଗ୍ରାମ ନିକଟସ୍ଥ ଏକ କପାକିଆରିରୁ ଜବତ କରାଯାଇଥିଲା। ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। କୋଶଳ ମୁକ୍ତିମୋର୍ଚ୍ଚା ତରଫରୁ ଗତ ବୁଧବାର ବିଡିଓ ଓ ଥାନାଧିକାରୀଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ହତ୍ୟାକାରୀକୁ ୫ଦିନ ମଧ୍ୟରେ ଗିରଫ ନ କଲେ ଥାନା ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା।

# କାମ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ

**ବୁର୍ଡା ପଞ୍ଚାୟତ ହାଇସ୍କୁଲ ରୂପାନ୍ତରୀକରଣ କାମ ଦେଖିଲେ ଜିଲାପାଳ**

**ଲୋଇସିଂହା,୨୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ବୁର୍ଡା ପଞ୍ଚାୟତ ହାଇସ୍କୁଲ ୫ଟି ରୂପାନ୍ତରୀକରଣ କାମକୁ ସୋମବାର ଜିଲାପାଳ ଚଞ୍ଚଳ ରାଣା ବୁଲି ଦେଖିଥିଲେ। ମନ୍ଥର ଗତିରେ ଚାଲିଥିବା କାମ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ। ଏହାବ୍ୟତୀତ ଅଧୁରା ଥିବା ଲାଇବ୍ରେରୀ ହଲ କାମ ସପ୍ତାହ ମଧ୍ୟରେ ଶେଷ କରିବାକୁ କହିଥିଲେ। ବୁର୍ଡା ପଞ୍ଚାୟତ ହାଇସ୍କୁଲକୁ ରାଜ୍ୟ ସରକାରଙ୍କ ୫ଟି ପକ୍ଷରୁ ରୂପାନ୍ତରୀକରଣ ଦ୍ୱିତୀୟ ପର୍ଯ୍ୟାୟରେ ସମିଲ କରି କାମ ଚାଲିଛି। ଦୀର୍ଘ ମାସ ବିତି ଯାଇଥିଲେ ବି ଆଶାନୁରୂପ କାମ ଆଗେଇ ପାରିନାହିଁ। ମନ୍ଥର କାମ ଏବଂ ଅନିୟମିତତାକୁ ନେଇ ଠିକାଦାର ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବାଦବିବାଦ ଲାଗି ରହିଛି। ସ୍କୁଲ ପରିସରରେ ନିମ୍ନମାନର ମାଟି ପଡିବାକୁ ନେଇ ଅସନ୍ତୋଷବ୍ୟକ୍ତ କରିଥିଲେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ହିମାଂଶୁ ଶେଖର ସାହୁ। ସୋମବାର ଜିଲାପାଳ ସ୍କୁଲ ପରିଦର୍ଶନ କରି ଲାଇବ୍ରେରୀ ହଲ, ଶୌଚାଳୟ, ନିର୍ମାଣାଧୀନ ୨ ମହଲା କୋଠା ବୁଲି ଦେଖିଥିଲେ। ଦୁଇ ମହଲା କୋଠାକୁ ଶୀଘ୍ର ସରିଲା ପରେ ପୁରୁଣା କୋଠାର କାମ ଆଗେଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ପରିଦର୍ଶନ ବେଳେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା, ବିଡିଓ ରାମଚନ୍ଦ୍ର ଖାଡିଆ, ବ୍ଲକ ସହକାରୀ ଯନ୍ତ୍ରୀ ସିଦ୍ଧାର୍ଥ କୁମାର ପାଢୀ, ଯନ୍ତ୍ରୀ କବିତା ଦାସ, ସରପଞ୍ଚ ସୁଦୀପ କୁମାର ସା ଉପସ୍ଥିତ ଥିଲେ।


ଜିଲାପାଳ ଚଞ୍ଚଳ ରାଣା ଓ ଅନ୍ୟ ଅଧିକାରୀ ୫ଟି ରୂପାନ୍ତରୀକରଣ କାମ ବୁଲି ଦେଖୁଛନ୍ତି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର


ଭାଜପା ତରଫରୁ ଦାବିପତ୍ର ପ୍ରଦାନ କରାଯାଉଛି।

**ସଇଁତଳା, ୨୩।୫ (ଡି.ଏନ.ଏ.)**

### ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ

ବଲାଙ୍ଗୀର ଜିଲା ସଇଁତଳା ବ୍ଲକ ଅଞ୍ଚଳରେ ଦିନକୁଦିନ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ିବାରେ ଲାଗିଛି। ଅପରାଧିମାନଙ୍କୁ ଧରିବାରେ ପୋଲିସ ବିଫଳ ହେଉଛି। ନିଶା କାରବାର ବୃଦ୍ଧି ପାଉଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଏହିଭି ଅଭିଯୋଗ କରି ସୋମବାର ସ୍ଥାନୀୟ ଭାଜପା ତରଫରୁ ସଇଁତଳା ଥାନା ଘେରାଉ କରାଯାଇଥିଲା। ମହେନ୍ଦ୍ର ଠାକୁରଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ସଇଁତଳା ବ୍ୟାଙ୍କ ଛକରୁ ଏକ ରାଲିରେ ବାହାରି ସଇଁତଳା ଥାନା ସମ୍ମୁଖରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଥାନା ଘେରାଉ କରିବା ପରେ ଦଳ ପକ୍ଷରୁ ଟିଟିଲାଗଡ଼ ଏସଡ଼ିପିଓ ସୁରେନ୍ଦ୍ରନାଥ ଶତପଥିଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏପ୍ରିଲ ୨୪ ତାରିଖରେ ଧରବଗଡ଼ ପଞ୍ଚାୟତର ଭାଜପା କର୍ମୀଙ୍କୁ ବିଜେଡ଼ିର କେତେକ କର୍ମୀ ମାଡ଼ ମାରିଥିବା ନେଇ ବଡ଼ମାଳ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ହେଲେ ଅଦ୍ୟାବଧି ପୋଲିସ ମାମଲା ରୁଜୁ ନ କରି ଚୁପ୍ ରହିଛି। କାପା ଚାପରେ ଏଭଳି କରାଯାଉଛି ବୋଲି ଦଳ ପକ୍ଷରୁ ପ୍ରଶ୍ନ କରାଯାଇଛି। ସେହିପରି ବଡ଼ମାଳ ଫାଣ୍ଡିରେ ଅଟକ ଥିବା ୨ଅଭିଯୁକ୍ତ ଖାଇବା ପରେ ହାତ ଧୋଇବା ବାହାନାରେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ଆଗାମୀ ଦିନରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକଲେ ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଭାଜପା ନେତା ଠାକୁର କହିଛନ୍ତି।

# ପ୍ରକଳ୍ପ ଅଛି, ପାଣି ମିଳୁନି

**ଅଇଲାସାରିରେ ପାନୀୟଜଳ ସଙ୍କଟ**

**ଜଳସ୍ତର ହ୍ରାସ ଯୋଗୁ ସମସ୍ୟା: ନିର୍ବାହୀ ଯନ୍ତ୍ରୀ**

**ଡୁଙ୍ଗୁରିପାଲି, ୨୩।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ପଞ୍ଚାୟତ ଅନ୍ତର୍ଗତ ଅଇଲାସାରି ଗ୍ରାମରେ ଥିବା ପାନୀୟ ଜଳ ପ୍ରକଳ୍ପ ଗତ ଦୁଇମାସ ହେଲା ଅଚଳ ହୋଇପଡିଛି। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହେଉଛି। ଫଳରେ ତିନି ୱାର୍ଡ ବିଶିଷ୍ଟ ଉକ୍ତ ଗ୍ରାମର ତିନି ହଜାରରୁ ଊର୍ଦ୍ଧ୍ୱ ଲୋକ ଏହି ନିଦାଘ ଗ୍ରୀଷ୍ମରେ ପାଣି ପାଇଁ ଆଉଟପାଉଟ ହେଉଛନ୍ତି। କୂଅ, ପୋଖରୀ ଶୁଖିଲା ପଡିଛି। ଗ୍ରାମରେ ଥିବା ଛଅଟି ନଳକୂପରୁ ତିନିଟିରୁ ପାଣି ବାହାରୁଥିବା ବେଳେ ଆଉ ତିନିଟିରୁ କମ୍ ପାଣି ବାହାରୁଛି। ଅଧିକାଂଶ ନଳକୂପରୁ ବାହାରୁଥିବା ପାଣି ଫ୍ଲୋରାଇଡ଼ଯୁକ୍ତ ଅଭିଯୋଗ ହେଉଛି। ସେହି ପାଣି ବ୍ୟବହାର କରି ଅନେକ କୀଡନି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଛନ୍ତି। ଗାଁରେ ଥିବା ଜଳ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଅନେକ ଥର ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ଲିଖିତ ଜଣାଇଥିଲେ ବି କୌଣସି ସୁଫଳ ମିଳୁ ନ ଥିବା ଗ୍ରାମର ଗଜାଧର ଗଡତିଆ, ରାଜୁ ପାଣ୍ଡେ, ବାସୁଦେବ ବେରିହା, ଉଜ୍ୱଳ ସାହୁ, ଡାକ୍ତର ସାହୁ, କୈବର୍ତ୍ତ ବରିହା,ସତିଆ ଭୋଇ ପ୍ରମୁଖ ଅଭିଯୋଗ କରିଛନ୍ତ। ଏନେଇ ଡୁଙ୍ଗୁରିପାଲି ଆରଡବ୍ଲ୍ୟୁଏସଏସ ନିର୍ବାହୀ ଯନ୍ତ୍ରୀ ରଞ୍ଜନ କୁମାର ପୁଟେଲଙ୍କୁ ପଚାରିବାରୁ ପାଞ୍ଚ ବର୍ଷ ତଳେ ନିର୍ମାଣ ହୋଇଥିବା ଉକ୍ତ ପ୍ରକଳ୍ପ ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ଥିଲା। ହେଲେ ଜଳସ୍ତର ହ୍ରାସ ପାଇଯାଇ ସମସ୍ୟା ସୃଷ୍ଟି ହୋଇଛି। ଅତିଶୀଘ୍ର ମରାମତି କରି ଗ୍ରାମବାସୀ ଯେପରି ପାଣି ପାଇପାରିବେ ତାର ବିକଳ୍ପ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

**କେସିଙ୍ଗା,୨୩।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକସ୍ଥିତ ବିଡିଓଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦ ତଥା ଆରକ୍ଷୀ ଅଧୀକ୍ଷକ ଅଭିଲାଷ ଜିଙ୍କ ଯୁଗ୍ମ ଅଧକ୍ଷତାରେ ସୋମବାର ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଡି ଡିଆର୍‌ଡିଏ ସୋମେଶ ଉପାଧ୍ୟାୟ, ଭବାନୀପାଟଣା ଉପଜିଲାପାଳ ବିଶ୍ୱଜିତ୍ ଦାସଙ୍କ ସମେତ ବ୍ଲକ ଅଧକ୍ଷ ଚନ୍ଦନ ସେନାପତି, ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଜନଶୁଣାଣି ଶିବିରରେ ମୋଟ ୩୨୬ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୧୩ଟି ବ୍ୟକ୍ତିଗତ ସମସ୍ୟା ଓ ୧୩ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଅଭିଯୋଗ ରହିଥିଲା। ୩୩ଟି ଅଭିଯୋଗ ସମାଧାନ ତୁରନ୍ତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ କେସିଙ୍ଗାର ଗଣେଶ ସିଂହା, ବେଲଖଣ୍ଡିର ଗୁଣନିଧି ସାହୁ ଏବଂ ଜଗତ ଭୋଇଙ୍କୁ ଚିକିତ୍ସା ସହାୟତା ବାବଦକୁ ପ୍ରତ୍ୟେକ ୫୦୦୦ ଟଙ୍କା ଅନୁମୋଦନ କରାଯାଇଥିଲା। ଜନଶୁଣାଣି ଶିବିର ପୂର୍ବରୁ ଜିଲାପାଳ ସାମାଜିକ ଗଣମାଧ୍ୟମ, ମେଲ ଓ ପତ୍ର ମାଧ୍ୟମରେ ଆସିଥିବା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପୋର୍ଟାଲ, ଜନଶୁଣାଣି ପୋର୍ଟାଲ ତଥା ଜିଲାପାଳଙ୍କ ଅଫିସକୁ ଆସିଥିବା ଆବେଦନ ଅଭିଯୋଗ ଓ ସମସ୍ୟା ସମ୍ପୃକ୍ତ ବିଭାଗୀୟ ଅଧିକାରୀଠାରେ ପ୍ରାପ୍ତ ହୋଇଥିବା ଅଭିଯୋଗ ସମୀକ୍ଷା କରି ଏହାର ଅଗ୍ରଗତି ଓ ସମାଧାନ ଶୀଘ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ। କାଣ୍ଡେଲ ଶିରୋଳ ବ୍ରିଜ ନିର୍ମାଣ ପାଇଁ ଶିରୋଲ ସରପଞ୍ଚ ଝରଣା ବାଗ ଅଭିଯୋଗ କରିଥିଲେ। ଏହି ବ୍ରିଜ ନିର୍ମାଣ ପାଇଁ ଷ୍ଟେଟ ଫଣ୍ଡରୁ ୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଅଳ୍ପ ଦିନରେ ଟେଣ୍ଡର କରାଯାଇ ଜୁନ ପୂର୍ବରୁ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଥିଲେ। ଅଭିଯୋଗ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପେନସନ, ରାଶନ, ଭତ୍ତା, ପାନୀୟ ଜଳ, ରାସ୍ତା, ଶିକ୍ଷକ ପଦବୀ ପୂରଣ, ଉଠାଜଳ ସେଚନ ଆଦି ଉପରେ ରହିଥିଲା।



ଶିବିରରେ ଉପସ୍ଥିତ ଅତିଥିବୃନ୍ଦ।

# ଚିକିତ୍ସାଧୀନ ଅବସ୍ଥାରେ ଆଉ ଜଣଙ୍କର ମୃତ୍ୟୁ

**ପିକ୍‌ଅପ୍ ଭ୍ୟାନ ଓଲଟିବା ଘଟଣା: ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି**

**ଭବାନୀପାଟଣା,୨୩।୫(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର-କଲମପୁର ରାସ୍ତା ସିଙ୍ଗାରିଘାଟିରେ ଗତ ମଙ୍ଗଳବାର ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାରେ ରବିବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ବୁର୍ଲାରେ ଆଉ ଜଣଙ୍କ ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି ପାଇଛି। ମୃତକ ହେଲେ ଥୁଆମୂଳ ରାମପୁର ବ୍ଲକ ବାର୍ଷିକୋଣା ଗ୍ରାମର ଦଶରୁ ମାଝି ସୂଚନାଯୋଗ୍ୟ ଯେ, ଥୁ. ରାମପୁର-କଲମପୁର ବ୍ଲକ ସଂଯୋଗ କରୁଥିବା ରାସ୍ତା ସିଙ୍ଗାରୀ ଘାଟିରେ ଗତ ୧୭ ତାରିଖରେ ଏକ ଦୁର୍ଘଟଣା ଘଟିଥିଲା। ପିଡିଏସ ଚାଉଳ ନେଇ ଏକ ପିକ୍‌ଅପ୍ ଭ୍ୟାନରେ ବ୍ଲକର ବାର୍ଷିକୋଣା ଅଞ୍ଚଳର ୧୬ଜଣ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟ ସିନ୍ଧିପଦରଠାରୁ ଫେରୁଥିବା ବେଳେ ସିଙ୍ଗାରୀ ଘାଟି ରାସ୍ତାରେ ଦୁର୍ଘଟଣା ଗ୍ରସ୍ତ ହେଇଥିଲା। ଫଳରେ ଘଟଣାସ୍ଥଳରେ ୨ଜଣଙ୍କ ଏବଂ ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକମାନେ ଥୁଆମୂଳ ରାମପୁର ବ୍ଲକ ବାର୍ଷିକୋଣା ଗ୍ରାମର ଲାଲୁ ମାଝି, ସାନୁ ମାଝି, ଶୋଭାଦେଇ ମାଝି ଏବଂ ମୁଣ୍ଡିଚୁଆଁ ଗ୍ରାମର ଡ଼ଙ୍ଗର ମାଝି। ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୪ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୨ ଲକ୍ଷ ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଏକ ପତ୍ର ମାଧ୍ୟମରେ ଘୋଷଣା କରାଯାଇଛି। ଅନ୍ୟପଟେ ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅନ୍ୟ ୩ଜଣଙ୍କ ମଧ୍ୟରୁ ଦଶରୁ ମାଝିଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରୁ ବୁର୍ଲା ଡାକ୍ତରଖାନାରେ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଛି। ମୃତ ଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ସୂଚନା ପାଇ ଥୁଆମୂଳ ରାମପୁର ଜିଲା ପରିଷଦ ସଦସ୍ୟା ଟୁନୀ ଖୋସଲା ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହିତ ମୃତଦେହ ବାର୍ଷିକୋଣା ଗାଁକୁ ପଠାଯିବା ନେଇ ସହଯୋଗ କରିଥିଲେ।

# ବଡ଼ମାଲ ପ୍ରିମିୟର ଲିଗ: ଏଡ୍‌ମିନ ଚାମ୍ପିୟନ

**ସଇଁତଳା, ୨୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବଡମାଲସ୍ଥିତ ଗୋଳାବାରୁଦ କାରଖାନା ମିନି ଷ୍ଟାଡ଼ିୟମଠାରେ ଚାଲିଥିବା ବଡ଼ମାଲ ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। କାରଖାନାର ବିଭିନ୍ନ ବିଭାଗକୁ ନେଇ ପାଞ୍ଚଟି ଦଳ ଗଠନ ହୋଇଥିଲା। ରାତ୍ର ସମୟରେ ହେଉଥିବା ଏହି ଟୁର୍ନାମେଣ୍ଟ ଗତ ଏପ୍ରିଲ ୨୫ ତାରିଖରୁ ଆରମ୍ଭ ହୋଇଥିଲା। ଫାଇନାଲ ମ୍ୟାଚ ମେଣ୍ଟୋନେସ ଓ ଏଡମିନ ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ମେଣ୍ଟୋନେସ ୨୦ଓଭରରେ ୧୩୦ ରନ ସଂଗ୍ରହ କରିଥିଲା। ଜବାବରେ ଏଡ଼ମିନ ଦଳ ୨ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା। ଏଡ଼ମିନ ଦଳର ମନୋଜ ମହାନନ୍ଦ ୨୮ଟି ବଲରେ ୭୫ରନ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କାରଖାନା ମହାପ୍ରବନ୍ଧକ ଅଜୟ ସିଂ ମୁଖ୍ୟ ଅତିଥି, ଏଜିଏମ ଡ଼ା. ଏ.ଏସ. ଖାନ, ଭି. ଶେଖର ଓ ପ୍ରଶାସନିକ ଡ଼ିଜିଏମ ପ୍ରଭାସ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। କାରଖାନା କାର୍ଯ୍ୟ ସମିତି ସମ୍ପାଦକ ଜୟ ସିଂ ନାଏକ, ରାଜଦୀପ ସରାଫ, ପଞ୍ଚୁ ପଟେଲ, ଅବନୀ ପ୍ରଧାନ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଦେବରାଜ ସୁନା, ଅଗସ୍ତି ମହାନନ୍ଦ ଖେଳ ପରିଚାଳନା, ବିକିଜି ନାଗ ସ୍କୋର ବୋର୍ଡ଼ ପରିଚାଳନା କରିଥିଲେ। ଅଶ୍ୱିନୀ ପାଢ଼ୀ ଓ ବିଜୟ ମହେଶ ମହାନନ୍ଦ ଧାରା ବିବରଣୀ ପ୍ରଦାନ କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳିମାନେ।

# କଟନି ଛଟନି ନେଇ ଚାଷୀ ଅସନ୍ତୋଷ

**ନୂଆପଡ଼ା ଅଫିସ,୨୩।୫**


ବୈଠକରେ ଚାଷୀମାନେ ଆଲୋଚନା କରୁଛନ୍ତି।

ନୂଆପଡା ଜିଲାରେ ରବି ସଂଗ୍ରହ ପାଇଁ ଧାନ ମଣ୍ଡି ସୋମବାର ଖୋଲାଯାଇଥିଲେ ମଧ୍ୟ କଟନି ଛଟନିକୁ ନେଇ ଅସନ୍ତୋଷ ଦେଖାଛି। ଏହାକୁ ନେଇ ଚାଷୀ ଧାନ ବିକ୍ରୟ କରି ନ ଥିବା ଜଣାପଡ଼ିଛି। ମିଲର୍ସ କଟନି ଛଟନି କଲେ ଧାନ ଦେବୁ ନାହିଁ ବୋଲି ଚାଷୀମାନେ ପ୍ରତିଜ୍ଞା କରିଛନ୍ତି। ନୂଆପଡା ସଦର ବ୍ଲକର ୮ଟି ସମବାୟ ସମିତି ଅନ୍ତର୍ଗତ ଚାଷୀମାନେ ନୂଆପଡା ନିୟନ୍ତ୍ରିତ ବଜାର କମିଟି ପରିସରରେ ଏକଜୁଟ ହୋଇଥିଲେ। ଚାଷୀ ନେତା ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଓକିଲ ସଂଘ ସଭାପତି ପ୍ରସନ୍ନ କୁମାର ପାଢୀ, ଧରମବନ୍ଧା ସରପଞ୍ଚ ଭୁବନେଶ୍ୱରୀ ଦଣ୍ଡସେନା, ଟୁଲାଭାଟ ସରପଞ୍ଚ ଚମ୍ପା ଠାକୁର, ହୋମସିଂ ମାଝି, ସଦର ବ୍ଲକ ଉପାଧ୍ୟକ୍ଷ ଦିଲୀପ ନିର୍ମଳ କର, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିନିଧି ଧୋନିରାମ ସାହୁ, ଟାନୱାଟ ସରପଞ୍ଚ ଜୟରାମ ସତନାମୀ, ଜିଲା ପରିଷଦ ସଦସ୍ୟ ଭରତ ଲାଲ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ନୂଆପଡା ବ୍ଲକର ୮ଟି ସମବାୟ ସମିତି ଖରିଆର ରୋଡ, ବେଲଟୁକୁରି, ପରକୋଡ,ଦର୍ଲିମୁଣ୍ଡା, ଧରମବନ୍ଧା, ସାରାବଙ୍ଗ, କୁଲିଆବନ୍ଧାର ଚାଷୀମାନେ ଉପସ୍ଥିତ ରହି ଆଗାମୀ ଦିନରେ ଚାଷୀମାନେ କିପରି ଭାବରେ ମିଲ ମାଲିକ ଓ ଜିଲା ପ୍ରଶାସନର ମଧୁଚନ୍ଦ୍ରିକା ଉପରେ ଲଢେଇ କରିବୁ ବୋଲି କହିଥିଲେ। ଅନେକ ବିଷୟ ଉପରେ ତର୍ଜମା କରାଗଲା ପରେ ଚଳିତ ରବି ମଣ୍ଡିରେ କୌଣସି ଧାନ ବିକ୍ରୟ କେନ୍ଦ୍ରରେ ମିଲ ମାଲକମାନଙ୍କ ମନମୁଖିକୁ ବରଖାସ୍ତ କରାଯିବ ନାହିଁ। ବରଂ ଚାଷୀ ନିଜ ଉର୍ପାଜିତ ଧାନକୁ ନିଜ ଘରେ ବର୍ଷକ ପାଇଁ ମହଜୁତ ରଖିବେ। କିନ୍ତୁ କଟନି ଛଟନି ମାଧ୍ୟମରେ ଧାନ ବିକ୍ରୟ କରିବ ନାହିଁ ବୋଲି ରୋକଠୋକ ଜଣାଇଥିଲେ। ଏହା ବ୍ୟତିତ୍ୱ ମଣ୍ଡି ନିୟମ ଅନୁଯାୟୀ ଚାଷୀମାନଙ୍କୁ ଧାନ ବିକ୍ରୟ କରିବା ପାଇଁ ସରକାରଙ୍କ ପକ୍ଷରୁ ବସ୍ତା ଯୋଗାଇ ଦେବା କଥା। ଏହି ବିପକ୍ଷରେ ପ୍ରତିବର୍ଷ ମିଲର୍ସମାନେ ସରକାରଙ୍କଠାରୁ ବସ୍ତାର ମୂଲ୍ୟ ନେଉଥିବା ବେଳେ ଚାଷୀଙ୍କୁ ବସ୍ତାର ମୂଲ୍ୟ ଦେଉନାହାନ୍ତି। ଏ ସବୁ ବିଷୟ ଉପରେ ଜିଲାପାଳଙ୍କ ସହିତ ଆଲୋଚନା ନ ହେବା ପର୍ଯ୍ୟନ୍ତ ଧାନ ବିକ୍ରୟ କରିବୁ

## ସଂକ୍ଷେପରେ

### ଯୁବକଙ୍କୁ ଆକ୍ରମଣ, ପୃଥକ୍ ମାମଲା

**ସମ୍ବଲପୁର,୨୩।୫(ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା କେଶାପାଲି ଗ୍ରାମରେ ଥଟ୍ଟା କରିବାକୁ ନେଇ ମାରପିଟ ହୋଇଛି। ଉଭୟ ପକ୍ଷଙ୍କ ଅଭିଯୋଗ କ୍ରମେ ଥାନାରେ ୭୯ ଓ ୮୦/୨୨ରେ ଦୁଇଟି ମାମଲା ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ ଗତ ଶନିବାର କେଶାପାଲିରେ ମନ୍ଦିର ପ୍ରତିଷ୍ଠା ହେଉଥିବାବେଳେ ସେଠାକୁ କୋଲପାଲି ଗ୍ରାମର ସୁଶୀଲ ପ୍ରଧାନ ଯାଇଥିଲେ। କୌଣସି କାରଣକୁ ନେଇ ଜଣେ ଯୁବକଙ୍କ ସହ ତାଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ବୁଝାଶୁଝା ହେବାରୁ ସେ ଫେରି ଆସିଥିଲେ। ପରଦିନ ସେ ପୁଣି ସେଠାରେ ପହଞ୍ଚିବା ପରେ କେଶପାଲି ଗ୍ରାମର ନିରଞ୍ଜନ ପ୍ରଧାନଙ୍କ ସହ ଥଟ୍ଟାମଜା କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ଯୁକ୍ତତର୍କ ହୋଇଥିଲା। ଏଥିରେ ନିରଞ୍ଜନ ରାଗିଯାଇ ସୁଶୀଲଙ୍କ ମୁଣ୍ଡକୁ ବାଡିରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଏହି ଘଟଣାକୁ ନେଇ ସୁଶିଲ ଥାନାରେ ଅଭିଯୋଗ କରିଥିଲେ। ସେହିପରି ଶୁଶୀଲ ତାଙ୍କୁ ମାରପିଟ କରିଥିବା ନେଇ ନିରଞ୍ଜନ ଥାନାରେ ଅଭିଯୋଗ କରିଛନ୍ତି।

### ଟ୍ରକରୁ ଡେଇଁ ଚାଳକ ମୃତ

**ଲହୁଣୀପଡା,୨୩।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଭୂତୁଡା ପଞ୍ଚାୟତରେ ଅବସ୍ଥିତ ଖଣ୍ଡାଧାର ଖଣି ଫାଟକ ଅନତି ଦୂରରେ ଥିବା ଟୁକନ ପଏଣ୍ଟ ନିକଟରେ ଏକ ଟ୍ରକ ଭାରସାମ୍ୟ ହରାଇ ଧକ୍କା ହେବା ଅନୁମାନ କରି ଚାଳକ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଫଳରେ ଗୁରୁତର ଆହତ ହେବାର କିଛି ସମୟ ପରେ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ। ପ୍ରକାଶ ଯେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ଚାରିଟା ସମୟରେ ଖଣ୍ଡାଧାର ଖଣିରୁ ଲୁହାପଥର ବୋଝେଇ- ଓଡ଼ି -୧୬ସି-୮୩୧୫ ଟ୍ରକ ବରସୁଆଁ ପଟେ ଆସୁଥିବାବେଳେ ଟୁକନ ପଏଣ୍ଟ ନିକଟରେ ଭାରସାମ୍ୟ ହରାଇ ଟ୍ରକଟି ଧକ୍କା ହେବା ଅନୁମାନ କରି ଚାଳକ ତଳକୁ ଡେଇଁପଡ଼ିଥିଲେ। ମୃତ ଚାଳକ ହେଉଛନ୍ତି ପଶ୍ଚିମବଙ୍ଗ ମୁସିଦାବାଦ ଜିଲା ଅନ୍ତର୍ଗତ ବାଲ୍ଲାପୁର ଗ୍ରାମର ସାମସୁଦ୍ଦିନ ଆନସାରି(୨୮)ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଛି।

### ରାଜଗାଙ୍ଗପୁର ମିଲନ କ୍ଲବର ବାର୍ଷିକ ଉତ୍ସବ

**ରାଜଗାଙ୍ଗପୁର, ୨୩।୫(ଡି.ଏନ.ଏ.):** ରାଜଗାଙ୍ଗପୁର ସ୍ଥିତ ଡାଲମିଆ ସିମେଣ୍ଟ କମ୍ପାନୀ ପରିସରରେ ଥିବା ମିଲନ କ୍ଲବର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଡାଲମିଆ ସିମେଣ୍ଟର ବରିଷ୍ଠ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ଼ ଜାତୀୟ ଉତ୍ପାଦନ ମୁଖ୍ୟ ଗଣେଶ ଜିରକୁଣ୍ଡୱାର ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଚେତନ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଡିସିବିଏଲ ଓ ୟୁନିଟ ମୁଖ୍ୟ ରାଜଗାଙ୍ଗପୁର, ଡାଲମିଆ-ଓସିଏଲ ରିଫ୍ରାକଟୋରୀ ମୁଖ୍ୟ ବୀରେନ୍ଦ୍ର ପ୍ରସାଦ, ରିଫ୍ରାକଟୋରୀ ଉପ କାରଖାନା ମୁଖ୍ୟ ସେଲଭା ମୁଥୁକୁମାର କେ ଏବଂ ସଙ୍ଗମ ମହିଳା ମଣ୍ଡଳର ସଭାନେତ୍ରୀ ପ୍ରୀତି ଜିରକୁଣ୍ଡୱାର, ସରୋଜ ଶ୍ରୀବାସ୍ତବ, ବର୍ଣ୍ଣାଳୀ ପ୍ରସାଦ ଓ ଇନ୍ଦୁ ସେଲଭା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସର୍ବ ପ୍ରଥମେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳିତ କରି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଇଥିଲା। ମିଲନ କ୍ଲବର ସାଧାରଣ ସମ୍ପାଦକ ତପନ କୁମାର ଭଟ୍ଟାଚାର୍ଯ୍ୟ ଅତିଥିମାନଙ୍କୁ ପରିଚିତ କରାଇଥିଲେ। ସାଂସ୍କୃତିକ ସଚିବ ଏସ.ପି ଗୁଇଁନ କ୍ଲବର ବାର୍ଷିକ ବିବରଣୀ ପାଠ କରିବା ସହ କ୍ଲବ ସଫଳତା ଉପରେ ରେଖାପାତ କରିଥିଲେ। ଜିରକୁଣ୍ଡୱାର କ୍ଲବର ସମସ୍ତ ସଦସ୍ୟଙ୍କୁ, କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କୁ ଏହି ବାର୍ଷିକ ଉତ୍ସବର ଶୁଭେଚ୍ଛା ଜଣାଇଥିଲେ ଏବଂ କ୍ଲବ ପ୍ରତି ସଦସ୍ୟମାନଙ୍କ ଦ୍ୱାରା କରାଯାଇଥିବା ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଡାଲମିଆ ସିମେଣ୍ଟ କମ୍ପାନୀର ବୟୋଜ୍ୟେଷ୍ଠ କର୍ମଚାରୀ ବୀରବର ନାୟକ ଓ ଡାଲମିଆ-ଓସିଏଲ ରିଫ୍ରାକଟୋରୀର ଗୁଣ୍ଡିଚା ପ୍ରଧାନଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଚଳିତ ମାସ କ୍ଲବ ଦ୍ୱାରା ପିଲାମାନଙ୍କ ପାଇଁ ରଚନା, ଚିତ୍ରାଙ୍କନ ଓ ମହିଳା ମାନଙ୍କ ପାଇଁ ରଙ୍ଗୋଲି ଓ ମେହେନ୍ଦି ପ୍ରତିଯୋଗିତା ଆୟୋଜିତ କରାଯାଇଥିଲା। ଉକ୍ତ ବାର୍ଷିକ ଉତ୍ସବରେ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ଏହି ବାର୍ଷିକ ଉତ୍ସବ ପାଳନ କରାଯାଇଥିଲା। ଏମ୍ପ୍ଲୋଇ କ୍ଲବ ତରଫରୁ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା। କମ୍ପାନୀର ଆଡମିନ, ଇଷ୍ଟେଟ, ସୁରକ୍ଷା, ବିଭାଗର କର୍ମଚାରୀ ସହଯୋଗ କରିଥିଲେ।

# ୨ କୋଠରିରେ ୫ ଶ୍ରେଣୀର ପାଠପଢ଼ା

**କୁତ୍ରା, ୨୩।୫(ଡି.ଏନ.ଏ)**

ଶିକ୍ଷା ବିଭାଗ ତଥା ଜିଲା ପ୍ରଶାସନ ପକ୍ଷରୁ ସୁନ୍ଦରଗଡ ଜିଲା କୁତ୍ରା ବ୍ଲକକୁ ବୈମାତୃକ ମନୋଭାବ ପୋଷଣ କରୁଥିବା ଦେଖିବାକୁ ମିଳୁଛି। କୁତ୍ରା ବ୍ଲକର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ପ୍ରତ୍ୟେକ ଦିନ କିଛି ନା କିଛି ଅସୁବିଧା ଦେଖିବାକୁ ମିଳୁଛି। କେଉଁଠି ଶିକ୍ଷକ ଅଭାବ ତ କେଉଁଠି ଶ୍ରେଣୀ ଗୃହର ଅଭାବ। ଏହିଭଳି ଏକ ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିଛି ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ପୁରକାପାଲି ପଞ୍ଚାୟତ ଅନ୍ତର୍ଗତ ନୂଆପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ। ୧୯୮୧ ମସିହାରୁ ପ୍ରତିଷ୍ଠିତ ହୋଇଥିବା ଏହି ପୁରାତନ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ



ବିଦ୍ୟାଳୟର ଶ୍ରେଣୀ ଗୃହ।

ପର୍ଯ୍ୟନ୍ତ ୫ଟି ଶ୍ରେଣୀ ରହିଛି। ଏପରିକି ନୂଆପଡା ନିକଟରେ ଥିବା ପଞ୍ଚୁପଡାର ପ୍ରାଥମିକ ବିଦ୍ୟାଳୟରେ ଛାତ୍ର ସଂଖ୍ୟା ବିଗତ ବର୍ଷରେ କମ ରହିବାରୁ ଏହି ବିଦ୍ୟାଳୟକୁ ନୂଆପଡା ବିଦ୍ୟାଳୟ ସହ ମିଶାଇ ଦିଆଯାଇଛି। ହେଲେ ଉଭୟ ବିଦ୍ୟାଳୟକୁ ମିଶାଇ ଦିଆଯିବା ପରେ ମଧ୍ୟ ବର୍ତ୍ତମାନ ସମଗ୍ର ୫ଟି ଶ୍ରେଣୀରେ ମାତ୍ର ୩୫ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଠାରେ ଶ୍ରେଣୀ ଗୃହର ଅଭାବ ରହିଥିବାରୁ ମାତ୍ର ୨ଟି ଶ୍ରେଣୀ ଗୃହରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ପାଠପଢା ହେଉଛି। ଗୋଟିଏ ଶ୍ରେଣୀ ଗୃହରେ ୨ଟି ଶ୍ରେଣୀର ଏବଂ ଅନ୍ୟଟିରେ ୩ଟି ଶ୍ରେଣୀର ପିଲାଙ୍କୁ ବସାଇ ପାଠପଢା ଯାଉଛି। ଏଣୁ ଏଠାରେ ଯେ ପାଠପଢାର ମାନ କେତେ ଉନ୍ନତ ଥିବ ତାହା ସହଜେ ଅନୁମାନ କରାଯାଉଛି। ଶିକ୍ଷା ବିଭାଗର ଦୂରଦର୍ଶୀତାର ଅଭାବ ଏବଂ ବୈମାତୃକ ମନୋବୃତ୍ତି ଯୋଗୁ ବିଦ୍ୟାଳୟ ପରିସରରେ ରହିଥିବା ୨ଟି ପୁରୁଣା ଗୃହ ମରାମତି ଅଭାବରୁ ଭୁଶୁଡି ଯିବାକୁ ବସିଲାଣି। ଏବେ ମଧ୍ୟ ଏହି ପୁରୁଣା ଗୃହଗୁଡିକର ମରାମତି ଦିଗରେ ପଦକ୍ଷେପ ନିଆଯାଏ ତେବେ ଏହା ପୁନର୍ବାର ପାଠ୍ୟପଯୋଗୀ ଶ୍ରେଣୀ ଗୃହ ହୋଇପାରନ୍ତା। ତେଣୁ ଏଥିପ୍ରତି ଜିଲା ପ୍ରଶାସନ ତଥା ଜିଲା ଶିକ୍ଷା ଅଧିକାରୀ ଦୃଷ୍ଟି ଦେଲେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପକୃତ ହୋଇ ପାରନ୍ତେ।

## ସମବାୟ ନିର୍ବାଚନ ପାଇଁ ବିଜେଡିର ପ୍ରସ୍ତୁତି ବୈଠକ

**ସୁନ୍ଦରଗଡ଼,୨୩।୫(ଡି.ଏନ୍.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୋମବାର ସ୍ଥାନୀୟ ଏକ ହୋଟେଲଠାରେ ଆଗାମୀ ସମବାୟ ନିର୍ବାଚନ ପାଇଁ ସୁନ୍ଦରଗଡ଼ ସାଙ୍ଗଠନିକ ଜିଲା ବିଜୁ ଜନତା ଦଳ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ରଘୁନାଥପାଲି ବିଧାୟକ ସୁବ୍ରତ ତରାଇଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡିର ଉପସଭାପତି ମଙ୍ଗଳା କିଷାନ, ଜିଲା ବିଜେଡି ସଭାପତି ବିନୟ ଟପ୍ପୋ, ଜିଲା ସାଧାରଣ ସମ୍ପାଦକ ଜନ୍ମେଜୟ ମହାପାତ୍ର, ଜିଲା ପରିଷଦ ସଭାପତି କୁନ୍ତୀ ପ୍ରଧାନ ଏବଂ ପୂର୍ବତନ ଓସିସିଏଫ ସଭାପତି ବୀରେନ୍ଦ୍ର ପଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେମାନଙ୍କର ସମବାୟ ନିର୍ବାଚନରେ ଥିବା ଅଭିଜ୍ଞତା ଏବଂ ଏହି ନିର୍ବାଚନରେ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀ କିପରି ଜିତି ସୁନ୍ଦରଗଡ଼ ଜିଲା ସମବାୟ ବ୍ୟାଙ୍କ ସଭାପତି ପଦକୁ ଅକ୍ତିଆର କରିହେବ ସେଥିପାଇଁ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗର କାମନା କରି ଥିଲେ। ଠିକ ସମୟରେ ମନୋନୟନ ପତ୍ର ସଂଗ୍ରହ କରି ବିଜେଡିର ସଭ୍ୟାସଭ୍ୟ ବହୁତ ସଂଖ୍ୟାରେ ଲ୍ୟାମ୍ପଗୁଡିକରେ ଦାଖଲ କରିବା ପାଇଁ କୁହାଯାଇଥିଲା। ଛ ଜଣିଆ ଷ୍ଟିୟରିଙ୍ଗ କମିଟି ଗଠନ କରାଗଲା। କମିଟିରେ ମଙ୍ଗଳା କିଷାନ, ଯୋଗେଶ ସିଂ, ବିନୟ ଟପ୍ପୋ, କୁନ୍ତୀ ପ୍ରଧାନ, ଜନ୍ମେଜୟ ମହାପାତ୍ର, ଜୟନାରାୟଣ ତ୍ରିପାଠୀ, ସୁମନ୍ତ ପଣ୍ଡା ଏବଂ ବୀରେନ୍ଦ୍ର ପଟେଲ ସଦସ୍ୟ ଅଛନ୍ତି। ଏହି ବୈଠକରେ ବୀରେନ୍ଦ୍ର ପଟେଲ ସଭା ପରିଚାଳନା କରିଥିବାବେଳେ କୁନ୍ତୀ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଜେଡିର ବରିଷ୍ଠ ନେତା ଜିତୁ ଦାସ, ଜିଲା ବିଜେଡିର ଛାତ୍ର ସଭାପତି ସେହେବାଜ ହୁସେନ, ଜଟିଆ ମୁଣ୍ଡା, ଅମରେଶ ପଣ୍ଡା ଉପସ୍ଥିତ ଥିଲେ।

# ଜିଲାପାଳ, ଜିଲା ଶିକ୍ଷାଧିକାରୀଙ୍କୁ ସ୍ମାରକପତ୍ର



ସ୍ମାରକପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

**ରେଙ୍ଗତା ଉନ୍ନିତ ଉଚ୍ଚ ବିଦ୍ୟାଳୟ ନୂତନ କୋଠାରେ ଶିକ୍ଷାଦାନ ଆରମ୍ଭ ପାଇଁ ଦାବି**

**ଦେବଗଡ଼,୨୩।୫(ଡି.ଏନ.ଏ)**

ଦେବଗଡ଼ ଜିଲା ରିଆମାଳ ବ୍ଲକ ନୂଆଁଡିହୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗତା ଗ୍ରାମରେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ନୂତନ ଭାବେ ନିର୍ମିତ ରେଙ୍ଗତା ଉନ୍ନିତ ଉଚ୍ଚ ବିଦ୍ୟାଳୟ କୋଠାରେ ଅବିଳମ୍ବେ ଶିକ୍ଷାଦାନ ଆରମ୍ଭ କରିବାକୁ ସୋମବାର ରେଙ୍ଗତା ଗ୍ରାମବାସୀ ଦେବଗଡ଼ ଜିଲାପାଳ ଓ ଦେବଗଡ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି ଜଣାଇଛନ୍ତି। ରେଙ୍ଗତା ଗ୍ରାମବାସୀ ଦେବଗଡ଼ ଜିଲାପାଳ ଓ ଦେବଗଡ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଏମର୍ମରେ ପୃଥକ ପୃଥକ ଭାବେ ୨ଗୋଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ରେଙ୍ଗତା ଏକ ସ୍ୱତନ୍ତ୍ର ଗ୍ରାମ ହୋଇଥିବାବେଳେ ପ୍ରାୟ ଏକ କୋଟି ଟଙ୍କା ବ୍ୟୟରେ ଗ୍ରାମର ଉନ୍ନିତ ଉଚ୍ଚ ବିଦ୍ୟାଳୟର କୋଠା ନିର୍ମାଣ କାର୍ଯ୍ୟ ୨୦୧୫–୧୬ରେ ଆରମ୍ଭ ହୋଇ ୨୦୨୧–୨୨ରେ ଶେଷ ହୋଇସାରିଛି। ମାତ୍ର ବିଦ୍ୟାଳୟ କୋଠାକୁ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟବହାର କରାଯାଇନାହିଁ। ଏଣୁ ଏହି ନୂତନ କୋଠାକୁ ତୁରନ୍ତ କାର୍ଯ୍ୟକ୍ଷମ କଲେ ଏହା ଦ୍ୱାରା ପଡୋଶୀ ଦନାର୍ଦ୍ଦନପାଲି, ଶଙ୍କରପୁର, କଟକମୁହଣ, ସୁନାପୋଶି, ଅନ୍ଧାରୀଖୋଲ, କଦମ୍ବଦର୍ହ କଲୋନୀ ଓ ଝରାଗୋଗୁଆ ଗ୍ରାମର ଛାତ୍ରୀଛାତ୍ର ଉପକୃତ ହୋଇପାରିବେ ବୋଲି ଗ୍ରାମବାସୀ ସ୍ମାରକପତ୍ରରେ ଉଲ୍ଲେଖ କରିଥିବା ଜଣାପଡିଛି। ଅନୁରୂପ ଭାବେ ନିକଟସ୍ଥ ମହାସିନ୍ଧୁ ଗ୍ରାମରେ ଅସ୍ଥାୟୀ ଭାବେ ପରିଚାଳିତ ହେଉଥିବା ରେଙ୍ଗତା ଉନ୍ନିତ ଉଚ୍ଚ ବିଦ୍ୟାଳୟଟିକୁ ରେଙ୍ଗତା ଗ୍ରାମରେ ନୂତନ ଭାବେ ନିର୍ମିତ ରେଙ୍ଗତା ସ୍କୁଲକୁ ସ୍ଥାନାନ୍ତରିତ କଲେ ରେଙ୍ଗତା ଗ୍ରାମବାସୀ ଉପକୃତ ହେବେ ବୋଲି ମଧ୍ୟ ଉକ୍ତ ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଥିବା ଜଣାପଡିଛି ।

## ପୁସ୍ତକ 'ଲେବର ସିନାରିଓ ଇନ୍ ଓଡ଼ିଶା' ଲୋକାର୍ପିତ

**ଦେବଗଡ଼,୨୩।୫(ଡି.ଏନ୍.ଏ.)**

ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟରତ ବିଶିଷ୍ଟ ସାହିତ୍ୟିକ, ଗବେଷକ ତଥା ଏକାଧିକ ପୁସ୍ତକର ରଚୟିତା ବାଣୀମଞ୍ଜୁଳ ଡ. ସମୀର କୁମାର ନନ୍ଦଙ୍କ ଦ୍ୱାରା ଲିଖିତ ଇନ୍ଦିରା ପ୍ରକାଶନୀ–୭ର ଇଂରାଜୀ ପୁସ୍ତକ 'ଲେବର ସିନାରିଓ ଇନ ଓଡିଶା' ଲୋକାର୍ପିତ ହୋଇଯାଇଛି। ଏହାକୁ ସୂଚନା ଏବଂ ପ୍ରଯୁକ୍ତି ବିଦ୍ୟା ତଥା କ୍ରୀଡା ଓ ଯୁବ ସେବା ବିଭାଗ ମନ୍ତ୍ରୀ ଇଂ ତୁଷାରକାନ୍ତି ବେହେରା ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ଡ. ନନ୍ଦ ଶିଶୁ ଶ୍ରମିକ ସମସ୍ୟା ସହିତ ଶ୍ରମିକ କଲ୍ୟାଣ ସମ୍ପର୍କରେ ତାଙ୍କର ଛବିଶ ବର୍ଷର ଅଭିଜ୍ଞତା ସହିତ ଅନେକ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିଛନ୍ତି। ୨୪୨ ପୃଷ୍ଠା ସମ୍ବଳିତ ଏହି ପୁସ୍ତକ। ବ୍ରାଜିଲ, ଜୋର୍ଡାନ, କାଲିଫର୍ଣ୍ଣିଆ, ନ୍ୟୁୟର୍କ ସମେତ ଦିଲ୍ଲୀ, ଅହମଦାବାଦ ଓ ତାମିଲନାଡୁରୁ ପ୍ରକାଶିତ ଅନେକ ଅନ୍ତରାଷ୍ଟ୍ରୀୟ ପତ୍ରିକାରେ ପୂର୍ବରୁ ଡଃ ନନ୍ଦଙ୍କ ଦ୍ୱାରା ପ୍ରକାଶିତ ହୋଇଥିବା ୧୧ ଟି


ଇଂଲିଶ ପୁସ୍ତକ 'ଲେବର ସିନାରିଓ ଇନ୍ ଓଡିଶା' ଲୋକାର୍ପିତ ହେଉଛି।

ଆଲେଖ୍ୟର ସଂକଳନ କରାଯାଇଛି। ଏହି ପୁସ୍ତକଟି ବିଭିନ୍ନ ବିଦ୍ୟାଳୟଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ତଥା ଗବେଷକ ଓ ଅଧ୍ୟାପକମାନଙ୍କ ପାଇଁ ବିଶେଷ ଉପାଦେୟ ହେବ ବୋଲି ଡ. ନନ୍ଦ ମତବ୍ୟକ୍ତ କରିଛନ୍ତି। ଶ୍ରମିକ କଲ୍ୟାଣ ପରି ଏକ ସମ୍ବେଦନଶୀଳ ସମସ୍ୟା ଉପରେ ଗବେଷଣା କରି ଇଂରାଜୀ ଭାଷାରେ ପୁସ୍ତକ ରଚନା କରି ସମସ୍ତ ତଥ୍ୟକୁ ବିଶ୍ୱ ଦରବାରରେ ଲୋକଲୋଚନକୁ ଆଣିଥିବାରୁ ମନ୍ତ୍ରୀ ଏହି ଅବସରରେ ଡ. ନନ୍ଦଙ୍କୁ ସାଧୁବାଦ ଜଣାଇଛନ୍ତି। ତାଙ୍କର ଏହି ପୁସ୍ତକ ସମାଜରେ ସଚେତନତା ସୃଷ୍ଟି କରିପାରିଲେ ପରିଶ୍ରମ ସାର୍ଥକ ହେବ ବୋଲି ଏହି ଅବସରରେ ଡକ୍ଟର ନନ୍ଦ ପ୍ରକାଶ କରିଛନ୍ତି।

## ୨୦ଘର କୈବର୍ତ୍ତ ସମାଜର ଜିଲାସ୍ତରୀୟ ବୈଠକ

**ସୁନ୍ଦରଗଡ଼,୨୩।୫(ଡି.ଏନ.ଏ)**

ସୁନ୍ଦରଗଡ ୨୦ ଘର କୈବର୍ତ୍ତ ସମାଜର ଜିଲାସ୍ତରୀୟ ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସୁନ୍ଦରଗଡ଼ର ଏକ ହୋଟେଲରେ ଉପସଭାପତି ଭେଷଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକ ପ୍ରାରମ୍ଭରେ ମା' ସମଲେଶ୍ୱରୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ କରାଯିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସାଧାରଣ ସମ୍ପାଦକ ଧନଞ୍ଜୟ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରଲୋକଗତ ଜିଲା ସଭାପତି ରୁଦ୍ର ପ୍ରସାଦ ଦଣ୍ଡସେନା ଓ ସମାଜର ଅନ୍ୟ ସଭ୍ୟାସଭ୍ୟଙ୍କ ବିୟୋଗରେ ସେମାନଙ୍କ ଅମର ଆତ୍ମାର ସଦଗତି କାମନା କରି ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ସମାଜର ଉପଦେଷ୍ଟା ଛବିଳ ସେଠ ଓ ପରମେଶ୍ୱର ବେରିହା ଯୋଗଦେଇ ସମାଜର ବିକାଶ ପାଇଁ ଦିଗଦର୍ଶନ ଦେଇଥିଲେ। ଏହି ବୈଠକରେ ଶୁକଦେବ ବଡେଇଙ୍କୁ ସର୍ବସମ୍ମତି କ୍ରମେ ନୂତନ ସଭାପତି ଭାବେ ମନୋନୀତ କରାଯାଇଛି। ସେହିପରି ପ୍ରଶାନ୍ତ କାଲୋଙ୍କୁ ଜିଲା କୋଷାଧ୍ୟକ୍ଷ ଭାବେ ମଧ୍ୟ ମନୋନୀତ କରାଯାଇଛି। ବୈଠକରେ ସଂଘର ରେଜିଷ୍ଟ୍ରେସନ କାର୍ଯ୍ୟ ଯଥାଶିଘ୍ର କରାଯିବା, ବ୍ଲକ କମିଟି ତୁରନ୍ତ ଡକାଯିବା, ସାମାଜିକ କାର୍ଯ୍ୟରେ ସମାଜ ତରଫରୁ ବିବାହ ପଞ୍ଜିକରଣ ସାର୍ଟିଫିକେଟ ଦିଆଯିବାକୁ ସ୍ଥିର ହୋଇଛି। ଏହି ବୈଠକରେ ବାଣେଶ୍ୱର ବଡେକ, ଭାଗବତିଆ ବାରିକ, ସୁରେଶ ସେଠ, ନରହରି ସେଠ, ଗୋକୁଳ ମହିଲିଙ୍ଗ, କିଶୋର ଦେହୁରୀ ପ୍ରମୁଖ ନିଜର ମତ ରଖିଥିଲେ। ଯୁଗ୍ମ ସମ୍ପାଦକ ସୁରେଶ ସେଠ ଧନ୍ୟବାଦ ଦେଇଥିଲେ।

# ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରଶାସନ ପକ୍ଷରୁ ଯୁଗ୍ମ ଜନଶୁଣାଣି

**ସୁନ୍ଦରଗଡ଼, ୨୩।୫(ଡି.ଏନ.ଏ )**

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ପ୍ରଶାସନ ପକ୍ଷରୁ ଏକ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ ଏବଂ ଅତିରିକ୍ତଜିଲାପାଳ ରବି ନାରାୟଣ ସାହୁ ଉପସ୍ଥିତି ରହି ଲୋକମାନଙ୍କର ଅଭିଯୋଗ ଶୁଣାଣି କରିଥିଲେ। ଟାଙ୍ଗରପାଲି ବ୍ଲକରେ ହୋଇଥିବା ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ମୋଟ ୩୦ଟି


ଜନଶୁଣାଣିରେ ଉପସ୍ଥିତ ଅଧିକାରୀ।

ଆବେଦନର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧୦ଟି ବ୍ୟକ୍ତିଗତ ସମସ୍ୟା ରହିଥିବା ବେଳେ ୧୯ଟି ସାମୁହିକ ସମସ୍ୟା। ଏହା ସହିତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କ୍ୟାନସର ରୋଗର ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପାଇଁ ଜଣେ ବ୍ୟକ୍ତି ଆବେଦନ କରିଥିଲେ। ଏହା ମଧ୍ୟ ଜନଶୁଣାଣିରେ ଉପସ୍ଥାପନ କରାଯାଇଥିଲା। ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ଟାଙ୍ଗରପାଲି ବ୍ଲକର ବିଭିନ୍ନ ଗ୍ରାମପଞ୍ଚାୟତର ଜନସାଧାରଣ ଉପସ୍ଥିତ ଥିଲେ। ବାର୍ଦ୍ଧକ୍ୟ ଭତ୍ତା, ରାସ୍ତାଘାଟ ସମସ୍ୟା, ବ୍ରିଜ, ଚେକ ଡ୍ୟାମ ନିର୍ମାଣ, ପାନୀୟ ଜଳ ଯୋଗାଣର ସମସ୍ୟା , ଜମିଜମା, ପୋଖରୀ ପୁନରୁଦ୍ଧାର, ବୃଦ୍ଧାଶ୍ରମ ନିର୍ମାଣ ଆଦି ଅଭିଯୋଗ ନେଇ ଜନଶୁଣାଣିରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ ଏସପି ସାଗରିକା ନାଥ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ, ଉପଜିଲାପାଳ ଅଭିମନ୍ୟୁ ବେହେରା, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର, ଜିଲା ଶିକ୍ଷାଧିକାରୀ ଅମୂଲ୍ୟ କୁମାର ପଧାନ, ଡେପୁଟି କଲେକ୍ଟର(ଆପାତକାଳୀନ) କୁନ୍ତୀରାଣୀ ନାଏକ, ଟାଙ୍ଗରପାଲି ବିଡିଓ ଐଶ୍ୱର୍ଯ୍ୟା ଭୂୟାଁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଇକ୍ ସହ ଦେଶୀ ମଦ ଜବତ : ୨ ଗିରଫ

**ଦେବଗଡ଼,୨୩।୫(ଡି.ଏନ.ଏ)**

ବାଇକ ଯୋଗେ ଦେଶୀ ରନ୍ଧାମଦ ଚୋରାଚାଲଣ ହେଉଥିବା ବେଳେ ଦେବଗଡ ଅବକାରୀ ବିଭାଗ ଦେବଗଡ ପୌରାଞ୍ଚଳ ପୁରୁଣାଗଡ ସ୍ଥିତ ପେଟ୍ରୋଲପମ୍ପ ନିକଟରୁ ଏହା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଏକ ବାଇକ୍ ଯୋଗେ ଦେଶୀ ରନ୍ଧାମଦ ଚୋରାଚାଲଣ ହେଉଥିବା କୌଣସି ସୂତ୍ରରୁ ସୂଚନା ପାଇ ଦେବଗଡ ଜିଲା ଅବକାରୀ ଅଧୀକ୍ଷକ କରୁଣାଶଙ୍କର ତିୱାରୀ ଚଢାଉ କରିବାକୁ ଦେବଗଡ ଅବକାରୀ ନିରୀକ୍ଷକ ମଧୁସୂଦନ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ଅନୁଯାୟୀ ନିରୀକ୍ଷକ ସାହୁ ବିଭାଗୀୟ ସବଇନ୍ସପେକ୍ଟର ଚନ୍ଦ୍ରଶେଖର ପଢିଆରୀ, ଏଏସ୍ଆଇ ପ୍ରହଲ୍ଲାଦ ବିଶ୍ୱାଳ ଓ ପଦ୍ମାଳୟା ମୁଣ୍ଡାଙ୍କ ସହ ସଦଳବଳେ ସେଠାରେ ଚଢାଉ କରି ଉକ୍ତ ବାଇକ ଓଡି–୧୫ଜେ–୬୫୭୯କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଏକ ଜାର ମଧ୍ୟରେ ୩୦ ଲିଟର ଦେଶୀ ରନ୍ଧାମଦ ମିଳିବାରୁ ବାଇକ ଓ ଦେଶୀ ରନ୍ଧା ମଦକୁ ଜବତ କରିଥିଲେ । ଏଥିସହ ଚୋରାଚାଲାଣକାରୀ କୁଣ୍ଡାପିଠା ଗ୍ରାମର ତୀର୍ଥବାସୀ ସୁହୁଲା(୩୦) ଓ ବଲଣ୍ଡା ଗ୍ରାମର ଶୁକ୍ର ପାତ୍ର(୩୫)ଙ୍କୁ ଗିରଫ କରିଥିବା ଜଣାପଡିଛି ।


ଅଭିଯୁକ୍ତଙ୍କ ସହ ଅବକାରୀ କର୍ମଚାରୀ।

# ଲୌହ ଖଣିର ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି

**ଟେନ୍ସା,୨୩।୫(ଡି.ଏନ୍.ଏ.)**

ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ଗଣୁଆ ଲୌହ ଖଣି ଉତ୍ପାଦନ ବୃଦ୍ଧି ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ହରିଚନ୍ଦ୍ରପୁର, କୋଇରା, କାଶିରା, କୁସୁମଡିହି ଗ୍ରାମର ୩୪୭.୦୦୮ ହେକ୍ଟର (ଡିଜିପିଏସ ଅନୁଯାୟୀ) ୩୪୯.୨୫୪ ହେକ୍ଟର ମାଇନ ଲିଜ ଅଞ୍ଚଳରେ ନାରାୟଣପୋଶୀ ଲୁହାପଥର ଖଣି ସମ୍ପ୍ରସାରଣ ପାଇଁ ଜନଶୁଣାଣି ସଭା ହୋଇଥିଲା। ମେସର୍ସ ଜେ.ଏସ.ଡବ୍ଲ୍ୟୁ ଷ୍ଟିଲ ଲିମିଟେଡ଼ ପ୍ରସ୍ତାବକ ଏହି ଜନଶୁଣାଣି ସୋମବାର ଧୋବଲାବେଢ଼ା ଗ୍ରାମସ୍ଥିତ ଇନଡୋର ଷ୍ଟାଡିୟମ ସାମ୍ନା ଖୋଲା ପଡ଼ିଆରେ ହୋଇଯାଇଛି। ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଜିଲା ଅତିରିକ୍ତ ଜିଲାପାଳ ଶିବଶଙ୍କର ଟପ୍ପୋ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ କୁମାର ଭୋଇ, ସେକସନ୍ ଅଫିସର ଅନୁପମ ଦତ୍ତ, ବଣାଇ ଉପଜିଲାପାଳ ପ୍ରଦୀପ କୁମାର ଡାଙ୍ଗ, କୋଇଡା ତହସିଲଦାର ଡିଏସ୍. ଶୁଭଦର୍ସୀ ଯୋଶୀ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ


ଜନଶୁଣାଣିରେ ଉପସ୍ଥିତ ଜନସାଧାରଣ।

ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡ଼ିବ ଓ ଏହାର କିପରି ପ୍ରତିକାର କରାଯିବ ଏ ସମ୍ପର୍କରେ ଜେଏସ୍‌ଡବ୍ଲ୍ୟୁର ଜି.ଏମ.ବିରଜା କିଙ୍କର ଦାସ ଜନସାଧାରଣଙ୍କୁ କମ୍ପାନୀ ପକ୍ଷରୁ ଅବଗତ କରାଇବା ପରେ ଜନସାଧାରଣଙ୍କ ମତାମତ ଲୋଡ଼ା ଯାଇଥିଲା। ନାରାୟଣପୋଷ, କାଶିରା ଗ୍ରାମରେ ହଳଧର ଦେହୁରୀ, ଆନନ୍ଦ ବାରିକ, ସନ୍ତୋଷ ଦେହୁରୀ, ଉମ୍ବରୁଧର ଦେହୁରୀ, ପିଙ୍କି ସୁତାର, ସନ୍ତୋଷ ସାହୁ, ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଚେୟାରମ୍ୟାନ ସୁରେଶ ନାଏକ, ଜିଲା ପରିଷଦ ସଦସ୍ୟ ଶୁଶିଳା ମୁଣ୍ଡା, ବଣାଇ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ଜିଲା ପରିଷଦ ସଦସ୍ୟ ଅଶୋକ ନାଏକ, କୋଇଡା ସରପଞ୍ଚ ହୃଷିକେଶ ଦେହୁରୀ, ରବିନାରାୟଣ ମିଶ୍ର, ବଣାଇ ପୂର୍ବତନ ବିଧାୟକ ଜନାର୍ଦ୍ଦନ ଦେହୁରୀଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଗଣୁଆ ଲୌହ ପଥର ଖଣି ଉତ୍ପାଦନ ବୃଦ୍ଧି ସପକ୍ଷରେ ମତାମତ ଦେଇଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ଗ୍ରାମକୁ ପାନୀୟଜଳ,ବିଜୁଳି, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତିକରଣ, ଖେଳପଡ଼ିଆର ଉନ୍ନତିକରଣ, ଗ୍ରାମରେ ଥିବା ପୂଜା ମଣ୍ଡପର ଉନ୍ନତିକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ଆଦିକୁ ଗ୍ରାମବାସୀ ଦାବି କରିଥିଲେ। ଲୁହାପଥର ଉତ୍ପାଦନ ବୃଦ୍ଧି ହେଲେ ଗ୍ରାମର ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଜେଏସଡବ୍ଲ୍ୟୁର ପ୍ରୋଜେକ୍ଟର ବିଶ୍ୱରଞ୍ଜନ ପାଢୀ ପ୍ରତିଶ୍ରୁତି ଦେଇଥିଲେ। ଜେଏସଡବ୍ଲ୍ୟୁର ସିଇଓ ରଞ୍ଜନ ନାୟକ, ଖଣି ପ୍ରୋଜେକ୍ଟ ଉପସଭାପତି ଆଶେଷ ପାଢ଼ୀ, ପ୍ରଶାସନ ବିଭାଗର ସଭାପତି ଶ୍ରୀଜିତ ମିଶ୍ର, ପ୍ରୋଜେକ୍ଟ ଅରେଶନ ବିଶ୍ୱରଞ୍ଜନ ପାଢୀ, ଜେଏସଡବ୍ଲ୍ୟୁ ମିଡିଆ ପ୍ରତିନିଧି ରୂପାଲି କର, ସିଏସଆରର ମୁଖ୍ୟ କେଦାର ନାଥ ଶର୍ମା, ଦୀପୁଚାନ୍ଦ ବିହାରୀ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ୩ ରାଜ୍ୟ ସଭା ଆସନ ଲାଗି ଆଜିଠୁ ନାମାଙ୍କନ

ଭୁବନେଶ୍ୱର,(ବ୍ୟୁରୋ): ଓଡିଶାର ୩ରାଜ୍ୟ ସଭା ଆସନ ଲାଗି ଜୁନ୍ ୧୦ରେ ନିର୍ବାଚନ ହେବ। ଏଥିଲାଗି ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇବ। ବିଜ୍ଞପ୍ତି ପ୍ରକାଶ ପାଇବା ଦିନଠାରୁ ଆରମ୍ଭ ହୋଇ ୩୧ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ସମୟ ରହିଛି। ବିଜେଡିର ଏନ୍ ଭାସ୍କର ରାଓ, ସସ୍ମିତ ପାତ୍ର ଏବଂ ପ୍ରସନ୍ନ ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ଜୁଲାଇ ୧ରେ ଶେଷ ହେଉଛି। ସେହିପରି କଟକ ମେୟର ହେବାପରେ ରାଜ୍ୟ ସଭା ଏମ୍ପି ଥିବା ସୁବାସ ସିଂ ତାଙ୍କ ପଦରୁ ଇସ୍ତଫା ଦେଇଥିଲେ। ଉକ୍ତ ଆସନ ପାଇଁ ଜୁନ ୧୩ରେ ଭୋଟ୍ ହେବାକୁ ଥିବାବେଳେ ଆସନ୍ତା ୨୬ରେ ବିଜ୍ଞପ୍ତି ପ୍ରକାଶ ପାଇବ।



# କଟକ ମେୟରଙ୍କ ପୋଷ୍ଟର ପୋଡ଼ି

**ମହଙ୍ଗା ପଡ଼ିଲା 'ମାଲକାନଗିରି ପଠେଇଦେବି' ମନ୍ତବ୍ୟ**

**ମାଲକାନଗିରି ଦ୍ରୁତ ଅଗ୍ରଗତି କରୁଥିବା ଜିଲା, ସେଠାକୁ ଗଲେ ଅଧିକାରୀ ଶିଖିବେ: ସୁବାସ ସିଂ**



ନବରଙ୍ଗପୁରଠାରେ କଟକ ମେୟର ସୁବାସ ସିଂଙ୍କ ପୋଷ୍ଟରରେ କଂଗ୍ରେସ କର୍ମୀମାନେ ନିଆଁ ଲଗାଉଛନ୍ତି।

ନବରଙ୍ଗପୁର, (ବି.ପ୍ର.)/ଭୁବନେଶ୍ୱର (ବ୍ୟୁରୋ), ୨୩।୫

'କାମ କର ନଚେତ ମାଲକାନଗିରି ପଠେଇଦେବି' କଟକ ମେୟର ସୁବାସ ସିଂ ଦେଇଥିବା ଏପରି ମନ୍ତବ୍ୟକୁ ବିରୋଧ କରିଛି ନବରଙ୍ଗପୁର ଜିଲା କଂଗ୍ରେସ। ସୋମବାର ନବରଙ୍ଗପୁର ସହରସ୍ଥିତ କଂଗ୍ରେସ ଭବନରେ ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇଛି। ମାଲକାନଗିରି ଜିଲାକୁ କଳାପାଣି ସଦୃଶ ଅପମାନିତ କରିଥିବାରୁ ସେ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦାବି କରିଛି। କ୍ଷମାପ୍ରାର୍ଥନା ନ କଲେ ଅବିଭକ୍ତ କୋରାପୁଟ ଜିଲାରେ ତାଙ୍କୁ ପଶିବାକୁ ଦିଆଯିବନାହିଁ ବୋଲି ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ କହିଛନ୍ତି। ସୁବାସ ସିଂଙ୍କ ମସ୍ତିଷ୍କ ବିକୃତ ଥିବା ତ୍ରିପାଠୀ କହିବା ସହ କଂଗ୍ରେସ ପକ୍ଷରୁ ତାଙ୍କ ପୋଷ୍ଟର ପୋଡ଼ାଯାଇଛି।

ମାଲକାନଗିରି ଜିଲା ତା'ର ଐତିହ୍ୟ, ଖଣି ଓ ସଂସ୍କୃତିକୁ ନେଇ ଗର୍ବିତ। କଟକ ମେୟର ଏପରି ବୟାନ ଦେଇ କେବଳ ମାଲକାନଗିରି ଜିଲାକୁ ଅପମାନିତ କରିନାହାନ୍ତି ବରଂ ତାଙ୍କର ଏହି ବୟାନ ଅବିଭକ୍ତ କୋରାପୁଟ ଜିଲାବାସୀଙ୍କୁ କଷ୍ଟ ଦେଇଛି। ସୁବାସଙ୍କ ଦୃଷ୍ଟିରେ ଯଦି ମାଲକାନଗିରି ଜିଲା ଅନୁନ୍ନତ ପଛୁଆ, ତେବେ ଏଥିପାଇଁ ସମ୍ପୂର୍ଣ୍ଣ ଭାବେ ରାଜ୍ୟ ସରକାର ଦାୟୀ ବୋଲି କଂଗ୍ରେସ ନେତାମାନେ କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଆରଓ ତାପସ ପ୍ରଧାନୀ, ଦିଲୀପ ବେହେରା, ଅବ୍ଦୁଲ ଫିରୋଜ, ସତ୍ୟ ନାରାୟଣ ତ୍ରିପାଠୀ, ସୁରଜ ଲାଲ, ବାସୁଦେବ ପଟ୍ଟନାୟକ ଓ ମୁନା ବେଶ୍ରା ପ୍ରମୁଖ ଉପସ୍ଥିତ ଥିଲେ। ରବିବାର ମାଲକାନଗିରିରେ ମଧ୍ୟ ସୁବାସ ସିଂଙ୍କ ଏହି ବୟାନକୁ ବିରୋଧ କରାଯାଇଥିଲା। ସେ କ୍ଷମା ନ ମାଗିଲେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯିବ ବୋଲି ମାଲକାନଗିରି ଜିଲା କଂଗ୍ରେସ ପକ୍ଷରୁ କୁହାଯାଇଥିଲା।

ଅନ୍ୟପକ୍ଷରେ କଟକ ମେୟର ସୁବାସ କହିଛନ୍ତି ଯେ, କଂଗ୍ରେସ ଜୀବନରେ କିଛି କରିନାହିଁ। ବିକାଶ ପ୍ରତି ସେମାନଙ୍କ ନଜର ମଧ୍ୟ ନାହିଁ। ଖାଲି ଅବାସ୍ତବ କଥା କହି ସେମାନେ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଛନ୍ତି। ମାଲକାନଗିରି ହେଉଛି ଦ୍ରୁତ ବିକାଶ ଦିଗରେ ଗତି କରୁଥିବା ଜିଲା। ଏହି ଜିଲା ବର୍ତ୍ତମାନ ସାରା ଦେଶ ପାଇଁ ଉଦାହରଣ ପାଲଟିଛି। ଏହି ଜିଲାରେ ବହୁ ଦକ୍ଷ ଅଫିସର କାମ କରୁଛନ୍ତି। ସେଠାକୁ ଗଲେ ଜଣେ ଅଧିକାରୀ ଭଲ କାମ ଶିଖିପାରିବ। କାରଣ ବହୁ ସରକାରୀ କର୍ମଚାରୀ ଘର ପାଖରେ ରହିବେ, ଦୂରକୁ ଯିବାକୁ ଜମା ରାଜିନାହାନ୍ତି। କଟକ ସହରର ରାସ୍ତା ଉପରେ ପାଣି ପାଇପ୍ ଟି ଫାଟିଗଲା। ସେଠାରେ ଖାଲ ହୋଇପଡିଛି। ଜଣେ ସ୍କୁଟରଟିଏ ଧରିକି ଗଲେ ସେଠାରେ ପଡ଼ିବାର ଆଶଙ୍କା ରହିଛି। ତେଣୁ ୪ ମାସ ହେଲାଣି କାହିଁକି ସେହି କାମ ହୋଇ ନାହିଁ ବୋଲି ପଚାରିବା ସହ ମାଲକାନଗିରି ପଠାଇ ଦେବେ ବୋଲି କହିଥିଲେ। ସେଠାକୁ ଗଲେ ଭଲ କାମ ଶିଖିପାରିବାର ସମ୍ଭାବନା ଥିବାରୁ ଏକଥା କହିଥିଲେ। ତାଙ୍କର ବଦଳି କରିବାର କ୍ଷମତା ନାହିଁ, କେବଳ ଚିଠି ଲେଖିପାରିବେ। କଂଗ୍ରେସ ବିକାଶ କ'ଣ ଜାଣିନି। ତେଣୁ ଅଯଥା ଏବଂ ଅବାସ୍ତବ କଥା କାହି କଂଗ୍ରେସ ରାଜନୀତି କରିବା ଛାଡୁ ବୋଲି ସେ କହିଛନ୍ତି।

# ହିଟ୍ଲର, ଷ୍ଟାଲିନ୍ଙ୍କଠାରୁ ଭାଜପା ଶାସନ ଖରାପ: ମମତା



କୋଲକାତା,୨୩।୫: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ସମାଲୋଚନା କରିଛନ୍ତି। ଏହି ସରକାର କେନ୍ଦ୍ରୀୟ ସଂସ୍ଥା ସହାୟତାରେ ରାଜ୍ୟ ବ୍ୟାପାରରେ ହସ୍ତକ୍ଷେପ କରୁଥିବା ସେ ଅଭିଯୋଗ କରିଛନ୍ତି। ହିଟ୍ଲର, ଷ୍ଟାଲିନ କିମ୍ବା ମୁସୋଲିନିଙ୍କ ଶାସନଠାରୁ ଭାଜପା ଶାସନ ଖରାପ ବୋଲି ମମତା କହିଛନ୍ତି। ଦେଶର ଗଣତନ୍ତ୍ରର ସୁରକ୍ଷା ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକୁ ସ୍ୱୟଂଶାସିତ କରିବା ଲାଗି ସେ ଏକ ଖବରଦାତା ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି। କେନ୍ଦ୍ର ସରକାର ଶନିବାର ପେଟ୍ରୋଲ ଓ ଡିଜେଲ ଉପରୁ ଉତ୍ପାଦ ଶୁଳ୍କ ହ୍ରାସ ଯଥାକ୍ରମେ ୮ ଟଙ୍କା ଓ ୬ ଟଙ୍କା ହ୍ରାସ କରିଥିବାବେଳେ ମମତା ଏହାକୁ ସମାଲୋଚନା କରିଛନ୍ତି। ଉଜ୍ଜ୍ୱଳା ଯୋଜନାରେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ୨୦୦ ଟଙ୍କା ସବ୍ସିଡି ଘୋଷଣା କରାଯାଇଛି। ଏହା କେନ୍ଦ୍ର ସରକାରଙ୍କ ଏକ ନିର୍ବାଚନ ଷ୍ଟଣ୍ଟ। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅଳ୍ପ କେତେଜଣ ଏଥିରୁ ଉପକୃତ ହେବେ। ଗରିବ ଲୋକେ ୮୦୦ ଟଙ୍କାରେ କିପରି ଏଲ୍ପିଜି କିଣିବେ ବୋଲି ମମତା ପ୍ରଶ୍ନ କରିଛନ୍ତି।


**GOVERNMENT OF ODISHA** eerwbnj@gmail.com

**OFFICE OF THE EXECUTIVE ENGINEER, RURAL WORKS DIVISION, BHANJANAGAR**

**NATIONAL COMPETITIVE BIDDING THROUGH e-Procurement**

**Identification No.Online Tender/02/RWDBNJ/2022-2023**

**No.O-322:** **Ltr.No.1660, Date:17.05.2022**

| Identification No. | Name of Work | No. of Works | Approx. Estimated Cost (in Lakh) | Class of Contractor | Period of Completion |
|---|---|---|---|---|---|
| Online Tender/RWDBNJ/02 2022-2023 | Road Work | 1 No. | 53.10 Lakh | "B", "A" Class as applicable | 4 (Four) Calendar Months |

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W.Division, Bhanjanagar | Online Tender/02/ RWDBNJ/2022-2023 | 24.05.2022 at 10.00 A.M. | 04.06.2022 upto 3.00 P.M. |

Further details can be seen from the website: www.tendersodisha.gov.in.

**Sd./- Superintending Engineer, R.W.Division, Bhanjanagar**

**OIPR-25174/11/0006/2223**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE**

**E_Mail ID: serw_balasore@yahoo.in, Ph-No-06782/260318, Balia,Balasore**

**"e" Procurement Notice for Bridge Work**

**Identification No.- Online Tender- Bridge N.C.B. No. 333**

**Letter No. 1625 /WE/ Date 19.05.2022**

**No.O-308:**1.Name of the Work: Bridge Work. 2. Total No. of Work: 1 No. (Three). 3.Estimated Cost: Rs.2343.11 Lakh (Approximately). 4.Eligible Class of Contractor: Special Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion: 18 (Eighteen) Calendar Months for the work. 6. Other details:

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender in O/o. C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | NCB No.333 | 27.05.2022 at 11.00 A.M. | 17.06.2022 upto 5.00 P.M. | 16.06.2022 upto 5.00 P.M. | 18.06.2022 at 11.00 A.M. | Will be intimated later |

• Further details can be seen from the website: **www.tendersodisha.gov.in.**

**Sd./- Chief Construction Engineer, R.W.Circle, Balasore**

**OIPR-25105/11/0013/2223**

**GOVERNMENT OF ODISHA**

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, CUTTACK**

**e-mail:- serw_ctc@yahoo.com**

**No. Tender Online RWC -10/22** **Letter No.-1875** **Date:-19.05.2022**

**No.O-310:** **e-Procurement NOTICE**

1. Name of the work : Bridge Works under Biju Setu Yojana for the year 2021-22 under Rural Works Circle,Cuttack.
2. Class of contractor :
 a) Estimated cost more than Rs.6.00 Crore & upto Rs.15.00 Crore : Special Class & Super Class (of Odisha PWD) & relevant class of other licensing authorities.
 b) Estimated cost more than Rs.3.00 Crore & upto Rs.6.00 Crore : A & Special Class (of Odisha PWD) & relevant class of other licensing authorities.
 c) Estimated cost more than Rs. 40.00 Lakh & upto Rs.3.00 Crore : B & A Class (of Odisha PWD) & relevant class of other licensing authorities.
3. **Time for Completion : As specified in the Column-5 of the Annexure.**
4. **Detail Projects : As per Annexure attached**
5. **Other Details**

| Procurement Officer | Bid Identification No. | Availability of tender online for bidding | | Last date & time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Cuttack | Tender Online RWC-10/22 | 27.05.2022 at 11.00 A.M. | 16.06.2022 to 5.00 P.M. | 16.06.2022 upto 02.00 P.M. | 17.06.2022 at 11.30 A.M. | Will be intimated later on |

Further details can be seen from the website www.tendersorissa.gov.in.

**Sd./-Chief Construction Engineer, Rural Works Circle, Cuttack**

**OIPR-25097/11/0013/2223**


# ଉଦୟନିଧିଙ୍କ ସିନେମାକୁ ନେଇ ଏଆଇଏଡିଏମ୍କେ-ଡିଏମ୍କେ ମୁହାଁମୁହିଁ

ପଣ୍ଡିଚେରି, ୨୩।୫

ଜାତି ବିରୋଧୀ ବିଷୟବସ୍ତୁକୁ ନେଇ ନିର୍ମିତ ଡିଏମ୍କେ ନେତା ଉଦୟନିଧି ଷ୍ଟାଲିନ୍ଙ୍କ ଚଳଚ୍ଚିତ୍ର 'ନେଞ୍ଜୁକୁ ନିଧି'କୁ ଟିକସ ଛାଡ଼ ପାଇଁ ପଣ୍ଡିଚେରି ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବା ପରେ ଏହାକୁ ନେଇ ପଣ୍ଡିଚେରିରେ ଡିଏମ୍କେ ଏବଂ ଏଆଇଏଡିଏମ୍କେ ମଧ୍ୟରେ ବାକ୍ଯୁଦ୍ଧ ଆରମ୍ଭ ହୋଇଯାଇଛି। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କ ପୁଅ ତଥା ଚେନ୍ନାଇର ଚେପକ ଆସନରୁ ବିଧାୟକ ଥିବା ଉଦୟନିଧିଙ୍କ ସଦ୍ୟ ମୁକ୍ତିଲାଭ ଚଳଚ୍ଚିତ୍ରକୁ ଟିକସ ଛାଡ଼ ଲାଗି ଡିଏମକେର ପଣ୍ଡିଚେରି ଶାଖା ମୁଖ୍ୟମନ୍ତ୍ରୀ ଏନ୍. ରାଙ୍ଗାସ୍ୱାମୀଙ୍କୁ ଅନୁରୋଧ କରିଥିଲେ।


ଉଦୟନିଧି

ଅନ୍ୟପକ୍ଷରେ ଏଆଇଏଡିଏମ୍କେ ନେତା ଏହାକୁ ବିରୋଧ କରିଛନ୍ତି। ଡିଏମ୍କେ ଜାତି ଆଧାରରେ ଲୋକଙ୍କୁ ଭାଗ ଭାଗ କରିବା ଲାଗି ଉଦ୍ୟମ କରୁଥିବା ଏଆଇଏଡିଏମ୍କେ ରାଜ୍ୟ ସମ୍ପାଦକ କେ. ଅନବହାଝାଗନ କହିଛନ୍ତି। ଡିଏମ୍କେ ଟିକସ ଛାଡ଼ ଅର୍ଥକୁ ଅନୁସୂଚିତ ଜାତି ଲୋକଙ୍କ କଲ୍ୟାଣରେ ଖର୍ଚ୍ଚ କରିବ ନାହିଁ ବୋଲି ସେ କହିଛନ୍ତି।

# କଂଗ୍ରେସର ରୋଡ୍ ଶୋ: ଷ୍ଟାର ପ୍ରଚାରକ ସାମିଲ

**ବ୍ରଜରାଜନଗର ଉପନିର୍ବାଚନ**

ଝାରସୁଗୁଡ଼ା ଅଫିସ, ୨୩।୫

ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ବିଭିନ୍ନ ଦଳର ପ୍ରଚାର ସେତିକି ଜୋର ଧରିବାରେ ଲାଗିଛି। କଂଗ୍ରେସର ଷ୍ଟାର ପ୍ରଚାରକମାନେ ଦଳୀୟ ପ୍ରାର୍ଥୀ ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲଙ୍କୁ ସାଙ୍ଗରେ ଧରି ପ୍ରଚାର ଚଳାଇଛନ୍ତି। ନେତୃବୃନ୍ଦ ସୋମବାର ଲଖନପୁର ବ୍ଲକ୍ ସୀମାନ୍ତ ୧୯ଖଣ୍ଡ ମୌଜା ଓ ସନ୍ଧ୍ୟାରେ ବେଲପାହାଡ଼ ପୌରାଞ୍ଚଳର ବିଭିନ୍ନ ୱାର୍ଡରେ ରୋଡ୍ ଶୋ କରି ପ୍ରଚାର କରିଥିଲେ। ସୁଖାସୋଡା ଗ୍ରାମ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା ପରେ ରୋଡ୍ ଶୋ ଗାଡି ବାହାରିଥିଲା। ଏହି ଗାଡ଼ି ସୁଖାସୋଡା, ସେମିଲିଆ, କଣ୍ଡେଇକେଲା, ମହୁଦି, ଚିଖ୍ଲି, କିରିଡିମାଲ, ସରଧା, ରେମତା ଆଦି ଗ୍ରାମ ପରିକ୍ରମା କରିଥିଲା। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଗ୍ରାମରେ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳୀୟ ନେତୃବୃନ୍ଦ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଥିବାବେଳେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରଚାରରେ ପ୍ରାର୍ଥୀ ପଟେଲଙ୍କ ସମେତ ନୂତନ ପିସିସି ସଭାପତି ଶରତ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଜୟଦେବ ଜେନା, ବିଧାୟକ ସନ୍ତୋଷ ସିଂସାଲୁଜା, ବିଧାୟକ ରାଜନ ଏକ୍କା, ବିଧାୟକ ଅଧ୍ୟାରାଜ ପାଣିଗ୍ରାହୀ, ବିଧାୟକ ମହମ୍ମଦ ମୋକିମ, ପୂର୍ବତନ ବିଧାୟକ ନିହାର ରଞ୍ଜନ ମହାନନ୍ଦ, ଜିଲା ଓବିସି ସେଲ୍ ଅଧ୍ୟକ୍ଷ ସୁବ୍ରତ ପ୍ରଧାନ ଓ ବ୍ଲକ୍ ସଭାପତି ଲିଙ୍ଗରାଜ ବଢେଇ ପ୍ରମୁଖ ସାମିଲ ଥିଲେ।


କଂଗ୍ରେସ ନେତୃବୃନ୍ଦଙ୍କ ସହ ପ୍ରାର୍ଥୀ କିଶୋର ପଟେଲ ରୋଡ୍ ଶୋରେ ବାହାରିଛନ୍ତି।

# ଘର ଘର ବୁଲି ମନ୍ତ୍ରୀଙ୍କ ଭୋଟ ଭିକ୍ଷା


ନିର୍ବାଚନୀ ସଭାରେ ଉଦ୍ବୋଧନ ଦେଉଛନ୍ତି ମନ୍ତ୍ରୀ ପ୍ରତାପ ଜେନା।

ବ୍ରଜରାଜନଗର, ୨୩।୫(ଡି.ଏନ୍.ଏ.)

ବ୍ରଜରାଜନଗର ଉପନିର୍ବାଚନ ଯେତିକି ପାଖେଇ ଆସୁଛି ନେତାମାନଙ୍କ ପ୍ରଚାର ସେତିକି ଜମିବାରେ ଲାଗିଛି। ସୋମବାର ମନ୍ତ୍ରୀ ପ୍ରତାପ ଜେନା ବ୍ରଜରାଜନଗର ପୌରାଞ୍ଚଳର ୧୫ନଂ. ୱାର୍ଡରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପରେ ମହିଳାମାନଙ୍କୁ ଏକାଠିକରି ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା, ମହିଳା ସଶକ୍ତୀକରଣ ଉପରେ ଅବଗତ କରାଇଥଲେ। ବ୍ରାଜନଗର ଅଞ୍ଚଳରେ ଅଣଓଡ଼ିଆ ରହୁଥିବାରୁ ମନ୍ତ୍ରୀ ଓଡ଼ିଆ ଓ ହିନ୍ଦୀ ଭାଷାରେ ମହିଳାମାନଙ୍କୁ ବୁଝାଇଥିଲେ। ବୈଠକରେ ୨ଶହରୁ ଅଧିକ ମହିଳା ଉପସ୍ଥିତ ଥିଲେ। ରବିବାର ସନ୍ଧ୍ୟାରେ ମଣ୍ଡଳୀୟାଠାରେ ସଞ୍ଜୟ ଦାସବର୍ମା ଏକ ସଭାକରି ବିଜେଡି ପ୍ରାର୍ଥୀ ଅଳକା ମହାନ୍ତିଙ୍କୁ ବହୁ ଭୋଟରେ ବିଜୟୀ କରିବାକୁ ଲୋକଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ସିପିଆଇର ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ନଗର ସଭାପତି ରାଧାକାନ୍ତ ପ୍ରଧାନ ପରିଚାଳନା କରିଥିଲେ।


**GOVERNMENT OF ODISHA**

**OFFICE OF THE ENGINEER-IN-CHIEF RURAL WORKS, BHUBANESWAR**

**NOTICE INVITING EXPRESSION OF INTEREST FOR ENGAGEMENT OF INDIVIDUALS AS "State Quality Monitor". ID No: EOI-16/SQC Dt. 20.05.2022**

No. O-314: Expression of interest is invited from interested individual having graduate degree in Civil Engineering from a recognized University & retired from the post not below the level of Executive Engineer or equivalent from a Govt. organization such as Works Department, Water Resources Department, Housing & Urban Development Department, Central / State Public Sector undertakings (PSUs) or their subordinate offices. Retired or serving faculty members of government engineering colleges / IITs / NITs / Government research institutes, etc. who have worked / consulted in the field of road construction / associated with bridge design & supervision of consultancy works can also apply.

i. **For inspection of Road Projects:** The candidate (retired Govt. Engineers) should possess the experience of working in the field of construction of roads for at least 5 years in last 10 years before his retirement from Government service. Also, in the last 5 years, he should have worked at least for 2 years in the field or roads (any field out of planning and designing, execution or management of construction or maintenance of roads). Retired or serving faculty members of government engineering colleges / IITs / NITs / Government research institutes, should possess minimum 10 years experience in the field of planning / design / supervision / execution / consultancy of construction and maintenance of roads.

ii. **For inspection of Bridge Projects:** The candidate (retired Government engineer) should possess the experience of working in the bridge sector (any field out of planning / design / execution) for at least 8 years, out of which at least 4 years should be in execution of bridge projects. Retired or serving faculty members of government engineering colleges/ IITs/ NITs/ Government research institutes should have minimum 08 years of experience of design / supervision consultancy of bridge projects. The candidates would be required to furnish the list of bridge works in which they were associated at the planning / design / execution/ supervision/ consultancy level.

iii. The candidates having qualification and experience of design and construction / supervision of both roads and bridge works shall indicate their candidature for empanelment as SQM for inspection of (a) roads, (b) bridges, (c) roads and bridges both in their application.

iv. **Recommending Authority:** The candidate (retired Government engineer and retired or serving faculty members) should have been recommended by the concerned State Government or by Government of India organizations, administrative head of the PSUs or head of the institute (as applicable), clearly indicating that his integrity is not questionable.

v. The candidate should be willing to work as State Quality Monitor with high ethical standards and sign the code of conduct.

vi. Interested Engineers should have sound health & physically fit to undertake tours to different rural pockets of any district and the applicant should not have attained the age of 67 years on the last date of application. The applicant would be allowed to work as SQM till the attainment of 70 years of age.

vii. The candidates who are retiring from the service on dt. 30.06.2022 they can also apply.

viii. The candidate should have working knowledge of computers and smart phones.

They will be required to inspect at least in 2 spell during a month, having 5 to 6 days of inspection in each spell for the purpose of 2nd tier quality monitoring system and to submit the reports to the concerned authorities. Remunerations as per existing norms will be paid. The period of engagement will be one year which may be suitably extended in future. This engagement is purely temporary.

Application with Affidavit from Notary (in the prescribed format) and selfattested supporting documents in respect of Aadhaar No, PAN No, Qualification Certificate, Detail list of work experience along with Annexure-I, Annexure-I(a), Annexure-I(b) & Annexure-III duly filled in should reach the undersigned in sealed cover on or before **11.00 AM on 21.06.2022**. The Committee will analyse the CVs, short list and call for interviews, such number of candidates as deemed fit, conduct personal interviews, which can also be held through video conferencing. Candidate as well as members of selection committee can also attend the selection committee meeting through VC. Selected candidates will be intimated through post / email to take up the assignment. The authority reserves the right to reject any or all applications without assigning any reason thereof. Further enquiry, if any, can be made with State Quality Co-ordinator, Office of the EIC, Rural Works, Odisha, Bhubaneswar. Email ID: **sqc.odisha@yahoo.in, Mobile- 9437255400**.

The Annexure-I, Annexure-I(a), Annexure-I(b), Annexure-III & Affidavit format are available in the website : **www.rd.odisha.gov.in**.

**OIPR-25123/11/0012/2223** **Sd./- Chief Engineer, PMGSY**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**

(ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)

ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨

ସଂଖ୍ୟା: **8933/IND-II-PH-1022** ତାରିଖ: **23.05.2022**

**ବିଜ୍ଞାପନ**

No. CAD-612: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ନୀଳାଚଳ କାର୍ବୋ ମେଟାଲିକ୍ସ ପ୍ରାଇଭେଟ୍ ଲିମିଟେଡ ଓଡ଼ିଶାର ଯାଜପୁର ଜିଲ୍ଲା, ଥାନା: ଜେନାପୁର ଅନ୍ତର୍ଗତ ପୁରୁଣାବଉଳମାଳ ଓ ବାରମାଣଠାରେ ପ୍ରସ୍ତାବିତ ସମ୍ପ୍ରସାରଣ ପ୍ରକଳ୍ପ (୨ଟି ନୂତନ କୋକ୍ ଓଭନ ବ୍ୟାଟେରୀ) (ବାର୍ଷିକ ୨ × ୨୪୦୦୦ ଟନ୍)ର ସ୍ଥାପନା କରି କମ ପରିମାଣର ପାଉଁଶ ଯୁକ୍ତ କୋକ୍ର ଉତ୍ପାଦନ କ୍ଷମତା ବାର୍ଷିକ ୬୦୦୦୦ ଟନ୍ରୁ ୧,୦୮,୦୦୦ ଟନ୍କୁ ବୃଦ୍ଧି କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ଙ୍କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣ-ପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୪।୦୬।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଧର୍ମଶାଳା ତହସିଲ ଅନ୍ତର୍ଗତ ଶାହାନଡିହି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ। ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଯାଜପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଯାଜପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର - ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, କଳିଙ୍ଗ ନଗର, ଯାଜପୁର।
୬. ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର।

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ୍ୟ ମିଳିପାରିବ। ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, କଳିଙ୍ଗନଗର, ଯାଜପୁରସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0085/2223** **ସ୍ୱା./- ସଦସ୍ୟ ସଚିବ**

## ହ୍ରାସ ପାଇଲା ଶେୟାର ବଜାର

**ମୁମ୍ବାଇ:** ସପ୍ତାହର ପ୍ରଥମ କାରବାର ଦିବସ ଅର୍ଥାତ୍ ସୋମବାର ପୁଞ୍ଜି ବଜାରରେ ସ୍ୱଳ୍ପ ହ୍ରାସ ଦେଖିବାକୁ ମିଳିଛି। କାରବାର ଆରମ୍ଭରେ ବଜାରରେ ବୃଦ୍ଧି ଘଟିଥିବା ବେଳେ ଶେଷ ବେଳକୁ ସେନସେକ୍ସରେ ୩୭.୭୮ (୦.୦୭୦%) ଏବଂ ନିଫ୍ଟିରେ ୫୧.୪୫ (୦.୩୨%) ହ୍ରାସ ଦେଖିବାକୁ ମିଳିଥିଲା। ଫଳରେ କାରବାର ଶେଷ ବେଳକୁ ସେନସେକ୍ସ ଏବଂ ନିଫ୍ଟି ଯଥାକ୍ରମେ ୫୪,୨୮୮.୬୧ ଏବଂ ୧୬,୨୧୪.୭୦ ଇନ୍‌ଡେକ୍ସରେ ବନ୍ଦ ହୋଇଥିଲା। ଦିନର ଟପ୍ ଗେନର୍ସ ତାଲିକାରେ କଣ୍ଟେନର କର୍ପ, ମହିନ୍ଦ୍ରା ଆଣ୍ଡ୍ ମହିନ୍ଦ୍ରା, ମାରୁତି ସୁଜୁକି, ଏଲ୍ ଆଣ୍ଡ୍ ଟି ଇନ୍‌ଫୋଟେକ୍ ରହିଥିବା ବେଳେ ଟପ୍ ଲୁଜର୍ସ ତାଲିକାରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଟାଟା ଷ୍ଟିଲ୍, ଏନ୍‌ଏମ୍‌ଡିସି, ଡିଭିସ୍ ଲ୍ୟାବ୍ସ ରହିଛନ୍ତି।

### ସଂକ୍ଷେପରେ

## ଜେଟ୍ ଏୟାରୱେଜ୍ ପକ୍ଷରୁ ବରିଷ୍ଠ ଏକ୍‌ଜିକ୍ୟୁଟିଭ୍ ନିଯୁକ୍ତ

**ନୂଆଦିଲ୍ଲୀ,୨୩।୫:** ଉଡ଼ାଣ ପରିଚାଳକ ପ୍ରମାଣପତ୍ର (ଏଓସି) ମିଳିବାର କିଛି ଦିନ ପରେ ଅନ୍ତର୍ଜାତୀୟ ଏୟାରଲାଇନ୍ ସଂସ୍ଥା ଜେଟ୍ ଏୟାରୱେଜ୍ ପକ୍ଷରୁ ଚାରି ଜଣ ବରିଷ୍ଠ ଏକ୍‌ଜିକ୍ୟୁଟିଭ୍‌ଙ୍କୁ ନିଯୁକ୍ତ କରାଯାଇଛି। କମ୍ପାନୀ ସୂଚନା ଅନୁସାରେ ଏୟାରଲାଇନ୍‌ର ମୁଖ୍ୟ ଡିଜିଟାଲ୍ ଅଧିକାରୀ ଭାବରେ ପ୍ରଭ ଶରଣ ସିଂ ଏବଂ ଇଞ୍ଜିନିୟରିଂ ଉପାଧକ୍ଷ ପଦବୀ ପାଇଁ ଏଚ୍.ଆର୍. ଜଗନ୍ନାଥଙ୍କୁ ନିଯୁକ୍ତି ଦିଆଯାଇଛି। ଏହାଛଡ଼ା ବିମାନ ଯାତ୍ରା ସମୟରେ ଉପଲବ୍ଧ କରାଯାଉଥିବା ଉତ୍ପାଦ ଏବଂ ସେବାଗୁଡ଼ିକ ପାଇଁ ମାର୍କ ଟର୍ନରଙ୍କୁ ଉପାଧକ୍ଷ ତଥା ବିତରଣ ଏବଂ ଗ୍ରାହକ ନିୟନ୍ତ୍ରିତ କରିବା କାର୍ଯ୍ୟ ଉପାଧକ୍ଷ ଭାବରେ ବିଶେଷ ଖାନ୍ନାଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଭ ଶରଣ ସିଂ ଜୁନ୍ ପହିଲାରୁ ଏବଂ ଖାନ୍ନା ଜୁଲାଇରୁ ଦାୟିତ୍ୱ ଗ୍ରହଣ କରିବେ। ତେବେ ଏଚ୍.ଆର୍. ଜଗନ୍ନାଥ ସୋମବାରଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି ଏବଂ ଟର୍ନର ଜୁନ୍ ୧୫ରୁ ଦାୟିତ୍ୱ ଭାର ଗ୍ରହଣ କରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

## ଜୁଲାଇ ୬ରୁ ଅମ୍ବୁଜା ସିମେଣ୍ଟ୍ସ ଏବଂ ଏସିସିର ଓପନ୍ ଅଫର

**ନୂଆଦିଲ୍ଲୀ,୨୩।୫:** ଅମ୍ବୁଜା ସିମେଣ୍ଟ ଏବଂ ଏସିସି ଶେୟାରଧାରକଙ୍କ ପାଇଁ ଏକ ଓପନ୍ ଅଫର୍ସ ଜୁଲାଇ ୬ରେ ଆରମ୍ଭ ହୋଇ ୧୯ରେ ବନ୍ଦ ହେବ ବୋଲି ସୋମବାର ଆଦାନୀ ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ୪ ବିଲିୟନ ଡଲାର (୩୧,୧୩୯ କୋଟି ଟଙ୍କା)ର ନିବେଶ ସହ ଏହି ଦୁଇ କମ୍ପାନୀର ଓପନ୍ ଅଫର ଭାରତୀୟ କର୍ପୋରେଟ୍ ଇତିହାସରେ ସର୍ବବୃହତ ଓପନ୍ ଅଫର ଭାବେ ପରିଗଣିତ ହେବ। ଏହି ବାଧ୍ୟତାମୂଳକ ଓପନ ଅଫର ଆଦାନୀ ଫାମିଲି ମାଲିକାନାରେ ଥିବା ମରିସସ୍‌ର ଏକ କମ୍ପାନୀ ଦ୍ୱାରା କରାଯାଇଛି। ସେମାନେ ୬.୫ ବିଲିୟନ୍ ଡଲାର ବିନିମୟରେ ହୋଲସିମ୍‌ର ଅମ୍ବୁଜା ସିମେଣ୍ଟରେ ୬୩% ଏବଂ ଏସିସିରେ ୪.୫% ଅଂଶଧନ ଗ୍ରହଣ କରିବା ପରେ ଏହି ଅଫର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି।

# କମିଲା ଖାଇବା ତେଲ ଦର

ନୂଆଦିଲ୍ଲୀ,୨୩।୫



■ଇଣ୍ଡୋନେସିଆର ରପ୍ତାନି କଟକଣା ହଟାଇବା ପ୍ରଭାବ
■ସୋରିଷ ତେଲରେ ସର୍ବାଧିକ ହ୍ରାସ

ଗତ କିଛି ମାସ ପରେ ବର୍ତ୍ତମାନ ସୋରିଷ ତେଲ, ବାଦାମ, ସୋୟାବିନ୍ ଏବଂ ପାମୋଲିନ୍ ସହିତ ସମସ୍ତ ପ୍ରକାର ଖାଇବା ତୈଳ ଦରରେ ହ୍ରାସ ଘଟିଛି। ଭାରତୀୟ ବଜାରରେ ବିଭିନ୍ନ ଖାଇବା ତୈଳ ଦରରେ ଲିଟର ପିଛା ୭ରୁ ୧୦ଟଙ୍କା ହ୍ରାସ ଘଟିଥିବା ଦେଖିବାକୁ ମିଳିଛି। ଇଣ୍ଡୋନେସିଆ ପକ୍ଷରୁ ପାମ୍ ତୈଳ ରପ୍ତାନି ନେଇ ଲଗାଯାଇଥିବା କଟକଣା ହଟାଇ ଦିଆଯିବା ପରେ ଏହି ହ୍ରାସ ହୋଇଛି। ବିଦେଶୀ ବଜାରରେ ସୋୟାବିନ୍ ଏବଂ ପାମୋଲିନ୍ ତୈଳ ଦରରେ ପ୍ରାୟ ୧୦୦ ଡଲାର ପର୍ଯ୍ୟନ୍ତ ହ୍ରାସ ଘଟିଥିବା ବେଳେ ସୂର୍ଯ୍ୟମୁଖୀ ତୈଳ ଦରରେ କୌଣସି ହ୍ରାସ ଘଟିନାହିଁ। ବର୍ତ୍ତମାନ ସମୟରେ ଘରୋଇ ବଜାରରେ ସୋରିଷ ତେଲ ଦରରେ ଲିଟର ପିଛା ୪୦ଟଙ୍କା ପର୍ଯ୍ୟନ୍ତ ହ୍ରାସ ହୋଇଛି। ଏହି ହିସାବରେ ଜଣେ ଯଦି ମାସିକ ୧୦ ଲିଟର ସୋରିଷ ତେଲ କିଣୁଥିବେ ତାହେଲେ ତାଙ୍କର ୪୦୦ ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ ହୋଇପାରିବ। ବର୍ତ୍ତମାନ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ ଭଳି ବଡ଼ବଡ଼ ରାଜ୍ୟରେ ସୋରିଷ ତେଲ ଦର ଲିଟର ପିଛା ୧୭୦ଟଙ୍କାରୁ କମ୍ ରହିଛି। ତେବେ ବିଦେଶୀ ବଜାରରେ ସୋୟାବିନ୍ ତେଲ ଦର ହ୍ରାସ ହୋଇ ନ ଥିବା ସତ୍ତ୍ୱେ ଭାରତୀୟ ବଜାରରେ ସେଥିରେ ହ୍ରାସ ଘଟିଛି ଏବଂ କୁଇଣ୍ଟାଲ୍ ପିଛା ଦର ୬,୭୨୫-୬,୮୨୫ ଟଙ୍କା ରହିଛି। ସେହିପରି ବାଦାମ ସଲ୍‌ଭେଣ୍ଟ ରିଫାଇନ୍ଡ ଦରରେ ୨୫ଟଙ୍କା ହ୍ରାସ ଘଟି ଟିଣ ପିଛା ୨,୬୨୫-୨,୮୧୫ ଟଙ୍କାରେ ପହଞ୍ଚିଛି। ଗତ କିଛି ଦିନ ହେଲା ବିଦେଶୀ ବଜାରର ଖାଇବା ତେଲ ଦର ଉଚ୍ଚ ସ୍ତରରେ ରହିଥିବାରୁ ଭାରତୀୟ ଆମଦାନୀରେ ହ୍ରାସ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବ ଭାରତୀୟ ବଜାର ଉପରେ ଦେଖିବାକୁ ମିଳିଥିଲା। ଏହା ମଧ୍ୟରେ ନିଜ ଘରୋଇ ବଜାରରେ ତୈଳ ଦର କାବୁ କରିବା ଉଦ୍ଦେଶ୍ୟରେ କଟକଣା ଲଗାଇଥିବା ଇଣ୍ଡୋନେସିଆ ସୋମବାରଠାରୁ ପ୍ରତିବନ୍ଧକ ହଟାଇ ଦେଇଛି। ଏଥିସହିତ ଇଣ୍ଡୋନେସିଆ ପାମ୍ ତୈଳ ଦରରେ ପ୍ରାୟ ୧୦୦ ଡଲାର ହ୍ରାସ କରିଛି। ଫଳରେ ଭାରତକୁ ଆମଦାନୀ କରିବାକୁ ସହଜ ହୋଇଛି। ସୂଚନାଯୋଗ୍ୟ, ଭାରତ ଆମଦାନୀ କରୁଥିବା ପାମ୍ ତୈଳ ମଧ୍ୟରୁ ପ୍ରାୟ ୬୦% ଇଣ୍ଡୋନେସିଆଠାରୁ କ୍ରୟ କରିଥାଏ।

## ଜିଓ ଫୋନ୍‌ର 'ଏକ୍ସଚେଞ୍ଜ ଟୁ ଅପ୍‌ଗ୍ରେଡ୍' ଅଫର

ନୂଆଦିଲ୍ଲୀ,୨୩।୫




ରିଲାଏନ୍ସ ରିଟେଲ୍ ପକ୍ଷରୁ ଜିଓ ଫୋନ୍ ନେକ୍ସଟ୍ ପାଇଁ ସୀମିତ ସମୟର ଏକ୍ସଚେଞ୍ଜ ଟୁ ଅପ୍‌ଗ୍ରେଡ୍ ଅଫରର ଶୁଭାରମ୍ଭ କରାଯାଇଛି। ଏହି ଅଫର ଅନୁସାରେ ଗ୍ରାହକମାନେ ଯେ କୌଣସି ପୁରୁଣା ସକ୍ରିୟ ୪ଜି ଫିଚର ଫୋନ୍, ଜିଓ ଫୋନ୍ କିମ୍ବା ସ୍ମାର୍ଟଫୋନ୍‌କୁ ବଦଳାଇ ମାତ୍ର ୪,୪୯୯ ଟଙ୍କାରେ ଆଉ ଏକ ସମ୍ପୂର୍ଣ୍ଣ ନୂଆ ଜିଓ ଫୋନ୍ ନେକ୍ସଟ୍ ପାଇପାରିବେ। ଏହି ଆକର୍ଷଣୀୟ ଅଫର ଜରିଆରେ ପୁରୁଣା ୪ଜି ଫିଚରଫୋନ୍ ଓ ସ୍ମାର୍ଟଫୋନ୍‌ର ଗ୍ରାହକମାନଙ୍କୁ ନିଜ ଡିଭାଇସ୍ ଅସୁବିଧାକୁ ଧରି ରଖିବାକୁ ପଡ଼ିବନି ଏବଂ ସେମାନେ ବାସ୍ତବ ୪ଜି ଜିଓ ଡିଜିଟାଲ୍ ଜୀବନକୁ ସମ୍ପୂର୍ଣ୍ଣ ଉପଭୋଗ କରିପାରିବେ।

ବର୍ତ୍ତମାନର ୪ଜି ଫିଚରଫୋନ୍ ବ୍ୟବହାରକାରୀମାନେ ଅତି ସହଜରେ ବିଶ୍ୱର ସବୁଠୁ ସୁଲଭ ସ୍ମାର୍ଟଫୋନ୍ ସହ ବଡ଼ ସ୍କ୍ରିନ୍ ଡିଜିଟାଲ୍ ଅନୁଭୂତି ପାଇପାରିବେ। ଏହି ଅଫର ରିଲାଏନ୍ସ ରିଟେଲ୍‌ର ଜିଓମାର୍ଟ ଡିଜିଟାଲ୍, ରିଲାଏନ୍ସ ଡିଜିଟାଲ୍ ଓ କୋଣ ଅନୁକୋଣରେ ଥିବା ଏହାର ଆଉଟ୍‌ଲେଟ୍‌ଗୁଡ଼ିକରେ ଉକ୍ତ ଫୋନ ଉପଲବ୍ଧ ହେବ, ଯଦ୍ୱାରା ଭୌଗୋଳିକ ଓ ଆର୍ଥିକ ଦୃଷ୍ଟିରୁ ଏହା ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିପାରିବ। ସୂଚନାଯୋଗ୍ୟ ଯେ ଜିଓ ଫୋନ୍ ନେକ୍ସଟ୍‌କୁ ଜିଓ ଓ ଗୁଗୁଲ୍ ପକ୍ଷରୁ ମିଳିତ ଭାବେ ଡିଜାଇନ୍ କରାଯାଇଛି। ଏହା ବିଶ୍ୱର ସବୁଠୁ ସୁଲଭ ୪ଜି ସ୍ମାର୍ଟଫୋନ୍, ଯେଉଁଥିରେ ରହିଛି ୫.୪୫ ଇଞ୍ଚର ଏଚ୍‌ଡି ସ୍କ୍ରିନ୍ ସହ କର୍ଣ୍ଣିଂ ଗୋରିଲା ଗ୍ଲାସ୍ ୩ ଓ ଆଣ୍ଟି ଫିଙ୍ଗରପ୍ରଣ୍ଟ କୋଟିଂ, ୨ଜିବି ରାମ୍, ୩୨ଜିବି ଇନ୍-ବିଲ୍ଟ ଷ୍ଟୋରେଜ୍,୧୩ ମେଗାପିକ୍ସେଲ୍ ପଛ କ୍ୟାମେରା, ୮ ମେଗାପିକ୍ସେଲ୍ ସାମ୍ନା ସେଲ୍‌ଫି କ୍ୟାମେରା, ୩୫୦୦ ଏମ୍‌ଏଏଚ୍ ବ୍ୟାଟେରି ସହ ଅନେକ ପ୍ରକାର ଅତ୍ୟାଧୁନିକ ଫିଚର ସାମିଲ ରହିଛି।

## ଦି ନ୍ୟୁ 'ସ୍ପ୍ଲେଣ୍ଡର+ଏକ୍ସଟେକ୍'ର ବଜାର ପ୍ରବେଶ

ନୂଆଦିଲ୍ଲୀ,୨୩।୫

ଦେଶର ପ୍ରମୁଖ ଦୁଇ ଚକିଆ ଯାନ ନିର୍ମାତା 'ହିରୋ ମୋଟୋକର୍ପ'ର ବହୁ ପ୍ରତୀକ୍ଷିତ ତଥା ଆଇକନିକ୍ ମୋଟରସାଇକେଲ୍ ସ୍ପ୍ଲେଣ୍ଡରର ନୂତନ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀର 'ଦି ନ୍ୟୁ ସ୍ପ୍ଲେଣ୍ଡର+ ଏକ୍ସଟେକ୍'ର ବଜାର ପ୍ରବେଶ ନିକଟରେ ଥେହାଇଯାଇଛି। ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ମଡେଲରେ ଅନେକ ପ୍ରକାରର ଆଧୁନିକ ବୈଶିଷ୍ଟ୍ୟ ସାମିଲ କରାଯାଇଛି।

ଏ ସମ୍ପର୍କରେ ହିରୋ ମୋଟୋକର୍ପର ଷ୍ଟ୍ରାଟେଜି ମୁଖ୍ୟ ଓ ଗ୍ଲୋବାଲ୍ ପ୍ରଡକ୍ଟ ପ୍ଲାନିଂ, ମାଲୋ. ଲେ.ମାସନ୍ କହିଛନ୍ତି, ହିରୋ ସ୍ପ୍ଲେଣ୍ଡର ହେଉଛି ଭାରତର ସବୁଠାରୁ ଲୋକପ୍ରିୟ ଓ ସର୍ବାଧିକ ବିକ୍ରି ହେଉଥିବା ମୋଟରସାଇକେଲ୍। କୋଟି କୋଟି ଭାରତୀୟଙ୍କର ପ୍ରକୃତ ସାଥୀ। ଏହା ପ୍ରାୟତଃ ୩ ଦଶନ୍ଧି ଧରି ଏକ ଆଇକନ୍ ଭାବେ ଗ୍ରାହକଙ୍କ ମନରେ ରହିଆସିଛି। ଏହା ସ୍ପ୍ଲେଣ୍ଡର+ ଏକ୍ସଟେକ୍ ମଡେଲର ଶୁଭାରମ୍ଭ ସହିତ ଆହୁରି ଅନେକଙ୍କୁ ଅନୁପ୍ରେରିତ କରିବ। ସେହିଭଳି



ହିରୋ ମୋଟୋକର୍ପର ଚିଫ୍ ଗ୍ରୋଥ ଅଫିସର, ରଣଭିଜିତ୍ ସିଂ କହିଛନ୍ତି, ହିରୋ ସ୍ପ୍ଲେଣ୍ଡର ଦଶନ୍ଧି ଦଶନ୍ଧି ଧରି ଏକ ଟ୍ରେଣ୍ଡ ସେଟର ଭାବରେ ରହି ଆସିଛି। ଏହା ବ୍ୟାପକ ଶ୍ରେଣୀୟ ଗ୍ରାହକଙ୍କ ଦ୍ୱାରା ଆଦୃତି ଲାଭ କରିଛି।

ଅପରପକ୍ଷରେ ଏହି ମଡେଲ ୪ଟି କଲରରେ ଉପଲବ୍ଧ ରହିଛି। ସେହିପରି ସ୍ପ୍ଲେଣ୍ଡର+ଏକ୍ସଟେକ୍‌ରେ ରହିଛି ୯୭.୨ସିସି ବିଏସ୍-୬ ଅନୁପାଳନକାରୀ ଇଞ୍ଜିନ, ଯାହାକି ଉଲ୍ଲେଖନୀୟ ପାୱାର ଆଉଟ୍‌ପୁଟ୍ ୭.୯ ବିଏଚପି ୭୦୦୦ ଆରପିଏମ୍ ହାରରେ ପ୍ରଦାନ କରେ ଓ ଏଥିରେ ୮.୦୫ ଏନଏମର ଟର୍କ ୬୦୦୦ହାରରେ ଉଚ୍ଚ କ୍ଷମତାସମ୍ପନ୍ନ ରାଇଡ୍ ପାଇଁ ରହିଛି। ହିରୋର ଉକ୍ତ ଯାନ ସାରା ଦେଶରେ ଥିବା ହିରୋ ମୋଟୋକର୍ପ ଡିଲରପଏଣ୍ଟଗୁଡିକରେ ଉପଲବ୍ଧ ହେବ, ଏହାର ପ୍ରାରମ୍ଭିକ ମୂଲ୍ୟ (ଏକ୍ସ-ଶୋରୁମ୍ ଦିଲ୍ଲୀ) ଆଇଏନଆର ୭୨,୯୦୦ ଟଙ୍କା ରହିଛି। ନୂଆ ସ୍ପ୍ଲେଣ୍ଡର+ଏକ୍ସଟେକରେ ମଧ୍ୟ ୫ବର୍ଷର ୱାରେଣ୍ଟି ରହିଛି।

## ଜୁନ୍‌ରେ ପୁଣି ବଢ଼ିପାରେ ରେପୋ ରେଟ୍

ନୂଆଦିଲ୍ଲୀ,୨୩।୫

ଗତ ୪ ମାସ ହେଲା ମୁଦ୍ରାସ୍ଫୀତି ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ନିର୍ଦ୍ଧାରିତ ହାରଠାରୁ ଉଚ୍ଚ ସ୍ତରରେ ରହୁଛି। ତେଣୁ ମହଙ୍ଗାଇ ବୃଦ୍ଧିକୁ ନିୟନ୍ତ୍ରଣରେ ଆଣିବା ଉଦ୍ଦେଶ୍ୟରେ ଆର୍‌ବିଆଇ ପକ୍ଷରୁ ଜୁନ୍‌ରେ ହେବାକୁ ଥିବା ମନିଟାରି ପଲିସି କମିଟି (ଏମ୍‌ପିସି) ବୈଠକରେ ରେପୋ ରେଟ୍‌ରେ ପୁଣି ବୃଦ୍ଧି ହେବାକୁ ଯାଉଛି। ଏ ସମ୍ପର୍କରେ ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ ସୋମବାର ସ୍ପଷ୍ଟ ସଙ୍କେତ ଦେଇଛନ୍ତି। ରେପୋ ରେଟ୍‌ରେ କେତେ ବୃଦ୍ଧି ଘଟିବ ସେ ସମ୍ପର୍କରେ ଦାସ କୌଣସି ସୂଚନା ଦେଇନାହାନ୍ତି। ତେବେ ରେପୋ ରେଟ୍‌ରେ ବୃଦ୍ଧି ଘଟି ତାହା କୋଭିଡ୍ ପୂର୍ବ ସ୍ତର ଅର୍ଥାତ୍ ୫.୧୫%ରେ ପହଞ୍ଚିବା ନେଇ ଯେଉଁ ସମସ୍ତ ଆକଳନ କରାଯାଇଛି ତାହା ମଧ୍ୟ ଠିକ୍ ନୁହେଁ ବୋଲି ସେ କହିଛନ୍ତି।

## ୨ ଦିନିଆ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୩।୫

ଚଳିତବର୍ଷ ମେ ୩୦ ଓ ୩୧ କ୍ରମାଗତ ୨ଦିନ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର କର୍ମଚାରୀମାନେ ଦେଶବ୍ୟାପୀ ଧର୍ମଘଟ କରିବେ । ବ୍ୟାଙ୍କସ୍ତରୀୟ ଦ୍ୱିପାକ୍ଷିକ ରାଜିନାମା ଓ ସେଣ୍ଟ୍ରାଲ ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ମାନ୍ୟତାପ୍ରାପ୍ତ ସର୍ବଭାରତୀୟ କର୍ମଚାରୀ ସଂଗଠନ ସହ କରିଥିବା ରାଜିନାମାଗୁଡ଼ିକୁ ଉଲ୍ଲଂଘନ କରି ବ୍ୟାଙ୍କର ୪୦୦୦ରୁ ଅଧିକ କିରାଣିଙ୍କୁ ମନମୁଖି ଭାବେ ଗଣବଦଳି, କର୍ମଚାରୀ ଓ ଅଫିସରମାନଙ୍କୁ ହଇରାଣହରକତ କରିବା, ୬୦୦ ବ୍ୟାଙ୍କ ଶାଖା ବନ୍ଦ କରିବା ପାଇଁ ଚେଷ୍ଟା, ଆଉଟସୋର୍ସିଂ କରି ଠିକା କର୍ମଚାରୀ ନିଯୁକ୍ତି, ବ୍ୟାଙ୍କର ଘରୋଇକରଣ ଉଦ୍ୟମ ବିରୋଧରେ ଓ ସର୍ବୋପରି କେନ୍ଦ୍ରୀୟ ଶ୍ରମ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ଶିଳ୍ପ ବିବାଦ ଆଇନର ୩୩ ଧାରାକୁ ଉଲ୍ଲଂଘନ କରିବା ବିରୋଧରେ ଏହି ଧର୍ମଘଟର ଡାକରା ଦିଆଯାଇଛି। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଥିବା ଏଆଇବିଇଏ, ଆଇଏବିଇଏଫ, ବିଇଏଫଆଇ, ଏନସିବିଇ ଓ ଏନଓବିଡବ୍ଲ୍ୟୁ ସଙ୍ଗଠନ ପକ୍ଷରୁ ଉପରୋକ୍ତ ଦାବିଗୁଡ଼ିକ ଉପରେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ମିଳିତ ଭାବେ ଧର୍ମଘଟର ନୋଟିସ୍ ଦିଆଯାଇଛି। ଓଡ଼ିଶାରେ ଏହି ଧର୍ମଘଟକୁ ସଫଳ କରିବା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କର ସମସ୍ତ କର୍ମଚାରୀଙ୍କୁ ଓ ଧର୍ମଘଟକୁ ନୈତିକ ସମର୍ଥନ କରିବା ପାଇଁ ଅଫିସର ସଙ୍ଗଠନଗୁଡ଼ିକୁ ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ୟୁନିୟନ ପକ୍ଷରୁ ସଭାପତି ପ୍ରଫୁଲ୍ଲ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଓଁକାର ମହାନ୍ତି ଏବଂ ନିଖିଳ ଓଡ଼ିଶା ସେଣ୍ଟ୍ରାଲ ବ୍ୟାଙ୍କ କର୍ମଚାରୀ ଆସୋସିଏଶନର ସାଧାରଣ ସମ୍ପାଦକ ସୁନୀଲ ମହାରଣା ନିବେଦନ କରିଛନ୍ତି।

### ଫୁର୍‌ସତ୍

# ବହୁପତ୍ନୀ ପ୍ରଥା ବନ୍ଦ



**ତାଲିବାନର ଘୋଷଣା**

**କାବୁଲ:** ଆଫଗାନିସ୍ତାନରେ ବହୁପତ୍ନୀ ପ୍ରଥା ବନ୍ଦ କରିବା ନେଇ ତାଲିବାନ ସରକାର ଘୋଷଣା କରିଛନ୍ତି। ସରକାରଙ୍କ ମତରେ ଏହା ଅଦରକାରୀ ଏବଂ ଦାମୀ ବ୍ୟାପାର ବୋଲି କୁହାଯାଇଛି। ଆଫଗାନିସ୍ତାନକୁ କଠୋରପନ୍ଥୀ ତାଲିବାନୀ ଅଧିକାର କରିନେବା ପରେ ଦେଶରେ ଆର୍ଥିକ ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ଫଳରେ ଅର୍ଥ ବଞ୍ଚାଇବା ପାଇଁ ଦେଶର ବହୁ ପ୍ରକାର ନୂଆ ନିୟମ ଲାଗୁ କରିଚାଲିଛନ୍ତି ବର୍ତ୍ତମାନର ତାଲିବାନ ସରକାର। ଅନେକ ଲୋକଙ୍କ ଚାକିରି ଚାଲିଯାଇଥିବା ସ୍ଥଳରେ ତାଲିବାନୀ ସରକାର ବିଭିନ୍ନ ସମୟରେ କଟକଣା ଲାଗୁ କରିବା ଦ୍ୱାରା ଦେଶବାସୀ ବହୁ ଅସୁବିଧାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ଦିନ ବିତିବା ସାଙ୍ଗକୁ ତାଲିବାନ ସରକାର ନିଜ ସୁବିଧା ପାଇଁ ଇସ୍‌ଲାମିକ୍ ଧର୍ମର ଦ୍ୱାହି ଦେଇ ନିୟମ ସବୁ ପରିବର୍ତ୍ତନ କରି ଚାଲିଛି। ବହୁପତ୍ନୀ ପ୍ରଥା ତାଲିବାନରେ ଅତି ସାଧାରଣ। ଦଳର ପ୍ରତିଷ୍ଠାତା ମୁଲ୍ଲାହ ମହମ୍ମଦ ଓମାରଙ୍କର ତିନି ସ୍ତ୍ରୀ ଥିଲେ। ସେମାନଙ୍କ ଭିତରୁ ଜଣେ ଓସାମା ବିନ୍ ଲାଡେନ୍‌ଙ୍କ ଝିଅ ଥିଲେ।

ଏହି ମୁସଲମାନ ଦେଶରେ ପ୍ରଚଳିତ ପଲିଗେମି ତଥା ବହୁପତ୍ନୀ ପ୍ରଥା ଉପରେ ରୋକ୍ ଲାଗିବା ସେଠାକାର ମହିଳାଙ୍କ ପାଇଁ ଉତ୍ତମ ସାବ୍ୟସ୍ତ ହେବ। ଇସ୍‌ଲାମିକ୍ ଧର୍ମ ଅନୁସାରେ ପୁରୁଷମାନେ ଅନ୍ୟୂନ ୪ଟି ମହିଳାଙ୍କୁ ବାହା ହୋଇପାରିବେ। ସିରିଆ ଲ' ଅଧୀନରେ ଥିବା ଇସ୍‌ଲାମିକ ଲ'ରେ ଉଲ୍ଲେଖ କରାଯାଇଛି ଯେ, ପୁରୁଷମାନେ ୪ଟି ପତ୍ନୀଙ୍କୁ ବିବାହ କରିପାରିବେ। ମୁସଲମାନ ସମ୍ପ୍ରଦାୟରେ ଝିଅମାନଙ୍କୁ ଘରେ ରଖିବା ଅପେକ୍ଷା ବାହା କରିଦେବା ଶ୍ରେୟ ବୋଲି ମଣାଯାଏ। ଏପରିକି ବିଧବା ମହିଳାମାନଙ୍କୁ ଦ୍ୱିତୀୟ ବିବାହ କରିବାର ଅଧିକାର ମଧ୍ୟ ରହିଛି। ବିନା ପୁରୁଷ ସହାୟତାରେ ମହିଳାମାନେ ସମାଜରେ ଚଳିପାରିବେ ନାହିଁ ବୋଲି ମୁସଲମାନ ସମ୍ପ୍ରଦାୟର ବିଶ୍ୱାସ। ଅନ୍ୟପଟେ ଘରେ ଏକାଧିକ ମହିଳା ରହିବା ଦ୍ୱାରା ଘରକାମ ସହଜ ହେବା ସହ ଅର୍ଥ ଉପାର୍ଜନରେ ମଧ୍ୟ ସ୍ୱାମୀଙ୍କୁ ସାହାଯ୍ୟ ମିଳିବ ବୋଲି ସେମାନେ କୁହନ୍ତି। ପୁରାତନ କାଳରେ ବହୁପତ୍ନୀ ପ୍ରଥା ଭାରତରେ ମଧ୍ୟ ଚାଲିଥିଲା। ବିଶେଷ କରି ରାଜା ଓ କ୍ଷାତନାମା ମୁସଲମାନ ବ୍ୟକ୍ତି ବିଶେଷ ଏକରୁ ଅଧିକ ସ୍ତ୍ରୀଙ୍କୁ ବାହା ହେଉଥିଲେ। ୨୦୧୫ରେ ସୁପ୍ରିମକୋର୍ଟ ବହୁ ପତ୍ନୀ ପ୍ରଥାକୁ ବେଆଇନ୍ ବୋଲି କହିଥିଲେ।

## କ୍ୟାରିୟର୍ ପାଇଁ ବଡ଼ ଉପଲବ୍ଧି



ଦୀପିକା ପାଦୁକୋନ

**ପ୍ୟାରିସ୍:** ଫ୍ରାନ୍ସରେ ଜାରି ଅଛି ଚଳଚ୍ଚିତ୍ର ଜଗତର ସବୁଠାରୁ ବଡ଼ ସମାରୋହ କୁହାଯାଉଥିବା କାନ୍ସ ଫେଷ୍ଟିଭାଲ୍। ଚଳିତ ବର୍ଷ ଦୀପିକା ପାଦୁକୋନ କାନ୍ସ ଫେଷ୍ଟିଭାଲ୍‌ରେ ଜ୍ୟୁରି ହୋଇଥିବାବେଳେ ଏହା ତାଙ୍କ କ୍ୟାରିୟରର୍ ସବୁଠାରୁ ବଡ଼ ଉପଲବ୍ଧି ବୋଲି ଦୀପିକା କହିଛନ୍ତି। ୨୦୧୭ରୁ ଏହି ବଲିଉଡ୍ ନାୟିକା କାନ୍ସ ସମାରୋହରେ ରେଡ୍ କାର୍ପେଟରେ ଚାଲିବା ଆରମ୍ଭ କରିଥିଲେ। କିନ୍ତୁ ଚଳିତ ବର୍ଷ ଏହା ତାଙ୍କ ପାଇଁ ଅତି ଖାସ୍ ବୋଲି ସେ କହିଛନ୍ତି। ଅଭିନେତା ତଥା ଫିଲ୍ମ ନିର୍ମାତା ରେବେକ୍କା ହାଲ୍, ନୂମି ରାପାକ୍, ଇଟାଲୀୟ ଅଭିନେତା ଜ୍ୟାସ୍‌ମିନ୍ ଟ୍ରିନ୍‌କା, ଅଶଘର ଫରହାଦି, ଲାଦ ଲି ଜେଫ୍ଫ ନିକୋଲ୍ସ ଏବଂ ଜାଓଚିମ୍ ଟ୍ରିୟର ପ୍ରମୁଖ ଚଳିତ ବର୍ଷ କାନ୍ସରେ ଜ୍ୟୁରି ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀପିକାଙ୍କ ପୂର୍ବରୁ ବିଦ୍ୟା ବଲାନ, ଐଶ୍ୱର୍ଯ୍ୟା ରାଏ ବଚ୍ଚନ, ନନ୍ଦିତା ଦାସ, ଶର୍ମିଳା ଟାଗୋର ଆଦି ପ୍ରମୁଖ କଳାକାର କାନ୍ସର ଜ୍ୟୁରି ହୋଇସାରିଛନ୍ତି। ଏହି ସମାରୋହରେ ଭାରତ ପକ୍ଷରୁ ପ୍ରଥମ ଜ୍ୟୁରି ମ୍ରିନାଲ ସେନ୍ ଥିଲେ। ବଙ୍ଗଳା ସାଙ୍ଗକୁ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସେ ଜଣେ ଜଣାଶୁଣା ଫିଲ୍ମ ନିର୍ମାତା ହେଉଛନ୍ତି ମ୍ରିନାଲ।

## ସଞ୍ଚିତ ଅର୍ଥରେ ସ୍ତ୍ରୀଙ୍କୁ ଦେଲେ ମୋପେଡ୍



**୯୦ ହଜାର ଜମା କରିବା ପାଇଁ ଲାଗିଲା ୪ ବର୍ଷ**

**ଭୋପାଳ:** ଭଲପାଇବାର ଅଦୃଶ୍ୟ ଡୋରରେ ମନୁଷ୍ୟ ବନ୍ଧା। ପ୍ରିୟଜନମାନଙ୍କୁ ଉପହାର ଦେଇ ଖୁସି କରେଇବାର ଅନୁଭୂତି ବେଶ୍ ନିଆରା। ମଧ୍ୟପ୍ରଦେଶ ଛିନ୍ଦହାରାର ଦିବ୍ୟାଙ୍ଗ ଭିକାରି ସନ୍ତୋଷ ସାହୁ ସ୍ତ୍ରୀ ମୁନି ସାହୁଙ୍କୁ ଏକ ମୋପେଡ୍ ( ଇଞ୍ଜିନ ଲାଗିଥିବା ସାଇକେଲ) ଗିଫ୍ଟ କରିଛନ୍ତି। ଏହି ସାଇକେଲର ଦାମ୍ ୯୦ ହଜାର ଟଙ୍କା ହୋଇଥିବାବେଳେ ସନ୍ତୋଷ ୪ ବର୍ଷ ଧରି ସଞ୍ଚୟ କରିଥିବା ଅର୍ଥରେ ଏହି ସାଇକେଲଟିକୁ କିଣି ସ୍ତ୍ରୀଙ୍କୁ ଭେଟି ଦେଇଛନ୍ତି। ସନ୍ତୋଷ ସାହୁଙ୍କ ଦୁଇ ଗୋଡ଼ କାମ କରୁ ନ ଥିବାବେଳେ ମିନା ତାଙ୍କୁ ଏକ ଟ୍ରାଇ ସାଇକେଲରେ ବସାଇ ଆମୱାରା ଗାଁ ସାରା ବୁଲି ଭିକ ମାଗନ୍ତି। ଭିକ୍ଷାବୃତ୍ତିରୁ ଯାହା ଉପାର୍ଜନ ହୁଏ ସେଥିରେ ଦୁହେଁ ସ୍ୱାମୀ, ସ୍ତ୍ରୀ ସୁରୁଖୁରୁରେ ଚଳିଯାନ୍ତି। ସନ୍ତୋଷଙ୍କୁ ସାଇକେଲରେ ବସାଇ ଠେଲି ଠେଲି ଏକାଧିକ କିଲୋମିଟର ବାଟ ଚାଲି ଚାଲି ବୁଲିବା କାରଣରୁ ଅନେକ ସମୟରେ ମିନାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥାଏ। ସ୍ତ୍ରୀଙ୍କ କଷ୍ଟକୁ କିଛିମାତ୍ରାରେ ଲାଘବ କରିବା ପାଇଁ ସନ୍ତୋଷ ଏହି ମୋପେଡ୍ କିଣିଥିବା କହିଛନ୍ତି। ବର୍ତ୍ତମାନ ଦୁହେଁ ଟ୍ରାଇ-ସାଇକେଲ ଛାଡ଼ି ମୋପେଡ୍‌ରେ ବୁଲି ବୁଲି ଭିକ ମାଗୁଛନ୍ତି। ମିନାଙ୍କୁ ଏବେ ଆଉ ଚାଲି ଚାଲି ଭିକ ମାଗିବାକୁ ପଡୁନାହିଁ। ତେବେ ସ୍ୱାମୀଙ୍କ ଉପହାରରେ ମିନା ଖୁବ୍ ଖୁସି ଥିବା କହିଛନ୍ତି ।

## ସ୍ୱର୍ଣ୍ଣ ପାନମ୍: ୨୪ କ୍ୟାରେଟ୍ ଏଡିବଲ୍ ଗୋଲ୍ଡ ଫ୍ଲେକ୍ ଚା'



**ଗୁଆହାଟୀ:** ତନ୍ଦୁରୀ, ମସଲା, ୟେଲୋ, ହର୍ବାଲ, ଆହୁରି ଅନେକ ଭେରାଇଟିର ଚା' ଆଜିକାଲି ବଜାରରେ ଉପଲବ୍ଧ। ଅନ୍ୟପଟେ ଦେଖିବାକୁ ଗଲେ ବର୍ତ୍ତମାନ ସମୟରେ ଯୁବପିଢ଼ିଙ୍କଠାରୁ ଆରମ୍ଭ କରି ବୃଦ୍ଧ ସମସ୍ତଙ୍କ କ୍ଷେତ୍ରରେ ଚା' ଗୋଟିଏ ଆବଶ୍ୟକତା ଭାବେ ଉଭା ହୋଇଛି। ତେବେ ଚା' ପ୍ରତି ଲୋକଙ୍କ ଏ ପ୍ରକାର ରୁଚିକୁ ଦୃଷ୍ଟିରେ ରଖି ଆସାମର ଜଣେ ଉଦ୍ୟୋଗୀ ୨୪ କ୍ୟାରେଟ୍ ଗୋଲ୍ଡଫ୍ଲେକ୍ ଚା' ତିଆରି କରିଛନ୍ତି। ଏହାର ନାମ ସ୍ୱର୍ଣ୍ଣ ପାନମ୍ ରଖାଯାଇଥିବାବେଳେ ଏହି ବିଶେଷ ପ୍ରକାର ଚାର ମୂଲ୍ୟ ରହିଛି ୨.୫ ଲକ୍ଷ। ଗୁଡ଼ ଓ କୋକୋଆ ଫ୍ଲେଭର୍ ଏହି ଚା'ରେ ରହିଛି। ଏହାର ବିଶେଷତ୍ୱ ହେଉଛି ଖାଦ୍ୟଭାବେ ଗ୍ରହଣ କରାଯାଇପାରୁଥିବା ଅସଲି ୨୪ କ୍ୟାରେଟ୍ ସୁନାରୁ ଏହା ପ୍ରସ୍ତୁତ। ଏହାପାଇଁ ଏକ ସ୍ୱତନ୍ତ୍ର ପ୍ରକାର ଟି ବ୍ଲେଣ୍ଡର୍ ରହିବା ସହ ଆସାମରେ ମିଳୁଥିବା ବ୍ଲାକ୍ ଟି, ମହୁ ସହ ବିଶେଷ ପ୍ରକାର ଚା' ପତ୍ର ଏଥିରେ ବ୍ୟବହାର କରାଯାଉଛି। ମେ ୨୧ରେ ପାଳିତ ଅନ୍ତର୍ଜାତୀୟ ଚା' ଦିବସ ଅବସରରେ ଏହି ସ୍ୱର୍ଣ୍ଣ ପାନମ ଲଞ୍ଚ କରାଯାଇଥିବାବେଳେ ଏହା ଭାରତରେ ପ୍ରସ୍ତୁତ ପ୍ରଥମ ଗୋଲ୍ଡ ଟି ଅଟେ। ଏକ ସ୍ୱତନ୍ତ୍ର ପ୍ରକାର ଡବାରେ ଗୋଲ୍ଡ ଟି'ର ସମସ୍ତ ସମଗ୍ରୀ ଉପଲବ୍ଧ। ୧୦୦ ଗ୍ରାମ୍ ବକ୍ସର ମୂଲ୍ୟ ୨୫ ହଜାର ଟଙ୍କା ରହିଛି।

# ହୀରାକୁଦ ଆଇଟିଆଇକୁ ବ୍ୟାଟେରି ଚାଳିତ ଗାଡ଼ି ରକ୍ଷଣାବେକ୍ଷଣ ଦାୟିତ୍ୱ



ହୀରାକୁଦ ଆଇଟିଆଇ କଲେଜ ଛାତ୍ରୀଛାତ୍ର।

**ସମ୍ବଲପୁର,୨୩।୫ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ଆଇଟିଆଇକୁ ବ୍ୟାଟରି ଚାଳିତ ଗାଡି ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଇଲେକ୍ଟ୍ରିସିଆନ ଓ ଡିଜେଲ ମେକାନିକ ଟ୍ରେଡର ତାଲିମ ଅଧିକାରୀମାନେ ତାଲିମ ନେଉଥିବା ପିଲାଙ୍କ ସହଯୋଗରେ ରକ୍ଷଣାବେକ୍ଷଣ ଅଥବା ମରାମତି କରିବେ। ଏହାଦ୍ୱାରା ପିଲାଙ୍କ ବୈଷୟିକ ଜ୍ଞାନର ବିକାଶ ହେବ। ଓଡ଼ିଶା ସରକାରଙ୍କ ସହରାଞ୍ଚଳ ବିକାଶ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମିଳିତ ଉଦ୍ୟମରେ ନିୟମିତ ବ୍ୟବଧାନରେ ସମ୍ପୃକ୍ତ ଟ୍ରେଡ ଥିବା ଆଇଟିଆଇଗୁଡିକରେ ଅନୁଷ୍ଠିତ ହୋଇଆସୁଛି। ଏହି କ୍ରମରେ ସମ୍ବଲପୁର ଏବଂ ବରଗଡ ଜିଲାର ପୌରପରିଷଦ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଆସୁଥିବା ସମସ୍ତ ବ୍ୟାଟେରି ଚାଳିତ ଗାଡିଗୁଡିକର ରକ୍ଷଣାବେକ୍ଷଣ ଦାୟିତ୍ୱ ହୀରାକୁଦ ଆଇଟିଆଇକୁ ମିଳିଛି। ତେଣୁ କିଛିଦିନ ହେଲା ତାଲିମଦାତା ଓ ଶିକ୍ଷାର୍ଥୀମାନେ ବେଶ୍ ଆଗ୍ରହର ସହିତ ଏହି ଯାନଗୁଡିକର ମରାମତି କରୁଛନ୍ତି।

# ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କଲେ ପରିବାରର ୬ଜଣ

## ସ୍ୱାଗତ କଲା ଲକ୍ଷେଘର ଗଣ୍ଡା ସମାଜ



ହିନ୍ଦୁଧର୍ମକୁ ପ୍ରତ୍ୟାବର୍ତ୍ତନ କରିଥିବା ସଦସ୍ୟଙ୍କୁ ସ୍ୱାଗତ କରାଯାଉଛି।

**ଖପ୍ରାଖୋଲ, ୨୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ତେଲେନପାଲି ପଞ୍ଚାୟତ ଅଣ୍ଡାଲମୁଣ୍ଡି ଗାଁରେ ଲକ୍ଷେଘର ଗଣ୍ଡା ସମାଜ ତରଫରୁ ତେଲେନପାଲି ଶାଖା ସଭାପତି ରାଜକିଶୋର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଅତିଥିଭାବେ ବ୍ଲକ ସଭାପତି ଛିନୁ ଟାକ୍ରି, ବ୍ଲକ ସମ୍ପାଦକ ମୋହନ ସୁନା, କୋଷାଧ୍ୟକ୍ଷ ତପିନ୍ଦ୍ର ସୁନା, ସୁମନ୍ତ ତନ୍ଦି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଯମୁନାପାଲି ଗାଁର ଗୋଟିଏ ପରିବାରର ୬ଜଣ ସଦସ୍ୟ ଏକ ନିର୍ଦ୍ଦିଷ୍ଟ ଧର୍ମରୁ ହିନ୍ଦୁଧର୍ମକୁ ରୀତିନୀତି ଅନୁସାରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଲକ୍ଷେଘର ଗଣ୍ଡା ସମାଜ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ କରାଯାଇଥିଲା। ଏ ଅନ୍ୟମାନଙ୍କ ମଧ୍ୟରେ ସତ୍ୟା ମହାନନ୍ଦ, ଦୁର୍ଯ୍ୟୋଧନ କୁମ୍ଭାର, ନୂତନ ସୁନା, ନୃପ ମହାନନ୍ଦ, ତୀର୍ଥ କୁମ୍ଭାର, ଅଳ୍ପ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଡ୍ରେନରେ ପଡ଼ି ଚା' ଦୋକାନୀ ଗୁରୁତର

**ଦେବଗଡ଼,୨୩।୫(ଡି.ଏନ.ଏ):** ସୋମବାର ସକାଳେ ମାଙ୍କଡ ଆକ୍ରମଣରୁ ବର୍ତ୍ତିବା ପାଇଁ ଜଣେ ଚା' ଦୋକାନୀ ଧାଇଁ ପଳାଉଥିବା ବେଳେ ଡ୍ରେନରେ ପଡି ଗୁରୁତର ଆହତ ହୋଇଛନ୍ତି। ଦେବଗଡ଼ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଚା' ଦୋକାନ ଦେଇଥିବା ଦେବଗଡ଼ ପୌରାଞ୍ଚଳ ୨ନମ୍ବର ୱାର୍ଡ ଭୂୟାଁସାହିର ପଞ୍ଚାନନ ମହାପାତ୍ର (୫୨) ସକାଳ ପ୍ରାୟ ୬ଟାରେ ଏକ ସାଇକେଲ ଯୋଗେ ନିଜ ଦୋକାନକୁ ବାହାରିଥିଲେ। ମାତ୍ର ସେ ଗୁରୁସାହି ଛକ ନିକଟରେ ପହଞ୍ଚିବାବେଳକୁ ମାଙ୍କଡ ଦଳ ତାଙ୍କୁ ସଂଘବଦ୍ଧ ଆକ୍ରମଣ ପାଇଁ ଗୋଡାଇଥିଲେ। ଫଳରେ ପଞ୍ଚାନନ ସାଇକେଲ ସହ ରାସ୍ତା ଉପରେ ପଡ଼ିଯିବା ସହ ଜୀବନ ବଞ୍ଚାଇବାକୁ ଧାଇଁ ପଳାଇବାକୁ ଉଦ୍ୟମ କରି ଏକ ଡ୍ରେନରେ ପଡ଼ିଯାଇଥିଲେ। ତେବେ ସ୍ଥାନୀୟ ଯୁବକମାନେ ଠେଙ୍ଗା ବାଡିଧରି ଧାଇଁ ଆସିବାରୁ ମାଙ୍କଡମାନେ ସେଠାରୁ ପଳାଇଥିଲେ। ଡ୍ରେନରେ ପଡି ପଞ୍ଚାନନଙ୍କ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହେବା ସହ ଅଣ୍ଟାରେ ମଧ୍ୟ ଗୁରୁତର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ଓ ସେ ଏବେ ମଧ୍ୟ ସେଠାରେ ଚିକିତ୍ସାଧିନ ଥିବା ଜଣାପଡିଛି।

# ଡୁମାଲ ସମାଜ ସାଂଗଠନିକ ବୈଠକ



ସାଙ୍ଗଠନିକ ବୈଠକରେ ମଞ୍ଚାସୀନ ଡୁମାଲ ସମାଜ କର୍ମକର୍ତ୍ତାମାନେ।

**ମୁରିବାହାଲ, ୨୩।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଡଙ୍ଗରପଡା ପଞ୍ଚାୟତ ଜାନିପଡା ମାହେଶ୍ୱରୀ ପୀଠରେ ଦନ୍ଦରାଚକ ଷାଠିଏ ଘର ଡୁମାଲ ସମାଜର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚକ ଅନ୍ତର୍ଗତ ସାହାଜପାଣି, ଦନ୍ଦରା, ଜାନିପଡା, ସାରସପଡା, ବାହାଡୁକି, ବ୍ରାହ୍ମଣୀ, କସାମାଲ, ରଜମରା, ଜାମୁଟ, ତେଲିପଦର, ଇନ୍ଦା, ଚାନୁଟମାଲ ଓ ଲରକା ଆଦି ୧୩ଖଣ୍ଡ ଗ୍ରାମ ଡୁମାଲ ସମାଜର ଜାତିଭାଇମାନେ ଉପସ୍ଥିତ ଥିଲେ। ମାହେଶ୍ୱରୀ ମନ୍ଦିରରେ ମାଙ୍କ ପୂଜାର୍ଚ୍ଚନା ଓ ଚାରାରୋପଣ ପରେ ବୈଠକ ଆରମ୍ଭ ହୋଇଥିଲା। ଅସ୍ଥାୟୀ କମିଟି ଦ୍ୱାରା ବୈଠକ ପରିଚାଳନା ପରେ ସର୍ବସମ୍ମତକ୍ରମେ ଚକର ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସଭାପତିଭାବେ ଭୋପାଳ ଚନ୍ଦ୍ର ମହାକୁର, ଉପସଭାପତି ରୁଦ୍ରାଧର ବସ୍ତିଆ, ସମ୍ପାଦକ ଫକୀର ମୋହନ ଖମାରୀ, ସହସମ୍ପାଦକ ଉତ୍ତମ ବସ୍ତିଆ, କୋଷାଧ୍ୟକ୍ଷ ଉମାକାନ୍ତ ଖମାରୀ ଓ ମିଡ଼ିଆ ପରାମର୍ଶଦାତାଭାବେ ଦୁର୍ଗାନନ୍ଦ ମହାକୁର ମନୋନୀତ ହୋଇଥିଲେ। କମିଟିକୁ ପ୍ରତ୍ୟେକ ଗ୍ରାମରୁ ମନୋନୀତ ଉପଦେଷ୍ଟାମଣ୍ଡଳୀ ଓ ସକ୍ରିୟ ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତିଙ୍କୁ ସ୍ୱତନ୍ତ୍ରଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଡଙ୍ଗରପଡା ସରପଞ୍ଚ ରାମଦାସ ମହାକୁର, ହୃଦାନନ୍ଦ କର୍ମୀ, କିରାତ ମହାକୁର, ହେମସାଗର ବସ୍ତିଆ, ମାଲିକ ମହାକୁର, ଶରତ ଅମାତ, ଘନଶ୍ୟାମ ଖମାରୀ, ବନବିହାରୀ ଖେତି, ପରମାନନ୍ଦ ବସ୍ତିଆ, ସତ୍ୟନାରାୟଣ କର୍ମୀ ପ୍ରମୁଖ ସହଯୋଗ କରିଥିଲେ। ନରେନ୍ଦ୍ର କରନ ଧନ୍ୟବାଦ ଅର୍ପଣ କରିଥିଲେ।

# ୬ ଟ୍ରାକ୍ଟରରୁ ୫୮ ହଜାର ଜରିମାନା ଆଦାୟ

ତେଲନଦୀରୁ ବାଲି ଚୋରା ଚାଲାଣ

**ସୋନପୁର,୨୩।୫(ନି.ପ୍ର.):** ତେଲ ନଦୀର ସୋନପୁର-ମନମୁଣ୍ଡା ବ୍ରିଜ୍ ତଳୁ ବାଲି ଚୋରା ଚାଲାଣ ହେଉଛି। ପ୍ରତ୍ୟହ ଟ୍ରାକ୍ଟର ଯୋଗେ ସୋନପୁର ଓ ବୌଦ୍ଧ ଜିଲାର ମନମୁଣ୍ଡା ଅଞ୍ଚଳକୁ ବାଲି ପରିବହନ କରାଯାଉଛି। ଏହି ଉତ୍ସ ନିଲାମ ହୋଇ ନଥିବା ବେଳେ ଅହୋରାତ୍ର ବାଲି ଚୋରାଚାଲାଣ ଯୋଗୁଁ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେଉଛି। ଏ ସମ୍ପର୍କରେ ଗତ ୨୦ତାରିଖରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ସୋନପୁର ତହସିଲ ପକ୍ଷରୁ ସୋମବାର ଚଢାଉ କରାଯାଇଥିଲା। ବାଲି ଚୋରାଚାଲାଣ କରୁଥିବା ୬ଟି ଟ୍ରାକ୍ଟର ଜବତ କରାଯିବା ସହ ମୋଟ ୫୮ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ତହସିଲଦାର ନବୀନ କିଶୋର ପାଢୀଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମେହେର, ରାଜସ୍ୱ ନିରୀକ୍ଷକ ସୁଧୀର ପାଣ୍ଡିଆ ପ୍ରମୁଖ ଚଢାଉରେ ସାମିଲ ହୋଇଥିଲେ। ତେବେ ରାଜସ୍ୱ ବିଭାଗ ଏହି ଉତ୍ସରୁ ବାଲି ଚୋରାଚାଲାଣ ରୋକି ପାରୁ ନ ଥିବାରୁ ପୋଲିସର ସହାୟତା ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## OFFICE OF THE MUNICIPAL COUNCIL, DHENKANAL

DHENKANAL (ODISHA), PIN - 759001
Tel. No. 06762-224401 (O), Fax No.: 06762-223355
E-mail: dhenkanalm.hud@gmail.com

No. 1474 Date: 23.05.2022

**NOTICE**

No. C-369: Sealed tenders earlier invited for the work "For Privatisation of Sanitation Work" in two Nos. of package i.e. Package 1 (Ward No. 1 to 10) & Package No. 2 (Ward No. 11 to 23) vide this office **Notice No. 1378/dated 13.05.2022** are hereby cancelled due to unavailable administrative ground.

Sd./- Executive Officer
Dhenkanal Municipality

OIPR-13146/11/0008/2223

## OFFICE OF THE EXECUTIVE ENGINEER RURAL WORKS DIVISION:BARGARH

**1st corrigendum to Tender Call Notice No. Online-Bgh-02 of 2022-23**

No.O-330:-

The following changes has been made to tender call notice No.Online-02 of 2022-23 –

1) The availability of tender online for bidding starts from 03.06.22 at 11.00 A.M. to 10.06.22 upto 5.00 P.M. instead of 27.05.22 at 11.00 A.M. to 06.06.22 upto 5.00 P.M.
2) The tender will be opened on 13.06.2022 at 11.00 A.M. instead of 08.06.2022 at 11.00 A.M.
3) In case of lottery, the lottery process will be conducted on 17.06.22 at 11.00 A.M. instead of 16.06.2022 at 11.00 A.M.

All other terms & conditions as laid down in the above tender call notice will remain unchanged.

Sd./- Executive Engineer, Rural Works Division, Bargarh
OIPR-25062/11/0005/2223

## GOVERNMENT OF ODISHA
## OFFICE OF NOTIFIED AREA COUNCIL ASKA, DIST-GANJAM

(H & U D Department)
E-procurement Notice
**BID IDENTIFICATION No: / 2022-23**
E-mail – askanac@gmail.com , Phone : 9437014135
Lt. No. 926 // Dt. 21.05.2022//

**No.C-365:**1. The Executive Officer, Notified Area Council, Aska, Dist-Ganjam invites Percentage Rate bids in Two Cover System in Online Mode for " SUPPLY OF SANITATION WORKERS ON OUTSOURCING BASIS THROUGH SERVICE PROVIDING AGENCY TO NOTIFIED AREA COUNCIL, ASKA, DIST-GANJAM covering all the 18 (Eighteen) nos. of wards as specified in the Detailed Tender Call Notice (DTCN) from the eligible class of service providers which is available at the odisha Govt. e-procurement system : www.tendersodisha.gov.in. for a period of 01 (one) year. 2. Date and time of Availability in portal : From 10.00 A.M. of dt. 22.05.2022. 3. Last date & time of submission of bids in the portal : 05.00 P.M. of dt. 05.06.2022. 4. Date of Opening of Technical & financial bids online : 06.06.2022 at 10.00 A.M. 5. Non- refundable Cost of Bid document : INR. 11,200/- (Rupees Ten Thousand plus GST @ 12% ). 6. Category of workers required : Unskilled to Highly skilled category covering sweepers/sweepress, Drivers & supervisors. 7. The Bidders have to participate in Online bidding only and further details can be seen from the Govt.portal. 8. Any Corrigendum / Addendum will be displayed in the website www.tendersodisha.gov.in only. 9. Name & address of the Officer inviting tender :

Executive Officer
Office of the Notified Area Council, Aska, Ganjam
Khambeswari Patna,Aska, Dist-Ganjam, Pin-761110
OIPR-13181/11/0002/2223

## ତହସିଲଦାରଙ୍କ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା

**ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ**

ସଂଖ୍ୟା ୯୭୭ ତାରିଖ: ୨୦.୦୫.୨୦୨୨

No.F–52:– ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ବଙ୍ଗୋମୁଣ୍ଡା ତହସିଲ ଅଧୀନରେ ଥିବା ପାଞ୍ଚଗୋଟି ସୈରାତ ଉତ୍ସର ଆଗାମୀ 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ୍ ସୂତ୍ରେ ଦେବା ପାଇଁ (ଦରଖାସ୍ତ ଶେଷ ତାରିଖ 31.05.2022) ଦରଖାସ୍ତ ଆହ୍ୱାନ କରାଯାଉଛି ।
ସୈରାତ ଉତ୍ସର ଲିଜ୍ ସମ୍ବନ୍ଧୀୟ ସମସ୍ତ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ **http://balangir.nic.in**ରେ ଉପଲବ୍ଧ ଅଟେ । ସବିଶେଷ ବିବରଣୀ ଏବଂ ଅନ୍ୟାନ୍ୟ ନିୟମାବଳୀ ଜାଣିବା ପାଇଁ ଇଚ୍ଛୁକ ବ୍ୟକ୍ତି ତହସିଲଦାର ବଙ୍ଗୋମୁଣ୍ଡାଙ୍କ କାର୍ଯ୍ୟାଳୟରେ ଯେକୌଣସି କାର୍ଯ୍ୟଦିବସରେ ଯୋଗାଯୋଗ କରିପାରିବେ ।

ସ୍ୱା./- ତହସିଲଦାର, ବଙ୍ଗୋମୁଣ୍ଡା
OIPR-24271/11/0002/2223

## OFFICE OF THE NOTIFIED AREA COUNCIL, ODAGAON

At/P.O.: Odagaon, Dist.- Nayagarh, PIN - 752081
Phone: 06753-260062, Email: nacodagaon@gmail.com

Letter No. 1027 Date: 23.05.2022

**Corrigendum to E-Procurement Notice No. NAC-ODG-07/2022-23**

No. C-370: Due to unavoidable circumstances the **Amount of work mentioned in the uploaded DTCN** in the Serial No. 18 in the e-procurement Notice No. NAC-ODG-07-2022-23 & Tender ID No. 2022_ORULB_77863_18 for the project "Repair, renovation, painting and completion of all community public toilets and loo at NAC, Odagaon., published on dated 23.05.2022 published in daily Odia Newspaper **SAKALA and DHARITRI, is to be corrected and read as Rs.437210.00 instead of Rs.4372010.00**.
All the other items, quantity, rate, amount, terms & conditions will reamin unchanged.

Sd./- Executive Officer, NAC, Odagaon
OIPR-13142/11/0010/2223

## ରାୟଗଡ଼ ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ଼

ପତ୍ର ସଂଖ୍ୟା: ୩୦୨୮ ତା: ୨୦।୦୫।୨୦୨୨

**ନୋଟିସ୍**

No. C-368: ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ଙ୍କ ନିର୍ଦ୍ଦେଶକ୍ରମେ, ରାୟଗଡ଼ ପୌରପରିଷଦ ଅନ୍ତର୍ଗତ ଅଞ୍ଚଳରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଥିଲା। Plastic Waste Management Rule (Amendment) ୨୦୨୧ ଅନୁସାରେ ୭୫ ମାଇକ୍ରୋନରୁ କମ୍ ଓଜନ ବିଶିଷ୍ଟ ପଲିଥିନ ଜରି, ପ୍ଲାଷ୍ଟିକ ଇତ୍ୟାଦି ଉତ୍ପାଦନ କରିବା ବା ଆମଦାନୀ କରିବା, ବିକ୍ରୟ କରିବା ବା ବିକ୍ରି କରିବା ଉଦ୍ଦେଶ୍ୟରେ ଗଚ୍ଛିତ ରଖିବା ଏବଂ ଏହାର ବ୍ୟବହାରକୁ ଆଇନ ଅନୁଯାୟୀ ନିଷିଦ୍ଧ କରାଯାଇଅଛି। ଆଇନ ଅମାନ୍ୟକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– କାର୍ଯ୍ୟନିର୍ବାହୀ ଅଧିକାରୀ
ରାୟଗଡ଼ ପୌରସଂସ୍ଥା
OIPR-13150/11/0007/2223

## OFFICE OF THE DIVISIONAL FOREST OFFICER BALASORE WILDLIFE DIVISION, BALASORE

At/P.O.: Kuruda, Dist.- Balasore, PIN - 756056
Ph.: 06782-256142, Mob. No. 9853489037
email id: dfo.balasorewl@odisha.gov.in

**TENDER CALL NOTICE NO. 02/2022-23**

No. MM-35: Sealed tenders are invited from intending contractors/firms having valid contractor licence of Class-B & C for similar nature of works, GSTIN and PAN for digging of pits of size 45cm × 45cm × 45cm or 30cm × 30cm × 30cm in different plantation sites under different schemes during 2022-23.
The application form of tender containing Genral Bid Information and terms and conditions will be available in the website **www.baleswar.nic.in** and can also be obtained from the Junior Accountant, Accounts Section, Office of the Divisional Forest Officer, Balasore Wildlife Division on transaction details showing payment of Rs.1000/- (Rupees one thousand) only payable in favour of **DFO, Balasore Wildlife Division** towards participation cost/tender cost in the tender process. The amount of Rs.1000/- towards tender cost/participation cost in the process is non-refundable. The tender documents downloaded from website and submitted must be accompanied by the deposit of tender cost of Rs.1000/- (Rupees one thousand) in shape of Bank Draft, failing the bidding in tender process is liable for rejection.
The tender will be received though online in email ID **dfo.balasorewl@odisha.gov.in** only till 1.00 P.M. of 27.05.2022 and will be opened by the tender committee of the Office of the Divisional Forest Officer, Balasore Wildlife Division on 31.05.2022. The result of the tender will be published on 01.06.2022 itself. **If two or more valid tenderers are in equal quoted rate then transparent lottery will be held on Dtd.01.06.2022 at 11.00 A.M. in the Office of the Divisional Forest Officer, Balasore Wildlife Division in presence of the contractor of their authorized agents.**
In case any bidder is not able to submit tender documents online due to any sort of unforeseen technical fault he/she may submit the same in the Tender Box kept in the Office with Junior Accountant, Accounts Section of the office or may send to the office of the Divisional Forest Officer, Balasore Wildlife Division, At/P.O.- Kuruda, Dist.- Balasore, PIN - 756056 via Speed Post/Regd. Post/Courier Service etc. so as to reach the undersigned on or before 1.00 P.M. of 27.05.2022.
For more details please visit **www.baleswar.nic.in**.

Sd./- Divisional Forest Officer
Balasore Wildlife Division
OIPR-08036/11/0004/2223

## Government of India
## Office of the Addl. Director of Income-tax (Inv.),Unit-2

Aayakar Bhawan Annexe, 5th Floor, Bhubaneswar-751007
Telephone No-0674-2589212, Email:Bhubaneswar.addldit.inv2@incometax.gov.in
F.No.Addl.DIT(Inv), U-2/BBSR/Election/2022-23/921 Dated: 23.05.2022

**PUBLIC NOTICE**

In pursuance of orders received from Election Commission of India, General public is hereby informed that an Election Expenditure Monitoring (EEM) team for the forthcoming bye-election to 06-Brajarajnagar Asssembly Constituency, 2022 has been set up at EEM Control Room, MR-4, Jagannath Mandir Colony, Budharaja, Sambalpur, Pin-768004 constituting the following officer/officials with immediate effect till the date of declaration of result.

| Sl. No. | Headquarters | Name and designation of Sub-Nodal Officer | Mobile Number | Name and designation of officials | Mobile Number |
|---|---|---|---|---|---|
| 1 | EEM Control Room, MR-4, Jagannath Mandir Colony, Budharaja, Sambalpur, Pin-768004 | Bhupesh Gautam ADIT(Inv), Sambalpur | Mob:- 9474519746 | Mukteswar Pradhan,IIT | 9778190767 |
| | | | | Arjendu Biswal, IIT | 9438917310 |
| | | | | Jitendra Kumar Meena, Sr.TA | 9438917864 |
| | | | | Prakash Chandra Pradhan, Sr TA | 9438917838 |

Any untoward cash transactions or movements related to the election may please be informed to the above mentioned team members for further necessary action as per the provisions of the Income-tax Act, 1961.

Sd./- (Dipi Agrawal, IRS)
Addl.Director of Income Tax (Inv.)
Unit-2, Bhubaneswar & Nodal Officer (EEM), Bye Election
06-Brajarajnagar Assembly Constituency

## DISTRICT PROJECT OFFICE SAMAGRA SHIKSHA,SUNDARGARH

E-mail ID:dpcsndgssa.opepa@nic.in
ଓଡ଼ିଶା ସରକାର
GOVERNMENT OF ODISHA
DISTRICT PROJECT OFFICE
SAMAGRA SHIKSHA,SUNDARGARH
"e" Procurement Notice
Bid Identification No.DPC/SS/SNG/09 of 2022-23
Letter No.2687/Civil/Date:21/May/2022

| | | | |
|---|---|---|---|
| 1 | District Project Co-ordinator, Samagra Shiksha, Sundargarh on behalf of Governor of Odisha inviting percentage rate bid in Double cover system on ON-LINE mode from eligible contractors with valid licenses for "Improvement of Infrastructure (Civil+Electrical+PH+Renovation) in the Schools" as detailed in DTCN. | | |
| 2 | Nature of Work | : | Improvement of infrastructure (Civil+Electrical+PH+Repair & Renovation) in the Schools. |
| 3 | No. of Works | : | 60 (Sixty Nos.) |
| 4 | Cost of Tender Paper | : | Rs.10,000/- |
| 5 | Class of Contractor | : | "B" & "A" in 46 Projects/ "A" & "Special" in 12 projects/ "Special" & "Super" in 2 projects. |
| 6 | Availability of bid document in the website | : | From 09.00 Hours of date 26.05.2022 to 18.00 Hours of date 10.06.2022 |
| 7 | Date of Opening of Bid | : | 09.00 A.M. on dt.13.06.2022 |
| 8 | The bidders have to participate in ONLINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

Sd./- District Project Co-ordinator
Samagra Shiksha, Sundargarh

## BERHAMPUR MUNICIPAL CORPORATION

No.5682 Date:21.05.22

**NOTICE INVITING REQUEST FOR PROPOSAL**

**No.C-363:**Sealed this Request for Proposal (RFP) document are invited in double Bid system from Outsourcing/Techno Managerial Agency for Outsourcing of Techno Managerial Personnel at Govt. Health Institutions in BeMC. The detailed terms & conditions are available at our official website www.berhampur.gov.in. The Last date of receipt of Tender in this office by 04.06.2022 at 5:00 PM. The bid will be opened on 06.06.2022 at 11:00 AM in the office chamber of undersigned.

The authority reserves the right to accept or reject any Request for Proposal (RFP) document without assigning any reason thereof.

Sd./- Commissioner
Berhampur Municipal Corporation
OIPR-13035/11/0011/2223

## WATCO
## OFFICE OF THE CHIEF EXECUTIVE OFFICER, WATCO

Ground Floor, Unnati Bhawan
H.B. Colony, Satyanagar, Bhubaneswar-751007,Odisha, India
Telefax: - +91-674-2391444,
E-mail - mail@watcoodisha.in, md@watcoodisha.in

No.C-358: **INVITATION FOR BID (IFB)**

Bid Identification No. WATCO (W) - 08/2022-23 Dtd.21.05.2022
WATCO No.2054, Date: 21.05.2022

1. Name of the work : 1.Supply, Installation, testing commissioning of variable frequency Drive including POC & OFC at 129 MLD WTP in related to 24x7 water supply of Cuttack City.
   2. Supply, Installation, testing commissioning of variable frequency Drive with master PLC & OFC cable for 8.00 MLD WTP at Pratap nagari related to 24x7 Water supply to ward no. 56,57 & 59 CMC, Cuttack.
2. Estimated cost :- (1).Rs. 818.85 Lakh (2) Rs.140.55 Lakh
3. Period of completion :- 9 (Nine) Months.
4. Date & time of availability of bid document in the portal :- From 11.00 AM of Dt.27.05.2022 to 5.00 PM of 08.06.2022
5. Last date / time of receipt of bids in the portal :- 5.00 PM of 08.06.2022.
6. Date & time of opening of technical bids :- 12.30 PM of 09.06.2022.
7. Name and address of the Officer Inviting Bid :- CEO, WATCO Telefax:-0674-2391444. E-Mail:mail@watcoodisha.in md@watcoodisha.in
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

Sd./- (CEO), WATCO
OIPR-13194/11/0021/2223

## COLLECTORATE, MALKANGIRI (ST & SC DEV.SECTION)

(At-New Collectorate Building, Malkangiri-764045)
(Email ID:mkgdwo@gmail.com)

Memo No.1344/2022 Date:23.05.2022

**Expression of Interest (EoI) for Empanelment of Partner FNGOs to Facilitate "Urban Education Program- ANWESHA"**

Expression of Interest(EoI) is hereby invited from Facilitating Non-Govt. Organization(FNGO) with prior experience in facilitating education programme for empanelment as Partner NGO for providing support to **"Urban Education Program- ANWESHA"** implementation for academic improvement of the empanelled children in Malkangiri District.

Interested FNGOs can access and download details of Terms of References (ToR) for "FNGO Empanelment under SSD Department" from the official website of Malkangiri District www.malkangiri.nic.in. EoI with required documents in separate sealed covers for Malkangiri District should be submitted to the **"District Welfare Office, Malkangiri" through Speed post/ Registered Post only. A non-refundable processing fee of Rs.2000/- (Rupees Two thousand only) in the form of account payee demand draft drawn in favour of the " District Welfare Officer, Malkangiri and payable at State Bank of India, Malkangiri"** should be submitted alongwith the EoI. The sealed envelope should be super-scribed as **"Expression of Interest (EoI) for empanelment of FNGO for Anwesha Scheme.**

**Last date of submission of EoI: 10-06-2022**

The undersigned reserves the right to cancel/alter the advertisement and to reject any or all the EoI without assigning any reason thereof.

Sd./- Collector & District Magistrate
Malkangiri

**ମଙ୍କିପକ୍ସ ରୂପ ବଦଳାଇବା ପ୍ରମାଣ ନାହିଁ: ଡବ୍ଲ୍ୟୁଏଚ୍‌ଓ**

ମଙ୍କିପକ୍ସ ଏବେ ୧୨ରୁ ଅଧିକ ଦେଶକୁ ସଂକ୍ରମିତ ହୋଇଥିବାବେଳେ ଏହି ଭୂତାଣୁ ରୂପ ବଦଳାଇବାର କୌଣସି ପ୍ରମାଣ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପାଖରେ ନାହିଁ। ପଶ୍ଚିମ ଓ କେନ୍ଦ୍ରୀୟ ଆଫ୍ରିକାରେ ସଂକ୍ରମିତ ହେଉଥିବା ଏହି ଭୂତାଣୁରେ ପରିବର୍ତ୍ତନର ଲକ୍ଷଣ ଦେଖାଯାଇ ନ ଥିବା ଡବ୍ଲ୍ୟୁଏଚ୍‌ଓର ବରିଷ୍ଠ କାର୍ଯ୍ୟନିର୍ବାହୀ ରୋସାମୁଣ୍ଡ ଲେୱିସ୍ କହିଛନ୍ତି। ୟୁରୋପ ଓ ଉତ୍ତର ଆମେରିକୀୟ ଦେଶରେ ଶତାଧିକ ମଙ୍କିପକ୍ସରେ ଆକ୍ରାନ୍ତ ହେଲେଣି।



## ସଂକ୍ଷେପରେ

### ବଟି ମାଗି ୫ ଗିରଫ

**କଟକ ସଦର, ୨୩।୫(ଡି.ଏନ୍.ଏ.):** ଜଣେ ଘରୋଇ କମ୍ପାନୀର କର୍ମଚାରୀଙ୍କୁ ଦାଦା ବାଟି ମାଗିବା ଅଭିଯୋଗରେ ୪୨ ମୌଜା ଥାନା ପୋଲିସ ୫ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ବ୍ରହ୍ମପୁରଡିହ ଭୋଇ ସାହିର ପ୍ରମୋଦ ଭୋଇ(୩୩), ମୁକେଶ ଭୋଇ(୨୭), ସୁଶାନ୍ତ ଭୋଇ(୩୮), ଶ୍ରୀରାମ ଗ୍ରାମର ପିଣ୍ଟୁ ରାଉତ(୩୦) ଓ ସୁଧୀର ଆଚାର୍ଯ୍ୟ (୨୩)। ଏ ନେଇ ପୋଲିସ ଏକ ମାମଲା(ନଂ.୯୨/୨୨) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଶ୍ରୀରାମ ଗ୍ରାମରେ ଥିବା ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା କଦମପଡ଼ା ଗ୍ରାମର କାଳନ୍ଦୀ ସ୍ୱାଇଁ ଥିଲେ। ରବିବାର ସନ୍ଧ୍ୟାରେ ଅଚାନକ ୬ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଦାଦାବଟି ମାଗିଥିଲେ। କିନ୍ତୁ କାଳନ୍ଦୀ ବିରୋଧ କରିବାରୁ ଦୁର୍ବୃତ୍ତମାନେ ଖଣ୍ଡା ଦେଖାଇ ଭୟଭୀତ କରି ଜବରଦସ୍ତ କ୍ୟାଶ କାଉଣ୍ଟରରୁ ଟଙ୍କା ନେଇ ପଳାଇଯାଇଥିଲେ। ଏ ନେଇ କର୍ମଚାରୀ କାଳନ୍ଦୀ କମ୍ପାନୀ ମାଲିକଙ୍କୁ ଜଣାଇବା ସହ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା।

### ଟ୍ରକକୁ ପିଟିଲା ବସ୍: ୭ ଆହତ, ଜଣେ ଗୁରୁତର

**ଭଣ୍ଡାରିପୋଖରୀ/ଭଦ୍ରକ ଅଫିସ, ୨୩।୫:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଭଣ୍ଡାରିପୋଖରୀ କହରାପୋଖରୀଠାରେ ସୋମବାର ମଧ୍ୟାହ୍ନରେ ଏକ ବସ୍ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ମୋଟ ୭ ଜଣ ଯାତ୍ରୀ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଗୁରୁତର ଅଛନ୍ତି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ବାଲେଶ୍ୱର ଅଭିମୁଖେ ଆସୁଥିବା ବସ୍‌ଟି ସମ୍ମୁଖରେ ଯାଉଥିବା ଏକ ଟ୍ରକ୍‌କୁ ପଛପଟୁ ଧକ୍କା ଦେଇଥିଲା। ଆହତ ଯାତ୍ରୀମାନଙ୍କୁ ପ୍ରଥମେ ଭଣ୍ଡାରିପୋଖରୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅନ୍ୟ ଆହତମାନେ ପଳାଇ ଯାଇଥିବା ବେଳେ ଗୁରୁତର ଥିବା ଭଦ୍ରକ ବ୍ଲକ ଜାଗୁଲିସାହି ଚୂଡ଼ାକୁଟି ଗ୍ରାମର ପୀତବାସ ରାଉତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

### ଆମ୍ବୁଲାନ୍ସରେ ମହିଳାଙ୍କୁ ଅସଦାଚରଣ

**ଭଦ୍ରକ ଅଫିସ, ୨୩।୫:** ଭଦ୍ରକ ଟାଉନ ଥାନା ଅଧୀନ ବଙ୍କସାହି ଅଞ୍ଚଳର ଜଣେ ମହିଳାଙ୍କୁ ୧୦୮ ଆମ୍ବୁଲାନ୍ସରେ ଫାର୍ମାସିଷ୍ଟ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ଉକ୍ତ ମହିଳା ଓ ତାଙ୍କ ସ୍ୱାମୀ ସୋମବାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଗତ ୨ ତାରିଖରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ଆମ୍ବୁଲାନ୍ସ କଟକ ମେଡିକାଲକୁ ନେଉଥିବା ବେଳେ ଫାର୍ମାସିଷ୍ଟ ଅସଦାଚରଣ କରିଥିଲେ। ତାଙ୍କ ସ୍ୱାମୀ ପ୍ରତିବାଦ କରିବାରୁ ସେ ଚିକିତ୍ସା କରୁଥିବା କହିବା ସହ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ତାଙ୍କ ସ୍ୱାମୀ କଟକ ମେଡିକାଲସ୍ଥିତ ପୋଲିସ ଫାଣ୍ଡିରେ ଅଭିଯୋଗ କରିବାରୁ ଫାର୍ମାସିଷ୍ଟ ଜଣଙ୍କ ଫେରାର ହୋଇଯାଇଥିଲେ। ପରେ ଗତ ୮ ତାରିଖରେ ଭଦ୍ରକ ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିବା ସେ କହିଛନ୍ତି। ନ୍ୟାୟ ନ ମିଳିଲେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ଏସୁଧୀର କୁମାର ବେରା

ଠିକଣା: ସତସିଂହ, ବଣିଆପାଟ, ପୋ/ଜିଲା: କେନ୍ଦୁଝର-୭୫୮୦୦୧, ଓଡ଼ିଶା
ଆବିର୍ଭାବ: ୦୩।୦୪।୧୯୪୬
ତିରୋଧାନ: ୨୪।୦୫।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ ପରିବାର:-
ଗୀଟୁନ୍, ଅମିତା, ନିଶୀଥ ଓ ସୁଷମା।
ଧ-୫୪୭


# ବରଗଛ ମୂଳେ ବ୍ୟାଙ୍କ ସେବା

## ଗ୍ରାମାଞ୍ଚଳରେ ନେଟ୍‌ୱର୍କ ସମସ୍ୟା

**ପଟ୍ଟାଙ୍ଗୀ୨୩।୫(ଡି.ଏନ.ଏ.)**

ବର୍ତ୍ତମାନ ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟ ଅନ୍‌ଲାଇନ ମାଧ୍ୟମରେ ହେଉଛି। ଟେଲି ନେଟୱାର୍କ ସୁବିଧା ଥିବା ଅଞ୍ଚଳରେ ସମସ୍ତ କାର୍ଯ୍ୟ ସୁରୁଖୁରୁରେ ହେଉଛି। କିନ୍ତୁ ନେଟୱର୍କ ନ ଥିବା କିମ୍ବା ସମସ୍ୟା ଉପୁଜୁଥିବା ଅଞ୍ଚଳରେ ଲୋକଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ବିଶେଷକରି ସୀମାନ୍ତ ଜିଲାଗୁଡ଼ିକର ଗ୍ରାମାଞ୍ଚଳରେ ଏହି ସମସ୍ୟା। ବ୍ୟାଙ୍କକୁ ଭତ୍ତା ଟଙ୍କା ନେବାକୁ ଆସି ହିତାଧିକାରୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର ଦେଓପଟ୍ଟାଙ୍ଗୀ ପଞ୍ଚାୟତ ଏହାର ଏକ ଉଦାହରଣ।

ଉକ୍ତ ପଞ୍ଚାୟତ ବ୍ଲକ ସଦର ମହକୁମାରୁ ୮ କିଲୋମିଟର ଦୂରରେ ରହିଛି। ପଞ୍ଚାୟତରେ ନେଟୱର୍କ ସୁବିଧା ନ ଥିବାରୁ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ ବେଳେ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ଜରୁରୀ କାର୍ଯ୍ୟ ସମୟରେ ପଞ୍ଚାୟତ କାର୍ଯ୍ୟ ସଲପଗୁଡା ତଥା କରଞ୍ଜଗୁଡା ଛକରେ ଥିବା ବରଗଛ ମୂଳେ ହୋଇଥାଏ। ଏଠାରେ ଲୋକଙ୍କ ଭିଡ ଜମିଥାଏ। ଏବେ ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ସଞ୍ଚୟ ଖାତାକୁ ଆସୁଛି। ଦେଓପଟ୍ଟାଙ୍ଗୀ ପଞ୍ଚାୟତରେ ନେଟୱର୍କ ସୁବିଧା ନ ଥିବାରୁ ପଞ୍ଚାୟତ ପାଇଁ ଏକ କିଓସ୍କି ବ୍ୟାଙ୍କ ସୁବିଧା କରାଯାଇଛି। ତେବେ ନେଟ୍‌ୱର୍କ ସମସ୍ୟା ହେତୁ ବ୍ୟାଙ୍କର କୌଣସି କାର୍ଯ୍ୟ ହୋଇପାରୁନାହିଁ। ଫଳରେ ପ୍ରତ୍ୟେକ ଦିନ



ଗଛ ମୂଳେ ଚାଲିଥିବା ବ୍ୟାଙ୍କ ସେବା।

ଏହି ବ୍ୟାଙ୍କର ଜଣେ ମହିଳା କର୍ମଚାରୀ ଉପରୋକ୍ତ ଛକରେ ଥିବା ବରଗଛ ତଳେ ନେଟୱର୍କ ଆସୁଥିବା ସ୍ଥାନରେ ବସି କାମ କରୁଥିବା ଦେଖିବାକୁ ମିଳୁଛି। ହିତାଧିକାରୀ ପହଞ୍ଚି ଭତ୍ତା ଟଙ୍କା ନେବା ସହ ନିଜ ସଞ୍ଚୟ ଖାତାରେ ଭତ୍ତା ଟଙ୍କା ସମ୍ପର୍କିତ ବିବରଣୀ ପାଇଁ ଭିଡ ଜମାଇଥାନ୍ତି। ଏପରି ସମସ୍ୟା ପଞ୍ଚାୟତରେ ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ଲାଗି ପ୍ରଶାସନିକ ସ୍ତରରେ କୌଣସି ଉଦ୍ୟମ ହେଉନାହିଁ। ଏ ସମ୍ପର୍କରେ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଜିଲାପାଳଙ୍କ ସହ ଆଲୋଚନା କରି ନେଟୱର୍କ ସମସ୍ୟା ସମାଧାନ କରିବି ବୋଲି ପ୍ରକାଶ କରିଛନ୍ତି। ଏନେଇ ସରପଞ୍ଚ ନରେନ୍ଦ୍ର ବଡନାୟକଙ୍କୁ ପଚାରିବାରୁ ସେ କହିଲେ ନିକଟରେ ପଞ୍ଚାୟତକୁ ଗସ୍ତରେ ଆସିଥିବା ଏମ୍‌ପି ସପ୍ତଗିରି ଉଲାକାଙ୍କୁ ଭେଟି ଏହି ନେଟୱର୍କ ସମସ୍ୟା ସମ୍ପର୍କରେ ଜଣାଇଛି। ଏଠାରେ ଏକ ଟାୱାର ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିବା ବଡନାୟକ କହିଛନ୍ତି।

# ଶରୀର ଦାନ ପାଇଁ ନେଲେ ସଙ୍କଳ୍ପ



ଶରୀର ଦାନ ପାଇଁ ଚୁକ୍ତି ସ୍ୱାକ୍ଷର କରୁଛନ୍ତି।

## ନିଆରା ଢଙ୍ଗରେ ବିବାହର ସୁବର୍ଣ୍ଣ ଜୟନ୍ତୀ ପାଳନ

**ସମ୍ବଲପୁର, ୨୩।୫(ବ୍ୟୁରୋ)**

ସମ୍ବଲପୁରର ଏକ ଦମ୍ପତି ନିଜ ବିବାହର ସୁବର୍ଣ୍ଣ ଜୟନ୍ତୀ ନିଆରା ଢଙ୍ଗରେ ପାଳନ କରିଛନ୍ତି। ମୃତ୍ୟୁ ପରେ ଶରୀର ଦାନ ପାଇଁ ଚୁକ୍ତି କରି ସମାଜ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ସେ ହେଲେ ସମ୍ବଲପୁର ପଟ୍ଟନାୟକ ପଡ଼ାର ରାଧାମାଧବ ବହିଦାର। ନିଜ ବିବାହର ସୁବର୍ଣ୍ଣ ଜୟନ୍ତୀ ବର୍ଷକୁ ସ୍ମରଣୀୟ କରିବାକୁ ଯାଇ ସେ ଶରୀର ଦାନ ପାଇଁ ସଙ୍କଳ୍ପ କରି ସୋମବାର ଇଚ୍ଛାପତ୍ର ସ୍ୱାକ୍ଷର କରିଛନ୍ତି। ବୁର୍ଲା ଭିମ୍‌ସାରରେ ମେଡିକାଲ ଛାତ୍ରୀଛାତ୍ରଙ୍କ ଅଧ୍ୟୟନ ପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। ରାଧାମାଧବ ପ୍ରଥମେ ସମ୍ବଲପୁର ସହରରେ ଶରୀର ଦାନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଉତ୍ସର୍ଗ' ସହ ଯୋଗାଯୋଗ କରିଥିଲେ। ପରେ ଏଥିପାଇଁ ଉଦ୍ଦିଷ୍ଟ ଆଇନଗତ ଇଚ୍ଛାପତ୍ରରେ ସ୍ୱାକ୍ଷର କରି ଉତ୍ସର୍ଗ ସଙ୍ଗଠନକୁ ପ୍ରଦାନ କରିଛନ୍ତି। ସମ୍ବଲପୁର ସହରରେ ନିଜ ବିବାହର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ତାଙ୍କର ଏପରି ଏକ ମହତ୍ କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି। ଏହାଦ୍ୱାରା ଏକ ନୂଆ ପରମ୍ପରା ସହ ଜନଜାଗରଣ ସୃଷ୍ଟି ହେବ ବୋଲି ଆଶା କରାଯାଉଛି।

# 'ଆଦିମ ଜନଜାତି ସଂସ୍କୃତିର ମୌଳିକତା ବଜାୟ ରହିଛି'




ମହୋତ୍ସବରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଓ ଅତିଥିମାନେ।

## ଆରମ୍ଭ ହେଲା ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ

- ଜନଜାତି ନୃତ୍ୟରେ ମତୁଆଲା ହେଲେ ଦର୍ଶକ
- ଆସନ୍ତା ବର୍ଷରୁ ଜାତୀୟ ସ୍ତରୀୟ ମହୋତ୍ସବ ପାଇଁ ପ୍ରୟାସ

**ଭୁବନେଶ୍ୱର, ୨୩।୫ (ବ୍ୟୁରୋ)**

ଆଦିମ ଜନଜାତିଙ୍କ ପାରମ୍ପରିକ ନୃତ୍ୟରେ ପ୍ରକମ୍ପିତ ହେଉଥିଲା ପ୍ରେକ୍ଷାଳୟ। ବଣ୍ଡା ଜନଜାତିଙ୍କ ଚଇତି ନୃତ୍ୟ, କୁଟିଆ କନ୍ଧଙ୍କ ଡାପ ନୃତ୍ୟ, ଡଙ୍ଗରିଆ କନ୍ଧଙ୍କ ବେଜୁନି ନୃତ୍ୟ, ଲାଞ୍ଜିଆ ସଉରାଙ୍କ କାନ୍ଦୁଲ ନୂଆ ଆଦି ବିଭିନ୍ନ ନୃତ୍ୟର ତାଳେ ତାଳେ ମତୁଆଲା ହୋଇଥିଲେ ଦର୍ଶକ। ଅବସର ଥିଲା 'ରାଜ୍ୟସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବ'ର ଉଦ୍‌ଘାଟନ ପର୍ବ। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ପକ୍ଷରୁ ସୋମବାର ରବୀନ୍ଦ୍ର ମଣ୍ଡପଠାରେ ଏହି ମହୋତ୍ସବକୁ ବିଭାଗର ପ୍ରମୁଖ ଶାସନ ସଚିବ ରଞ୍ଜନା ଚୋପ୍ରା ଉଦ୍‌ଘାଟନ କରି କହିଲେ, ଆଦିମ ଜନଜାତିଙ୍କ ସଂସ୍କୃତିର ସଂରକ୍ଷଣ ଓ ମୌଳିକତା ବଜାୟ ରହିଛି। ସେମାନଙ୍କ ନୃତ୍ୟ ଓ ସଂଗୀତ ପରିବେଶ ସହିତ ଜଡ଼ିତ। ଆଦିମ ଜନଜାତି ସଂସ୍କୃତିର ସଂରକ୍ଷଣ କରିବା ଆମର ପ୍ରମୁଖ ଲକ୍ଷ୍ୟ। ଏହି ପରିପ୍ରେକ୍ଷୀରେ ଆସନ୍ତା ବର୍ଷଠାରୁ ଜାତୀୟ ସ୍ତରୀୟ ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଆୟୋଜନ କରିବାକୁ ପ୍ରୟାସ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସମ୍ମାନିତ ଅତିଥି ଭାବେ ଓଡ଼ିଶା ଆଦିମ ଜନଜାତି ସଶକ୍ତୀକରଣ ଓ ଜୀବିକା ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ପି. ଅର୍ଥନାରୀ ଯୋଗଦେଇ, ଆଦିମ ଜନଜାତିଙ୍କ ଅନନ୍ୟ ନୃତ୍ୟଶୈଳୀ ଯେପରି ସମସ୍ତଙ୍କ ପାଖରେ ପହଞ୍ଚିପାରିବ ସେଥିପାଇଁ ପ୍ରୟାସ ଜାରି ରଖାଯାଇଛି ବୋଲି କହିଥିଲେ। ଏସ୍‌ସିଏସ୍‌ଟିଆର୍‌ଟିଆଇ ନିର୍ଦ୍ଦେଶକ ପ୍ରଫେସର ଅଖିଳ ବିହାରୀ ଓତା ସ୍ୱାଗତ ଭାଷଣରେ ଆଦିମ ଜନଜାତି ନୃତ୍ୟ ମହୋତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି ଆଦିମ ଜନଜାତି ନୃତ୍ୟ ମହୋତ୍ସବ ପ୍ରଥମଥର ପାଇଁ ଆୟୋଜିତ ହେଉଛି ବୋଲି ସେ କହିଥିଲେ। ବିଭାଗୀୟ ନିର୍ଦ୍ଦେଶିକା ଗୁହା ପୁନମ୍ ତାପସ କୁମାର ଧନ୍ୟବାଦ ଦେଇଥିଲେ।

ଉଦ୍‌ଘାଟନୀ ସନ୍ଧ୍ୟାରେ ଚୁକୁଟିଆ ଭୁଞ୍ଜିଆଙ୍କ ନୂଆଖାଇ ନୃତ୍ୟ, ମାଙ୍କିଡ଼ିଆ ଜନଜାତିଙ୍କ ମାଘ ପରବ ନୃତ୍ୟ, ପାଉଡ଼ି ଭୂୟାଁଙ୍କ ବିହା ନୃତ୍ୟ, ଦିଦାୟୀ ଜନଜାତିଙ୍କ ଢେମ୍‌ସା ନୃତ୍ୟ ଆଦି ମୋଟ୍ ୮ ଜନଜାତି ନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ମଧ୍ୟ ୮ ନୃତ୍ୟ ପରିବେଷିତ ହେବ ବୋଲି ସୂଚନା ଦିଆଯାଇଛି।

# ବିସ୍ମୟା ଆତ୍ମହତ୍ୟା ମାମଲା: ସ୍ୱାମୀ ଦୋଷୀସାବ୍ୟସ୍ତ

**କୋଲାମ, ୨୩।୫**

ବହୁଚର୍ଚ୍ଚିତ ୨୪ ବର୍ଷୀୟା ଆୟୁର୍ବେଦ ମେଡିକାଲ ଛାତ୍ରୀ ବିସ୍ମୟା ଆତ୍ମହତ୍ୟା ମାମଲାରେ କେରଳର ଏକ ଅଦାଲତ ତାଙ୍କ ସ୍ୱାମୀ ଏସ୍. କିରନ କୁମାରଙ୍କୁ ଯୌତୁକ ହତ୍ୟା ଓ ଆତ୍ମହତ୍ୟା ପାଇଁ ବାଧ କରିବା ଅପରାଧରେ ଦୋଷୀସାବ୍ୟସ୍ତ କରିଛନ୍ତି। ଅତିରିକ୍ତ ଜିଲା ଓ ଦୌରା ଜଜ୍-୧ ସୁଜିଥ୍ କେ.ଏନ୍. ମଙ୍ଗଳବାର ଦଣ୍ଡ ଶୁଣାଣି କରିବେ। ବ୍ୟାଚେଲର ଅଫ୍ ଆୟୁର୍ବେଦିକ ମେଡିସିନ ଆଣ୍ଡ ସର୍ଜରୀ ଛାତ୍ରୀ ବିସ୍ମୟାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ସେ ଅଭିଯୋଗ କରିଥିଲେ। ଗତବର୍ଷ ଜୁନ୍ ୨୧ରେ ରହସ୍ୟଜନକ ଭାବେ ସ୍ୱାମୀ ଘରେ ତାଙ୍କର ମୃତ୍ୟୁ ଘଟିଥିଲା। ୪ ମାସର ଶୁଣାଣି ପରେ ତାଙ୍କ ସ୍ୱାମୀଙ୍କୁ ଦୋଷୀସାବ୍ୟସ୍ତ କରାଯାଇଥିବାବେଳେ ସର୍ବାଧିକ ଦଣ୍ଡବିଧାନ ହୋଇପାରେ ବୋଲି ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଜି. ମୋହନରାଜ କହିଛନ୍ତି।



ବିସ୍ମୟା

# କାତାରରେ ଭିକମାଗି ଚଳୁଛନ୍ତି ଓଡ଼ିଆ ଶ୍ରମିକ

## ଫେରାଇ ଆଣିବାକୁ ପରିବାରର ନିବେଦନ

**ଛତ୍ରପୁର, ୨୩।୫(ଡି.ଏନ.ଏ)**

ଆରବ ଦେଶର କାତାରରେ ଗଞ୍ଜାମ ଜିଲାର ଜଣେ ଶ୍ରମିକ ଭିକ ମାଗି ଚଳୁଛନ୍ତି। ତାଙ୍କୁ ଫେରାଇ ଆଣିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏବଂ ପ୍ରଶାସନକୁ ପରିବାର ବର୍ଗ ନିବେଦନ କରିଛନ୍ତି।

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଶ୍ୟାମସୁନ୍ଦରପୁର ଗାଁର ଗଙ୍ଗାଧର ଡାକୁଆଙ୍କ ସାନପୁଅ ବିଷ୍ଣୁ ପ୍ରସାଦ କାମ କରିବାକୁ କାତାର ଯାଇଥିଲେ। ବର୍ଷେ ପାଇଁ ଭିଜା ନେଇଥିଲେ। ସେଠାରେ ଏକ କମ୍ପାନୀରେ କାମ କଲେ। ପ୍ରଥମ ୩ ମାସ କାମ ଠିକ୍ ଚାଲିଥିଲା। କମ୍ପାନୀ ଆଉ କାମ ଦେଲାନି କି ଟଙ୍କା ଦେଲାନି। ୬ ମାସ ପରେ କମ୍ପାନୀ ପାଖରେ ରଖିଥିବା ପାର୍ସପୋର୍ଟକୁ ବିଷ୍ଣୁପ୍ରସାଦଙ୍କୁ ଫେରାଇ ଦେବା ସହ ନିଜ ଖର୍ଚ୍ଚରେ ଭାରତ ଫେରିଯିବାକୁ କହିଥିଲା। ପାଖରେ ଟଙ୍କା ନ ଥିବାରୁ ବିଷ୍ଣୁପ୍ରସାଦ ଫ୍ଲାଇଟ୍ ଟିକେଟ୍ କରିପାରି ନ ଥିଲେ। ସେପଟେ ଭିଜା ଅବଧି ସରିଯାଇଥିଲା । ତେଣୁ ସେ ରହୁଥିବା କ୍ୟାମ୍ପରୁ ବାହାରକୁ ଆସିଥିବା ବେଳେ ପୋଲିସ ଗିରଫ କରିଥିଲା। ୨ ମାସ ଜେଲରେ ରହିବା ପରେ ବିଷ୍ଣୁପ୍ରସାଦ ରୁମ୍ ନିକଟକୁ ଆସିବାରେ କମ୍ପାନୀ ଅନ୍ୟତ୍ର ସ୍ଥାନାନ୍ତର ହୋଇଯାଇଥିବା ଓ ଉକ୍ତ ରୁମକୁ ଅନ୍ୟ ଏକ କମ୍ପାନୀ ନେଇଯାଇଥିବା ଜାଣିଥିଲେ। ସେଠାରୁ ନିଜ ସୁଟକେଶ୍, ମୋବାଇଲ ଫୋନ, ଭିଜା ଓ ପୋଷାକ କିଛି ନପାଇ ଫେରିଥିଲେ। ପାଖରେ କାମ କି କି ଟଙ୍କା ନ ଥିବାରୁ ବିଷ୍ଣୁପ୍ରସାଦ ଏବେ ଭିକ ମାଗି ଚଳୁଥିବା ତାଙ୍କ ବଡ଼ଭାଇ ମାନସ ଡାକୁଆ କୋହଭାରା କଣ୍ଠରେ କହିଛନ୍ତି। ମାନସଙ୍କର ୨ ଥର ଅପରେଶନ ହୋଇଥିଲା। ଏଥିରେ ୭ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ଘରର ଆର୍ଥିକ ଅବସ୍ଥା ଖରାପ ଥିବାରୁ ସାନଭାଇକୁ କାତାରକୁ କାମ କରିବାକୁ ପଠାଇଥିଲୁ ବୋଲି ମାନସ କହିଛନ୍ତି। ମା' କୁନି ଡାକୁଆ କହିଛନ୍ତି ପୁଅ କିଛି ରୋଜଗାର କଲେ ବାକି ଶୁଝିବ ବୋଲି ଆଶା କରିଥିଲୁ । ସେ ଏବେ ଦୁଃଖରେ ଅଛନ୍ତି, ତାଙ୍କୁ ଫେରାଇ ଆଣିବାକୁ ମା' ଭାଇ ଅନ୍ୟମାନେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ପରିବାର ପକ୍ଷରୁ ପୂର୍ବରୁ ଥରେ ଏ ନେଇ ଜିଲା ଶ୍ରମ ଅଧିକାରୀଙ୍କୁ ଭେଟି ଏସମ୍ପର୍କରେ ଲିଖିତ ଭାବେ ପରିବାରବର୍ଗ ଅନୁରୋଧ କରିଥିଲେ । ସୋମବାର ପୁଣି ଛତ୍ରପୁର ଆସି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସଙ୍କୁ ଭେଟି ସମସ୍ୟା ଜଣାଇଛନ୍ତି।



ବିଷ୍ଣୁପ୍ରସାଦ ଡାକୁଆ

# ଅଭିଯୁକ୍ତଙ୍କୁ ଚିଟ୍‌ଫଣ୍ଡ କୋର୍ଟରେ ହାଜର କଲା ଇଓଡବ୍ଲ୍ୟୁ

## ଅନଲାଇନ୍ ଆପରେ ଠକେଇ

**ବାଲେଶ୍ୱର ଅଫିସ, ୨୩।୫**

ଅନଲାଇନ୍ ଆପ୍ ଜରିଆରେ ଅର୍ଥ ଠକେଇ ଅଭିଯୋଗରେ ଡିଜିଟାଲ ରିଭୋଲେସନ୍ ଟେକ୍ନୋଲୋଜି ଲିମିଟେଡର ମୁଖ୍ୟ ପ୍ରିନ୍ସ କୁମାରଙ୍କୁ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ସୋମବାର ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ହାଜର କରିଛି। ପ୍ରିନ୍ସଙ୍କ ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅଧିକ ତଦନ୍ତ ନିମନ୍ତେ ଇଓଡ଼ବ୍ଲ୍ୟୁ ପୁଣି ରିମାଣ୍ଡରେ ନେବ ବୋଲି ସୂଚନା ମିଳିଛି।

ବିହାର ମୁଜାଫରପୁର ଜିଲାର ପ୍ରିନ୍ସ କୁମାର ଅନଲାଇନ୍ ଜରିଆରେ ମୋବାଇଲ ଆପ୍ଲିକେଶନ ମାଧ୍ୟମରେ ଆଇଡ଼ି ଖୋଲି ୧୫ହଜାର ଟଙ୍କା ଜମା କଲେ ଜମାକାରୀଙ୍କୁ ୨ ବର୍ଷ ପର୍ଯ୍ୟନ୍ତ ଆପ୍ଲିକେଶନ ମାଧ୍ୟମରେ ମାସକୁ ୨୬୦୦ ଟଙ୍କା ଫେରିପାଇବା ଭଳି ଲୋଭ ଦେଖାଇଥିଲେ। ପ୍ରଥମେ କେତେକ ଜମାକାରୀଙ୍କୁ ପ୍ରିନ୍ସ ମାସିକ ଟଙ୍କା ଫେରାଇଥିଲେ। ହେଲେ ପରବର୍ତ୍ତୀ ସମୟରେ ଶହେରୁ ଊର୍ଦ୍ଧ୍ୱ ଜମାକାରୀଙ୍କ ଟଙ୍କାକୁ ପ୍ରିନ୍ସ ଠକି ନେଇଥିଲେ। ଏହିଭଳି ବାଲେଶ୍ୱର ଓ ମୟୂରଭଞ୍ଜରୁ ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକିଥିବା ବେଳେ ଓଡ଼ିଶାରୁ ପ୍ରାୟ ୫ରୁ ୬କୋଟି ଟଙ୍କା ଠକେଇ ହୋଇଥିବା ଆକଳନ କରାଯାଇଛି। ଟଙ୍କା ଫେରସ୍ତ ନ ପାଇବାରୁ ଜଣେ ଜମାକାରୀ ପ୍ରଶାନ୍ତ କୁମାର ମହାଳିକ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ। ଇଓଡ଼ବ୍ଲ୍ୟୁର ଡିଏସ୍‌ପି ଦେବେନ୍ଦ୍ର ନାରାୟଣ ଦାସ ଏହାର ତଦନ୍ତ କରି ଏକ ରିପୋର୍ଟ ଦାଖଲ କରିଥିଲେ। ଏନେଇ ଇଓଡ଼ବ୍ଲୁରେ ଏକ ମାମଲା (ନଂ.୫/୨୨) ରୁଜୁ ହୋଇଥିଲା। ଗତ ୧୮ତାରିଖରେ ବୃନ୍ଦାବନରୁ ପ୍ରିନ୍ସ କୁମାରଙ୍କୁ ଗିରଫ ପରେ ଇଓଡ଼ବ୍ଲ୍ୟୁ ଟ୍ରାନଜିଟ୍ ରିମାଣ୍ଡରେ ଆଣି ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ହାଜର କରିଥିଲା।

ଏ ନେଇ ଇଓଡବ୍ଲ୍ୟୁ ଆଣ୍ଡ ଆଇଓ ଡିଏସ୍‌ପି ମନୋଜ ସାମନ୍ତ କହିଛନ୍ତି, ରାଜ୍ୟର କେଉଁ କେଉଁ ଜିଲାରେ ପ୍ରିନ୍ସଙ୍କ ସମ୍ପୃକ୍ତି ରହିଛି ସେନେଇ ତଦନ୍ତ ଜାରି ରହିଛି। ତଦନ୍ତ ପରେ ଅଧିକ ତଥ୍ୟ ସହ ଠକାମିର ଶିକାର ହୋଇଥିବା ଜମାକାରୀଙ୍କ ସମ୍ପର୍କରେ ଜଣାପଡ଼ିବ।



ବାଲେଶ୍ୱର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ହାଜର ହୋଇଥିବା ଅଭିଯୁକ୍ତ ପ୍ରିନ୍ସ (ମଝି)।

# ଗ୍ରାହକ ସାଜି ୨ ହାତୀ ଦାନ୍ତ ଜବତ କଲେ ଡେପୁଟି ରେଞ୍ଜର

## ଜବତ ହାତୀ ଦାନ୍ତର ମୂଲ୍ୟ ୭ଲକ୍ଷ

**ଗୁଡାରୀ, ୨୩।୫(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଡ଼ାରୀ ବନାଞ୍ଚଳ ରେଞ୍ଜ ପଦ୍ମପୁର ତହସିଲ ଅଧୀନ ହସ୍ତିନାପୁର ନିକଟ ଏକ କାଜୁ ତୋଟାରୁ ସୋମବାର ୨ଟି ହାତୀ ଦାନ୍ତ ବନ ବିଭାଗ ଜବତ କରିଛି। ଗୁଡାରୀ ଡେ଼ପୁଟି ରେଞ୍ଜର ଗଙ୍ଗାଧର ମିଶ୍ର ଗ୍ରାହକ ବେଶରେ ଯାଇ ବିକ୍ରି ନିମନ୍ତେ ରଖାଯାଇଥିବା ହାତୀ ଦାନ୍ତ ଜବତ କରିଛନ୍ତି। ଏଥିସହ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କିନ୍ଦ୍ରାଗୁଡା ଗ୍ରାମର ଯାକବ ମାଝି ଓ ଗୁଡାରୀ ଥାନା ଡେରିଙ୍ଗା ଗ୍ରାମର ପଦ୍ମନ କାଡ୍ରାକା। ଜବତ ଗୋଟିଏ ହାତୀ ଦାନ୍ତର ଓଜନ ୩ କେଜି ୭୦ ଗ୍ରାମ ଓ ଅନ୍ୟଟିର ୩ କେଜି ୩୧୦ ଗ୍ରାମ ବୋଲି ଜଣାପଡିଛି। ଯାହାର ଅନୁମାନିକ ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି। ଡେ଼ପୁଟି ରେଞ୍ଜର ଗଙ୍ଗାଧର ମିଶ୍ରଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଫରେଷ୍ଟର ନରେନ୍ଦ୍ର ଗମାଙ୍ଗ, ଚନ୍ଦ୍ରଶେଖର ସାହୁ, ସୀମାଞ୍ଚଳ ପଟ୍ଟନାୟକ, ଫରେଷ୍ଟ ଗାର୍ଡ ପ୍ରଭାତ ବେହେରା, କାମଦେବ ବେହେରା, ପାରାଷ୍ଟାଫ ତପସ୍ୱିନୀ କର, ବିପ୍ର ଜାଗରଙ୍ଗା ଏବଂ ଅନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।



ଜବତ ହାତୀ ଦାନ୍ତ।

# ଜମି ବିବାଦ, ପୁରୁଣା ଶତ୍ରୁତାରୁ ହତ୍ୟା

## ଗାଡ଼ି ଚଢ଼ାଇ ହତ୍ୟା ମାମଲା

- ଅଭିଯୁକ୍ତ ଚିତ୍ତରଞ୍ଜନ ଗିରଫ
- ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ଗଲେ

**ବଲାଙ୍ଗୀର ଅଫିସ, ୨୩।୫**

ବଲାଙ୍ଗୀର ଆର୍‌ଟିଓ ଛକରେ ଗାଡ଼ି ଚଢ଼ାଇ ହତ୍ୟା ମାମଲାରେ ପୋଲିସ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତିଙ୍କୁ ସୋମବାର ଗିରଫ କରିଛି। ସ୍ଥାନୀୟ ଏସ୍‌ଡିଜେଏମ୍ କୋର୍ଟରେ ତାଙ୍କୁ ହାଜର କରାଯିବା ପରେ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏସ୍‌ପି ନୀତିନ କୁଶଳକର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଆର୍‌ଟିଓ ଛକରେ ଶନିବାର ପୂର୍ବାହ୍ନରେ ସଂଘଟିତ ସିରିଜ୍ ଦୁର୍ଘଟଣା ଏକ ଯୋଜନାବଦ୍ଧ ଓ ସୁପରିକଳ୍ପିତ ହତ୍ୟା ଷଡ଼ଯନ୍ତ୍ର ଥିଲା। ଏହି ଷଡ଼ଯନ୍ତ୍ରର ମୁଖ୍ୟ ଅଭିଯୁକ୍ତ ହେଉଛନ୍ତି ଚିତ୍ତରଞ୍ଜନ ମହାନ୍ତି(୫୧)। ଘଟଣା ଦିନ ମିନିଟ୍ରକ୍‌ରେ ତାଙ୍କ ସହ ଅନ୍ୟ ଜଣେ ମଧ୍ୟ ଥିଲେ। ଦୁର୍ଘଟଣା ପରେ ସହଅଭିଯୁକ୍ତ ଜଣକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ ପାଇଁ ପୋଲିସ ପକ୍ଷରୁ ଉଦ୍ୟମ କରାଯାଉଛି। ଚିତ୍ତରଞ୍ଜନଙ୍କ ଟାର୍ଗେଟ୍‌ରେ ସାନୁ ନାୟକ ଥିଲେ। ତେବେ ସେ ବଞ୍ଚି ଯାଇଥିବାବେଳେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଥିଲା। ଜମି ବିବାଦ ଏବଂ ପୁରୁଣା ଶତ୍ରୁତାକୁ ନେଇ ଚିତ୍ତରଞ୍ଜନ ହତ୍ୟା ଯୋଜନା କରିଥିବା ସେ ସୂଚନା ଦେଇଥିଲେ।



ଗିରଫ ଅଭିଯୁକ୍ତ ଚିତ୍ତରଞ୍ଜନ ମହାନ୍ତି।

ଏସ୍‌ପି କୁଶଳକର ଆହୁରି କହିଥିଲେ, ଚିତ୍ତରଞ୍ଜନ ଏବଂ ସାନୁଙ୍କ ମଧ୍ୟରେ ଜମି ବିବାଦ ଏବଂ ପୁରୁଣା ଶତ୍ରୁତା ଲାଗି ରହିଥିଲା। ଏଥିଲାଗି ସାନୁଙ୍କୁ ରାସ୍ତାରୁ ହଟାଇବା ପାଇଁ ଚିତ୍ତରଞ୍ଜନ ଯୋଜନା ପ୍ରସ୍ତୁତ କରିଥିଲେ। ମିନିଟ୍ରକ୍ ଚଢ଼ାଇ ସାନୁଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟ ରଖି ଏଭଳି ଯୋଜନା ପ୍ରସ୍ତୁତ କରିଥିଲେ, ପୂର୍ବ ଯୋଜନା ଅନୁଯାୟୀ ଗତ ଶନିବାର ପୂର୍ବାହ୍ନ ସାଢ଼େ ୧୧ଟାରେ ସ୍ଥାନୀୟ ଆର୍‌ଟିଓ ଛକ ନିକଟରେ ଏକ ମିନିଟ୍ରକ୍ ପ୍ରଥମେ ଗୋଟିଏ ବାଇକ୍ ଏବଂ ଅନ୍ୟ ଗାଡ଼ିକୁ ଧକ୍କା ଦେଇଥିଲା। ମିନିଟ୍ରକ୍ ଯେଉଁ ବାଇକ୍‌କୁ ଧକ୍କା ଦେଇଥିଲା ସେଥିରେ ବସିଥିବା ଶ୍ରୀକାନ୍ତ ବାଗ(୩୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା ଓ ଟାର୍ଗେଟରେ ଥିବା ସାନୁ (୩୪) ଗୁରୁତର ଆହତ ହୋଇଥିଲେ। ପୋଲିସର ପ୍ରାଥମିକ ତଦନ୍ତ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ମିନିଟ୍ରକ୍ ଜାଣିଶୁଣି ବାଇକ୍‌କୁ ଧକ୍କା ଦେଇଥିବା ଏସ୍‌ପି କହିଛନ୍ତି। ଉକ୍ତ ମିନିଟ୍ରକ୍‌ରେ ଅଭିଯୁକ୍ତ ଚିତ୍ତରଞ୍ଜନ ଏବଂ ତାଙ୍କର ଜଣେ ସହଯୋଗୀ ରହିଥିଲେ। ମିନିଟ୍ରକ୍ ଧକ୍କା ଦେବା ପରେ ସହଅଭିଯୁକ୍ତ ଫେରାର ହୋଇଯାଇଥିଲେ ଏବଂ ଚିତ୍ତରଞ୍ଜନ ଗୁରୁତର ଆହତ ହୋଇଥିଲେ। ଏଥିରେ ତାଙ୍କ ବାମଗୋଡ଼ ଭାଙ୍ଗିଯାଇଥିବାବେଳେ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଛି। ଘଟଣା ଦିନ ସେଠାରୁ ଆହତ ଚିତ୍ତରଞ୍ଜନଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରୁ ସେ ବିଶାଖାପାଟଣା ଯିବାବେଳେ ଶନିବାର ରାତିରେ ଥେରୁବାଲିଠାରେ ପୋଲିସ ତାଙ୍କୁ ଅଟକ ରଖି ବଲାଙ୍ଗୀର ଫେରାଇ ଆଣିଥିଲା। ସୂଚନାଯୋଗ୍ୟ, ଗତ ୧୩ ତାରିଖରେ ସାନୁଙ୍କ ବଡ଼ଭାଇ ଭୁବନ ନାୟକଙ୍କ ମଧ୍ୟ ଅନୁରୂପ ଦୁର୍ଘଟଣା ଘଟିଥିଲା। ସେ ମଧ୍ୟ ଗୁରୁତର ଆହତ ହୋଇଥିଲେ। ସେ ଏବେ ବରଗଡ଼ର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଇଏ ବି ଜଣେ ନାରୀ /

# ନୃତ୍ୟାଙ୍ଗନା ଜ୍ୟୋତିର୍ମୟୀ



ସେଇ ବେଶ, ସେଇ ଛନ୍ଦ, ସେଇ ଠାଣି ଆଉ ସେଇ ଚାହାଣି ପ୍ରତି ତାଙ୍କର ଥିଲା ଭିନ୍ନ ଏକ ଆକର୍ଷଣ। ସେଥିପାଇଁ ତ ସେ ଛୋଟବେଳରୁ ଓଡ଼ିଶୀନୃତ୍ୟ ଶିଖିବା ପାଇଁ ନିଷ୍ପତ୍ତି ନେଇଥିଲେ। ନିଜର ଦୃଢ଼ ଇଚ୍ଛାକୁ ସଫଳକରି ଆଜି ସେ ପାଲଟିଛନ୍ତି ଜଣେ ସଫଳ ନୃତ୍ୟାଙ୍ଗନା। ଓଡ଼ିଶୀନୃତ୍ୟରେ କ୍ୟାରିୟର କରି ଢେର୍ ଆଗକୁ ଯିବାର ସ୍ୱପ୍ନ ଦେଖୁଥିବା ଏହି ବ୍ୟକ୍ତିତ୍ୱ ଜଣକ ହେଉଛନ୍ତି ଜ୍ୟୋତିର୍ମୟୀ ଦାସ। ବାପା ଯୋଗେନ୍ଦ୍ର ଦାସ ଜଣେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଓ ମାଆ ସଂଯୁକ୍ତା ଜଣେ ଗୃହିଣୀ। କିନ୍ତୁ ସେ ଏବେ ତାଙ୍କ ସ୍ୱାମୀ ସୂର୍ଯ୍ୟକାନ୍ତ ସ୍ୱାଇଁ ଏବଂ ଶାଶୁ ଶ୍ୱଶୁରଙ୍କ ସହ ରହୁଛନ୍ତି ଭୁବନେଶ୍ୱରର ରସୁଲଗଡ଼ରେ। ଓଡ଼ିଶୀନୃତ୍ୟରେ ମଧ୍ୟ ପିଜି କରିଛନ୍ତି। ଜାତୀୟ ତଥା ଅନ୍ତର୍ଜାତୀୟ କ୍ଷେତ୍ରରେ ନୃତ୍ୟ ପରିବେଷଣ କରି ଏବେ ସେ ଢେର୍ ସଫଳତା ହାସଲ କରିଛନ୍ତି ସତ, କିନ୍ତୁ ଏବେ ବି ନୃତ୍ୟଗୁରୁ ଦୁର୍ଗାଚରଣ ରଣବୀରଙ୍କଠାରୁ ନୃତ୍ୟ ଶିକ୍ଷା ଜାରି ରଖିଛନ୍ତି। ଜ୍ୟୋତିର୍ମୟୀଙ୍କ ମତରେ, ''ନୃତ୍ୟ ଶିକ୍ଷାର ଶେଷ ନାହିଁ। ଗୋଟିଏ ପଟେ ସେ ନୃତ୍ୟ ଅଭ୍ୟାସ ଶିକ୍ଷା କରୁଥିବାବେଳେ ଅନ୍ୟପଟେ କୁନି କୁନି ପିଲାଙ୍କୁ ନୃତ୍ୟକଳାର ଶିକ୍ଷା ବି ଦେଉଛନ୍ତି।'' ନୃତ୍ୟ କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ସ୍ୱରୂପ ତାଙ୍କୁ ମିଳିଛି ଅନେକ ପୁରସ୍କାର। ଓଡ଼ିଶୀ ଶ୍ରୀ, ଓଡ଼ିଶୀ ଜ୍ୟୋତି ପୁରସ୍କାର ସହ ଜାତୀୟ ସ୍ତରର ଗୋପୀକ୍ରିଷ୍ଣ ପୁରସ୍କାର ଏବଂ ଆଦିଗୁରୁ ପଙ୍କଜ ଚରଣ ଦାସ ପୁରସ୍କାର ହାସଲ କରିପାରିଛନ୍ତି ସେ।

ଅନ୍ୟପକ୍ଷରେ ସେ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରଦତ୍ତ ନ୍ୟାଶନାଲ ସିନିୟର ସ୍କଲାରଶିପ୍ ମଧ୍ୟ ପାଉଛନ୍ତି। ଓଡ଼ିଶୀନୃତ୍ୟକୁ କ୍ୟାରିୟରକରି ସଫଳ ହୋଇଥିବା ଜ୍ୟୋତିଙ୍କର ପ୍ରାରମ୍ଭିକ ଶିକ୍ଷା ସମୟ କିନ୍ତୁ ବେଶ୍ ସଂଘର୍ଷମୟ ଥିଲା। ମାତ୍ର ୫ ବର୍ଷ ବୟସରୁ ସେ ନାଚ ଶିଖିଥିଲେ। କିନ୍ତୁ ବିଭିନ୍ନ ସ୍ଥାନରେ ସେ ଓଡ଼ିଶୀନୃତ୍ୟ ପରିବେଷଣ ଦେଖିବା ସମୟରେ ନୃତ୍ୟାଙ୍ଗନାମାନଙ୍କର ସୁନ୍ଦର ବେଶ ପରିପାଟୀ, ସେମାନଙ୍କର ଛନ୍ଦ ଆଉ ଠାଣିରେ ଯେମିତି ଆକୃଷ୍ଟ ହୋଇ ପଡୁଥିଲେ। ତେଣୁ ଘରେ ଜିଦ୍‌କରି ସେ ଓଡ଼ିଶୀ ଶିଖିଥିଲେ। ପ୍ରଥମେ ସେ ତାଙ୍କ ଗୁରୁ ଦୁର୍ଗାଚରଣ ରଣବୀରଙ୍କର ଜଣେ ଛାତ୍ରଙ୍କ ପାଖରୁ ଶିକ୍ଷା ଆରମ୍ଭ କରିଥିଲେ। ନାଚ ଶିଖିବାର ପ୍ରାୟ ୫ ବର୍ଷ ପରେ ଗୁରୁ ତାଙ୍କୁ ନିଜ ପାଖରେ ନୃତ୍ୟ କଳା ଶିକ୍ଷା ଦେବା ନିମନ୍ତେ ଡାକିଥିଲେ। ତା' ପରଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ବିଭିନ୍ନ ସ୍ଥାନରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ନୃତ୍ୟ ପରିବେଷଣ କରିବା ନିମନ୍ତେ ସୁଯୋଗ ମିଳିଲା। ଖୁବ୍ ଶୀଘ୍ର ସେ ଏହି କ୍ଷେତ୍ରରେ ସଫଳତା ବି ହାସଲ କରିପାରିଛନ୍ତି। ଭବିଷ୍ୟତରେ ଏକ ନୃତ୍ୟ ତାଲିମ ଅନୁଷ୍ଠାନ ଗଢ଼ି ସେଥିରେ ଆର୍ଥିକ ଦୁର୍ବଳ ଶ୍ରେଣୀର ପିଲାଙ୍କୁ ମାଗଣା କିମ୍ବା କମ୍ ମୂଲ୍ୟରେ ଶିକ୍ଷା ଦେବା ପାଇଁ ଲକ୍ଷ୍ୟ ରଖିଛନ୍ତି।

ଖାଦ୍ୟରୁଚି

## ଆମ୍ବପଣା

**ଆବଶ୍ୟକ ସାମଗ୍ରୀ:** କଞ୍ଚା ଆମ୍ବ- ୪ଟି, ଜିରା ଗୁଣ୍ଡ- ୨ ଚାମଚ (ଭଜା), ଗୁଡ଼ କିମ୍ବା ଚିନି- ୬ ବଡ଼ ଚାମଚ, ସୈନ୍ଧବ ଲୁଣ- ୩ ଚାମଚ, ପୁଦିନାପତ୍ର- ୧ ବଡ଼ ଚାମଚ, ଗୋଲମରିଚ ଗୁଣ୍ଡ- ୧ ଚାମଚ, ଲୁଣ- ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆମ୍ବକୁ ଭଲଭାବେ ଧୋଇ ପ୍ରେସର କୁକରରେ ସିଝାଇ ଦିଅନ୍ତୁ। କୁକରରେ ୩-୪ଟି ସିଟି ଆସିବା ପରେ ଗ୍ୟାସ୍ ବନ୍ଦକରି କିଛି ସମୟ ଛାଡ଼ି ଦିଅନ୍ତୁ। ପ୍ରେସର ଖୋଲି ଆମ୍ବ ଥଣ୍ଡା ହେବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ। ଥଣ୍ଡା ହେବା ପରେ ଆମ୍ବରୁ ଚୋପାକୁ କାଢ଼ି ତା' ରସ ବାହାର କରିଦିଅନ୍ତୁ। ଏବେ ଏହି କଞ୍ଚା ଆମ୍ବ ରସରେ ପୁଦିନାପତ୍ରକୁ କାଟି ପକାନ୍ତୁ। ଏହାପରେ ସେଥିରେ ଗୁଡ଼ କିମ୍ବା ଚିନି, ଜିରାଗୁଣ୍ଡ, ସୈନ୍ଧବ ଲୁଣ, ଗୋଲମରିଚ ଓ ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ଏହି ମିଶ୍ରଣକୁ ଏବେ ଭଲଭାବେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଆବଶ୍ୟକ ଅନୁସାରେ ଏଥିରେ ପାଣି ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆମ୍ବପଣା। ଏଥିରେ ବରଫ ଖଣ୍ଡ ପକାଇ ପରଷିଦିଅନ୍ତୁ। ଆବଶ୍ୟକ ହେଲେ ଏଥିରେ ଅଧିକ ଚିନି କିମ୍ବା ଲୁଣ ଅବା ଜିରାଗୁଣ୍ଡ ପକାନ୍ତୁ।



ସୌନ୍ଦର୍ଯ୍ୟ

# ଦୂରାନ୍ତୁ ଆଖି ତଳ କଳାଦାଗ



ଆଖି ତଳର କଳାଦାଗ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ରହିଛି। ଏହା ସହ ବ୍ୟୁଟି ପାର୍ଲରରେ ବି ବିଭିନ୍ନ ପ୍ରକାର ଉପଚାର କରିହୁଏ। ତେବେ ଏହି ସମସ୍ୟାରୁ ମୁକ୍ତି ପାଇଁ ଘରୋଇ ଉପାୟରେ ଫେସ୍ ପ୍ୟାକ୍ ତିଆରିକରି ଲଗାଇପାରିବେ...





- ଏକ ପାତ୍ରରେ ୪ ବଡ଼ ଚାମଚ କଞ୍ଚାକ୍ଷୀର ଓ ୨ ବଡ଼ ଚାମଚ ବେକିଂ ସୋଡ଼ା ମିଶାନ୍ତୁ। ଏହି ମିଶ୍ରଣକୁ ଭଲଭାବେ ଗାଢ଼ କରି ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ, ଯେପରି ତାକୁ ଆଖି ତଳେ ଲଗାଇହେବ।
- ଏହି ଘରୋଇ ମିଶ୍ରଣକୁ ଆଖି ତଳେ ଲଗାଇବା ପୂର୍ବରୁ ପ୍ରଥମେ କ୍ଲିଂଜିଂ ମିଲ୍କରେ ଭଲଭାବେ ସଫା କରନ୍ତୁ।
- ଆଖିର ତଳ ପଟରେ ହିଁ ମିଶ୍ରଣକୁ ଲଗାନ୍ତୁ। ମିଶ୍ରଣକୁ ସାବଧାନତାର ସହ ଲଗାନ୍ତୁ ଯେପରି ତାହା ଆଖି ଭିତରକୁ ନ ଯିବ।
- ଆଖି ତଳେ ମିଶ୍ରଣକୁ ଲଗାଇବା ପରେ କିଛି ସମୟ ଆଖି ବନ୍ଦ କରି ଆରାମରେ ଶୋଇପଡ଼ନ୍ତୁ।
- କ୍ଷୀର ଏବଂ ବେକିଂ ସୋଡ଼ାର ଏହି ମିଶ୍ରଣକୁ ଆଖି ତଳେ ଅତି କମ୍‌ରେ ୨୦ ମିନିଟ୍ ପର୍ଯ୍ୟନ୍ତ ଲଗାଇ ରଖନ୍ତୁ। ଏହାପରେ ପାଣିରେ ଧୋଇଦିଅନ୍ତୁ।
- ସପ୍ତାହକୁ ଅତିକମ୍‌ରେ ୨ ଥର ଏହି ମିଶ୍ରଣକୁ ଲଗାନ୍ତୁ। କିଛିଦିନ ପରେ କଳାଦାଗ କମ୍ ହେଉଥିବା ଆପଣ ଅନୁଭବ କରିପାରିବେ।

# ସମର୍ପଣର ପର୍ବ



ଏଥର ଆଉ ନାହିଁ ଲକ୍‌ଡାଉନ କଟକଣା। ମନ୍ଦିର ସାଙ୍ଗକୁ ଦୋକାନ ବଜାର ବି ଖୋଲା। ତେଣୁ ବିଧି ମୁତାବକ ସାବିତ୍ରୀ ପାଳନ କରିବା ପାଇଁ ବେଶ୍ ଉତ୍ସାହିତ ନାରୀମାନେ...

ସେବା ଓ ସତୀତ୍ୱ ବଳରେ ସ୍ତ୍ରୀଟିଏ ତା' ସ୍ୱାମୀଙ୍କୁ ମୃତ୍ୟୁମୁଖରୁ ଫେରାଇ ଆଣିବାର କଥା ଆମେ ଶୁଣିଛେ ପୁରାଣରୁ। ଏହାକୁ ଆଧାରକରି ଆଜି ବି ନାରୀମାନେ ସ୍ୱାମୀଙ୍କର ମଙ୍ଗଳ ମନାସି ପାଳନ କରିଥାନ୍ତି ସାବିତ୍ରୀ ବ୍ରତ। ୨ବର୍ଷ ପରେ କରୋନା ପାଇଁ ରହିଥିବା ଲକ୍‌ଡାଉନ କଟକଣା ଏଥର ନ ଥିବାରୁ ସାବିତ୍ରୀ ବ୍ରତ ପାଇଁ ବେଶ୍ ଚଳଚଞ୍ଚଳ ସମସ୍ତେ।

**ବହୁଆଗରୁ ପ୍ରସ୍ତୁତି:** ଓଡ଼ିଆ ଘରେ ପ୍ରତ୍ୟେକ ସଧବା ନାରୀ ସାବିତ୍ରୀ ବ୍ରତ କରିଥାନ୍ତି। ବିଧି ମୁତାବକ ପୂଜାର୍ଚ୍ଚନା କରି ନିଜ ସ୍ୱାମୀଙ୍କ ପ୍ରତି ସମର୍ପଣ ଭାବକୁ ଦର୍ଶାଇଥାନ୍ତି। ହେଲେ ସମୟ ଅନୁସାରେ ଏବେ ଏହି ବ୍ରତକୁ ସମସ୍ତେ ଆଡ଼ମ୍ବରରେ ପାଳନ କରିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ବହୁଆଗରୁ ପ୍ରସ୍ତୁତି କରିବାକୁ ହେଉଛି। କ'ଣ ପିନ୍ଧିବେ, କ'ଣ ଖାଇବେ, କୋଉ ମନ୍ଦିରକୁ ଯିବେ ଏସବୁ ପାଇଁ ପୂର୍ବରୁ ହିଁ ସବୁ ଯୋଜନା ତିଆରି ବି କରିଥାନ୍ତି।

**ଶାଢ଼ିର ଆକର୍ଷଣ:** ଯେହେତୁ ସାବିତ୍ରୀ ବ୍ରତ ନିମନ୍ତେ ନୂଆ ଶାଢ଼ି ପୂଜା ହେବା ପରମ୍ପରା ରହିଛି ସେଥିପାଇଁ ସମସ୍ତେ ନିଶ୍ଚିତଭାବେ ଶାଢ଼ି କିଣିଥାନ୍ତି। ତେବେ ନିଜ ନିଜ ବଜେଟ ଅନୁସାରେ ନାରୀମାନେ ଶାଢ଼ି କିଣିବା ପାଇଁ ଅର୍ଥ ଖର୍ଚ୍ଚ କରିଥାନ୍ତି। ବେଳେବେଳେ ଏହି ପରମ୍ପରା ଦାବି କରିବା ଭଳି ରୂପ ନେଇଥାଏ ଯାହା ଆଦୌ ଠିକ୍ ନୁହେଁ। ତେଣୁ ବ୍ରତର ମୁଖ୍ୟ ଭାବକୁ ମନେ ରଖି ବ୍ରତ ପାଳନ କରିବା ଫଳରେ ଘରେ ଏକ ସୁନ୍ଦର ବାତାବରଣ ସୃଷ୍ଟି ହୋଇଥାଏ।

**ବଜେଟ ବୋଝ:** ସାବିତ୍ରୀ ସମୟରେ ଗୃହିଣୀମାନଙ୍କ ପାଇଁ ସବୁ କିଛି କିଣାକିଣି କରିବାକୁ ପଡ଼ିଥାଏ। ଶାଢ଼ି, ଚୁଡ଼ି ତଥା ବିଭିନ୍ନ ପ୍ରକାର ଫଳମୂଳ ଓ ପୂଜାସାମଗ୍ରୀ ସବୁ କିଣିବା ପାଇଁ ଏକରକମ ବାଧ ହୋଇଥାନ୍ତି ଗୃହକର୍ତ୍ତା। ଖାଲି ସେତିକି ନୁହେଁ, ବିବାହିତ ଝିଅମାନଙ୍କ ଘରକୁ ସାବିତ୍ରୀ ବ୍ରତ ସମୟରେ ଶାଢ଼ି ସହ ଫଳମୂଳ ଆଦି ବିଭିନ୍ନ ପୂଜା ସାମଗ୍ରୀ ଓ ଭାର ଦେବାର ମଧ୍ୟ ପରମ୍ପରା ରହିଛି। ଆଉ ନବ ବିବାହିତ ହୋଇଥିଲେ ସାବିତ୍ରୀ ସମୟରେ ଅଧିକ ଭାର ବେଭାର ବି ଦେବାକୁ ପଡ଼େ। ତେଣୁ ସାବିତ୍ରୀ ସମୟରେ ଘରର ବଜେଟ ଉପରେ ନିଶ୍ଚିତଭାବେ ପ୍ରଭାବ ପଡ଼ିଥାଏ। କେବଳ ଘରେ ନୁହେଁ, ମାର୍କେଟ ଉପରେ ମଧ୍ୟ ସାବିତ୍ରୀର ପ୍ରଭାବ ଦେଖିବାକୁ ମିଳିଥାଏ। ବିଭିନ୍ନ ଶାଢ଼ି ଦୋକାନରେ ସାବିତ୍ରୀ ଉପଲକ୍ଷେ ସମସ୍ତଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ରିହାତି ଘୋଷଣା କରାଯାଇଥାଏ। ଫଳରେ ମହିଳାମାନେ ଅଧିକ ସପିଂ କରିବା ପାଇଁ ଇଚ୍ଛା କରିଥାନ୍ତି। ଅନ୍ୟପଟେ ବିଭିନ୍ନ ପ୍ରକାର ଫଳ ତଥା ପୂଜା ସାମଗ୍ରୀର ମୂଲ୍ୟ ମଧ୍ୟ ଏହି ସମୟରେ ବହୁତ ବଢ଼ି ଯାଇଥାଏ।



କବିତା



ରୋଜାଲିନ୍



କସ୍ତୁରୀ



ସ୍ୱର୍ଣ୍ଣଲତା

### ଏମାନେ କ'ଣ କରନ୍ତି

**ଭାବରେ ପୂଜା କରେ**

ଏହି ବ୍ରତକୁ ମୁଁ ବେଶ୍ ଭାବର ସହିତ କରେ। ଦାମୀ ଶାଢ଼ି ନ ଥିଲେ ବି ଶଙ୍ଖା ସିନ୍ଦୂର ଆଉ ନଡ଼ିଆ ନେଇ ମୁଁ ଠାକୁରଙ୍କ ପାଖରେ ପୂଜା କରିଥାଏ। ଘରେ ସବୁ ଗୁରୁଜନଙ୍କ ଆଶୀର୍ବାଦ ନେଇ ମୁଁ ସେହି ଦିନଟି ବେଶ୍ ଖୁସିରେ କଟାଇଥାଏ। ସ୍ୱାମୀଙ୍କ ଲମ୍ବା ଆୟୁଷ ସହ ପରିବାରର ସୁଖଶାନ୍ତି ପାଇଁ ପ୍ରାର୍ଥନା କରେ।

*-**ସ୍ୱର୍ଣ୍ଣଲତା ଭଞ୍ଜ**, ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼, ଧଉଳି, ଭୁବନେଶ୍ୱର*

**ଶାନ୍ତିରେ ପୂଜା ହୁଏ**

ସାବିତ୍ରୀ ବ୍ରତ ପାଇଁ ସବୁ ପ୍ରକାର ପୂଜା ସାମଗ୍ରୀ ମୋ ଲାଗି ଆମ ଘରୁ ଆସି ଯାଇଥାଏ। ତେଣୁ ଶାଶୁଘରେ ମତେ ପୂଜା କରିବା ପାଇଁ କୌଣସି ଅସୁବିଧା ହୋଇ ନ ଥାଏ। ଆଉ କୌଣସି ଜିନିଷ କିଣି ଆଣିବା ପାଇଁ ଘରେ ଆଦୌ ସମସ୍ୟା ହୁଏ ନାହିଁ। ତେଣୁ ଦାମୀ ଶାଢ଼ି ପାଇଁ କେବେ କୌଣସି ନାରୀ ଘରେ ଅଳି କରିବା କଥା ମୁଁ କେବେ ଶୁଣି ନାହିଁ।

*-**କବିତା ପାତ୍ର**
ଫେଜ୍-୩, ଗୋଳାବାରୁଦ କାରଖାନା, ବଡ଼ମାଳ, ବଲାଙ୍ଗୀର*

**ସମସ୍ତଙ୍କ ପାଇଁ ମାର୍କେଟିଂ କରେ**

ସାବିତ୍ରୀ ସମୟରେ ମୁଁ ଖୁବ୍ ମାର୍କେଟିଂ କରେ। କାହିଁକିନା ସାବିତ୍ରୀ ଓ ରଜ ପାଇଁ ମୋ ନଣନ୍ଦ ଓ ସେମାନଙ୍କ ସହିତ ପିଲାମାନଙ୍କ ପାଇଁ ବି ମୁଁ ମୋ ପସନ୍ଦରେ ଶାଢ଼ି ଆଉ ଡ୍ରେସ୍ କିଣିଥାଏ। ସେଥିପାଇଁ ଘର ଲୋକେ ଖୁସିରେ କିଣାକିଣି କରିବାକୁ ଆଗୁଆ ପ୍ରସ୍ତୁତି କରି ରଖିଥାନ୍ତି। ଆଉ ମତେ ବି ମାର୍କେଟିଂ କରିବା ପାଇଁ ବହୁ ଭଲଲାଗେ। ମୁଁ ସବୁ ବର୍ଷ ସାବିତ୍ରୀ ପାଇଁ ମାର୍କେଟିଂ କରିବା ସହିତ ମନ୍ଦିରକୁ ଯାଇ ପୂଜା କରେ।

*-**କସ୍ତୁରୀ ମିଶ୍ର**
ଗୃହିଣୀ, ଝିରପାଣି, ରାଉରକେଲା*

**ସଜବାଜ ହୋଇ ପୂଜାକରେ**

ସାବିତ୍ରୀ ଦିନ ପୂଜା କରିବା ସହିତ ସଜବାଜ ହେବା ପାଇଁ ମତେ ଭଲ ଲାଗେ। ପୂଜା ପରେ ଖୁସିରେ ମୁଁ ନୂଆ ଶାଢୀ ପିନ୍ଧିଥାଏ। ନୂଆ ଶଙ୍ଖା ସହ ଅଳତା ଏବଂ ଅନ୍ୟ ସମସ୍ତ ପ୍ରକାର ଗହଣା ଲଗାଇ ସମ୍ପୂର୍ଣ୍ଣ ସଧବା ବେଶରେ ମୁଁ ସଜହୋଇ ସମସ୍ତଙ୍କ ଆଶୀର୍ବାଦ ନେଇଥାଏ। ଠାକୁରଙ୍କୁ ପ୍ରାର୍ଥନା କରେ ଯେମିତି ମତେ ସବୁଦିନ ଏଇ ବେଶରେ ରହିବା ପାଇଁ ପ୍ରଭୁ ଆଶୀର୍ବାଦ ଦିଅନ୍ତୁ।

*-**ରୋଜାଲିନ୍ ଜେନା**
ଗୃହିଣୀ, ଦହିପାଳ, ନାଉଗାଁ, ଜଗତ୍‌ସିଂହପୁର*

# ଶାଢ଼ି ପିନ୍ଧିବାବେଳେ...

ଶାଢ଼ିରେ ପ୍ରାୟ ସବୁ ଫିଗରର ମହିଳା ସୁନ୍ଦର ଦେଖାଯାନ୍ତି। କିନ୍ତୁ ବେଳେବେଳେ ଶାଢ଼ି ପିନ୍ଧିବା ସମୟରେ କେତେଜଣ ମହିଳା ଏଭଳି ଭୁଲ୍ କରିବସନ୍ତି ଯେ ସେମାନଙ୍କ ଲୁକ୍ ଖରାପ ହୋଇଯାଏ। ଶାଢ଼ିରେ ସ୍ଲିମ୍ ଦେଖାଯିବାକୁ ଚାହୁଁଥିଲେ କିଛି ନିର୍ଦ୍ଦିଷ୍ଟ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ

- ଯଦି ଆପଣଙ୍କ ପେଟ ଓ ଅଣ୍ଟା ପାଖରେ ଅଧିକ ଫ୍ୟାଟ୍ ହୋଇଥାଏ ତେବେ କଟନ ଫ୍ୟାବ୍ରିକ୍‌ର ପେଟିକୋଟ୍ ପିନ୍ଧନ୍ତୁ ନାହିଁ। ବରଂ ପେଟିକୋଟ୍ ବଦଳରେ ଶୋପୱିୟର ପିନ୍ଧନ୍ତୁ। ଏହାକୁ ପିନ୍ଧିଲେ ଶାଢ଼ିରେ ସ୍ଲିମ୍ ଦେଖାଯିବେ।
- ଶାଢ଼ିରେ ସ୍ଲିମ୍ ଦେଖାଯିବା ପାଇଁ ଠିକ୍ ଢଙ୍ଗରେ ବ୍ଲାଉଜ୍ ମଧ୍ୟ ପିନ୍ଧିବା ଦରକାର। ମହିଳାମାନେ ଯଦି ମୋଟା ହୋଇଥାନ୍ତି ତେବେ ବୋଟ୍ ନେକ୍, କଲାର ନେକ୍ କିମ୍ବା ଫୁଲ୍ ନେକଲାଇନ୍ ଥିବା ବ୍ଲାଉଜ୍ ଆଦୌ ପିନ୍ଧନ୍ତୁ ନାହିଁ। ଏଭଳି ବ୍ଲାଉଜ୍ ବଦଳରେ ସବୁବେଳେ ଆଗ ଓ ପଛ ଡିପ୍ ନେକ୍‌ଲାଇନ ଥିବା ବ୍ଲାଉଜ୍ ପିନ୍ଧିଲେ ଭଲ ଲାଗିବ।
- ମୋଟୀ ହୋଇଥିଲେ ମହିଳାମାନେ ଆଦୌ ଚଉଡ଼ା ବର୍ଡର ଥିବା ଶାଢ଼ି ପିନ୍ଧନ୍ତୁ ନାହିଁ। ଶାଢ଼ିରେ ବେଶି ଚଉଡ଼ା ବର୍ଡର ଥିଲେ ତାହା ଅଧିକ ମୋଟୀ ଭଳି ମନେ ହୋଇଥାଏ। ତେଣୁ ପତଳା ବର୍ଡର ଥିବା ଶାଢ଼ି ପିନ୍ଧିଲେ ହିଁ ଆପଣ ନିଶ୍ଚିତଭାବେ ସାମାନ୍ୟ ସ୍ଲିମ୍ ଲାଗିବେ।
- ସ୍ଲିମ୍ ଦେଖାଯିବା ପାଇଁ ବ୍ଲାଉଜ୍ ଡିଜାଇନ ସହ ଶାଢ଼ି ପିନ୍ଧିବା ଷ୍ଟାଇଲ୍ ମଧ୍ୟ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମୋଟୀ ମହିଳାମାନେ ଶାଢ଼ି ପିନ୍ଧିବାବେଳେ ପଣତକୁ ସବୁବେଳେ ଅଧିକ ଲମ୍ବା ରଖିବା ଉଚିତ ହେବ। ଏପରି କଲେ ମହିଳାଙ୍କର ମୋଟାପଣ କିଛି ପରିମାଣରେ ଲୁଚିଯିବା ଭଳି ମନେ ହୋଇଥାଏ। ବିପରୀତରେ ଯଦି ଛୋଟ ପଣତ ରଖିବେ ଆଦୌ ଭଲ ଲାଗିବ ନାହିଁ।







ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୪ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ମେ ୨୪/୨୦୨୨ Sambalpur, Tuesday, May 24/ 2022

# କଳିଙ୍ଗରେ ଆଜି ଇଣ୍ଡିଆନ ଗ୍ରାଁ ପ୍ରି-୪



କଳିଙ୍ଗ ଷ୍ଟାଡିୟମରେ ସୋମବାର ଆଥଲେଟ୍‌ଙ୍କ ଅଭ୍ୟାସ।

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି)** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ମଙ୍ଗଳବାର ଇଣ୍ଡିଆନ ଗ୍ରାଁ ପ୍ରି-୪ ଅନୁଷ୍ଠିତ ହେବ। ଗତ ୨୧ରେ ଏଠାରେ ଇଣ୍ଡିଆନ ଗ୍ରାଁ ପ୍ରି-୩ ସଫଳତାର ସହ ଆୟୋଜନ ହୋଇଥିଲା। ଇଣ୍ଡିଆନ ଗ୍ରାଁ ପ୍ରି-୪ରେ ମୋଟ ୧୭ଟି ଇଭେଣ୍ଟ ଅନୁଷ୍ଠିତ ହେବ। ଇଭେଣ୍ଟ ଗୁଡ଼ିକ ହେଲା ମହିଳା ପୋଲଭଲ୍ଟ, ପୁରୁଷ ଡିସ୍କସ୍ ଥ୍ରୋ, ମହିଳା ଲଙ୍ଗଜମ୍ପ, ପୁରୁଷ ୪୦୦ ମିଟର, ମହିଳା ଡିସ୍କସ୍ ଥ୍ରୋ, ମହିଳା ୪୦୦ ମିଟର, ପୁରୁଷ ଲଙ୍ଗଜମ୍ପ, ପୁରୁଷ ୧୦୦ ମିଟର ରେସ୍, ପୁରୁଷ ଜାଭେଲିନ୍ ଥ୍ରୋ, ମହିଳା ୧୦୦ ମିଟର, ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍, ପୁରୁଷ ୩୦୦୦ ମିଟର ଷ୍ଟିପଲଚେଜ୍, ପୁରୁଷ ୪୦୦ ମିଟର ହର୍ଡଲ୍ସ, ମହିଳା ୪୦୦ ମିଟର ହର୍ଡଲ୍ସ, ମହିଳା ଜାଭେଲିନ୍ ଥ୍ରୋ, ପୁରୁଷ ୧୫୦୦ ମିଟର ରେସ୍ ଓ ମହିଳା ୧୫୦୦ ମିଟର ରେସ୍।

### ଓଡ଼ିଶାର ଦାବିଦାର

| ପ୍ରତିଯୋଗୀ | ଇଭେଣ୍ଟ |
|---|---|
| ମନୀଷା ମେରେଲ | ମହିଳା ଲଙ୍ଗଜମ୍ପ |
| ବିଘ୍ନରାଜ ମିରିଡିଆ | ପୁରୁଷ ୪୦୦ ମି. |
| ପାର୍ବତୀ ସେଠୀ | ମହିଳା ଡିସ୍କସ୍ ଥ୍ରୋ |
| ଲାଲୁ ପ୍ରସାଦ ଭୋଇ | ପୁରୁଷ ଲଙ୍ଗଜମ୍ପ |
| ସରୁନ ପାୟାସିଂ | ପୁରୁଷ ଲଙ୍ଗଜମ୍ପ |
| ସମ୍ରାଟ ସ' | ପୁରୁଷ ଲଙ୍ଗଜମ୍ପ |
| ଅଭିଜିତ ସାହୁ | ପୁରୁଷ ୧୦୦ମି. |
| ଅମିୟ କୁମାର ମଲିକ | ପୁରୁଷ ୧୦୦ମି. |
| ଆର୍ଯ୍ୟନ ଏକ୍କା | ପୁରୁଷ ୧୦୦ମି. |
| ଅଭିନାଶ ସାହୁ | ପୁରୁଷ ୧୦୦ମି. |
| ମହେନ୍ଦ୍ର ସାନ୍ତା | ପୁରୁଷ ୧୦୦ମି. |
| କିଶୋର କୁମାର ଜେନା | ପୁରୁଷ ଜାଭେଲିନ ଥ୍ରୋ |
| ରଞ୍ଜିତା ମହନ୍ତ | ମହିଳା ୧୦୦ମି. |
| ଶ୍ରାବଣୀ ନନ୍ଦ | ମହିଳା୧୦୦ମି. |
| ବୋନିତା ଲାକ୍ରା | ମହିଳା ୧୦୦ମି. |
| ସୁସ୍ମିତା ଟିଗା | ମହିଳା ୩୦୦୦ମି. ଷ୍ଟିପଲଚେଜ୍ |
| ଅଶୋକ ଦଣ୍ଡସେନା | ପୁରୁଷ ୧୫୦୦ମି. |
| ଦୟାନିଧି ମୁଣ୍ଡା | ପୁରୁଷ ୧୫୦୦ମି. |
| ନମିତା ପ୍ରଧାନ | ମହିଳା ୧୫୦୦ମି. |

**ଓଡ଼ିଶାରୁ ୧୯ ଆଥଲେଟ୍**

ପ୍ରତିଯୋଗିତାରେ ଓଡ଼ିଶାର ମୋଟ ୧୯ ଜଣ ଆଥଲେଟ୍ ଅଂଶଗ୍ରହଣ କରିବେ। ସେମାନେ ହେଲେ ମନୀଷା ମେରେଲ, ବିଘ୍ନରାଜ ମିରିଡିଆ, ପାର୍ବତୀ ସେଠୀ, ଲାଲୁ ପ୍ରସାଦ ଭୋଇ, ସରୁନ ପାୟାସିଂ, ସମ୍ରାଟ ସ', ଅଭିଜିତ ସାହୁ, ଅମିୟ କୁମାର ମଲିକ, ଆର୍ଯ୍ୟନ ଏକ୍କା, ଅଭିନାଶ ସାହୁ, ମହେନ୍ଦ୍ର ସାନ୍ତା, କିଶୋର କୁମାର ଜେନା, ରଞ୍ଜିତା ମହନ୍ତ, ଶ୍ରାବଣୀ ନନ୍ଦ, ବୋନିତା ଲାକ୍ରା, ସୁସ୍ମିତା ଟିଗା, ଅଶୋକ ଦଣ୍ଡସେନା, ଦୟାନିଧି ମୁଣ୍ଡା ଓ ନମିତା ପ୍ରଧାନ। ଇଣ୍ଡିଆନ ଗ୍ରାଁ ପ୍ରି-୩ର ୨୦୦ ମିଟର ଇଭେଣ୍ଟରେ ଓଡ଼ିଶାର ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ, ଆର୍ଯ୍ୟନ ଏକ୍କା ରୌପ୍ୟ, ଅମିୟ ମଲିକ ବ୍ରୋଞ୍ଜ, ମହିଳା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା କିଶାନ ଓ ପୁରୁଷ ହାଇଜମ୍ପରେ ସ୍ୱାଧୀନ କୁମାର ମାଝି ବ୍ରୋଞ୍ଜ ପଦକ ହାସଲ କରିଥିଲେ।

## ଛାତିରେ ଯନ୍ତ୍ରଣା ପରେ ହସ୍ପିଟାଲରେ ମେଣ୍ଡିସ

**ଢାକା, ୨୩।୫:** ବାଂଲାଦେଶ ବିପକ୍ଷରେ ସୋମବାରଠାରୁ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିନରେ ଫିଲ୍ଡିଂ ବେଳେ ଶ୍ରୀଲଙ୍କା ବ୍ୟାଟର କୁଶାଲ ମେଣ୍ଡିସ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏଥିଯୋଗୁ ସେ ଲଞ୍ଚ୍ ପୂର୍ବରୁ ଅନ୍ତିମ ଓଭରରେ ଫିଲ୍ଡରେ ଶୋଇପଡ଼ିଥିଲେ। ତୁରନ୍ତ ତାଙ୍କ ନିକଟରେ ମେଡିକାଲ ଷ୍ଟାଫ୍ ପହଞ୍ଚିଥିଲେ ଏବଂ ସେ ଛାତି ଧରି ଧରି ଗ୍ରାଉଣ୍ଡରୁ ଚାଲିଯାଇଥିଲେ। ପରେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। ହେଲେ ଇସିଜି ପରେ କୌଣସି ଗୁରୁତର ସମସ୍ୟା ନ ଥିବା ଜଣାପଡ଼ିଛି। ତାଙ୍କୁ ଏବେ ଅବ୍‌ଜରଭେଶନରେ ରଖାଯାଇଛି। ସେ ଡିହାଇଡ୍ରେଶନର ଶିକାର ହୋଇଥାଇପାରନ୍ତି କିମ୍ବା ତାଙ୍କ ଯନ୍ତ୍ରଣା ପଛରେ ଗ୍ୟାସ୍ଟ୍ରିକ୍ ସମସ୍ୟା ଥାଇପାରେ। ଉପଚାର ଶେଷ ହେବା ପରେ ହିଁ ତାଙ୍କ ଅସୁସ୍ଥତା ପଛର କାରଣ ଜଣାପଡ଼ିବ'' ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଡାକ୍ତର ମନଜୁର ହୋସେନ ଚୌଧୁରୀ କହିଛନ୍ତି।

## ସୁପର ଓଭର ନିର୍ଣ୍ଣୟ କରିପାରେ ବିଜେତା



ୱାର୍ମଅପ୍ ଅବସରରେ ଗୁଜରାଟ ଟାଇଟାନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା।

**ନୂଆଦିଲ୍ଲୀ,୨୩।୫(ପି.ଟି.)** ଚଳିତ ଆଇପିଏଲ୍‌ରେ ମଙ୍ଗଳବାର ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟରରେ ଗୁଜରାଟ ଟାଇଟନ୍ସ ଓ ରାଜସ୍ଥାନ ରୟାଲ୍ସ ପରସ୍ପରକୁ ଭେଟିବେ। ଯଦି ବର୍ଷା ଯୋଗୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ମ୍ୟାଚ୍ ସମ୍ଭବ ନ ହୁଏ, ତେବେ ଏହାର ବିଜେତା ସୁପର ଓଭର ଦ୍ୱାରା ନିର୍ଣ୍ଣୟ କରାଯିବ। ଯଦି ଉଭୟ ଦଳ ଗୋଟିଏ ଓଭର ଖେଳି ନ ପାରନ୍ତି, ତେବେ ପଏଣ୍ଟ ଟେବୁଲ ଆଧାରରେ ବିଜେତା ନିର୍ଣ୍ଣୟ କରାଯିବ। ଏହି ନିୟମ ପ୍ରଥମ ଓ ଦ୍ୱିତୀୟ କ୍ୱାଲିଫାୟର ଏବଂ ଏଲିମିନେଟର ମ୍ୟାଚ୍‌ରେ ମଧ୍ୟ ଲାଗୁ ହେବ ବୋଲି ଆଇପିଏଲ ପକ୍ଷରୁ ଜାରି କରାଯାଇଥିବା ଗାଇଡ୍‌ଲାଇନ୍‌ରେ କୁହାଯାଇଛି। କାରଣ ଏହି ମ୍ୟାଚ୍‌ଗୁଡ଼ିକ ପାଇଁ କୌଣସି ରିଜର୍ଭ ଡେ' ରଖାଯାଇନାହିଁ। ମେ' ୩୦କୁ ଫାଇନାଲ ମ୍ୟାଚ୍ ଲାଗି ରିଜର୍ଭ ରଖାଯାଇଛି। ଆଇପିଏଲର ପ୍ଲେଅଫ୍ ମ୍ୟାଚ୍‌ଗୁଡ଼ିକ କୋଲ୍‌କାତାରେ ଖେଳାଯିବ। କିନ୍ତୁ ପାଣିପାଗ ପୂର୍ବାନୁମାନ ଅନୁସାରେ ବର୍ଷାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଇପିଏଲ୍ ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଲାଗି ଗାଇଡ୍‌ଲାଇନ୍ ଜାରି କରିଛି। ପ୍ଲେଅଫ୍ ମ୍ୟାଚ୍‌ଗୁଡ଼ିକରେ ଯଦି ନିହାତି ଦରକାର ପଡ଼େ, ଓଭର ସଂଖ୍ୟାକୁ ହ୍ରାସ କରାଯିବ। ଯାହାଫଳରେ ପ୍ରତ୍ୟେକ ଦଳକୁ ଅତିକମ୍‌ରେ ୫ ଓଭର ବ୍ୟାଟିଂ କରିବାକୁ ମିଳିବ। ଏଲିମିନେଟର ଏବଂ ପ୍ରତ୍ୟେକ କ୍ୱାଲିଫାୟରରେ ଯଦି ନିର୍ଦ୍ଧାରିତ ଦିନ ଅତିରିକ୍ତ ସମୟ ମଧ୍ୟରେ ୫ ଓଭରବିଶିଷ୍ଟ ମ୍ୟାଚ୍ ସମ୍ଭବ ନ ହୁଏ, ତେବେ ସୁପର ଓଭର ଜରିଆରେ ସେହି ମ୍ୟାଚ୍‌ର ବିଜେତା ନିର୍ଣ୍ଣୟ ହେବ। ସୁପର ଓଭର ସମ୍ଭବ ନ ହେଲେ ପଏଣ୍ଟ ଟେବୁଲରେ ଉପରେ ଥିବା ଦଳକୁ ବିଜେତା ଘୋଷିତ କରାଯିବ। ଦୁଇ କ୍ୱାଲିଫାୟର୍ସ ଏବଂ ଏଲିମିନେଟରରେ ଦ୍ୱିତୀୟ ଇନିଂସକୁ ବର୍ଷା ବାଧା ଦେଲେ ଡିଏଲ୍‌ଏସ୍ ନିୟମ ବ୍ୟବହାର କରାଯିବ। ୨୯ ତାରିଖ ରାତି ୮ଟାରେ ଆରମ୍ଭ ହେବାକୁ ଥିବା ମ୍ୟାଚ୍‌ରେ ଯଦି ଅତିକମ୍‌ରେ ଗୋଟିଏ ବଲ୍ ପଡ଼ିଥାଏ, ତେବେ ପରଦିନ ତଥା ରିଜର୍ଭ ଡେ'ରେ ସେହିଠାରୁ ହିଁ ମ୍ୟାଚ୍ ଆରମ୍ଭ ହେବ।

**ଆଇପିଏଲ୍-୧୫**
**କ୍ୱାଲିଫାୟର-୧**
**ଗୁଜରାଟ ଟାଇଟାନ୍ସ ବନାମ ରାଜସ୍ଥାନ ରୟାଲ୍ସ**
**ସ୍ଥାନ: କୋଲକାତା**
**ସମୟ: ରାତି ୭ଟା ୩୦**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

## ୧୦୦ମିଟର ହର୍ଡଲ୍ସରେ ଜ୍ୟୋତିଙ୍କ ନୂଆ ଜାତୀୟ ରେକର୍ଡ



**ନୂଆଦିଲ୍ଲୀ, ୨୩।୫ (ପି.ଟି.):** ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଅନୁଷ୍ଠିତ ଇଣ୍ଟରନ୍ୟାଶନାଲ ଆଥ୍‌ଲେଟିକ୍ସ ମିଟ୍‌ରେ ଭାରତର ଜ୍ୟୋତି ୟାରାଜୀ ମହିଳା ୧୦୦ ମିଟର ହର୍ଡଲ୍ସ ରେସ୍ ଜିତିବା ସହ ନୂଆ ଜାତୀୟ ରେକର୍ଡ କରିଛନ୍ତି। ଆନ୍ଧ୍ରପ୍ରଦେଶର ଏହି ୨୨ ବର୍ଷୀୟା ଆଥଲେଟ୍ ରବିବାର ଅନୁଷ୍ଠିତ ରେସ୍‌କୁ ୧୩.୧୧ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ଏହାଦ୍ୱାରା ସେ ନିଜ ନାମରେ ଥିବା ପୂର୍ବ ଜାତୀୟ ରେକର୍ଡକୁ ଭଙ୍ଗ କରିଦେଇଥିଲେ, ଯାହାକୁ ମେ'୧୦ରେ ଲାମାସୋଲ୍‌ରେ ଅନୁଷ୍ଠିତ ସାଇପ୍ରସ୍ ଇଣ୍ଟରନ୍ୟାଶନାଲ ମିଟ୍‌ରେ ୧୩.୨୩ ସେକେଣ୍ଡ ଟାଇମିଂରେ ଜାତୀୟ ରେକର୍ଡ କରିଥିଲେ। ଭୁବନେଶ୍ୱରସ୍ଥିତ ରିଲାଏନ୍ସ ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟରରେ ଜେମ୍ସ ହିଲିଅର୍‌ଙ୍କ ଅଧୀନରେ ଟ୍ରେନିଂ ନେଉଥିବା ଜ୍ୟୋତି ଅନୁରାଧା ବିଶ୍ୱାଳ(୧୩.୩୮ସେକେଣ୍ଡ)ଙ୍କ ଦ୍ୱାରା ୨୦୦୨ରେ ପ୍ରତିଷ୍ଠିତ ଜାତୀୟ ରେକର୍ଡକୁ ସେତେବେଳେ ଭଙ୍ଗ କରିଥିଲେ।

## ମହିଳା ଟି୨୦ ଚ୍ୟାଲେଞ୍ଜ ଆରମ୍ଭ

**ପୁଣେ, ୨୩।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମହିଳା ଟି୨୦ ଚ୍ୟାଲେଞ୍ଜ୍ ସୋମବାର ଏଠାରେ ଆରମ୍ଭ ହୋଇଛି। ଟସ୍‌ଜିତି ପ୍ରଥମେ ବ୍ୟାଟିଂ କରିଥିବା ସୁପରନୋଭାସ ୨୦ ଓଭରରେ ୧୬୦ ରନକରି ଅଲ୍‌ଆଉଟ ହୋଇଛି। ଦଳ ପକ୍ଷରୁ ଅଧିନାୟିକା ହରମନପ୍ରୀତ କୌର ସର୍ବାଧିକ ୩୭, ହରଲିନ ଦେଓଲ ୩୫, ଡିଅଣ୍ଡ୍ରା ଡୋଟିନ ୩୨ ଓ ପ୍ରିୟା ପୁନିଆ ୨୨ ରନ କରିଥିଲେ। ସୁପରନୋଭାସ ଏକଦା ୫ ଉଇକେଟ ହରାଇ ୧୫୫ ରନ କରିଥିବାବେଳେ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୬ ରନ ମଧ୍ୟରେ ଅବଶିଷ୍ଟ ୫ ଉଇକେଟ ହରାଇଥିଲା। ଟ୍ରେଲ୍‌ବ୍ଲାଜର୍ସ ବୋଲରଙ୍କ ମଧ୍ୟରେ ହିଲି ମାଥ୍ୟୁସ ସର୍ବାଧିକ ୩ଟି, ସଲମାନ ଖାତୁନ ୨ଟି ଏବଂ ରାଜେଶ୍ୱରୀ ଗାଏକ୍ୱାଡ ଓ ପୁନମ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଏହି ଦଳର ଦୁଇ ଓଡ଼ିଆ ଖେଳାଳି ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସୁଜାତା ମଲିକ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇ ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ସୁପରନୋଭାସ ୨୦ ଓଭରରେ ୧୬୩/ ଅଲ୍‌ଆଉଟ (ହରମନପ୍ରୀତ କୌର-୩୭, ହରଲିନ ଦେଓଲ-୩୫, ଡିଅଣ୍ଡ୍ରା ଡୋଟିନ-୩୨, ପ୍ରିୟା ପୁନିଆ-୨୨, ହିଲି ମାଥ୍ୟୁସ-୩/୩୦, ସଲମାନ ଖାତୁନ-୨/୩୦, ରାଜେଶ୍ୱରୀ ଗାଏକ୍ୱାଡ-୧/୩୪, ପୁନମ ଯାଦବ-୧/୨୯)।

## ୧୦୦୦ ଦୃଷ୍ଟିହୀନ ବାଳିକାଙ୍କୁ ନେଇ କ୍ରିକେଟ କ୍ୟାମ୍ପ

**ଭୁବନେଶ୍ୱର,୨୩।୫** ଦୃଷ୍ଟିହୀନ କ୍ରିକେଟ ମହାସଂଘ ଦ୍ୱାରା ଭାରତୀୟ ଦୃଷ୍ଟିହୀନ କ୍ରିକେଟ ଆସୋସିଏଶନ (ସିଏବିଆଇ) ସହଯୋଗରେ ଏବଂ ସମର୍ଥନମ୍ ଟ୍ରଷ୍ଟ ପକ୍ଷରୁ ଓଡ଼ିଶାର ଏକ ହଜାର ଦୃଷ୍ଟିହୀନ ବାଳିକାଙ୍କ ପାଇଁ କ୍ରିକେଟ ଏବଂ ସେଲ୍ଫ ଡିଫେନ୍ସ ଟ୍ରେନିଂ ବ୍ୟବସ୍ଥା କରାଯାଇଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବେ ସିଏବିଆଇ ଓଡ଼ିଶା ପକ୍ଷରୁ ବ୍ରହ୍ମପୁର ଆମ୍ବପୁଆସ୍ଥିତ ରେଡ୍‌କ୍ରସ ଦୃଷ୍ଟିହୀନ ସ୍କୁଲରେ ୫ ଦିନିଆ ଟ୍ରେନିଂ କ୍ୟାମ୍ପ ଆରମ୍ଭ ହୋଇଛି। ଟ୍ରେନିଂରେ ଅଂଶଗ୍ରହଣ କରିଥିବା ବାଳିକାଙ୍କୁ ନିଜ ସୁରକ୍ଷା ପାଇଁ ୩ ଦିନିଆ ସେଲ୍ଫ ଡିଫେନ୍ସ ଟ୍ରେନିଂ ଦିଆଯିବ। ୨୨ ତାରିଖରେ ଏହି କ୍ୟାମ୍ପକୁ ଗଞ୍ଜାମ ଡିଏସ୍‌ଏସ୍‌ଓ ସୁଭ୍ରାଂଶୁ ଶେଖର ମହାରଣା ଉଦ୍‌ଘାଟିତ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଦୃଷ୍ଟିହୀନ କ୍ରିକେଟର ମହମ୍ମଦ ଜାଫର ଇକବାଲ, ଅଲ ଓଡ଼ିଶା ଶିକ୍ଷକ ଆସୋସିଏଶନ ଜୋନାଲ ସମ୍ପାଦକ ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଏହି କ୍ୟାମ୍ପରୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ଖେଳାଳିଙ୍କ ଚୟନ କରାଯିବ।




## ଜଗତ୍‌ସିଂହପୁର ଜୋନ୍ ଟୁର୍ନାମେଣ୍ଟ ଶେଷ



ଚାମ୍ପିୟନ ଦଳକୁ ଜିଲାପାଳ ପୁରସ୍କୃତ କରୁଛନ୍ତି।

**ଭୁବନେଶ୍ୱର, ୨୩।୫ (କ୍ରୀଡ଼ା ପ୍ରତିନିଧି)** ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଓଡ଼ିଶା ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ସପ୍ତାହାନ୍ତ ଭଲିବଲ ଟୁର୍ନାମେଣ୍ଟର ଜଗତ୍‌ସିଂହପୁର ଜୋନ୍ ପ୍ରତିଯୋଗିତା ଶେଷ ହୋଇଛି। ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି, ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, ଜଗତ୍‌ସିଂହପୁର ଜିଲା ଆଥଲେଟିକ୍ ଆସୋସିଏଶନ ସମ୍ପାଦକ ଦୋଳଗୋବିନ୍ଦ ଦାଶ, ଉପସଭାପତି ଶ୍ରୀକାନ୍ତ ଚୌଧାରୀ, କୋଷାଧ୍ୟକ୍ଷ ଦେବୀ ପ୍ରସନ୍ନ ମହାନ୍ତି ଏବଂ ଜଗତ୍‌ସିଂହପୁର ଜିଲା କ୍ରୀଡ଼ା ଅଧିକାରୀ ବିଶ୍ୱବିଜୟିନୀ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ୧୪ ଓ ୧୮ ବର୍ଷରୁ କମ୍ ବିଭାଗ ଟୁର୍ନାମେଣ୍ଟରେ ୩୦ଟି ଦଳର ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆସନ୍ତା ଏସିଆନ ଗେମ୍ସ ପାଇଁ ଭାରତୀୟ ସିନିୟର ଭଲିବଲ କ୍ୟାମ୍ପକୁ ମନୋନୀତ ହୋଇଥିବା ରାହୁଲ ବାରିକଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଟେରାନ ଖେଳାଳି ଅମ୍ବିକା ପ୍ରସାଦ ମହାନ୍ତି, କୈଳାସ ଚନ୍ଦ୍ର ମହାନ୍ତି, କୈଳାସ ଚନ୍ଦ୍ର ସେଠୀ, ପ୍ରମୋଦ ମହାପାତ୍ର, ବୃନ୍ଦାବନ ଦାଶ ଓ ମାନସ ରଞ୍ଜନ ଦାଶ ପ୍ରମୁଖ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

୧୮ ବର୍ଷରୁ କମ୍ ବାଳକ ବିଭାଗରେ ଯାଜପୁରର ପ୍ରଗତି କ୍ଲବ ଚାମ୍ପିୟନ, ଜଗତ୍‌ସିଂହପୁରର ଆଶ୍ରମପାଟଣା ଭଲିବଲ କ୍ଲବ ରନର୍ସଅପ୍ ଏବଂ ଚନପୁରର ଗ୍ରୀନ୍ ଭିଲେଜ ସ୍ପୋର୍ଟ୍ସ କ୍ଲବ ତୃତୀୟ ସ୍ଥାନ ପାଇଥିଲା। ୧୮ ବର୍ଷରୁ କମ୍ ବାଳିକାରେ ଆଶ୍ରମପାଟଣା ଭଲିବଲ କ୍ଲବ ଚାମ୍ପିୟନ ହୋଇଥିଲା। ୧୪ ବର୍ଷରୁ କମ୍ ବାଳକରେ ଜଗତ୍‌ସିଂହପୁରର ବାବା ଗୋରେଖନାଥ ଭଲିବଲ କ୍ଲବ ଚାମ୍ପିୟନ, ପାରାଦୀପର ଗୋପବନ୍ଧୁ କ୍ରୀଡ଼ା ସଂସଦ ରନର୍ସଅପ୍ ଏବଂ ଆଶ୍ରମପାଟଣା ଭଲିବଲ କ୍ଲବ ତୃତୀୟ ହୋଇଥିଲା। ବାଳିକାରେ ଗୋପବନ୍ଧୁ କ୍ରୀଡ଼ା ସଂସଦ ଚାମ୍ପିୟନ ଓ ଆଶ୍ରମପାଟଣା କ୍ଲବ ରନର୍ସଅପ୍ ହୋଇଥିଲା।

**ସପ୍ତାହନ୍ତ ଭଲିବଲ**

## ବାଂଲାଦେଶ ୨୭୭/୫

**ଢାକା,୨୩।୫:** ସୋମବାରଠାରୁ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଯାଇଛି। ବାଂଲାଦେଶ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨୪ ରନ୍ ମଧ୍ୟରେ ଅଧାଦଳକୁ ହରାଇ ସାରିଥିଲା। ମୁଶ୍‌ଫିକର ରହିମ ଏବଂ ଲିଟନ ଦାସଙ୍କ ଅସମାପ୍ତ ୬ଷ୍ଠ ଉଇକେଟ ଯୋଡ଼ିରେ ୨୫୩ ରନ୍‌ର ଭାଗୀଦାରି କରିଛନ୍ତି। ବାଂଲାଦେଶ ପାଇଁ ୬ଷ୍ଠ ଉଇକେଟରେ ଏହା ଶ୍ରେଷ୍ଠ ଭାଗୀଦାରି। ଏଥିପୂର୍ବରୁ ଏହି ରେକର୍ଡ ରହିମ ଓ ପୂର୍ବତନ ଅଧିନାୟକ ମହମ୍ମଦ ଅଶ୍ରଫୁଲଙ୍କ ନାମରେ ଥିଲା। ଦୁହେଁ ୬ଷ୍ଠ ଉଇକେଟରେ ୨୦୧୩ରେ ସମାନ ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୧୯୧ ରନ୍ କରିଥିଲେ। ପ୍ରଥମ ଦିନ ଶେଷସୁଦ୍ଧା ଘରୋଇ ଦଳ ୫ ଉଇକେଟ ହରାଇ ୨୭୭ ରନ୍ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ରହିମ ୧୧୫ ଓ ଲିଟନ ୧୩୫ ରନ୍‌ରେ ଅପରାଜିତ ଅଛନ୍ତି।

## ଏସିଆ କପ୍ ହକି: ଭାରତ-ପାକିସ୍ତାନ ମ୍ୟାଚ ଡ୍ର



ଭାରତର ବୀରେନ୍ଦ୍ର ଲାକ୍ରା (ବାମ) ବଲ୍ ନିୟନ୍ତ୍ରଣକୁ ନେବାକୁ ଉଦ୍ୟମ କରୁଛନ୍ତି।

**ଜାକର୍ତ୍ତା, ୨୩।୫** ଏସିଆ କପ୍ ହକି ସୋମବାର ଏଠାରେ ଆରମ୍ଭ ହୋଇଛି। ପୁଲ୍ 'ଏ'ରେ ଭାରତ ଏହାର ପ୍ରଥମ ମ୍ୟାଚକୁ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ବିପକ୍ଷରେ ଡ୍ର ରଖି ଅଭିଯାନ ଆରମ୍ଭ କରିଛି। ମ୍ୟାଚର ଅଧିକାଂଶ ସମୟରେ ଭାରତ ଅଗ୍ରଣୀ ରହିଥିଲେ ହେଁ ଶେଷ ମୁହୂର୍ତ୍ତ ଗୋଲ ବରଣ ଯୋଗୁ ମ୍ୟାଚଟି ୧-୧ ଗୋଲରେ ବରାବର ରହିଥିଲା। ପଦାର୍ପଣ ମ୍ୟାଚ ଖେଳିଥିବା ସେଲଭାମ କାର୍ଥୀ ୯ମ ମିନିଟରେ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ୫୮ ମିନିଟ ପର୍ଯ୍ୟନ୍ତ ଭାରତ ଅଗ୍ରଣୀ ରହି ବିଜୟ ଦ୍ୱାରରେ ପହଞ୍ଚି ଯାଇଥିଲା। ମାତ୍ର ୫୯ତମ ମିନିଟରେ ପାକିସ୍ତାନକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରିବାରେ ସଫଳ ହୋଇଥିଲେ ଅବଦୁଲ ରାଣା। ଫଳରେ ଭାରତର ବିଜୟ ଆଶାରେ ବ୍ୟର୍ଥ ହୋଇଥିଲା। କାର୍ଥୀ ପେନାଲ୍ଟି କର୍ନରରୁ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଓଡ଼ିଶାର ଅଭିଷେକ ଲାକ୍ରା ସିନିୟର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ।

## ସ୍ୱିଟେକଙ୍କ ବିଜୟ, ଓସାକାଙ୍କ ବିଦାୟ

**ଫ୍ରେଞ୍ଚ୍ ଓପନ ଟେନିସ**

**ପ୍ୟାରିସ, ୨୩।୫:** ଚଳିତ ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପ୍ରତିଯୋଗିତାର ଦ୍ୱିତୀୟ ଦିବସରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଇଗା ସ୍ୱିଟେକ (ପୋଲାଣ୍ଡ), ପେଟ୍ରା କ୍ୱିଟୋଭା(ଚେକ୍‌ରିପବ୍ଲିକ), ଆଣ୍ଡ୍ରିଆ ପେଟ୍‌କୋଭିଚ୍(ଜର୍ମାନୀ), ଆମାଣ୍ଡା ଆନିସ୍‌ମୋଭା(ଆମେରିକା), ମାର୍ଟିନା ଟ୍ରେଭିସାନ(ଇଟାଲି) ଓ ଡାଏନେ ପ୍ୟାରୀ(ଫ୍ରାନ୍ସ) ସେମାନଙ୍କ ମ୍ୟାଚ୍‌ରେ ବିଜୟ ଲାଭ କରିଛନ୍ତି। ଜାପାନର ନାଓମି ଓସାକା, ବାରବୋରା କ୍ରେଜ୍‌ସିକୋଭା (ଚେକ୍‌ରିପବ୍ଲିକ) ସେମାନଙ୍କ ମ୍ୟାଚ୍ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି। ବିଶ୍ୱର ନମ୍ବର ୱାନ୍, ପୋଲାଣ୍ଡର ୨୧ ବର୍ଷୀୟା ସ୍ୱିଟେକ୍ ପ୍ରଥମ ରାଉଣ୍ଡରେ ୟୁକ୍ରେନ୍‌ର ଲେସିଆ ଟିସୁରେଙ୍କୋଙ୍କୁ ୬-୨, ୬-୦ ସେଟ୍‌ରେ ହରାଇ ଦେଇଛନ୍ତି। ଫିଲିପ ଚାର୍ଟିଅର୍ କୋର୍ଟରେ ଖେଳାଯାଇଥିବା ଏହି ମ୍ୟାଚ୍ ମାତ୍ର ୫୪ ମିନିଟ୍‌ରେ ଶେଷ ହୋଇଥିଲା। ଏହା ଦ୍ୱାରା ୨୦୨୦ ରୋଲାଣ୍ଡ ଗାରୋସ୍ ବିଜୟିନୀ ତାଙ୍କ କ୍ରମାଗତ ୨୯ଟି ମ୍ୟାଚ୍‌ରେ ଅପରାଜେୟ ରହିଛନ୍ତି। ସୋମବାର ଏକ ହାଇକ୍ୱାଲିଟି ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୪ଥର ଗ୍ରାଣ୍ଡସ୍ଲାମ ଜିତିଥିବା ଜାପାନର ନାଓମି ଓସାକାଙ୍କୁ ୭-୫, ୬-୪ରେ ହରାଇ ଦେଇଛନ୍ତି ଆମେରିକାର ଆମଣ୍ଡା ଆନିସ୍‌ମୋଭା। ୨୦୧୯ ସେମିଫାଇନାଲିଷ୍ଟ ବର୍ତ୍ତମାନ କ୍ରୋଏସିଆର ଡୋନା ଭେକିକ୍‌ଙ୍କୁ ଭେଟିବେ। ପ୍ୟାରୀ ୧-୬, ୬-୨, ୬-୩ରେ କ୍ରେଜ୍‌ସିକୋଭାଙ୍କୁ ହରାଇ ଦେଇଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ